


ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store




ପବିତ୍ର ଉତ୍କଳ ଦିବସ ଅବସରରେ ଶୁଭେଚ୍ଛା


ଥାଇସିୟୁର ଉଦ୍‌ଘାଟନ କଲେ ଶାହ | ୬



RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧ Vol. 22 No-1 1 APRIL 2025 TUESDAY BHUBANESWAR ମଙ୍ଗଳବାର, ୧ ଏପ୍ରିଲ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦



सत्यमेव जयते

# ଓଡ଼ିଶା ଦିବସ - ୨୦୨୫ ଅବସରରେ ଭାରତର ମାନ୍ୟବର ରାଷ୍ଟ୍ରପତିଙ୍କ ବାର୍ତ୍ତା



ମୁଁ ଜାଣି ଆନନ୍ଦିତ ଯେ ଓଡ଼ିଶା ସରକାର ୧ ଏପ୍ରିଲ, ୨୦୨୫ ଦିନ ଓଡ଼ିଶା ଦିବସ ପାଳନ କରୁଛନ୍ତି ।

ଏହି ଉତ୍ସବ ଓଡ଼ିଶାର ଲୋକଙ୍କ ସମୃଦ୍ଧ ସାଂସ୍କୃତିକ, ଐତିହ୍ୟ, ଇତିହାସ ଏବଂ ବିବିଧ ପରମ୍ପରାକୁ ପ୍ରଦର୍ଶନ କରିବା ସହ ବିଶ୍ୱବ୍ୟାପୀ ଓଡ଼ିଆ ଲୋକଙ୍କ ମଧ୍ୟରେ ଏକତା ଏବଂ ଗର୍ବର ଭାବନାକୁ ପ୍ରୋତ୍ସାହିତ କରିଥାଏ । ଏହି ଦିବସ ଆମକୁ ଉତ୍କଳଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଏବଂ ଅନ୍ୟାନ୍ୟ ମହାନ୍ ନେତାଙ୍କ ସମେତ ସ୍ୱାଧୀନତା ସଂଗ୍ରାମୀ ଏବଂ ଆଧୁନିକ ଓଡ଼ିଶାର ନିର୍ମାତାଙ୍କୁ ସ୍ମରଣ କରିବା ଏବଂ ବିନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାର ଏକ ସୁଯୋଗ ଦେଉଛି । ରାଜ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଯୁକ୍ତିବିଦ୍ୟା ଏବଂ ଭିତ୍ତିଭୂମି ସମେତ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି କରିଛି । ରାଜ୍ୟ ସରକାର ସ୍ଥାୟୀ ବିକାଶ, ମହିଳା ସଶକ୍ତୀକରଣ ଏବଂ ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ପାଇଁ ମଧ୍ୟ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି ।

ମୁଁ ନିଶ୍ଚିତ ଯେ ସରକାର ଏବଂ ରାଜ୍ୟବାସୀ ଏକାଠି ହୋଇ ସମସ୍ତଙ୍କ ପାଇଁ ଉଜ୍ଜ୍ୱଳ ଏବଂ ନ୍ୟାୟୋଚିତ ଭବିଷ୍ୟତ ଆଣିବା ଦିଗରେ କାମ କରିବେ । ଏହି ଅବସରରେ, ମୁଁ ଓଡ଼ିଶାବାସୀଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜଣାଉଛି ଏବଂ ଉତ୍ସବର ସଫଳତା କାମନା କରୁଛି ।

(ଦ୍ରୌପଦୀ ମୁର୍ମୁ)

DADLS-04

सत्यमेव जयते

# ଓଡ଼ିଶା ଦିବସ - ୨୦୨୫ ଅବସରରେ ଭାରତର ମାନ୍ୟବର ଉପରାଷ୍ଟ୍ରପତିଙ୍କ ବାର୍ତ୍ତା



୧ ଏପ୍ରିଲ ୧୯୩୬ରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ପ୍ରତିଷ୍ଠା ପାଇବା, ଏକ ଅପ୍ରତ୍ୟାଶିତ ବା ଆକସ୍ମିକ ଘଟଣା ନ ଥିଲା ବରଂ ଏହା ଅଗଣିତ ସ୍ୱାଧୀନତା ସଂଗ୍ରାମୀ, ପ୍ରଥିତଯଶା ସାହିତ୍ୟ ସାଧକ ତଥା ରାଷ୍ଟ୍ରପ୍ରାଣ ସମର୍ପିତ ବ୍ୟକ୍ତିଙ୍କ ସୁଚିନ୍ତିତ ଏବଂ ଦୃଢ଼ ପ୍ରୟାସର ସଫଳ ରୂପାୟନ ସ୍ୱରୂପ ଆମ ଆଗରେ ପ୍ରତିଭାତ ହୋଇଥିଲା ।

ଆଧୁନିକ ଓଡ଼ିଶାର ମୂର୍ତ୍ତିକାର ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳଗୌରବ ମଧୁସୂଦନ ଦାସ, ବ୍ୟାସକବି ଫକୀର ମୋହନ ସେନାପତି ଏବଂ କର୍ମବୀର ଗୌରୀଶଙ୍କର ରାୟଙ୍କ ସମେତ ବନ୍ଦନୀୟ ନେତୃବର୍ଗଙ୍କ ସ୍ମୃତି ପ୍ରତି ଆମେ ଆଜି ଗଭୀର କୃତଜ୍ଞତା ଏବଂ ଅନାବିଳ ଭକ୍ତି ନିବେଦନ କରୁଛୁ ।

ଆଜି, ଓଡ଼ିଶା ଅର୍ଥନୈତିକ ଅଭିବୃଦ୍ଧି ଏବଂ ସାମାଜିକ ପ୍ରଗତିରେ ଏକ ସମୁଜ୍ଜ୍ୱଳ ଦୃଷ୍ଟାନ୍ତ ସ୍ୱରୂପ ଠିଆ ହୋଇଛି । ଏହାର ପର୍ଯ୍ୟାପ୍ତ ଖଣିଜ ସମ୍ପଦ ଜାତୀୟ ବିକାଶକୁ ତ୍ୱରାନ୍ୱିତ କରୁଛି ଏବଂ ଏଥି ସହିତ ମହିଳା ସଶକ୍ତୀକରଣ ଏବଂ ଶିଳ୍ପାୟନ ଆଦି ଦିଗରେ ଓଡ଼ିଶାର ଯୁଗାନ୍ତକାରୀ ସଫଳତା ଆଜି ଅନ୍ୟମାନଙ୍କ ପାଇଁ ଅନୁକରଣୀୟ ହୋଇପାରିଛି ।

ଏହି ଶୁଭ ଅବସରରେ, ମୁଁ ଓଡ଼ିଶାବାସୀ ଏବଂ ଏହାର ସୁଶାସନ ସହ ସମ୍ପୃକ୍ତ ସମସ୍ତଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରୁଛି । ରାଜ୍ୟ ଅଧିକ ସମୃଦ୍ଧି ଏବଂ ଉତ୍କର୍ଷତା ଆଡ଼କୁ ଏହାର ଉଲ୍ଲେଖନୀୟ ଯାତ୍ରା ଜାରି ରଖୁ, ଏହି କାମନା କରୁଛି ।

ଜୟ ହିନ୍ଦ୍ । ଜୟ ଓଡ଼ିଶା ।

Jagdeep Dhankhar

(ଜଗଦୀପ ଧନଖଡ଼)

OIPR 15001/13/0478/2425

सत्यमेव जयते



# ପବିତ୍ର ଓଡ଼ିଶା ଦିବସ-୨୦୨୫ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା

ପବିତ୍ର ଓଡ଼ିଶା ଦିବସ-୨୦୨୫ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛାଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

(ଡ. ହରି ବାବୁ କମ୍ଭମ୍‌ପାଟି)

DADLS-01

# ଓଡ଼ିଶା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ଓଡ଼ିଶା ଦିବସ ଅବସରରେ ଓଡ଼ିଶା ଏବଂ ବିଶ୍ୱର କୋଣ ଅନୁକୋଣରେ ରହୁଥିବା ସବୁ ଓଡ଼ିଆ ଭାଇଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଓ ଅଭିନନ୍ଦନ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ନିଜର ମୂଲ୍ୟବାନ ଅବଦାନ ରଖିଥିବା ସମସ୍ତ ବରପୁତ୍ର ମାନଙ୍କ ନୀତି ଓ ଆଦର୍ଶ ଆମକୁ ପିଢ଼ି ପରେ ପିଢ଼ି ଅନୁପ୍ରାଣିତ କରି ଆସୁଛି ଓ ଆସୁଥିବ । ଏହି ଅବସରରେ ସେମାନଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଆସନ୍ତୁ, ସମୃଦ୍ଧ ଓଡ଼ିଶା ଗଠନର ଲକ୍ଷ୍ୟ ହାସଲ ପାଇଁ ଆମେ ସମସ୍ତେ ଦୃଢ଼ ସଂକଳ୍ପ ନେଇ କାମ କରିଚାଲିବା ।

ବନ୍ଦେ ଉତ୍କଳ ଜନନୀ ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR 15001/13/0468/2425



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଚିତ୍ରକଳା ମାଧ୍ୟମରେ ଓଡିଶାବାସୀଙ୍କୁ ଉତ୍କଳ ଦିବସର ଶୁଭେଚ୍ଛା ଓ ଶୁଭ କାମନା ଜଣାଇଛନ୍ତି ଭୁବନେଶ୍ୱରର ପୋଖରୀପୁଟ ଅଞ୍ଚଳର ଜଣାଶୁଣା କୁନି ଚିତ୍ରଶିଳ୍ପୀ ଶାନ୍ତନୁ ଶାଶ୍ୱିସ୍ୱରୂପ । ରଙ୍ଗ ତୂଳୀରେ ନିଖୁଣ୍ ରୂପେ 'ମୋ ଗର୍ବ, ମୋ ଓଡିଶା' ଶୀର୍ଷକ କୁ ସେ ବର୍ଣ୍ଣନା କରିଛନ୍ତି । ଓଡିଶା ପ୍ରତିଷ୍ଠା ଦିବସରେ ଓଡିଶାର କଳା, ସଂସ୍କୃତି, ନୈପୁଣ୍ୟ ଏବଂ ବୀରତ୍ୱର ଗାଥାକୁ ଚିତ୍ରରେ ବଖାଣିଛନ୍ତି ଏହି କୁନି ଚିତ୍ରଶିଳ୍ପୀ । ଚିତ୍ରରେ ଓଡିଶାର ଆରାଧ୍ୟ ଠାକୁର ତଥା ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ, ବିଶ୍ୱ ବିଖ୍ୟାତ କୋଣାର୍କ ମନ୍ଦିରର ଚକ, ଓଡିଶୀ ନୃତ୍ୟ, ନନ୍ଦିଘୋଷ ରଥ, ସାଧବ ପୁଅର ନୌବାଣିଜ୍ୟ, ଓଡିଆ ଘରର ଝୋଟି ଇତ୍ୟାଦିକୁ ଅତି ସୁନ୍ଦର ଭାବେ ଚିତ୍ରରେ ସେ ଦର୍ଶାଇଛନ୍ତି ।







ଓଡ଼ିଶା ଦିବସ ପାଳନ ଅବ୍ୟବହିତ ପୂର୍ବରୁ ରାଜଧାନୀର ବିଭିନ୍ନ ସରକାରୀ କାର୍ଯ୍ୟାଳୟଗୁଡ଼ିକ ରଙ୍ଗୀନ ଆଲୋକମାଳାରେ ଝଲସୁଛି

### ୧୯ତମ ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା ଉଦ୍‌ଯାପିତ

## ହସ୍ତଶିଳ୍ପ, ହସ୍ତତନ୍ତର ସୁରକ୍ଷା ଓ ସମୃଦ୍ଧି ଆମ ସମସ୍ତଙ୍କ ଦାୟିତ୍ୱ: ରାଜ୍ୟପାଳ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ହସ୍ତଶିଳ୍ପ ଓ ହସ୍ତତନ୍ତର ସୁରକ୍ଷା ଓ ସମୃଦ୍ଧି ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍‌ପାଟି କହିଛନ୍ତି। ସୋମବାର ଓଡ଼ିଶା ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଜନତା ମଇଦାନଠାରେ ଆୟୋଜିତ ୧୯ତମ ଜାତୀୟ ହସ୍ତଶିଳ୍ପ ମେଳାର ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଭାରତୀୟ ହସ୍ତଶିଳ୍ପ ଏବଂ ହସ୍ତତନ୍ତ ଆମ ଦେଶର ଅତୁଳନୀୟ କଳାତ୍ମକ ଐତିହ୍ୟର ପ୍ରମାଣ, ଯାହା ଶତାବ୍ଦୀ ଶତାବ୍ଦୀର ପରଂପରା, କୌଶଳ ଏବଂ ସାଂସ୍କୃତିକ ବିବିଧତାକୁ ପ୍ରତିଫଳିତ କରିଥାଏ। ଭାରତର ବିଭିନ୍ନ ଅଂଚଳର ନିଜସ୍ୱ ସ୍ୱତନ୍ତ୍ର କରିଗରୀ ରହିଛି। ଏହି କାରିଗରୀ କେବଳ ଉତ୍ପାଦ ନୁହେଁ, ଏଗୁଡ଼ିକ ଇତିହାସ, ଭକ୍ତି ଏବଂ ମୌଳିକତା ସହିତ ଜଡିତ । ଯେତେବେଳେ ଯାନ୍ତ୍ରିକ ଉତ୍ପାଦନ ବଜାର ଉପରେ ପ୍ରଭାବ ପକାଇଥାଏ, ଆମର ହସ୍ତଶିଳ୍ପ ସଂପଦ ପ୍ରାମାଣିକତା, ସ୍ୱତନ୍ତ୍ରତା ଏବଂ ଅନନ୍ୟ ସୌନ୍ଦର୍ଯ୍ୟର ପ୍ରତୀକଭାବେ ଉଭା ହୋଇଛି ବୋଲି ରାଜ୍ୟପାଳ କହିଥିଲେ। ତୋଷାଳୀ ମେଳା ପରଂପରା, ନବସୃଜନ ଏବଂ କାରିଗରୀର ମଂଚ ପାଲଟିଛି ଏବଂ ଦେଶର ସମୃଦ୍ଧ ହସ୍ତଶିଳ୍ପ ଐତିହ୍ୟର ସର୍ବୋତମ ଗରିମା ପ୍ରଦର୍ଶନ ପାଇଁ ୨୧ ଟି ରାଜ୍ୟର କାରିଗର ଏବଂ ବୁଣାକାର ଏକତ୍ରିତ ହେବା ଖୁସି ଓ ଗର୍ବର କଥା ବୋଲି ରାଜ୍ୟପାଳ କହିଥିଲେ। ଏହି ମେଳା ଆମର କାରିଗରଙ୍କୁ ସେମାନଙ୍କ ଦକ୍ଷତା ଓ କୌଶଳ ପ୍ରଦର୍ଶନ ପାଇଁ ସୁଯୋଗ ପ୍ରଦାନ କରିବା ସହ ପାରସ୍ପରିକ ଭାବ ବିନିମୟ, ଜ୍ଞାନ ଆଦାନ ପ୍ରଦାନ ତଥା ବଜାର ସୃଷ୍ଟି କରିବାର ଅବସର ଆଣିଛି ବୋଲି କହିଥିଲେ। ଥିମ ପାଭିଲିୟନ 'ଶିଳ୍ପ ସୃଜନୀ'ରେ ପ୍ରଦର୍ଶିତ ସାମଗ୍ରୀରେ କାରିଗର ଓ ବୁଣାକାରଙ୍କ କୁଶଳୀ ହାତର ସୃଜନ ଖୁବ୍ ଚମତ୍କାର ଭାବେ ଫୁଟି ଉଠିଛି ବୋଲି ରାଜ୍ୟପାଳ ପ୍ରକାଶ କରିବା ସହ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ତରଫରୁ ହସ୍ତତନ୍ତ, ବୟନ, ହସ୍ତଶିଳ୍ପର ଉନ୍ନତି ତଥା ଶିଳ୍ପୀ, କାରିଗର ଓ ବୁଣାକାରମାନଙ୍କ କଲ୍ୟାଣ ନିମନ୍ତେ ନିଆଯାଇଥିବା ପଦକ୍ଷେପ, ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନା ସଂପର୍କରେ ରାଜ୍ୟପାଳ ଆଲୋକପାତ କରିବା ସହ ଏହି ସୁଯୋଗର ସଦୁପଯୋଗ କରିବାକୁ ହିତାଧିକାରୀଙ୍କୁ ଆହ୍ୱାନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯୋଗ ଦେଇ କହିଥିଲେ ହସ୍ତଶିଳ୍ପ ଓ ହସ୍ତତନ୍ତ ଆମ ସଂସ୍କୃତିର ବାର୍ତ୍ତାବହ, ଗ୍ରାମୀଣ ଅର୍ଥନୀତିର ମେରୁଦଣ୍ଡ। ଏହାର ସଂରକ୍ଷଣ ଓ ପ୍ରଚାର ପ୍ରସାର ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ଏହି କାର୍ଯ୍ୟକ୍ରମରେ ବିଭାଗୀୟ କମିଶନର ତଥା ଶାସନ ସଚିବ ଗୁହା ପୁନମ ତାପସ କୁମାର, ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧୁରୀ, ହସ୍ତଶିଳ୍ପ ନିର୍ଦ୍ଦେଶକ ପ୍ରଣତୀ ଛୋଟରାୟ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

### ଅପରାଜିତା ଷଡ଼ଙ୍ଗୀଙ୍କ ଜନଶୁଣାଣି କାର୍ଯ୍ୟକ୍ରମ

## ୮୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସମସ୍ୟା ଶୁଣିଲେ, ସମାଧାନର ପ୍ରତିଶ୍ରୁତି ଦେଲେ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ଅଧିବାସୀଙ୍କୁ ନେଇ ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ କାର୍ଯ୍ୟାଳୟରେ ଏକ ଜନଶୁଣାଣୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଯେଉଁଥିରେ ନିଜେ ଅପରାଜିତା ଉପସ୍ଥିତ ରହି ଜଣ ଜଣ କରି ୮ଶହରୁ ଊର୍ଦ୍ଧ୍ୱ ଲୋକଙ୍କର ସମସ୍ୟା ଶୁଣିଛନ୍ତି । ସନ୍ଧ୍ୟା ୫ରୁ ଆରମ୍ଭ କରି ରାତି ୧୧ଟା ପର୍ଯ୍ୟନ୍ତ ଅନବରତ ଭାବେ ସାଂସଦ ସମସ୍ୟାମାନ ଶୁଣିଥିଲେ । ବିଶେଷ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାଠୁ ଆରମ୍ଭକରି ରାସନକାର୍ଡ, ଲେବର କାର୍ଡ, ସ୍କୁଲରେ ଆଡମିଶନ, ମେଡ଼ିକାଲ ସମ୍ବନ୍ଧୀୟ ଭଳି ବିଭିନ୍ନ ପ୍ରକାରର ସମସ୍ୟା ନେଇ ମ୍ୟାଡାମ ଅପରାଜିତାଙ୍କ ପାଖରେ ପହଞ୍ଚିଥିଲେ ଅଞ୍ଚଳବାସୀ । ତେବେ ଗ୍ରାମାଞ୍ଚଳରୁ ଅଧିକ ଲୋକ ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଆଉ ସମସ୍ୟାମାନ ଶୁଣିବା କ୍ଷଣି ତତକ୍ଷଣାତ୍ ତାର ସମାଧାନ ଲାଗି ପ୍ରୟାସ କରିଛନ୍ତି ଅପରାଜିତା ଷଡ଼ଙ୍ଗୀ । ବିଭାଗୀୟ ଅଧିକାରୀଙ୍କୁ ଫୋନ ଯୋଗେ ଯୋଗାଯୋଗ କରି ସମସ୍ୟା ସମ୍ପର୍କରେ ଅବଗତ କରାଇବା ସହ ଦରକାର ସ୍ଥଳେ ତାଗିଦ୍ ମଧ୍ୟ କରିଛନ୍ତି । ଆଉ କିଛି ସମସ୍ୟାର ଆଶୁ ସମାଧାନ ଲାଗି ବିଭିନ୍ନ ବିଭାଗକୁ ଚିଠି ମଧ୍ୟ କରିଛନ୍ତି ଅପରାଜିତା । ଯେମିତି ହେଲେ ବି ସମସ୍ତଙ୍କ ଅଭିଯୋଗର ତୁରନ୍ତ ସମାଧାନ ହେବ ବୋଲି ପ୍ରତିଶ୍ରୁତି ପାଇବା ପରେ ଖୁସିବ୍ୟକ୍ତ କରିଛନ୍ତି ଅଭିଯୋଗକାରୀ । ଆଗରୁ ବିଭିନ୍ନ ସମୟରେ ଅପରାଜିତାଙ୍କ କାର୍ଯ୍ୟାଳୟ ତରଫରୁ ଏମିତି ଜନଶୁଣାଣୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଆଉ ଲୋକେ ବି ଏହାର ସୁଫଳ ପାଇଛନ୍ତି । ଆଗକୁ ମଧ୍ୟ ଏହି ପ୍ରୟାସ ଜାରି ରହିବ ବୋଲି କହିଛନ୍ତି ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ।

## ଇଦ୍ ଶୁଭେଚ୍ଛା ଜଣାଇଲେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଇଦ୍ ଶୁଭେଚ୍ଛା ଜଣାଇଛନ୍ତି ରାଜ୍ୟପାଳ ଡ.ହରିବାବୁ କମ୍ଭମପତି । ସୋସିଆଲ ମିଡିଆ ଏକ୍ସରେ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ, ଇଦ୍-ଉଲ୍-ଫିତରର ଶୁଭେଚ୍ଛା । ଓଡ଼ିଶାରେ ସାଂପ୍ରଦାୟିକ ସଦଭାବ ପୂରା ଦେଶ ପାଇଁ ଏକ ଉଦାହରଣ ଅଟେ । ସେହିପରି ଇଦ୍-ଉଲ୍-ଫିତରର ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଶୁଭେଚ୍ଛା। ଏହି ଅବସରରେ ସମସ୍ତଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି।

## ପୋଲିସକୁ ଆକ୍ରମଣ ଘଟଣାରେ ୬ ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭରତପୁର ଥାନା ଅଞ୍ଚଳରେ ପୋଲିସକୁ ଆକ୍ରମଣ ଘଟଣାରେ ୬ଜଣଙ୍କୁ ଗିରଫ କରାଯାଇଛି। ଘଟଣା ସମ୍ପର୍କରେ ସୂଚନା ଦେଇ ଭୁବନେଶ୍ୱର ଡିସିପି ଜଗମୋହନ ମୀନା କହିଛନ୍ତି ଭରତପୁରର ସୂର୍ଯ୍ୟ ମହାରଣା ଏବଂ ଅଶୋକ ମହାରଣା ଦୁଇଭାଇଙ୍କ ମଧ୍ୟରେ ଦୀର୍ଘଦିନ ହେବ ଗଣ୍ଡଗୋଳ ଲାଗିରହିଥିଲା । ଜମିବାଡ଼ି ବିବାଦକୁ ନେଇ ଗତକାଲି ରାତିରେ ସୂର୍ଯ୍ୟର ଲୋକେ ଅଶୋକକୁ ଆକ୍ରମଣ କରିଥିଲେ । ପୋଲିସ ଘଟଣା ସ୍ଥଳରେ ପହଞ୍ଚିବା ପରେ ସେମାନେ ପୋଲିସ ଗାଡିକୁ ଭାଙ୍ଗିଥିଲେ ଏବଂ ଆକ୍ରମଣ କରିଥିଲେ । ଘଟଣାରେ ୬ଜଣଙ୍କୁ ଗିରଫ କରାଯଇଛି ।

## ଦେବେନ୍ଦ୍ର ଶର୍ମାଙ୍କ ଏକାଦଶାହରେ ଶ୍ରଦ୍ଧାଞ୍ଜଳି ଦେଲେ ପିସିସି ସଭାପତି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ପୂର୍ବତନ କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସ ସଭାପତି ତଥା ଆଳିର ପୂର୍ବତନ ବିଧାୟକ ସ୍ୱର୍ଗତ ଦେବେନ୍ଦ୍ର ଶର୍ମାଙ୍କ ଏକାଦଶାହ କାର୍ଯ୍ୟକ୍ରମରେ ତାଙ୍କ ଗ୍ରାମ ନିଆଳିରେ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ସ୍ୱର୍ଗତ ଶର୍ମାଙ୍କ ସ୍ମୃତିଚାରଣ କରି ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ।

## ସହିଦ ରାଜକିଶୋରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ବିଜୁ ପଟ୍ଟନାୟକ ଆନ୍ତର୍ଜାତୀୟ ବିମାନ ବନ୍ଦରରେ ସହିଦ ରାଜକିଶୋର ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏହି ଅବସରରେ ରାଜକିଶୋର ମୁଣ୍ଡାଙ୍କ ପାର୍ଥିବ ଶରୀରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ। ସ୍ୱର୍ଗତ ରାଜକିଶୋର ମୁଣ୍ଡା ଅରୁଣାଚଳ ପ୍ରଦେଶର ତାୱାଙ୍ଗାରେ କର୍ତ୍ତବ୍ୟରତ ଥିବାବେଳେ ଗତ ୨୯ରେ ସହିଦ ହୋଇ ଯାଇଥିଲେ। ଏହି ସମୟରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କେନ୍ଦୁଝର ଜିଲ୍ଲା ସଦର ବ୍ଲକ୍ ନୂଆଗାଁ ଗ୍ରାମର ବିହାର ରେଜିମେଣ୍ଟର ଷଷ୍ଠ ବାଟାଲିୟନରେ ହାବିଲଦାର ଭାବେ କାର୍ଯ୍ୟରତ ଥିବା ରାଜକିଶୋର ମୁଣ୍ଡା ସହିଦ ହୋଇଛନ୍ତି । ତାଙ୍କ ଦେହାନ୍ତରେ ମୁଁ ଅତ୍ୟନ୍ତ ଦୁଃଖିତ ଏବଂ ମର୍ମାହତ। ରାଜକିଶୋରଙ୍କ ଅମର ଆତ୍ମାର ସଦଗତି କାମନା କରୁଛି । ତାଙ୍କ ପରିବାରକୁ ସମବେଦନା ଜଣାଉଛି । ରାଜକିଶୋରଙ୍କ ଘର ମୋ ନିଜ ନିର୍ବାଚନ ମଣ୍ଡଳୀରେ । ମୁଁ ତାଙ୍କ ପରିବାରକୁ ଭଲ ଭାବେ ଜାଣିଛି । ରାଜକିଶୋର ମୁଣ୍ଡା ଅତ୍ୟନ୍ତ ଶାନ୍ତ ଏବଂ ସରଳ ସ୍ୱଭାବର ଥିଲେ । ଦେଶ ସେବା କାମରେ ନିୟୋଜିତ ଥିଲେ । ଏଭଳି ଜଣେ ଯବାନଙ୍କୁ ଦେଶ ହରେଇଛି । ଏହା ଦେଶ ପାଇଁ ବହୁତ ବଡ କ୍ଷତି। ତାଙ୍କ ପରିବାରକୁ ସମବେଦନା ଜଣାଉଛି।

**ଦ.ପୂ. କେନ୍ଦ୍ରୀୟ ରେଳପଥ**

**ଇ-ଟେଣ୍ଡର ନୋଟିସ**

ଇ-ଟେଣ୍ଡର ନୋଟିସ ନଂ.: ସିନିଅର ଡିଇଇ-ଜି-ଆର୍-ଓଟିପି-୨୪-୨୫-୨୫, ତାରିଖ: ୨୪.୦୩.୨୦୨୫, କାର୍ଯ୍ୟ: ଦୁଇବର୍ଷ ସମୟାବଧି ପାଇଁ ରାୟପୁର ଡିଭିଜନରେ ହାଇମାଷ୍ଟର ବାର୍ଷିକ ମରାମତି ଏବଂ ରକ୍ଷଣାବେକ୍ଷଣ ଚୁକ୍ତିନାମା। ଟେଣ୍ଡର ମୂଲ୍ୟ: ଟ.୪୬,୬୮,୯୪୧.୪୦, ସର୍ବଶ୍ରେଷ୍ଠ ମୂଲ୍ୟ : ଟ. ୯୩,୪୦୦.୦୦, ଟେଣ୍ଡର ଦାଖଲ: ତାରିଖ: ୨୫.୦୪.୨୦୨୫ ରେ ୧୧:୩୦ ଘଣ୍ଟା ପର୍ଯ୍ୟନ୍ତ। ଟେଣ୍ଡର ଡକ୍ୟୁମେଣ୍ଟର ଅଧିକ ବିବରଣୀ/କ୍ରୟ, ଯୋଗ୍ୟତା ମାନଦଣ୍ଡ ଏବଂ ଉପରୋକ୍ତ କାର୍ଯ୍ୟର ସମ୍ପୂର୍ଣ୍ଣ ବିବରଣୀ ପାଇଁ, ଦୟାକରି ସିନିୟର ଡିଇଇ/ଜି/ଆରଙ୍କ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ କିମ୍ବା www.ireps.gov.inରେ ଉପଲବ୍ଧ ଟେଣ୍ଡର ଡକ୍ୟୁମେଣ୍ଟଗୁଡ଼ିକୁ ଦେଖନ୍ତୁ/ଡାଉନଲୋଡ୍ କରନ୍ତୁ। ଏହି ଟେଣ୍ଡରଗୁଡ଼ିକ ବିରୁଦ୍ଧରେ ମାନୁଆଲ୍ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ ଏବଂ ଏପରି ଯେକୌଣସି ମାନୁଆଲ୍ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରାଯିବ।

ବରିଷ୍ଠ ଡିଭିଜନ ଇଲେକ୍ଟ୍ରିକାଲ ଇଞ୍ଜିନିୟର - ଆର୍‌ଏସ୍‌ଏଣ୍ଡଜି, ଦକ୍ଷିଣ ପୂର୍ବ କେନ୍ଦ୍ରୀୟ ରେଳପଥ ରାୟପୁର

PR/R/SR.DEE(RS&G)/MS/283
South East Central Railway @secrail

## ୨ ମହିଳା ଲୁଟେରା ଗିରଫ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କ୍ୟାପିଟାଲ ଥାନା ଅଞ୍ଚଳରୁ ମୋବାଇଲ ଲୁଟେରା ଗ୍ୟାଙ୍ଗକୁ ଗିରଫ କରିଛି କମିଶନରେଟ୍ ପୋଲିସ । ଇଦ୍‌ରେ ଭିଡର ସୁଯୋଗ ନେଇ ଏମାନେ ଲୁଟ୍‌ପାଟ କରୁଥିଲେ । ଗ୍ୟାଙ୍ଗର ଦୁଇ ମହିଳା ଲୁଟେରାଙ୍କୁ ଗିରଫ କରିଛି ପୋଲିସ । ସେମାନଙ୍କ ନିକଟରୁ କିଛି ଲୁଟ ମୋବାଇଲ ମଧ୍ୟ ଜବତ ହୋଇଛି ବୋଲି ଭୁବନେଶ୍ୱର ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି।

## ଡ. ପ୍ରଜ୍ଞାପରମିତା ମିଶ୍ରଙ୍କୁ ଫିକି ଏଫ୍‌ଏଲ୍‌ଓ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷ ଦାୟିତ୍ୱ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଫିକି ଏଫଏଲଓ ଭୁବନେଶ୍ୱର ଚାପ୍ଟରରେ ନେତୃତ୍ୱ ପରିବର୍ତ୍ତନର ଘୋଷଣା କରାଯାଇଛି । ଫିକି ଏଫଏଲଓର ରାଷ୍ଟ୍ରୀୟ ଅଧ୍ୟକ୍ଷ ପୁନମ ଶର୍ମା ଆନୁଷ୍ଠାନିକ ଭାବେ ଡ. ପ୍ରଜ୍ଞା ପରମିତା ମିଶ୍ରଙ୍କୁ ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି । ମହିଳା ଉଦ୍ୟୋଗୀ ଏବଂ ପେସାଦାରଙ୍କୁ ସଶକ୍ତ କରିବା ପାଇଁ ଫିକି ଏଫଏଲଓର ପ୍ରତିବଦ୍ଧତାକୁ ଜାରି ରଖି ଡକ୍ଟର ପ୍ରଜ୍ଞାଙ୍କ ନେତୃତ୍ୱ ଏହି ଅଧ୍ୟାୟରେ ନୂତନ ଦୃଷ୍ଟିକୋଣ ଏବଂ ଅଭିନବ ଚିନ୍ତାଧାରା ଆଣିବ ବୋଲି ଆଶା କରାଯାଉଛି। ଭୁବନେଶ୍ୱରରେ ଫିକି ଏଫଏଲଓର ନିରନ୍ତର ଅଭିବୃଦ୍ଧି ଏବଂ ସଫଳତାକୁ ସୁନିଶ୍ଚିତ କରିବା ଦିଗରେ ଏହି ପରିବର୍ତ୍ତନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଆମେ ଡ. ପ୍ରଜ୍ଞାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ ଏବଂ ତାଙ୍କ ନେତୃତ୍ୱରେ ରୋମାଞ୍ଚକର ନୂତନ ପଦକ୍ଷେପ ଏବଂ ସହଯୋଗକୁ ଅପେକ୍ଷା କରିଛୁ। ଏହି ଯାତ୍ରା ଆରମ୍ଭ କରିବା ଅବସରରେ ଡକ୍ଟର ପ୍ରଜ୍ଞାନଙ୍କୁ ଶୁଭେଚ୍ଛା ଏବଂ ପୁନମ ଶର୍ମାଙ୍କୁ ତାଙ୍କର ଆଦର୍ଶ ନେତୃତ୍ୱ ଏବଂ ସମର୍ପଣ ପାଇଁ ହୃଦୟରୁ ଧନ୍ୟବାଦ। ଭୁବନେଶ୍ୱରରେ ଫିକି ଏଫଏଲଓର ନିରନ୍ତର ଅଭିବୃଦ୍ଧି ଏବଂ ସଫଳତାକୁ ସୁନିଶ୍ଚିତ କରିବା ଦିଗରେ ଏହି ପରିବର୍ତ୍ତନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

### ରାଜଧାନୀ ରାଜରାସ୍ତାରେ ରୋଡ୍‌ରୋମିଓଙ୍କ ଉତ୍ପାତ

## ନାଲିବତୀ ଗାଡିରେ ଆସି ରାସ୍ତା ଉପରେ ପିଇଲେ ମଦ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀ ଭୁବନେଶ୍ୱରରେ ଦେଖିବାକୁ ମିଳିଛି ଅଜବ ଦୃଶ୍ୟ । କାରରେ ନାଲିବତୀ ଲଗାଇ ବୁଲୁଛନ୍ତି ରୋଡ଼ ରୋମିଓ । ନାଲିବତି ଗାଡ଼ିରେ ଆସି, ରାସ୍ତା ଉପରେ ମଦ ପିଉଛନ୍ତି ରୋଡ୍ ରୋମିଓ । ଗତକାଲି ଖାରବେଳନଗର ଥାନା ଅଂଚଳରେ ଥିବା ଏକ ଗହଣା ଦୋକାନ ନିକଟରେ ଫୁଟ୍‌ପାଥ୍ ଉପରେ ଲାଗିଥିଲା ଏକ ନାଲିବତି ଗାଡ଼ି । ଗାଡ଼ିରୁ ଓହ୍ଲାଇଥିଲେ ୫ ଯୁବକ । ଏହାପରେ ଗାଡ଼ିରୁ ମଦ ବୋତଲ ବାହାର କରି ଆରମ୍ଭ କରିଦେଲେ ଆସରା । ଜନପଥରେ ଖୋଲାଖୋଲି ଚାଲିଥିଲା ମଦ ଆସର । ନାଲିବତି ଗାଡ଼ି ବୋଲି କାହାର ମୁହଁ ଖୋଲିବାର ନଥିଲା । ଗାଡ଼ିଟି ଘରୋଇ ଗାଡ଼ିଥିଲା ଏବଂ କୌଣସି ଅଫିସର୍ଙ୍କ ପାଇଲଟ୍ ଡ୍ୟୁଟିରେ ଲାଗିଥିବା ଜଣାପଡୁଥିଲା । ଏ ଚିତ୍ର ଜଣେ ଯୁବକ ମୋବାଇଲ୍‌ରେ ରେକର୍ଡ କରୁଥିବା ଜାଣିବା ପରେ ମଦ ପିଉଥିବା ଯୁବକଙ୍କ ମଧ୍ୟରୁ ଜଣେ ଗାଡ଼ିରୁ ନାଲିବତି ବାହାର କରି ଗାଡ଼ି ଭିତରକୁ ଫୋପାଡ଼ି ଦେଇଥିଲା । ଅନ୍ୟମାନେ ମଦ ବୋତଲ ବନ୍ଦ କରି ତରତରରେ ଗାଡ଼ି ଭିତରକୁ ପଶିଯାଇଥିଲେ ଏବଂ ଗାଡ଼ି ନେଇ ସେଠାରୁ ଛୁ ମାରିଥିଲେ । ଭିଡିଓ ସାମ୍ନାକୁ ଆସିବା ପରେ ପୁରା ଘଟଣାକୁ ନେଇ ତଦନ୍ତ ଆରମ୍ଭ କରିଛି ଖାରବେଳନଗର ଥାନା ପୋଲିସ ।

## ଐତିହ୍ୟ ଜାତୀୟ ତାଲିକାରେ ରଥଯାତ୍ରା, ବାଲିଯାତ୍ରା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଐତିହ୍ୟ ଜାତୀୟ ତାଲିକାରେ ସ୍ଥାନ ପାଇଲା ଓଡିଶାର ରଥଯାତ୍ରା ଓ ବାଲିଯାତ୍ରା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ ଏକ୍ସ ରେ ଏହି ସୂଚନା ଦେଇଛନ୍ତି। ସର୍ବୋଚ୍ଚ ସାଂସ୍କୃତିକ ସଂସ୍ଥା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଅମୂଲ୍ୟ ସାଂସ୍କୃତିକ ଐତିହ୍ୟର ଜାତୀୟ ତାଲିକାରେ ରଥଯାତ୍ରା ଓ ବାଲିଯାତ୍ରା ସାମିଲ ହୋଇଛି। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଅଧୀନ ସଙ୍ଗୀତ ନାଟକ ଏକାଡେମୀ ଏହି ସ୍ୱୀକୃତି ଦେଇଛି। ନିକଟରେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଶ୍ରୀଜଗନ୍ନାଥଙ୍କ ପୁରୀ ରଥଯାତ୍ରା ପାଇଁ ୟୁନେସ୍କୋର ଅମୂଲ୍ୟ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପାଇଁ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟକୁ ମନୋନୟନ ଡୋଜିଅର ଦାଖଲ କରିଛି। ଏହି ପ୍ରଥମ ମାଇଲଖୁଂଟ ହାସଲ ସହିତ, ଆମେ ୟୁନେସ୍କୋର ଚୂଡ଼ାନ୍ତ ତାଲିକାରେ ସ୍ଥାନ ପାଇବା ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛୁ ବୋଲି ଲେଖିଛନ୍ତି ଅରବିନ୍ଦ ପାଢୀ।

## ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ପାଳନ ପରିପ୍ରେକ୍ଷୀରେ ବକ୍ତୃତା ପ୍ରତିଯୋଗିତା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟସ୍ତରୀୟ ଓଡ଼ିଶା ଦିବସ-୨୦୨୫ ପାଳନ ପରିପ୍ରେକ୍ଷୀରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ପ୍ରତିଯୋଗିତାରେ ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ସମସ୍ତ ଜିଲ୍ଲାର ଛାତ୍ରଛାତ୍ରୀ ଭାଗ ନେଇଥିଲେ । ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ କଟକର ସେକେଣ୍ଡାରୀ ବୋର୍ଡ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀ ସୁଶ୍ରୀ ଶୁଭଶ୍ରୀ ଶତପଥୀ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲା ସେଣ୍ଟ ଜାଭିୟର ହାଇସ୍କୁଲର ନବମ ଶ୍ରେଣୀର ଛାତ୍ର ତେଜ ତନ୍ମୟ ଦ୍ୱିତୀୟ ଏବଂ ଖୋର୍ଦ୍ଧା ଜିଲ୍ଲାର ବିଜେବି ହାଇସ୍କୁଲର ନବମ ଶ୍ରେଣୀର ଛାତ୍ର ସଂଗ୍ରାମ ପୁହାଣ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଅପ୍ରେଲ ୧ରେ ଜୟଦେବ ଭବନରେ ହେବାକୁ ଥିବା ଓଡ଼ିଶା ଦିବସ ସମାରୋହରେ ରାଜ୍ୟସ୍ତରୀୟ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯିବ । ପ୍ରତିଯୋଗିତାରେ ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ. ବାସନ୍ତୀ ମହାନ୍ତି, ସାହିତ୍ୟିକ ତଥା ନାବାର୍ଡର ପୂର୍ବତନ ବରିଷ୍ଠ ଅଧିକାରୀ ଶଙ୍କର ନାରାୟଣ ମଲ୍ଲିକ ଓ ସାହିତ୍ୟିକ କୃଷ୍ଣ ନାଏକ ବିଚାରକ ଭାବେ ଯୋଗ ଦେଇଥିଲେ । ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ର ନାଥ ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତାରେ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ ବେହେରା, ସୂଚନା ଅଧିକାରୀ ଜିତେନ୍ଦ୍ରୀୟ ଜେନା, ପ୍ରମୋଦିନୀ ଟେଟେ ପ୍ରମୁଖ ସହଯୋଗ କରିଥିଲେ ।

### ଖୁବ୍‌ଶୀଘ୍ର ଖୋଲିବ କପିଳାସ ରୋଡ୍ ରେଳ ଓଭରବ୍ରିଜ୍

## ସମୀକ୍ଷା କଲେ ବୈଜୟନ୍ତ ପଣ୍ଡା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା ସୋମବାର ଟାଙ୍ଗୀରେ ୧୭୪ନଂ କପିଳାସ ରୋଡ ରେଳ ଓଭରବ୍ରିଜ୍ ନିର୍ମାଣ ସ୍ଥଳ ପରିଦର୍ଶନ କରି ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ପରେ ଖୁବ୍‌ଶୀଘ୍ର ଏହା ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ ହେବ ବୋଲି କହିଛନ୍ତି। ଶ୍ରୀ ପଣ୍ଡାଙ୍କ ଗତ ୨୦୧୦ରୁ ନିରନ୍ତର ଉଦ୍ୟମ ଯୋଗୁ କଟକ ଜିଲ୍ଲାର ଟାଙ୍ଗୀରେ କପିଳାସ ରୋଡ ରେଳଫାଟକରେ ଏକ ରେଳ ଓଭରବ୍ରିଜ ପାଇଁ ଜନସାଧାରଣଙ୍କ ବହୁଦିନର ଦାବି ପୂରଣ ହେବାକୁ ଯାଉଛି। ପ୍ରସ୍ତାବକୁ ଇଷ୍ଟକୋଷ୍ଟ ରେଳବାଇ ବୋର୍ଡ ଅନୁମୋଦନ କରିସାରିଥିବା ବେଳେ ଉଭୟ ରାଜ୍ୟ ସରକାର ଓ ରେଳ ବିଭାଗଙ୍କ ବ୍ୟୟ ଅଟକଳରେ ରେଳ ଓଭରବ୍ରିଜ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶିଘ୍ର ଆରମ୍ଭ ହୋଇଥିଲା। ପ୍ରକଳ୍ପ ଅଗ୍ରଗତି ପାଇଁ ଶ୍ରୀ ପଣ୍ଡା କ୍ରମାଗତ ଚେଷ୍ଟା କରିବାସହ ବିଭିନ୍ନ ସମୟରେ ରେଳମନ୍ତ୍ରୀଙ୍କୁ ଭେଟି ପ୍ରକଳ୍ପର ଅଗ୍ରଗତି ପାଇଁ ଦାବି ସହ ୨୦୧୦ରୁ ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ, ଜାତୀୟ ରାଜପଥ ଓ ରେଳବାଇ ବିଭାଗ ଦ୍ୱାରା ପ୍ରକଳ୍ପର ନିରିକ୍ଷଣ ଓ ବାରମ୍ବାର ସମିକ୍ଷା ପରେ ଉଭୟ ରାଜ୍ୟ ସରକାର ଓ ରେଳବାଇ ବିଭାଗର ପ୍ରାୟ ୯୦ କୋଟି ଟଙ୍କାର ଯୁଗ୍ମ ବ୍ୟୟବରାଦକୁ କେନ୍ଦ୍ର ରେଳ ବିଭାଗ ଅନୁମୋଦନ କରିଥିଲେ। ବୈଠକରେ ଶ୍ରୀ ପଣ୍ଡାଙ୍କ ସମେତ ଇଷ୍ଟକୋଷ୍ଟ ରେଳବାଇର ମୁଖ୍ୟ ଅଧିକ୍ଷଣ ଯନ୍ତ୍ରୀ ସୁଧିର କୁମାର ପରିଡ଼ା, ଜାତୀୟ ରାଜପଥ-୧୬ର ବରିଷ୍ଠ ଅଧିକାରୀ ଭାବଗ୍ରାହୀ ଦାସ, ଜାତୀୟ ରାଜପଥର ପ୍ରକଳ୍ପ ନିର୍ଦ୍ଦେଶକ ସୁରଜ ସିଂହ, ଗୃହ ଓ ରାସ୍ତା ବିଭାଗ (ଚାରବାଟିଆ) ଅଜିତ ରାୟ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସ୍ଥାନୀୟ ଜନତା, ନେତୃବୃନ୍ଦ, ଯୁବନେତା, ସମାଜସେବୀ ଯୋଗ ଦେଇଥିଲେ।

### ଟ୍ୱିନ୍‌ସିଟିରେ ଧୂମଧାମ୍‌ରେ ସରିଲା ଇଦ୍

## ବିଶ୍ୱକୁ ଦେଲେ ଭାଇଚାରାର ବାର୍ତ୍ତା

କଟକ/ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ମୁସଲମାନ ସମ୍ପ୍ରଦାୟର ମୁଖ୍ୟ ପର୍ବ ଇଦ୍ । ଏଥିପାଇଁ ଗତ ମାସେ ହେବ ସେମାନେ ରୋଜା ପାଳନ କରୁଥିଲେ । ଶେଷରେ ସୋମବାର ଇଦ୍ ପର୍ବ ପାଳନ କରିଥିଲେ । ସମସ୍ତେ ସମସ୍ତଙ୍କୁ ଇଦ୍ ମୁବାରକ୍ କହି ଶୁଭେଚ୍ଛା ଜଣାଇଥିଲେ । ଏଥିସହ ବିଭିନ୍ନ ମସଜିଦ୍‌ରେ ନମାଜ ପାଠ କରିଥିଲେ । ପରସ୍ପରକୁ ଆଲିଙ୍ଗନ କରିବା ସହ ଭାଇଚାରାର ସମ୍ପର୍କକୁ ଅତୁଟ ଓ ଅକ୍ଷୁଣ୍ଣ ରଖିବା ପାଇଁ ପ୍ରୟାସ କରିଥିଲେ । ରାଜଧାନୀର ୪ନଂ, ୮ନଂ ମସ୍‌ଜିଦ୍‌ରେ ସାମୂହିକ ନମାଜ ପାଠ ହେବା ସହ ଝାରପଡ଼ାରେ ଥିବା ମସଜିଦ୍‌ରେ ମଧ୍ୟ ନମାଜ ପାଠ କରିଥିଲେ । ସେହିପରି ଇଦ ପର୍ବରେ କଟକ ସହର ସାରା ବିଶ୍ୱକୁ ଦେଲା ଭାଇଚାରାର ବାର୍ତ୍ତା । କଟକର ହିନ୍ଦୁ ଧର୍ମାବଲମ୍ବୀ ଲୋକଙ୍କ ହାତ ତିଆରି ଖାଦ୍ୟ ବିଭିନ୍ନ ମସଜିଦ ସାମ୍ନାରେ ମୁସଲମାନ ସମ୍ପ୍ରଦାୟ ଲୋକଙ୍କୁ ପରସା ଯାଇଥିଲା । ଯାହାଫଳରେ ଆଜି କଟକରେ ପବିତ୍ର ଇଦ ପର୍ବ ଅବସରରେ ଏକ ଭିନ୍ନ ମାହୋଲ ସୃଷ୍ଟି ହୋଇଥିଲା । ଏହି ଭାଇଚାରା ଆଜି ବି ଅକ୍ଷୁଣ୍ଣ ରହିଥିବା ଦର୍ଶାଇବା ପାଇଁ ଜୟ ଜଗନ୍ନାଥ ସେବା ସମିତି ପକ୍ଷରୁ ଉଦ୍ୟମ କରାଯାଇଥିଲା। ଇଦ ପର୍ବ ଲାଗି ସମସ୍ତ ମସଜିଦରେ ନମାଜ ପାଠ କରାଯାଇଥାଏ । ଏହି ନମାଜ ପାଠ ଶେଷ ହେବା ପରେ ମୁସଲମାନ ସଂମ୍ପର୍ଦାୟ ଲୋକେ ଘରେ ପରିବାର ସହିତ ସୁସ୍ୱାଦ୍ୟ ଖାଦ୍ୟ ରାନ୍ଧି ହସଖୁସିରେ ଦିନଟିକୁ ପାଳନ କରିଥାନ୍ତି । ତେଣୁ ଇଦ ପର୍ବରେ ଜୟ ଜଗନ୍ନାଥ ସେବା ସମିତି ଏହି ଖୁସିର ପର୍ବରେ ସାମିଲ ହୋଇଥିଲା । ଟ୍ରଷ୍ଟର ତରଫରୁ ହାଲୁଆ, ସର୍ବତ ତିଆରି କରି କଟକର ବିଭିନ୍ନ ମସଜିଦ ଆଗରେ ଲୋକଙ୍କୁ ପାଇଁ ବଣ୍ଟନ କରିଥିଲେ । ଏଥିରେ ମୁସଲମାନ ସଂମ୍ପର୍ଦାୟର ଲୋକେ ଜୟ ଜଗନ୍ନାଥ ସେବା ସମିତିକୁ ସହଯୋଗ କରି ଏକାଠି ଇଦ ପର୍ବକୁ ପାଳନ କରିଥିଲେ । ଜୟ ଜଗନ୍ନାଥ ସେବା ସମିତି ଟ୍ରଷ୍ଟ ପକ୍ଷରୁ କଟକର କଦମ ରସୁଲ୍ ଦର୍ଗା ବଜାର, ପଲଟନ, ବକ୍ସି ବଜାର, ରଜା ମସଜିଦ୍, ସୁଲତାନି ମସଜିଦ୍, ଯୋବ୍ରା ମସଜିଦ ଆଦି ସ୍ଥାନରେ ଖାଦ୍ୟ ବଣ୍ଟନ କରି ଇଦ ପର୍ବକୁ ପାଳନ କରାଯାଇଛି । ଗତ ପଣା ସଂକ୍ରାନ୍ତିରେ କଟକର ବିଭିନ୍ନ ସ୍ଥାନରେ ମୁସଲମାନ ସମ୍ପ୍ରଦାୟ ଲୋକେ ହିନ୍ଦୁ ଭାଇଙ୍କୁ ପଣା ବାଣ୍ଟି ଭାଇଚାରର ସନ୍ଦେସ ଦେଇଥିଲେ। ଇଦ ସମୟରେ ହିନ୍ଦୁ ଭାଇଙ୍କ ଦ୍ୱାରା ମୁସଲମାନ ସମ୍ପ୍ରଦାୟ ଲୋକଙ୍କ ସହ ଏକାଠି ପାଳନ କରିବା ଦୃଶ୍ୟ ପୁଣିଥରେ କଟକରେ ଭାଇଚାରା ଅକ୍ଷୁର୍ଣ୍ଣ ରହିଥିବା ବାର୍ତ୍ତା ଦେଇଛି ।

**AFFIDAVIT**

By virtue of an affidavit sworn before The Executive Magistrate, Delang dated 27.03.2025, I Mina Baral, Address: Village- Sadangoi Uttarbad, PO- Sadangoi, PS- Delang, Dist- Puri, Odisha, PIN-752015, declare that I have changed my name from Minali Barala to Mina Baral. Henceforth I shall be known as Mina Baral for all purposes.

Sd/- Mina Baral

**AFFIDAVIT**

By virtue of an affidavit sworn before The Executive Magistrate, Berhampur, Dist- Ganjam, Dated. 25.03.2025, I R.Shanti, Address: At- Diamond Tank Road, PO- Berhampur, PS- B. Town, Dist- Ganjam, Odisha, PIN-760001 declare that I have changed my name from Parmella Durga to R.Shanti. Henceforth I shall be known as R.Shanti for all purposes.

Sd/- R. Shanti

**AFFIDAVIT**

By virtue of an affidavit sworn before Executive Magistrate, Gondia, Dhenkanal dated 28.03.2025, I Jagu Balmuch, At- Dakhinapasi, Po- Bidharpur, PS- Gondia, Dist.-Dhenkanal, Odisha, PIN-759016 declare that I have changed my name from Jogindra Balmuch to Jagu Balmuch. Henceforth I shall be known as Jagu Balmuch for all purposes.

Sd/- Jagu Balmuch






ଟ୍ୱିନ୍‌ସିଟିରେ ଧୂମଧାମରେ ଇଦ୍ ପର୍ବ ପାଳନ ସହ ସାମୂହିକ ନମାଜ ପାଠ




## ସଶକ୍ତ ନାରୀ, ବିକଶିତ ଓଡ଼ିଶା

- **'ସୁଭଦ୍ରା'**ରେ ବର୍ତ୍ତମାନ ସୁଦ୍ଧା ୧ କୋଟିରୁ ଅଧିକ ଯୋଗ୍ୟ ମହିଳା ସାମିଲ୍; ଦୁଇଟି କିସ୍ତିରେ ବିତରଣ କରାଯାଇଛି ୯,୯୭୦ କୋଟିରୁ ଅଧିକ ଟଙ୍କା
- **'ଲକ୍ଷପତି ଦିଦି'** ପରିଚାଳନାରେ ଓଡ଼ିଶା ସାରା ଦେଶରେ ଦ୍ୱିତୀୟ; ଓଡ଼ିଶାର ୧୧.୫ ଲକ୍ଷରୁ ଅଧିକ ମହିଳା ଏବେ ବାର୍ଷିକ ୧ ଲକ୍ଷ କିମ୍ବା ତାହାଠାରୁ ଅଧିକ ଆୟ କରି, ଏକ ସୁନିଶ୍ଚିତ ଓ ବିକଶିତ ଭବିଷ୍ୟତ ଦିଗରେ ଅଗ୍ରସର
- ଆର୍ଥିକ ଦୁଃସ୍ଥ ପରିବାରର ଝିଅମାନଙ୍କୁ ସମ୍ମାନର ସହ ବିବାହ କରାଇବା ପାଇଁ ନୂତନ ଭାବେ ପ୍ରଣୀତ **'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା'**

## ଶିକ୍ଷାରେ ଉନ୍ନତି, ରାଜ୍ୟର ପ୍ରଗତି

- ଆଜିଠାରୁ ରାଜ୍ୟର ପ୍ରାଥମିକ ବିଦ୍ୟାଳୟରୁ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଲା **'ଜାତୀୟ ଶିକ୍ଷା ନୀତି, ୨୦୨୦'**
- ଗୁଣାତ୍ମକ ଶିକ୍ଷାକୁ ସୁନିଶ୍ଚିତ କରିବା ପାଇଁ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ପ୍ରତିଷ୍ଠା ହେବ **'ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ'**
- **'ମଧ୍ୟାହ୍ନ ଭୋଜନ'**ରେ ସାମିଲ୍ ହେବେ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ
- **'ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯'** ଅନୁସାରେ ରାଜ୍ୟର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକ ହେବ ସ୍ୱୟଂଶାସିତ

## ସୁସ୍ଥ ଓଡ଼ିଶା, ସମୃଦ୍ଧ ଓଡ଼ିଶା

- **'ଆୟୁଷ୍ମାନ୍ ଭାରତ-ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା'**ରେ ସାମିଲ୍ ହେଲା ଓଡ଼ିଶା; ଦେଶର ୨୯ ହଜାରରୁ ଅଧିକ ଡାକ୍ତରଖାନାରେ ପ୍ରାୟ ୧ କୋଟିରୁ ଅଧିକ ପରିବାରକୁ ନଗଦ ବିହୀନ ଚିକିତ୍ସା ଯୋଗାଇବା ପାଇଁ ଏବି-ପିଏମ୍‌ଜେଏୱାଇ ସହିତ ସଂଯୁକ୍ତ

## ନିଯୁକ୍ତିରେ ନୂଆ ସମ୍ଭାବନା

- **ସରକାରୀ ନିଯୁକ୍ତି ଅଭିଯାନ :** ୫ ବର୍ଷରେ ୧.୫ ଲକ୍ଷ ସରକାରୀ ଚାକିରି, ପ୍ରଥମ ଦୁଇ ବର୍ଷରେ ୬୫ ହଜାର ପଦବୀ ପୂରଣ ଲକ୍ଷ୍ୟ ।
- ପୂର୍ବତନ ଅଗ୍ନିବୀରମାନଙ୍କୁ ୧୦% ସଂରକ୍ଷଣ ସହ ୩ ବର୍ଷ ବୟସ ସୀମା ଛାଡ଼ ଏବଂ ରାଜ୍ୟର ୟୁନିଫର୍ମ୍ ସେବାର ସମସ୍ତ 'ଗ' ଓ 'ଘ' ବର୍ଗ ପଦବୀରେ ନିଯୁକ୍ତି ପାଇଁ ଶାରୀରିକ ଦକ୍ଷତା ପରୀକ୍ଷାରୁ ମୁକ୍ତି
- ଆଗାମୀ ୨ ବର୍ଷ ମଧ୍ୟରେ ବୟନ ଶିଳ୍ପ କ୍ଷେତ୍ରରେ ୫୦ ହଜାର ନୂତନ ନିଯୁକ୍ତି ସୁଯୋଗ
- ସୂଚନା ପ୍ରଯୁକ୍ତି ଓ ଏହାର ସମର୍ଥିତ ସେବା କ୍ଷେତ୍ରରେ ଆଗାମୀ ୫ ବର୍ଷ ମଧ୍ୟରେ ୫୦ ହଜାର ନୂତନ ନିଯୁକ୍ତି ସୁଯୋଗ

## ଉନ୍ନତ କୃଷି ଓ ସମର୍ଥ ଚାଷୀ

- **ସମୃଦ୍ଧ କୃଷକ ଯୋଜନା:** ଧାନପାଇଁ ଏମ୍‌ଏସ୍‌ପି ଉପରେ ଇନ୍‌ପୁଟ୍ ସହାୟତା ସହ କୁଇଣ୍ଟାଲ୍ ପିଛା ୩,୧୦୦ ଟଙ୍କାରେ କ୍ରୟ; ୨୦୨୫-୨୬ ଆର୍ଥିକ ବର୍ଷରେ ୬,୦୦୦ କୋଟି ଟଙ୍କାର ବ୍ୟୟ ବରାଦ ; ଉପକୃତ ହେବେ ପ୍ରାୟ ୧୮ ଲକ୍ଷ ଚାଷୀ
- ଚଳିତ ଖରିଫ ଋତୁରେ ରେକର୍ଡ ପରିମାଣର ଧାନ ୧୬.୫୯ ଲକ୍ଷ ଚାଷୀଙ୍କଠାରୁ ପ୍ରାୟ ୭୩.୪୪ ଲକ୍ଷ ମେଟ୍ରିକ୍ ଟନ ଧାନ ସଂଗ୍ରହ
- ସର୍ବନିମ୍ନ ସହାୟକ ମୂଲ୍ୟ ବାବଦରେ ୧୬,୮୯୦ କୋଟି ଟଙ୍କା ଏବଂ ଇନ୍‌ପୁଟ ସହାୟତା ଭାବେ ୫,୮୭୫ କୋଟି ଟଙ୍କା ପ୍ରଦାନ
- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୨୦୨୪ ଖରିଫ ଋତୁ ପାଇଁ ୨୨.୫୩ ଲକ୍ଷ ଏବଂ ୨୦୨୪-୨୫ ରବି ଋତୁ ପାଇଁ ୧.୮୩ ଲକ୍ଷ ଚାଷୀ ପଞ୍ଜୀକୃତ
- **ପିଏମ୍ - କିଷାନ୍:** ସମସ୍ତ ଯୋଗ୍ୟ ଓ ବାଦ୍ ପଡିଥିବା ହିତାଧିକାରୀଙ୍କୁ ସାମିଲ୍ କରିବା ପାଇଁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ; ନିକଟ ଅତୀତରେ ପ୍ରାୟ ୫ ଲକ୍ଷ ନୂଆ ଚାଷୀ ହୋଇଛନ୍ତି ଲାଭାନ୍ୱିତ
- **ଶୀତଳ ଭଣ୍ଡାର ନୀତି:** ୫୮ ସବ୍ ଡିଭିଜନ୍‌ରେ ଅତିକମ୍‌ରେ ଗୋଟିଏ ଲେଖାଏଁ ନୂତନ ଶୀତଳ ଭଣ୍ଡାର
- ରାଜ୍ୟର ଦୁଗ୍ଧ ଚାଷୀଙ୍କ ହିତ ସାଧନ ଓ ଦୈନିକ ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ **'ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା'**
- ସମୁନ୍ନତ ମାଛ ଚାଷ ପାଇଁ ସମ୍ବଲପୁରଠାରେ ଅତ୍ୟାଧୁନିକ ସମନ୍ୱିତ ଆକ୍ୱାପାର୍କ ନିର୍ମାଣ ନିଷ୍ପତ୍ତି
- ୪୬ ବର୍ଷ ପରେ ହୀରାକୁଦ କେନାଲ ବ୍ୟବସ୍ଥାର ହେବ ପୁନରୁଦ୍ଧାର, ୮୫୫ କୋଟି ଟଙ୍କାର ବ୍ୟୟ ବରାଦ
- ୩୦୦ କୋଟି ଟଙ୍କା ବ୍ୟୟ ଅଟକଳ ବିଶିଷ୍ଟ **'ବଲାଙ୍ଗିର ଉପର ଲାନ୍ଥ ଜଳସେଚନ ପ୍ରକଳ୍ପ'**ର ଶିଳାନ୍ୟାସ
- ରାସନ୍ କାର୍ଡ଼ ତଥ୍ୟାବଳୀକୁ ସ୍ୱଚ୍ଛ ଓ ପାରଦର୍ଶୀ କରିବା ନିମନ୍ତେ ୩,୦୨,୨୪,୫୯୨ ହିତାଧିକାରୀଙ୍କ ଇ-କେ.ୱାଇ.ସି ଯାଞ୍ଚ ସମ୍ପନ୍ନ

## ବିକଶିତ ସହର, ସମୃଦ୍ଧ ଓଡ଼ିଶା

- **ପିଏମ୍ ଇ-ବସ୍ ସେବା:** ଭୁବନେଶ୍ୱର, କଟକ, ସମ୍ବଲପୁର, ରାଉରକେଲା ଓ ବ୍ରହ୍ମପୁରରେ ଖୁବଶୀଘ୍ର ଚଳାଚଳ କରିବ ୪୦୦ ଇ-ବସ୍
- **ଓଡ଼ିଶା ଯାତ୍ରୀ ଆପ୍ କାର୍ଯ୍ୟକ୍ଷମ:** ସହରାଞ୍ଚଳ ପରିବହନରେ ଆସିଲା ପରିବର୍ତ୍ତନ; ଲୋକଙ୍କୁ ମିଳିଲା, ସୁରକ୍ଷିତ, ସୁଲଭ ଓ ସୁବିଧାଜନକ ଅଟୋ/କ୍ୟାବ୍ ସେବା
- **ନ୍ୟୁ ସିଟି, ଭୁବନେଶ୍ୱର :** ୮୦୦ ଏକର ଜମିରେ ନୂତନ ସହର ନିର୍ମାଣ ପାଇଁ ଆଗୁଆ ଯୋଜନା

## ପ୍ରଗତିର ପରିଭାଷା : ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ

- **ସେତୁ ବନ୍ଧନ ଯୋଜନା :** ଗ୍ରାମାଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥାର ଉନ୍ନତି ପାଇଁ ୨୦୨୯ ସୁଦ୍ଧା ୫୦୦ ନୂତନ ସେତୁ ନିର୍ମାଣ ଲକ୍ଷ୍ୟ, ୧୪୯ ସେତୁ ନିର୍ମାଣ ସଂପୂର୍ଣ୍ଣ, ୨୩୧ ନିର୍ମାଣାଧୀନ
- **ସେତୁ ତଥା ଆଡ଼ିବନ୍ଧ :** ୨୦୨୪-୨୦୨୫ ଆର୍ଥିକ ବର୍ଷରେ ୩୩ ପ୍ରକଳ୍ପ ସଂପୂର୍ଣ୍ଣ, ୭୧ଟି ନିର୍ମାଣାଧୀନ
- **ପ୍ରଧାନମନ୍ତ୍ରୀ ଜନମନ :** ବିଶେଷ ଭାବେ ଅନୁନ୍ନତ ଜନଜାତି ଗୋଷ୍ଠୀ (ପିଭିଟିଜି) ଅଧ୍ୟୁଷିତ ଅଞ୍ଚଳ ପାଇଁ ୬୯ଟି ରାସ୍ତା ଓ ୪ଟି ସେତୁ ନିର୍ମାଣ ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ପ୍ରେରିତ, ୪୦ଟି ରାସ୍ତା ଓ ୨ଟି ସେତୁ ମଞ୍ଜୁରୀ ପ୍ରାପ୍ତ, ୨୬ଟି ରାସ୍ତା ଓ ୨ଟି ସେତୁ ନିର୍ମାଣ ପ୍ରସ୍ତାବିତ, ସମସ୍ତ ଅନୁମୋଦିତ ପ୍ରକଳ୍ପ ନିର୍ମାଣାଧୀନ
- **'ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା'**ରେ ୮୧୩.୭ କି.ମି. ରାସ୍ତା ଓ ୩୧ଟି ସେତୁ ଏବଂ **'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା'**ରେ ୩,୮୭୯.୩୮ କି.ମି. ରାସ୍ତା ନିର୍ମିତ
- ୨୦୨୪-୨୦୨୯ ମଧ୍ୟରେ ୩୦ ହଜାର କି.ମି. ରାସ୍ତା ନିର୍ମାଣ ଲକ୍ଷ୍ୟ, ୨୦୨୪-୨୦୨୫ ଆର୍ଥିକ ବର୍ଷରେ ନିର୍ମାଣ ହେଲାଣି ପ୍ରାୟ ୪,୬୯୩.୦୮ କି.ମି. ରାସ୍ତା ଏବଂ ୧୮୦ଟି ସେତୁ, ୬,୨୦୬.୩୭ କି.ମି. ରାସ୍ତା ଏବଂ ୧,୦୮୨ ସେତୁ ନିର୍ମାଣାଧୀନ
- **ବିକଶିତ ଗାଁ ବିକଶିତ ଓଡ଼ିଶା :** ୨୦୨୫-୨୦୨୬ରେ ଗ୍ରାମୀଣ ଭିତ୍ତିଭୂମି ନିର୍ମାଣ ଓ ସାମଗ୍ରିକ ବିକାଶ ସୁନିଶ୍ଚିତ କରିବା ପାଇଁ ୨ ହଜାର କୋଟି ଟଙ୍କା
- **ପିଏମ୍‌ଏୱାଇ(ଜି) :** ପାଖାପାଖି ୨.୬୫ ଲକ୍ଷ ଘର ସମ୍ପୂର୍ଣ୍ଣ
- **ଅନ୍ତ୍ୟୋଦୟ ଗୃହ ଯୋଜନା :** ବଞ୍ଚିତ ନିମ୍ନ ଆୟକାରୀ ପରିବାରଙ୍କ ପାଇଁ ସରକାରଙ୍କ ଦ୍ୱାରା ଗୃହ ନିର୍ମାଣର ଶୁଭାରମ୍ଭ, ପକ୍କା ଗୃହ ନିର୍ମାଣ ପ୍ରାୟ ୬୦ ହଜାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ
- **ଘରୋଇ ଟ୍ୟାପ୍ ସଂଯୋଗ :** ବୃହତ, ଏକକ ଏବଂ ସୌରଚାଳିତ ପାଇପ୍ ଜଳ ଯୋଗାଣ ପ୍ରକଳ୍ପର ସମ୍ମିଶ୍ରଣରେ ୩ ଲକ୍ଷରୁ ଅଧିକ ପରିବାରକୁ ପାନୀୟ ଜଳ ଟ୍ୟାପ୍ ସଂଯୋଗ

## ଅଗ୍ରଗତି ପଥେ ଆମ ଜନଜାତି

- ରାଜ୍ୟରେ ଡ୍ରପ୍ ଆଉଟ୍ ହାର ହ୍ରାସ କରିବା ନିମନ୍ତେ ନବମ ଓ ଏକାଦଶ ଶ୍ରେଣୀରେ ନାମ ଲେଖାଇବା ପରେ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ **'ମାଧୋ ସିଂହ ହାତ ଖର୍ଚ୍ଚ ଯୋଜନା'**ରେ ବାର୍ଷିକ ୫,୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ
- ଆବାସିକ ବିଦ୍ୟାଳୟଗୁଡ଼ିକୁ ଅତ୍ୟାଧୁନିକ ଶିକ୍ଷାନୁଷ୍ଠାନରେ ପରିଣତ କରିବା ପାଇଁ **'ସହିଦ ଲକ୍ଷ୍ମଣ ନାୟକ ଆଦର୍ଶ ବିଦ୍ୟାଳୟ ଯୋଜନା'**
- ଯାଜପୁର ଓ କେନ୍ଦୁଝର ଜିଲ୍ଲାର ଜୁଆଙ୍ଗ, ନୂଆପଡ଼ାର ଚୁକ୍‌ଟିଆ ଭୁଞ୍ଜିଆ, ଗଜପତିର ସଉରା ଏବଂ ମୟୂରଭଞ୍ଜର ମାଙ୍କଡ଼ିଆ ଓ ପାହାଡ଼ିଆ ଖରିଆ ପିଭିଟିଜିକୁ **'ବାସସ୍ଥାନ ଅଧିକାର ପ୍ରଦାନ'**
- ଜନଜାତି ଅଞ୍ଚଳରେ ୨୦୦ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ

## ସାମାଜିକ ନିରାପତ୍ତା, ଆମ ପ୍ରତିବଦ୍ଧତା

- **ସାମାଜିକ ସୁରକ୍ଷା ଭତ୍ତା :** ୮୦ ବର୍ଷରୁ ଅଧିକ ଏବଂ ୮୦% ରୁ ଅଧିକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ପାଇଁ ସାମାଜିକ ସୁରକ୍ଷା ଭତ୍ତା ୧,୨୦୦ ଟଙ୍କାରୁ ୩,୫୦୦ ଟଙ୍କାକୁ ବୃଦ୍ଧି
- **ବିଭିନ୍ନ ବର୍ଗର ଶ୍ରମିକମାନଙ୍କ ସର୍ବନିମ୍ନ ମଜୁରୀ ବୃଦ୍ଧି :** ଅଣକୁଶଳୀଙ୍କ ପାଇଁ ୪୫୨ ଟଙ୍କା, ଅର୍ଦ୍ଧକୁଶଳୀ ୫୦୨ ଟଙ୍କା, କୁଶଳୀ ୫୫୨ ଟଙ୍କା ଏବଂ ଉଚ୍ଚ କୁଶଳୀ ପାଇବେ ୬୦୨ ଟଙ୍କା
- **ନିର୍ମାଣ ଶ୍ରମିକଙ୍କୁ ଅନୁକମ୍ପାମୂଳକ ସହାୟତା ରାଶି :** ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ୪ ଲକ୍ଷ ଟଙ୍କାରୁ ୬ ଲକ୍ଷ ଟଙ୍କା ଏବଂ ସ୍ୱାଭାବିକ ମୃତ୍ୟୁ ହେଲେ ୨ ଲକ୍ଷରୁ ୩ ଲକ୍ଷ ଟଙ୍କାକୁ ବୃଦ୍ଧି

## ଶିଳ୍ପାୟନର ନୂତନ ଧାରା

- **ସମସ୍ତ ଜିଲ୍ଲାର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା; 'ଉତ୍କର୍ଷ ଓଡ଼ିଶା-୨୦୨୫'** ସମ୍ମେଳନରେ ୨୦ରୁ ଅଧିକ କ୍ଷେତ୍ରରେ ୫୯୩ଟି ପ୍ରକଳ୍ପ ପ୍ରସ୍ତାବ ପ୍ରାପ୍ତ, ୧୬.୭୩ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ଲକ୍ଷ୍ୟ, ଯୁବବର୍ଗଙ୍କ ପାଇଁ ୧୨.୮୮ ଲକ୍ଷ ନିଯୁକ୍ତି ସୃଷ୍ଟି ସମ୍ଭାବନା, ୩୦ଟି ଜିଲ୍ଲା ଅନ୍ତର୍ଭୁକ୍ତ
- ପ୍ରତ୍ୟେକ ଜିଲ୍ଲାରେ ପ୍ରତିଷ୍ଠା ହେବ ବହୁମୁଖୀ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଗ୍ରାମୀଣ ଉତ୍ପାଦ ସହ ଯୋଡ଼ି ହେବ ବିଶ୍ୱ ବଜାର

## ୨୦୨୫-୨୬ ବଜେଟରେ ପ୍ରମୁଖ ନୂତନ ପଦକ୍ଷେପ

- ୫୦ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହେବ ୧୦୦ଟି ଆଦର୍ଶ ମଣ୍ଡି
- ଦକ୍ଷିଣ ଓଡ଼ିଶା ଉନ୍ନୟନ ପରିଷଦ ଏବଂ ଉତ୍ତର ଓଡ଼ିଶା ଉନ୍ନୟନ ପରିଷଦ ପାଇଁ ୨୦୦ କୋଟି ଟଙ୍କା ଲେଖାଏଁ ବ୍ୟୟବରାଦ
- ଜୋନାଲ୍ ଆଇଟିଆଇ ପ୍ରତିଷ୍ଠା ଏବଂ ଆଇଟିଆଇକୁ ସେଣ୍ଟର୍ ଅଫ୍ ଏକ୍ସଲେନ୍ସରେ ପରିଣତ ଲକ୍ଷ୍ୟ
- ନୂଆ ଯୁଗର ଜ୍ଞାନକୌଶଳକୁ ଆପଣାଇବା ପାଇଁ ଓଡ଼ିଶା ଏଆଇ ମିଶନ୍‌ର ଶୁଭାରମ୍ଭ
- ଓଡ଼ିଶାର ସମସ୍ତ ବ୍ଲକ୍‌ରେ ଷ୍ଟାଡିୟମ୍ ନିର୍ମାଣ ପାଇଁ ୪,୧୨୪ କୋଟି ଟଙ୍କାର ବ୍ୟୟବରାଦ, ସମ୍ବଲପୁର ହେବ ଫୁଟ୍‌ବଲ୍ ସ୍ପୋର୍ଟ୍ସ ହବ୍, ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ଚୟନ ଓ ବିକାଶ ନିମନ୍ତେ ସିଏମ୍-ଟ୍ରଫି (ଅଣ୍ଡର୍-୧୫) ଫୁଟ୍‌ବଲ୍ ଚମ୍ପିୟାନ୍‌ସିପ୍ ଆରମ୍ଭ
- ଓଡ଼ିଶା ପୋଷଣ ମିଶନ୍ ପାଇଁ ୧୦୦ କୋଟି ଟଙ୍କା ବ୍ୟୟବରାଦ
- **'ଆମେ ପଢିବା ଆମ ଭାଷାରେ'** ପାଇଁ ୨୫ କୋଟି ଟଙ୍କା ବ୍ୟୟବରାଦ
- **'ଆମ ଶିମିଳିପାଳ ଯୋଜନା'** ପାଇଁ ୫୦ କୋଟି ଟଙ୍କା ବ୍ୟୟବରାଦ
- ପ୍ରବାସୀ ଓଡ଼ିଆଙ୍କ ସହ ନିରନ୍ତର ସମ୍ପର୍କ ବଜାୟ ରଖିବା ପାଇଁ ଏକ ନୂତନ ଯୋଜନା **'ପ୍ରବାସୀ ଓଡ଼ିଆ: ଓ-ସମ୍ପର୍କ'** ଆରମ୍ଭ

VISION DOCUMENT
2036 | 2047





# ଓଡ଼ିଶା ଦିବସ ଅବସରରେ ସ୍ୱତନ୍ତ୍ର ଅର୍ଘ୍ୟ

## ଓଡ଼ିଶା ଦିବସ ଓ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା



**ଡ. ଅରୁନ୍ଧତୀ ଦେବୀ**
ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ
କଟକ, ମୋ: ୯୯୩୭୧୭୨୮୧୦

ଆଜି ହେଉଛି ଓଡ଼ିଶା ଦିବସ। ଅନେକ ଆମର ଏହି କଥାକୁ ବିରୋଧ କରିପାରନ୍ତି। କହିପାରନ୍ତି, ଏହା ଓଡ଼ିଶା ଦିବସ ନୁହେଁ, ଉତ୍କଳ ଦିବସ। ଏହା ତର୍କସାପେକ୍ଷ। ସ୍ୱାଧୀନତାର ବାର ବର୍ଷ ପୂର୍ବରୁ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରାଯାଇଥିଲା। କିନ୍ତୁ ଉତ୍କଳ ଅପେକ୍ଷା ଓଡ଼ିଶାର ବ୍ୟବହାର ଦୀର୍ଘ ଆଠ ଦଶନ୍ଧି ଧରି ଏତେ ବହୁଳ ଭାବେ ରାଜ୍ୟବ୍ୟାପୀ ଗାଦିନସୀନ ହୋଇ ଆସିଥିବା ପରାଧିନ ଓ ସ୍ୱାଧୀନ ଦେଶର ସରକାର କରିଛନ୍ତି ଯେ ସଂପ୍ରତି ଉତ୍କଳ ଦିବସ ପରିବର୍ତ୍ତେ ଏପ୍ରିଲ ପହିଲାରେ ଓଡ଼ିଶା ଦିବସ ପାଳନ କରାଯାଉଛି ବୋଲି କହିବା ଅଧିକ ବିଧେୟ ହେବ। ସମ୍ବିଧାନରେ ଆମ ରାଜ୍ୟର ନାମ ଉତ୍କଳ ବୋଲି କେଉଁଠି ଉଲ୍ଲେଖ କରାଯାଇ ନାହିଁ। ବରଂ ସର୍ବତ୍ର ଆମ ରାଜ୍ୟ ଓଡ଼ିଶା ଏବଂ ଆମ ଭାଷା ଉଡିୟା ବୋଲି ଉଲ୍ଲେଖ କରାଯାଇଥିଲା ଯାହା ଭାଷା ଦୃଷ୍ଟିକୋଣରୁ ଭ୍ରମାତ୍ମକ ଥିବାରୁ ନିକଟଅତୀତରେ ସମ୍ବିଧାନ ସଂଶୋଧନ କରି ଏହି ଦୁଇ ଶବ୍ଦକୁ ବ୍ୟାକରଣଗତ ଦୃଷ୍ଟିକୋଣରୁ ଇଂରାଜୀ ଓ ହିନ୍ଦୀ ତଥା ଓଡ଼ିଆ ଭାଷାରେ ଠିକ୍ କରାଯାଇଛି। ସମ୍ବିଧାନ ସଂଶୋଧନ ପରେ ଓଡ଼ିଆ ଭାଷା ବିଳମ୍ବରେ ହେଉପଛେ ଶାସ୍ତ୍ରୀୟ ଭାଷାର ମାନ୍ୟତା ଲାଭ କରିଥିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

୧୯୩୬ ଏପ୍ରିଲ ୧ ତାରିଖ ଦିନ ଭାଷାଭିତ୍ତିରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାଇଲା। ଅନେକଙ୍କ ଧାରଣା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସଂପର୍କରେ ସର୍ବପ୍ରଥମେ ଉତ୍କଳ ଗୌରବ ମଧୁସୂଦନ ଦାସ ଚିନ୍ତା କରିଥିଲେ। ବାସ୍ତବ କଥା ହେଉଛି ପଣ୍ଡିତ ନୀଳକଣ୍ଠ ଦାସ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ ସଂପର୍କରେ ପ୍ରଥମେ ଦାବି ଉପସ୍ଥାପନ କରିଥିଲେ। ୧୯୨୭ ଫେବୃଆରୀ ୮ ତାରିଖ ଦିନ ପଣ୍ଡିତ ନୀଳକଣ୍ଠ ପ୍ରସ୍ତାବ ଆକାରରେ ଏହି ଦାବି ପେସ କରିଥିଲେ। ଅନେକ ଦିନ ନିଜ ପ୍ରସ୍ତାବ ଉପରେ ଅନୁଧ୍ୟାନ କରିବା ସହିତ ସେ ତତ୍କାଳୀନ ବ୍ୟବସ୍ଥାପିକା ସଭାରେ ଏବଂ କିଛି ଫୋରମରେ ସ୍ୱଭାବ ସୁଲଭ ଢଙ୍ଗରେ ଅକାଟ୍ୟ ଯୁକ୍ତି ଉପସ୍ଥାପନ କଲେ। ପରବର୍ଷ ୭ଜଣ ବ୍ରିଟିଶ ସାଂସଦଙ୍କୁ ନେଇ ଗଠିତ ଭାରତୀୟ ସାମ୍ବିଧାନିକ ଆୟୋଗ ଭାରତ ଗସ୍ତରେ ଆସିଥିଲେ। ଏହି ଆୟୋଗର ଅଧ୍ୟକ୍ଷ ଥିଲେ ସାର୍ ଜନ୍ ସାଇମନ୍। ତାଙ୍କ ନାମାନୁସାରେ ଏହାକୁ ସାଇମନ କମିଶନ କୁହାଯାଏ। ସାଇମନ କମିଶନରେ ବ୍ରିଟେନର ଭାବି ପ୍ରଧାନମନ୍ତ୍ରୀ କ୍ଲିମେଣ୍ଟ ଆଟ୍ଲି ମଧ୍ୟ ସଦସ୍ୟ ଥିଲେ। ଭାରତରେ ଶାସନ ସଂସ୍କାର ଅନୁଧ୍ୟାନ କରିବା ପାଇଁ ୧୯୨୭ ନଭେମ୍ବରରେ ବ୍ରିଟିଶ ସରକାର ସାଇମନ କମିଶନ ଗଠନ କରିଥିଲେ। ୧୯୨୮ ଫେବୃଆରୀ ୩ରେ କମିଶନ ବମ୍ବେରେ ପହଞ୍ଚିବା କ୍ଷଣି ଆରମ୍ଭ ହୋଇଥିଲା ବିକ୍ଷୋଭ। ଅବିଳମ୍ବେ ସାରା ଦେଶରେ ହରତାଳ ପାଳିତ ହେଲା। ବିଭିନ୍ନ ସ୍ଥାନରେ ହିଂସାକାଣ୍ଡ ଘଟିଲା। ସାରା ଦେଶ ସାଇମନ କମିଶନକୁ ବିରୋଧ କରୁଥିବା ବେଳେ ମଧୁସୂଦନ ଦାସଙ୍କ ନିର୍ଦ୍ଦେଶକ କ୍ରମେ ଅଳ୍ପ କେତେକ ଓଡ଼ିଆ ପାଟନା ରେଳ ଷ୍ଟେସନରେ ସାଇମନ କମିଶନକୁ ସ୍ୱାଗତ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଏକ ସ୍ମାରକ ପତ୍ର ଦେଇଥିଲେ। କମିଶନ ବ୍ରିଟେନ ଫେରିଯିବା ପରେ ୧୯୨୯ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପ୍ରସ୍ତାବ ଭାରତ ସରକାରଙ୍କ କ୍ୟାବିନେଟରେ ଆଲୋଚନା ପାଇଁ ଗୃହୀତ ହେଲା। ୧୯୩୧ରେ ଗଢାଗଲା ଓଡ଼ନେଲ କମିଟି। କମିଟିଙ୍କ ସମକ୍ଷରେ ପଣ୍ଡିତ ନୀଳକଣ୍ଠ ଗୋଟିଏ ଦୀର୍ଘ ସ୍ମାରକ ପତ୍ର ଉପସ୍ଥାପନ କରିଥିଲେ। ସେତେବେଳେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନକୁ ବିରୋଧ କରିଥିଲେ କଂଗ୍ରେସ ନେତା ଡକ୍ଟର ରାଜେନ୍ଦ୍ର ପ୍ରସାଦ ଯେ ଦେଶ ସ୍ୱାଧୀନ ହେବା ପରେ ରାଷ୍ଟ୍ରପତି ହୋଇଥିଲେ। ଓଡ଼ନେଲ କମିଟିଙ୍କ ରିପୋର୍ଟ ଭିତ୍ତିରେ, ପୁରୀ, କଟକ, ଗଞ୍ଜାମ, ବାଲେଶ୍ୱର, ସମ୍ବଲପୁର ଓ କୋରାପୁଟ ଏହି ୬ଟି ଅଞ୍ଚଳକୁ ନେଇ ଓଡ଼ିଶା ପ୍ରଦେଶ ଗଠନ ହେବ ବୋଲି ତତ୍କାଳୀନ ଇଂରେଜ ସରକାର ନିଷ୍ପତ୍ତି ନେଲେ। ବରଂ ସେହି ନିଷ୍ପତ୍ତି ୧୯୩୬ ଏପ୍ରିଲ ୧ରେ କାର୍ଯ୍ୟକାରୀ ହେଲା।

ରାଜ୍ୟର ପ୍ରଥମ ରାଜ୍ୟପାଳ ରୂପେ ଶପଥ ନେଲେ ସାର୍ ଅଷ୍ଟିନ୍ ହବାକ୍। ଫଳତଃ ଓଡ଼ିଶାର ସ୍କୁଲମାନଙ୍କରେ ଓଡ଼ିଆ ଶିକ୍ଷକ ନିଯୁକ୍ତି ପାଇଲେ। ଶାସନ କ୍ଷେତ୍ରରେ ମଧ୍ୟ ଶିକ୍ଷିତ ଓଡ଼ିଆମାନଙ୍କୁ ନିଯୁକ୍ତି ମିଳିଲା। ବର୍ତ୍ତମାନର ଓଡ଼ିଆମାନେ ହୁଏତ ବିଶ୍ୱାସ କରିବେ ନାହିଁ ଯେ ୧୯୨୦ ମସିହା ପର୍ଯ୍ୟନ୍ତ ଓଡ଼ିଶାର ହାଇସ୍କୁଲ ଗୁଡ଼ିକରେ ମୁଖ୍ୟତଃ ବଙ୍ଗୀୟ ଶିକ୍ଷକଙ୍କୁ ନିଯୁକ୍ତି ମିଳୁଥିଲା। କୋର୍ଟ କଚେରୀଗୁଡ଼ିକରେ ଓକିଲମାନଙ୍କ ମଧ୍ୟରୁ ଅଧିକାଂଶ ଥିଲେ ବଙ୍ଗାଳୀ। ସେତେବେଳେ ଓଡ଼ିଆମାନଙ୍କ ବିରୋଧରେ ଯେଉଁ ଚକ୍ରାନ୍ତ ଚାଲିଥିଲା ତାହାର ରାଜେନ୍ଦ୍ର ପ୍ରସାଦ ଥିଲେ ହିନ୍ଦୀ ଭାଷାଭାଷୀମାନଙ୍କ ମଧ୍ୟରେ ପ୍ରମୁଖ। ହିନ୍ଦୀ ଭାଷାଭାଷୀମାନେ ସମ୍ବଲପୁରକୁ ହିନ୍ଦୀ ଏବଂ ବଙ୍ଗାଳୀମାନେ ଓଡ଼ିଶାର ଅଧିକାଂଶ ଭୂଭାଗକୁ ବଙ୍ଗଳା ପ୍ରଚଳନ ପାଇଁ ଷଡ଼ଯନ୍ତ୍ର କରିଥିଲେ। ଏମାନଙ୍କ ଚକ୍ରାନ୍ତକୁ ପଣ୍ଡ କରିଥିବା ପ୍ରାତଃ ସ୍ମରଣୀୟ ବ୍ୟକ୍ତିମାନଙ୍କ ମଧ୍ୟରେ ନୀଳକଣ୍ଠ ଦାସ, ମଧୁସୂଦନ ଦାସ, ଫକୀରମୋହନ ସେନାପତି, ଗୋପବନ୍ଧୁ ଦାସ, ଗଙ୍ଗାଧର ମେହେର, କୃଷ୍ଣଚନ୍ଦ୍ର ଗଜପତି, ଗୋପବନ୍ଧୁ ଦେବ ସୁଜ୍ଞ ପ୍ରଭୃତି ଥିଲେ ଅନ୍ୟତମ। ଏମାନେ ପ୍ରଗାଢ଼ ଉଦ୍ୟମ ଜାରି ରଖି ନଥିଲେ ହୁଏତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ବିଳମ୍ବିତ ହୋଇଥାନ୍ତା।

## ଚିଠି ଯାଇଥିଲା ସଂସ୍କୃତରେ, ଉତ୍ତର ମିଳିଲା ଓଡ଼ିଆରେ



**ସତ୍ୟବାଦୀ ବଳିଆରସିଂହ**
ସଭାପତି, ଖୋର୍ଦ୍ଧା ଜିଲ୍ଲା ଭାଷା ସୁରକ୍ଷା ସମ୍ମିଳନୀ, ବକ୍ସି ଜଗବନ୍ଧୁ ନଗର
ମୋ: ୯୨୩୭୦୮୯୫୦୯

ଏକଦା ଉତ୍କଳ ଭୂଖଣ୍ଡରେ ବର୍ଷା ନହୋଇ ଅପାଳକ ପଡ଼ିଥିଲା। ବହୁ ଦୁଃଖକଷ୍ଟରେ କାଳାତିପାତ କରୁଥିଲେ। ସେ ସମୟରେ ଉତ୍କଳର ସମ୍ରାଟ ଥିଲେ ଗଜପତି କପିଳେନ୍ଦ୍ର ଦେବ। ସେ ମହାମନ୍ତ୍ରୀ କାଶୀନାଥ ସନ୍ଧିବିଗ୍ରହକ ମହାପାତ୍ରଙ୍କୁ ନିର୍ଦ୍ଦେଶ ଦେଲେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ରାଜ୍ୟରେ କାହିଁକି ବର୍ଷା ହେଉନି ଇନ୍ଦ୍ର ଦେବଙ୍କୁ ଜଣାଇବା ପାଇଁ। ରାଜା ଗୋଜା, ନବକୋଟି କର୍ଣ୍ଣାଟ ଉତ୍କଳ କଳ ବର୍ଗେଶ୍ୱର ବୀରଶ୍ରୀ କପିଳେନ୍ଦ୍ର ଦେବ। ତାଙ୍କ ଆଦେଶ ଉପରେ ପ୍ରଶ୍ନ ଉଠାଇବ କିଏ? ଗଜପତିଙ୍କ ଆଦେଶ ମାନି ମନ୍ତ୍ରୀ ଇନ୍ଦ୍ରଦେବଙ୍କ ପାଖକୁ ସଂସ୍କୃତରେ ଚିଠିଟିଏ ଲେଖିଲେ। ଚିଠି ଲେଖିଲେ ସିନା ଘରେ ବସି ଭାଳିହେଲେ ସ୍ୱର୍ଗକୁ ଇନ୍ଦ୍ରଦେବଙ୍କ ପାଖକୁ ଚିଠି ଯିବ କିପରି? ଏଭଳି ଘରେ ଭାବି ହେଉଥିବା ଦେଖି ଝିଅ ବାପାଙ୍କୁ ପଚାରି କାରଣ ଜାଣିଲା। ଝିଅ କହିଲା, ରାଜାଙ୍କ ଆଦେଶ ମାନି ତୁମେ ଚିଠି ଲେଖିଲ, ଚିଠି ଦେବା କାମ ଡଗରର। ଡଗରକୁ ଚିଠି ଦେଇଦିଅ। ସିଏ ସେ କଥା ବୁଝିବ। ମନ୍ତ୍ରୀ ଚିଠିଟି ଡଗରକୁ ଦେଇ ଉତ୍ତର ଆଣିବା ପାଇଁ ଆଦେଶ ଦେଲେ। ଡଗର ମନ୍ତ୍ରୀଙ୍କ ଠାରୁ ତାଳପତ୍ରରେ ସଂସ୍କୃତରେ ଲେଖା ହୋଇଥିବା ଚିଠିଟି ନେଲେ। ବାଟଯାକ ଭାବି ହେଉଥାନ୍ତି ଯେ ଇନ୍ଦ୍ରଙ୍କୁ ଚିଠିଟି କିପରି ଦେବେ? ଏଭଳି ଆଦେଶ ପାଳନ ସମ୍ଭବ ହେବନାହିଁ। ଫଳରେ ତାଙ୍କର ପ୍ରାଣଦଣ୍ଡ କିମ୍ବା ରାଜ୍ୟରୁ ବିଦା ହେବେ। ଆଖିରୁ ଖାଲି ଲୁହ ଗଡ଼ୁଥାଏ। ସେ ଯିବା ବାଟରେ ଥକ୍କା ମାରୁଥାନ୍ତି ପୁଣି ଯାଉଥାନ୍ତି। ବାଟରେ ଜଣେ କଳା ରଙ୍ଗର ବୃଦ୍ଧ ବ୍ରାହ୍ମଣ ଭେଟହେଲେ। ସେ ପଚାରିଲେ "ଡଗର, ତୁମେ କାହିଁକି ଚିନ୍ତିତ, ତୁମର କ'ଣ ହୋଇଛି?" ଡଗର ଚିଠି ବୃତ୍ତାନ୍ତ ବର୍ଣ୍ଣନା କଲା। ବ୍ରାହ୍ମଣ କହିଲେ, "ଡଗର ତୁମେ ଜାଣିଛ ରାତ୍ରିରେ ତେତିଶ କୋଟି ଦେବତା ପୁରୀ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାକୁ ଆସନ୍ତି। ଇନ୍ଦ୍ରଦେବ ମଧ୍ୟ ଆସନ୍ତି। ତୁମେ ତାଙ୍କୁ ରାତ୍ରରେ ମନ୍ଦିର ମଧ୍ୟରେ ଚିଠିଟି ଦେବ। ଡଗର କହିଲା ମନ୍ଦିର ଭିତରକୁ ଯିବାକୁ ଯଦି ବଡ଼ପଣ୍ଡା ନଛାଡ଼ନ୍ତି ତେବେ କ'ଣ କରିବି? ବ୍ରାହ୍ମଣ କହିଲେ ଗଜପତିଙ୍କ ଚିଟାଉ ନେଇ ଯିବାକୁ ଯଦି ବଡ଼ପଣ୍ଡା ମନା କରନ୍ତି ସେକଥା ଗଜପତି ବୁଝିବେ। ଏଣୁ ତୁମେ ତୁମ କାମ କର। ଡଗର ଚିଠି ନେଇ ବଡ଼ପଣ୍ଡାଙ୍କୁ ସବୁକଥା କହିବା ପରେ ସେ ଭିତରଛୁ ମହାପାତ୍ର, କୋଲପ ମେକାପ ଆଦିଙ୍କୁ ପଚାରି ପରାମର୍ଶ କଲା ପରେ ପ୍ରଭୁଙ୍କ ପାଖରେ ଫୁଲଧଣ୍ଡା ଚଢ଼ାଇ ଆନୁମତି ପାଇବା ପରେ ଡଗରକୁ ମନ୍ଦିର ଗର୍ଭଗୃହକୁ ଛାଡ଼ିଥିଲେ। ଅନ୍ଧାର ରାତ୍ରରେ କେହି ଜଣେ ତାଙ୍କ ସଂସ୍କୃତ ଲେଖା ତାଳପତ୍ର ଚିଟାଉ ନେଇଯାଇଥିଲେ ଓ ଓଡ଼ିଆରେ ଲେଖା ତାଳପତ୍ର ଚିଟାଉ ତଳେ ପଡ଼ିଥିଲା। ଡଗର ସେ ଚିଠି ନେଇ କଟକ ବାରବାଟୀ ଦୁର୍ଗରେ ପହଞ୍ଚିଥିଲା। ସେଥିରେ ଲେଖାଥିଲା- "ଶ୍ରୀଜଗନ୍ନାଥଙ୍କ ଦେଶ ଉତ୍କଳର ରାଉତ କପିଳେନ୍ଦ୍ର ଦେବ ଜାଣିବ, ବହୁଦିନ ଧରି ବର୍ଷା ହୋଇନଥିବା ଜାଣି ମୁଁ ଦୁଃଖିତ। ଏବେ ସମସ୍ତ ଚାରି ପ୍ରକାରର ମେଘକୁ ପଠାଇଲି। ତୁରନ୍ତ ବର୍ଷା ହେବ। ସେଦିନ ହିଁ ବର୍ଷା ହୋଇଥିଲା। ଚିଠି ଯାଇଥିଲା ସଂସ୍କୃତରେ କିନ୍ତୁ ଉତ୍ତର ଆସିଥିଲା ଓଡ଼ିଆରେ। ଉପର ବର୍ଣ୍ଣିତ ପ୍ରସଙ୍ଗ ଉତ୍କଳ ପ୍ରସଙ୍ଗ ୧୯୮୪ ରଥଯାତ୍ରା ସଂଖ୍ୟାରେ ପ୍ରକାଶ ପାଇଥିଲା। ଲେଖକ ଗଣେଶ ପ୍ରସାଦ ପରିଜା ଏହି ତଥ୍ୟ ପ୍ରଫେସର ପ୍ରହ୍ଲାଦ କୁମାର ପ୍ରଧାନଙ୍କ ଠାରୁ ସଂଗ୍ରହ କରିବା ଉଲ୍ଲେଖ କରିଛନ୍ତି। ଏଥିରୁ ପ୍ରମାଣିତ ହେଲା ଯେ, ଆମ କାଳିଆ ଠାକୁର ଓଡ଼ିଆ ଭାଷାକୁ କେତେ ଭଲ ପାଆନ୍ତି। ଇନ୍ଦ୍ରଙ୍କ ମାଧ୍ୟମରେ ସେ ବାର୍ତ୍ତା ଦେଲେ ଯେ, ହେ ଓଡ଼ିଆ, ତୁମ ମାତୃଭାଷା ମହାନ୍, ତୁମେ ସେହି ଭାଷାରେ ଦେବତାମାନଙ୍କ ସହ ସଂପର୍କ କର।

ଭାଷାକୁ ଆଧାର କରି ରାଜ୍ୟ ଗଠନରେ ଓଡ଼ିଶା ପ୍ରଥମ ଥିଲା। ୧୯୩୬ ମସିହା ଏପ୍ରିଲ ପହିଲାରେ ଆମକୁ ଯେଉଁ ପରିଚୟ ମିଳିଲା, ସେଇ ଆଧାରରେ ଆମେ ଆଗେଇ ଚାଲିଛେ। ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀତ୍ୱ କାଳରେ ଓଡ଼ିଆ ରାଜ୍ୟର ସରକାରୀ ଭାଷା ରୂପେ ଗୃହୀତ ହୋଇଥିଲା। ଏ କ୍ଷେତ୍ରରେ ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଓଡ଼ିଶା ଥିଲା ପ୍ରଥମ। ସେ ଓଡ଼ିଆଭାଷାକୁ କେତେ ଗୁରୁତ୍ୱ ଦେଉଥିଲେ ତା'ର ଏକ ଛୋଟ ଉଦାହରଣ ଦେଉଛି। ଏକଦା ତାଙ୍କୁ ସାକ୍ଷାତ୍ କରିବା ପାଇଁ ସରକାରୀ ଦଳ ଅର୍ଥାତ କଂଗ୍ରେସ ଦଳର ଜଣେ ବିଧାୟକ ଓ ଜଣେ କମ୍ୟୁନିଷ୍ଟ କର୍ମୀ ପହଞ୍ଚିଲେ। କଂଗ୍ରେସ ବିଧାୟକ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ୍ କରିବାକୁ ଚାହୁଁଥିବାରୁ ଏକ କାଗଜରେ ଲେଖି ଜଣାଇଥିଲେ। ପରେ ପରେ କମ୍ୟୁନିଷ୍ଟ କର୍ମୀ ମଧ୍ୟ ସାକ୍ଷାତ୍ କରିବାକୁ ଚାହୁଁଥିବା ଲେଖି ଜଣାଇଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ପ୍ରଥମେ କମ୍ୟୁନିଷ୍ଟ କର୍ମୀଙ୍କୁ ସାକ୍ଷାତ୍ ଦେଇ ପରେ ନିଜ ଦଳର ବିଧାୟକଙ୍କୁ ଡାକିଥିଲେ। ଏଥିରେ ବିଧାୟକ କ୍ଷୋଭ ପ୍ରକାଶ କରି କହିଥିଲେ ଯେ "ମୁଁ ଆପଣଙ୍କ ଦଳର ବିଧାୟକ ହୋଇ ମୋତେ ପଛେ ଡାକିଲେ ଅଥଚ ବିରୋଧି କମ୍ୟୁନିଷ୍ଟ ଦଳର କର୍ମୀ ପଛେ ଆସି ଆଗ ସାକ୍ଷାତ୍‌ର ସୁଯୋଗ ପାଇଲେ।" ଏହାର ଉତ୍ତରରେ ନବବାବୁ କହିଥିଲେ, "ଆଗ ପଛ ହୋଇ ଦୁହିଁଙ୍କ ଲେଖା ଏକ ସମୟରେ ମୋ ପାଖରେ ପହଞ୍ଚିଥିଲେ ହେଁ କମ୍ୟୁନିଷ୍ଟ କର୍ମୀ ଓଡ଼ିଆରେ ଲେଖିଥିବାରୁ ତାଙ୍କୁ ପ୍ରଥମ ସାକ୍ଷାତ ସୁଯୋଗ ଦେଲି। କିନ୍ତୁ ଆପଣଙ୍କ ଲେଖାତ ଇଂରାଜୀରେ ଥିଲା।" ନବକୃଷ୍ଣ ଚୌଧୁରୀଙ୍କର ଏହି ବକ୍ତବ୍ୟ ଓଡ଼ିଆ ସ୍ୱାଭିମାନ ପାଇଁ ଯଥେଷ୍ଟ ନୁହେଁ କି? ହେଲେ ସରକାରୀ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଅଦ୍ୟାବଧି ଯେତେ ଯେଉଁଠି ଦସ୍ତଖତ୍ କରି ଆସିଛନ୍ତି ତାହା ହିଁ ଓଡ଼ିଆ।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର ସ୍ରଷ୍ଟା କୁଳବୃଦ୍ଧ ମଧୁସୂଦନ ଦାସ ବହୁ କ୍ଷେତ୍ରରେ ଥିଲେ ପ୍ରଥମ ଓଡ଼ିଆ। କିନ୍ତୁ ବିନା ଦରମାରେ ମନ୍ତ୍ରୀପଦରେ ରହିବା ପାଇଁ ଜିଦ୍ ଧରିବାରୁ ବ୍ରିଟିଶ ସରକାର ତାହା ଗ୍ରହଣ କରିନଥିଲେ। ଫଳରେ ବିହାର-ଓଡ଼ିଶା ମନ୍ତ୍ରୀ ପରିଷଦରୁ ଇସ୍ତଫା ଦେଇଥିଲେ। ବିନା ଦରମାରେ ମନ୍ତ୍ରୀପଦରେ ରହିବା ପାଇଁ ଦାବିକରି ତାହା ଗ୍ରହଣ ନ ହେବାରୁ ମନ୍ତ୍ରୀ ପଦରୁ ଇସ୍ତଫା ଦେବାରେ ସେ ଥିଲେ ବିଶ୍ୱର ପ୍ରଥମ ବ୍ୟକ୍ତି। ସେ ଥିଲେ ଓଡ଼ିଆ ସ୍ୱାଭିମାନର ପ୍ରତୀକ। ଓଡ଼ିଆ ଯେ ମୁଣ୍ଡରେ ପଗଡ଼ି ଭିଡ଼ନ୍ତି ତା'ର ସନ୍ତକ ସ୍ୱରୂପ ସେ ମୁଣ୍ଡରେ ପିନ୍ଧୁଥିଲେ ପଗଡ଼ି। ଖ୍ରୀଷ୍ଟିଆନ ଧର୍ମ ଗ୍ରହଣ କରିଥିଲେ ମଧ୍ୟ କାୟ ମନ ବାକ୍ୟରେ ସେ ଥିଲେ ଖାଣ୍ଟି ଓଡ଼ିଆ। ଓଡ଼ିଆର ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ପରିଚାଳନା ଦାୟିତ୍ୱ ରାଜାଙ୍କ ହାତରୁ କାଢ଼ି ନେଇ ବ୍ରିଟିଶ ସରକାର ନିଜ ପାଖରେ ରଖିବା ପାଇଁ ସ୍ଥିର କରିନେଲେ। ଏହାର ପ୍ରତିବାଦରେ ସେ ରାଜାଙ୍କ ପକ୍ଷରୁ ଓକିଲ ହୋଇ ଲଢ଼ିଲେ। ସେ ଯୁକ୍ତି ଦର୍ଶାଇଲେ ପୁରୀର ରାଜାହିଁ ଠାକୁର ରାଜା। ପ୍ରତ୍ୟେକ ଓଡ଼ିଆର ଜନ୍ମ ଜାତକରେ ଗଜପତି ଠାକୁର ରାଜାଙ୍କ ଅଙ୍କ ଲେଖା ହୁଏ। ତାଙ୍କର ବିଭିନ୍ନ ଅକାଟ୍ୟ ଯୁକ୍ତିରେ ଇଂରେଜ ସରକାର ପରାସ୍ତ ହେଲେ ଓ ଶ୍ରୀମନ୍ଦିରର ପରିଚାଳନା ଦାୟିତ୍ୱ ରାଜାଙ୍କ ହାତରେ ନ୍ୟସ୍ତ ହେଲା। କେତେକ ଇଂରେଜ ସାହେବ ମଧୁବାବୁଙ୍କୁ କହିଥିଲେ, "ତୁମେ ଖ୍ରୀଷ୍ଟିଆନ ହୋଇ ହିନ୍ଦୁରାଜାଙ୍କ ପାଇଁ କାହିଁକି ଲଢ଼ୁଛ?" ମଧୁବାବୁ ତା'ର ଉତ୍ତରରେ କହିଥିଲେ, "ମୁଁ ପ୍ରଥମେ ଓଡ଼ିଆ, ତା'ପରେ ଖ୍ରୀଷ୍ଟିଆନ। ଶ୍ରୀ ଜଗନ୍ନାଥ ହିଁ ଓଡ଼ିଆର ଦେବତା। ଏଣୁ ଓଡ଼ିଆର ଆରାଧ୍ୟ ଦେବତା ଶ୍ରୀ ଜଗନ୍ନାଥଙ୍କ ପାଇଁ ଲଢ଼ିବା ମୋର ପ୍ରଥମ କର୍ତ୍ତବ୍ୟ।" ଶେଷ ଜୀବନରେ ମୃତ୍ୟୁଶଯ୍ୟାରେ ପଡ଼ିଥାନ୍ତି ମଧୁବାବୁ। ପଣ୍ଡିତ ନୀଳକଣ୍ଠ ଦାଶ ତାଙ୍କୁ ଦେଖା କରିବାକୁ ଗଲେ ଏବଂ ପଚାରିଲେ ଲୋକମାନଙ୍କ ପାଇଁ ତାଙ୍କର ବାର୍ତ୍ତା କ'ଣ? ମଧୁବାବୁ କ୍ଷୀଣ ସ୍ୱରରେ କହିଲେ, "ମୁଁ ଚାଲିଯାଉଛି, ଲୋକମାନଙ୍କୁ କହିବ ସେ ଜଣେ ଓଡ଼ିଆ ଥିଲା।" ମଧୁବାବୁ ଆଜି ଆଉ ନାହାନ୍ତି, କିନ୍ତୁ ତାଙ୍କର ସେଇ ବାଣୀ "ଉଠରେ ଉଠରେ ଉତ୍କଳ ସନ୍ତାନ, ଉଠିବୁ ତୁ ଆଉ କେତେ ଦିନେ, ପୂରୁବ ଗୌରବ ପୂରୁବ ସାହସ ପଡୁନାହିଁ କିରେ ତୋର ମନେ।" ଆଜି ଆମେ ମଧୁବାବୁଙ୍କ କଥା ମନେ ପକାଇବା ସହିତ ଓଡ଼ିଶାର ଭାଷା, ସାହିତ୍ୟ, ସଂସ୍କୃତି ଓ ସ୍ୱାଭିମାନ କଥା ଚିନ୍ତା କରିବା ଉଚିତ। କିନ୍ତୁ ପ୍ରକୃତରେ କରୁଛନ୍ତି କ'ଣ? ରାଜ୍ୟ ସରକାରଙ୍କର ଅପାରଗତାରୁ କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକର ଐତିହାସିକ ବୋରା କେଭ୍ ସହିତ ୧୨ଟି ଗ୍ରାମ ସୁପ୍ରିମକୋର୍ଟଙ୍କ ରାୟ ଫଳରେ ଓଡ଼ିଶାରୁ ଚାଲିଯାଇଛି। ପଟ୍ଟାଙ୍ଗୀ ବ୍ଲକର କୋଟିଆ ଗ୍ରାମପୁଞ୍ଜକୁ ନେଇ ଆନ୍ଧ୍ର-ଓଡ଼ିଶା ସୀମା ବିବାଦ ୧୯୫୮ରୁ ଲାଗିରହିଛି, ଏବେ ଓଡ଼ିଶାର ୧୯୮ଟି ଗ୍ରାମ ସୀମା ବିବାଦରେ। ଏହାର କାରଣ ଓଡ଼ିଶା ସରକାର ସୀମାନ୍ତ ଗ୍ରାମଗୁଡ଼ିକର ଉନ୍ନୟନ ପ୍ରତି ଦୃଷ୍ଟି ଦେଉନାହାନ୍ତି। ଅପରପକ୍ଷେ ପଡ଼ୋଶୀ ରାଜ୍ୟ ସେହି ଗ୍ରାମମାନଙ୍କରେ ରାସ୍ତାଘାଟ, ବିଦ୍ୟୁତ୍ ସଂଯୋଗ, ଇନ୍ଦିରା ଆବାସ ଗୃହ ନିର୍ମାଣ ଠାରୁ ଆରମ୍ଭ କରି ସମସ୍ତ ଉନ୍ନୟନ କାର୍ଯ୍ୟ ପ୍ରତି ଦୃଷ୍ଟି ଦେଉଥିବାରୁ ପଡ଼ୋଶୀ ରାଜ୍ୟ ପ୍ରତି ଉକ୍ତ ଗ୍ରାମର ଅଧିବାସୀମାନେ ଆକୃଷ୍ଟ ହେଉଛନ୍ତି। ଓଡ଼ିଆ ଭାଷା ଛାଡ଼ି ସେମାନଙ୍କ ଭାଷା ଶିଖିବା ପାଇଁ ଆଗ୍ରହ କରୁଛନ୍ତି। ସ୍ୱାଧୀନତା ପର ଠାରୁ ଓଡ଼ିଶାର କୌଣସି ସରକାର ସୀମାନ୍ତ ଅଞ୍ଚଳର ଗ୍ରାମମାନଙ୍କର ଉନ୍ନୟନ ପ୍ରତି ଦୃଷ୍ଟି ଦେଇନାହାନ୍ତି। ଫଳରେ ସୀମାନ୍ତ ଗ୍ରାମଗୁଡ଼ିକ ଆମ ହାତରୁ ଖସିଯିବାକୁ ବସିଛି। ସ୍ୱାଭିମାନୀ ଓଡ଼ିଆ କେବେ ଏଭଳି କାର୍ଯ୍ୟକୁ ବରଦାସ୍ତ କରିବ ନାହିଁ। ଆଜିର ରାଜନେତାମାନେ ମଧୁବାବୁଙ୍କ ଠାରୁ କିଛି ବି ଶିଖିଲେ ନାହିଁ।

ଭାଷା, ସାହିତ୍ୟ, ସଂସ୍କୃତିକୁ ନେଇ ଜାତି ଗର୍ବ କରେ। ଦିନେ ଉତ୍କଳର ସମ୍ରାଟ ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର କର୍ଣ୍ଣାଟ ଉତ୍କଳ କଳବର୍ଗେଶ୍ୱର ବିରାଧି ବୀରବର କପିଳେନ୍ଦ୍ର ଦେବ ସଂସ୍କୃତ ପରିବର୍ତ୍ତେ ଓଡ଼ିଆକୁ ସରକାରୀ ଭାଷା ରୂପେ ଘୋଷଣା କରିଥିଲେ। ଫଳରେ ଗଙ୍ଗା ଠାରୁ କାବେରୀ ପର୍ଯ୍ୟନ୍ତ ଅଞ୍ଚଳରେ ଓଡ଼ିଆ ହୋଇଗଲା ରାଜ ଭାଷା। କିନ୍ତୁ ଏବେ ଏହି କ୍ଷୁଦ୍ର ଓଡ଼ିଶାରେ ଓଡ଼ିଆ ଭାଷା ଦିନକୁ ଦିନ ଅବକ୍ଷୟ ହେବାକୁ ବସିଲାଣି। ଝାଡ଼ଖଣ୍ଡ ଜିଲ୍ଲାର ଷଢ଼େଇକଳା, ଖରସୁଆଁ, ଚକ୍ରଧରପୁର, ଚାଇଁବସା, ଧଳଭୂମି ଅଞ୍ଚଳରୁ ଓଡ଼ିଆ ଭାଷା ଲୋପ ପାଇଲାଣି। ଓଡ଼ିଆ ବିଦ୍ୟାଳୟଗୁଡ଼ିକ ପ୍ରାୟ ବନ୍ଦ ହୋଇଗଲାଣି। ଛତିଶଗଡ଼ ରାଜ୍ୟରେ ଥିବା ବସ୍ତର, ଦନ୍ତେୱାଡ଼ା, ସୁରଗୁଜା, ଶକ୍ତ, ଫୁଲଝର ଅଞ୍ଚଳର ଓଡ଼ିଆମାନେ ହିନ୍ଦୀ ଭାଷାରେ କଥା ହୁଅନ୍ତି। ଆନ୍ଧ୍ରର ଟେକାଲି, ତରଳା, ମଞ୍ଜୁଷା, ବୁଢ଼ାସିଙ୍ଗାର ଭଳି ଓଡ଼ିଆ ବହୁଳ ଅଞ୍ଚଳକୁ ଆମେ ଓଡ଼ିଶାକୁ ଆଣି ପାରିଲୁ ନାହିଁ କି ସେଠାରେ ଥିବା ଓଡ଼ିଆ ପିଲା କିପରି ଓଡ଼ିଆ ଭାଷାରେ ପାଠ ପଢ଼ିବେ ସେଥିପ୍ରତି ଧ୍ୟାନ ଦେଲୁନାହିଁ। କାରଣ ଆମର ଜାତି ପ୍ରୀତି ନାହିଁ କି ଭାଷା ପ୍ରୀତି ନାହିଁ।

## ନଅ ଦଶନ୍ଧିରେ ଭାଷାଭିତ୍ତିରେ ଗଠିତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ...

**ରେଣୁବାଳା ମହାପାତ୍ର**
ଅନୁଗୁଳ, ମୋ: ୭୯୭୮୧୫୯୬୫୧

ବର୍ଷାଣାଂ ଭାରତ ଶ୍ରେଷ୍ଠଃ ଦେଶାନାଂମୁତ୍କଳ ଶ୍ରୁତଃ,
ଉତ୍କଳସ୍ୟ ସମୋଦେଶଃ ଦେଶନାସ୍ତି ମହୀତଳେ।

କପିଳ ସଂହିତାର ପ୍ରଥମ ଅଧ୍ୟାୟର ଅଷ୍ଟମ ଶ୍ଳୋକ କୁହେ ଭୂପୃଷ୍ଠରେ ଥିବା ସମସ୍ତ ଭୂଖଣ୍ଡ ମଧ୍ୟରେ ଭାରତ ଶ୍ରେଷ୍ଠ ଓ ଯେତେ ଦେଶ ବା ଅଞ୍ଚଳ ଅଛି, ତାହା ମଧ୍ୟରେ ଉତ୍କଳ ସମ ପବିତ୍ର ଦେଶ ନାହିଁ। ଏହା କହି କପିଳ ମୁନି ରାଜା ସତ୍ୟଜିତଙ୍କୁ ଉତ୍କଳର ମହତ୍ତ୍ୱ ଜଣାଇଛନ୍ତି।

ଆଜିର ଓଡ଼ିଶା ପ୍ରାଚୀନ କାଳରେ କଳିଙ୍ଗ, ଉତ୍କଳ, କଙ୍ଗୋଦ ଓ ଉଡ୍ର ଭୂମି ଆଦି ନାମରେ ଭିନ୍ନ ଭିନ୍ନ ସମୟରେ ପରିଚିତ ଥିଲା। ତ୍ୟାଗ, ତିତିକ୍ଷା, ବୀରତ୍ୱ ଓ ବଳିଦାନର ଏହି ଭୂମି ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ କରିବାର ସାମର୍ଥ୍ୟ ରଖିଥିଲା। ତେବେ ଏ ମାଟିର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କ ପତନ ପରେ ପରେ ମୁସଲିମ, ମରାଠା ଓ ବ୍ରିଟିଶ ଦ୍ୱାରା ଶାସିତ ହୋଇଛି ଓଡ଼ିଶା। ଏକଦା ଗଙ୍ଗା ଠାରୁ ଗୋଦାବରୀ ପର୍ଯ୍ୟନ୍ତ ବ୍ୟାପ୍ତ କଳିଙ୍ଗ ସାମ୍ରାଜ୍ୟର ଭୂମି ସଙ୍କୁଚିତ ହୋଇ ଯାଇଥିଲା ଓ ଆଜିର ଓଡ଼ିଶା ବିହାର, ବଙ୍ଗଳା, ମାଡ୍ରାସ ଆଦି ମଧ୍ୟରେ ବିଭାଜିତ ହୋଇ ନିଜ ସମୃଦ୍ଧ ଇତିହାସକୁ ଖୋଜୁଥିଲା। ବହୁ ସଂଘର୍ଷ ପରେ ୧୯୩୬ ଅପ୍ରେଲ ୧ ତାରିଖରେ ଦେଶର ପ୍ରଥମ ଭାଷା ଭିତ୍ତିକ ରାଜ୍ୟ ଭାବରେ ମାନ୍ୟତା ପାଇଲା ଆମ ଓଡ଼ିଶା। କିନ୍ତୁ ସରେଇକଳା, ଖରସୁଆଁ, ଚକ୍ରଧରପୁର, ସିଂହଭୂମ, ଚାଇଁବାସା ଆଦି ଓଡ଼ିଆ ଭାଷାଭାଷୀ ଅଞ୍ଚଳ କିନ୍ତୁ ଭାଷାଭିତ୍ତିରେ ଗଠିତ ଓଡ଼ିଶାରେ ସାମିଲ ହୋଇପାରିଲା ନାହିଁ, ଯାହାକି ଓଡ଼ିଆପ୍ରେମୀଙ୍କ ପାଇଁ ଆଜି ଯାଏଁ ଏକ ନୈରାଶ୍ୟଜନକ ଘଟଣା ହୋଇ ରହି ଆସିଛି। ଉତ୍କୃଷ୍ଟ କଳାର ରାଜ୍ୟ ଆମ ଉତ୍କଳ, ଏକଦା ନିଜର କଳା, ସଂସ୍କୃତି, ସ୍ଥାପତ୍ୟ କଳା, ଭାଷା ସାହିତ୍ୟ ସହ ବୀରତ୍ୱ, ନୌବାଣିଜ୍ୟ, ସାମାଜିକ ଓ ସାମରିକ ପରମ୍ପରା ପାଇଁ ଏହି ରାଜ୍ୟ ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲା। ଖାରବେଳଙ୍କ ଠାରୁ ପାଇକ ବିଦ୍ରୋହ ପର୍ଯ୍ୟନ୍ତ ଏ ମାଟିର ବୀରତ୍ୱର କାହାଣୀ ପିଢ଼ି ପରେ ପିଢ଼ି ପାଇଁ ପ୍ରେରଣା ଯୋଗାଇ ଆସିଛି। ଅତୀତର ସମୃଦ୍ଧ ନୌବାଣିଜ୍ୟ ଇତିହାସକୁ ମନେ ପକାଇ ବାଲିଯାତ୍ରା ଅନୁଷ୍ଠିତ ହେଉଛି।

ସ୍ୱଭାବ କବି ଗଙ୍ଗାଧର ମେହେର ଲେଖିଛନ୍ତି -

'ଜୟ ଗୋ ଉତ୍କଳ - ଲକ୍ଷ୍ମୀ ଏକମାତ୍ର ସୁନ୍ଦରୀ ତୁ ବସୁଧାରେ,
ପ୍ରାକୃତିକ ଶୋଭା - ରାଶି ରହିଛନ୍ତି ତୋ ଅଙ୍ଗରେ ଏକାଧାରେ।'

କଳା, ସାହିତ୍ୟ ଓ ସଂସ୍କୃତିରେ ଚରମ ଉତ୍କର୍ଷତା ଲାଭ କରିଥିଲା ବୋଲି ତାର ନାମ ଥିଲା 'ଉତ୍କଳ'। ଉତ୍କଳ ଶବ୍ଦର ଶ୍ରାବଣ ମାତ୍ରେ ମନରେ ଯେଉଁ ମଧୁର ଭାବନା ଜାଗିଉଠେ ଓ ଯେଉଁ ଉଦ୍ଦୀପନା ସୃଷ୍ଟି ହୁଏ, ତାହା ଅବର୍ଣ୍ଣନୀୟ। କୋଣାର୍କର ସୂର୍ଯ୍ୟ ମନ୍ଦିରର କାରୁକାର୍ଯ୍ୟ ପୃଥିବୀର ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ଅନ୍ୟତମ। ପୁରୀର ଜଗନ୍ନାଥ ମନ୍ଦିର, ଭୁବନେଶ୍ୱରର ରାଜାରାଣୀ ମନ୍ଦିର, ଧଉଳୀର ବୌଦ୍ଧ ସ୍ତୁପ, ଖିଚିଂର କିଚକେଶ୍ୱରୀ ମନ୍ଦିର ଉତ୍କଳୀୟ ସ୍ଥାପତ୍ୟ କଳାର ମୂକସାକ୍ଷୀ। ଓଡ଼ିଶାର ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ କାରୁକାର୍ଯ୍ୟ କେବଳ ଆମର ନିର୍ମାଣ ଶୈଳୀର ପରାକାଷ୍ଠା ଦର୍ଶାଏ ନାହିଁ, ବରଂ ଆମ ସଂସ୍କୃତିକୁ ମଧ୍ୟ ବିଭିନ୍ନ ଭାବରେ ଜୀବନ୍ତ କରି ରଖି ଆସିଛି।

ଆଫଗାନ, ମୋଗଲ, ମରହଟ୍ଟା ଓ ଇଂରେଜମାନଙ୍କର ବାରମ୍ବାର ଆକ୍ରମଣ ଓ ଶାସନରେ ବିଭିନ୍ନ ସମୟରେ ଆମ ମାତୃଭୂମି ତା'ର ସ୍ୱାଧୀନତା ହରାଇଥିଲା। ଇଂରେଜମାନଙ୍କର କୂଟନୀତି ଓ ଚକ୍ରାନ୍ତ ଫଳରେ ଉତ୍କଳ ତା'ର ସ୍ୱାତନ୍ତ୍ର୍ୟ ହରାଇଥିଲା। ବିଶାଳ ଉତ୍କଳର ବହୁ ଅଂଶ ଛିନ୍ନ ବିଚ୍ଛିନ୍ନ ହୋଇ ପଡ଼ୋଶୀ ପ୍ରଦେଶମାନଙ୍କରେ ଓଡ଼ିଶା ନିଜର ସ୍ୱତନ୍ତ୍ରତା ହରାଇଥିଲା। କିନ୍ତୁ ଓଡ଼ିଆ ଭାଷାଭାଷୀଙ୍କ ମଧ୍ୟରେ ନିଜ ମାତୃଭୂମିର ଦୁର୍ଦ୍ଦଶା ଦେଖି ବିପ୍ଳବର ସୂତ୍ରପାତ ହେଲା ଓ ଗୋପବନ୍ଧୁ ଦାସ, ଗଙ୍ଗାଧର ମେହେର, ବାସୁଦେବ ସୁଢ଼ଳଦେବ, କୃଷ୍ଣଚନ୍ଦ୍ର ଗଜପତି, ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ, ନୀଳକଣ୍ଠ ଦାସ, ମଧୁସୂଦନ ଦାସ ଆଦିଙ୍କ ସଂଗ୍ରାମ ଶେଷରେ ସଫଳ ହେଲା ଓ ଦୀର୍ଘ ଦିନର ସଂଘର୍ଷ ପରେ ୧୯୩୬ ମସିହା ଅପ୍ରେଲ ମାସ ୧ ତାରିଖରେ ୬ଟି ଜିଲ୍ଲା କଟକ, ପୁରୀ, ବାଲେଶ୍ୱର, ଗଞ୍ଜାମ, କୋରାପୁଟ ଓ ସମ୍ବଲପୁରକୁ ନେଇ ଜନ୍ମ ନେଇଥିଲା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ। ୧୯୪୮ ମସିହା ଜାନୁଆରୀ ୧ ତାରିଖରେ ମୟୂରଭଞ୍ଜ ବ୍ୟତୀତ ୨୫ ଗଡ଼ଜାତ ରାଜ୍ୟର ଓଡ଼ିଶାରେ ମିଶ୍ରଣ ହେଲା ଏବଂ ଓଡ଼ିଶାର ଜିଲ୍ଲା ସଂଖ୍ୟା ମଧ୍ୟ ବୃଦ୍ଧି ପାଇଲା। ମୟୂରଭଞ୍ଜର ମିଶ୍ରଣ ପରେ ଓଡ଼ିଶାର ଜିଲ୍ଲା ସଂଖ୍ୟା ମଧ୍ୟ ବଢ଼ିଲା, ୧୯୯୩ ମସିହା ଜିଲ୍ଲା ପୁନର୍ଗଠନ ପରେ ପରେ ୧୯୯୪ ମସିହାରେ ଓଡ଼ିଶାର ଜିଲ୍ଲା ସଂଖ୍ୟା ବୃଦ୍ଧି ପାଇ ୩୦ରେ ପହଞ୍ଚିଲା।

ଆମେ ଓଡ଼ିଆ। ଆମ ଭାଷା ହିଁ ଆମର ପରିଚୟ। ସମଗ୍ର ଭାରତବର୍ଷରେ ଆମ ଭାଷାର ମର୍ଯ୍ୟାଦା ନିଆରା। ଆମ ରାଜ୍ୟ ପ୍ରଥମ ରାଜ୍ୟ ଭାଷା ଭିତ୍ତିରେ ଗଠିତ ଭାରତବର୍ଷର ପ୍ରଥମ ରାଜ୍ୟ।ଭାରତରେ ସର୍ବମୋଟ ୧୧ଟି ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଛନ୍ତି। ଇଣ୍ଡୋ-ଆର୍ଯ୍ୟ ଭାଷା ପରିବାରର ଭାଷା ଭାବରେ ଓଡିଆ ଭାଷାକୁ ୨୦୧୪ ମାର୍ଚ୍ଚ ୧୧ତାରିଖରେ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରାଯାଇଛି। ସେହିପରି ତାମିଲ ୨୦୦୪ ମସିହାରେ, ସଂସ୍କୃତ ୨୦୦୫ ମସିହାରେ, କନ୍ନଡ ଓ ତେଲୁଗୁ ୨୦୦୮ ମସିହାରେ, ମାଲାୟଲମ୍ ୨୦୧୩ ମସିହାରେ ଶାସ୍ତ୍ରୀୟ ମାନ୍ୟତା ପାଇଛନ୍ତି। ପରେ ମରାଠୀ, ବଙ୍ଗାଳୀ, ପାଲି, ପ୍ରାକୃତ ଏବଂ ଆସାମୀ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇଛନ୍ତି।

ପଣ୍ଡିତ ଗୋପବନ୍ଧୁ ଦାସ ଲେଖିଥିଲେ- ଉତ୍କଳେ ନେତାର ନାହିଁ ପ୍ରୟୋଜନ, ଉତ୍କଳର ନେତା ସ୍ୱୟଂ ନାରାୟଣ। ଓଡ଼ିଆଙ୍କୁ ଏକତାର ବନ୍ଧନରେ ବାନ୍ଧିରଖିଛି ଜଗନ୍ନାଥ ସଂସ୍କୃତି। ଜଗନ୍ନାଥ ସଂସ୍କୃତି ହେଉଛି ଓଡ଼ିଆ ଜାତିର ସଂସ୍କୃତି ଓ ଜଗନ୍ନାଥ ଚେତନା ହିଁ ଓଡ଼ିଆ ଜାତିର ଆତ୍ମା। ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ଗର୍ବ ଗୌରବ ଓ ସ୍ୱାଭିମାନର ପ୍ରତୀକ। ସମନ୍ୱିତ ଚେତନାର ମହାମିଳନର ପବିତ୍ର ତୀର୍ଥ ହେଉଛି ଶ୍ରୀଜଗନ୍ନାଥଙ୍କ ପବିତ୍ର ଧାମ।

ଆମ ସଭ୍ୟତା ଯେପରି ପ୍ରାଚୀନ, ପରମ୍ପରା ସେହିପରି ସ୍ୱତନ୍ତ୍ର। ଆମେ ଓଡ଼ିଆ ଉଦାର ଓ ସହନଶୀଳ। ବିଭିନ୍ନ ଧର୍ମର, ବିଭିନ୍ନ ଭାଷାଭାଷୀ ଲୋକ ବି ଏ ମାଟିରେ ଶାନ୍ତିରେ ଜୀବିକା ନିର୍ବାହ କରୁଛନ୍ତି। ଶାନ୍ତିପ୍ରିୟ ଓଡ଼ିଶା ସମସ୍ତଙ୍କୁ ଶାନ୍ତିରେ ବଞ୍ଚିବାର ପରିବେଶ ଦେଇଛି।

ସାମ୍ପ୍ରତିକ ସ୍ଥିତିରେ ବହୁ ଓଡ଼ିଆ କିନ୍ତୁ ଖଣି ଓ ଅନ୍ୟାନ୍ୟ ପ୍ରାକୃତିକ ସମ୍ବଳର ପ୍ରାଚୁର୍ଯ୍ୟ ଭିତରେ ଦାରିଦ୍ର୍ୟର କଷାଘାତରେ ସଂଘର୍ଷ କରୁଛନ୍ତି। ଓଡ଼ିଶାର ବର୍ତ୍ତମାନର ସ୍ଥିତି ବିଭିନ୍ନ ଦୃଷ୍ଟିରୁ ନୈରାଶ୍ୟଜନକ ମନେ ହେଉଛି। ସାମାଜିକ ସ୍ଥାଣୁତା ଅନେକ କ୍ଷେତ୍ରରେ ଓଡ଼ିଶାର ପ୍ରଗତିର ପଥରୋଧ କରୁଛି। ବିଭିନ୍ନ ସମସ୍ୟାର ବୁଢ଼ିଆଣୀ ଜାଲରେ ଏବେ ଓଡ଼ିଶା ଶ୍ୱାସରୁଦ୍ଧ।

ଓଡ଼ିଶାର କୃଷି ବ୍ୟବସ୍ଥା ଦେଶ ସ୍ୱାଧୀନ ହେବା ବେଳକୁ ମୁଖ୍ୟତଃ ପାରମ୍ପାରିକ ଭିତ୍ତିରେ ହେଉଥିଲା ବେଳେ ବର୍ତ୍ତମାନ ନୂତନ ଟେକ୍ନୋଲୋଜି ଓ ସରକାରୀ ସହାୟତା ଦ୍ୱାରା ଉତ୍ପାଦନ ବୃଦ୍ଧି ପାଇଛି। ତଥାପି ଓଡ଼ିଶା କୃଷିଜାତ ଦ୍ରବ୍ୟ ପାଇଁ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭରଶୀଳ। ଓଡ଼ିଶାରେ ନାନାବିଧ ଖଣିଜ ସମ୍ପଦ ଭରପୂର ହୋଇ ରହିଛି। ଦେଶରେ ଖଣିଜ ଭିତ୍ତିକ ଅର୍ଥନୀତି ଏକ ପ୍ରମୁଖ ଭୂମିକା ନିର୍ବାହ କରି ଆସିଥିବା ବେଳେ ଓଡ଼ିଶାରେ ବହୁ ଖଣିରୁ ଖନନ ଜାରି ରହିଥିବା ବେଳେ ଆଉ କିଛି ନୂତନ ଖଣିର ସନ୍ଧାନ ମଧ୍ୟ ମିଳୁଛି, କିନ୍ତୁ ବିପୁଳ ଖଣିଜର ଉପଲବ୍ଧତା ସତ୍ତ୍ୱେ ଓଡ଼ିଶାର ଆଶାନୁରୂପ ବିକାଶ ହୋଇପାରିନି। କ୍ରମାଗତ ଭାବେ ରାଜ୍ୟର ଋଣଭାର ବଢୁଥିବା ବେଳେ ରାଜ୍ୟରେ କାମ ନପାଇ ବେକାର ଯୁବକଯୁବତୀ ଦାଦନ ଖଟିବାକୁ ଅନ୍ୟରାଜ୍ୟକୁ ଯିବାକୁ ବାଧ ହେଉଛନ୍ତି। ଏହାଠାରୁ ବିଡ଼ମ୍ବନାର ବିଷୟ ଆଉ କ'ଣ ହୋଇପାରେ? ଓଡ଼ିଶାରେ ଶିକ୍ଷାର ମାନ ବଢୁଛି, ମାତ୍ର ଦେଶର ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରଦର୍ଶନ ତୁଳନାରେ ଓଡ଼ିଶାର ସରକାରୀ ବିଶ୍ୱବିଦ୍ୟାଳୟଗୁଡ଼ିକର ପ୍ରଦର୍ଶନ ଆଖିଦୃଶିଆ ହେଇପାରିନି। ସ୍ୱାଧୀନତା ପରେ ଓଡିଶାର ବିକାଶ ଆଦୌ ହୋଇନି କହିବା ଭୁଲ ହେବ, ତେବେ ପ୍ରକୃତି ଓଡ଼ିଶାକୁ ଯାହା ଦେଇଛି, ସେହି ଅନୁସାରେ ଓଡ଼ିଶାର ବିକାଶ ହୋଇନି। ଓଡିଶାର ପଶ୍ଚିମ ପ୍ରାନ୍ତରେ ଆଞ୍ଚଳିକ ବୈଷମ୍ୟ ଅଭିଯୋଗ ଉଠୁଛି ଏବଂ ଅସନ୍ତୋଷ ଦାନା ବାନ୍ଧୁଛି। ଓଡ଼ିଶାର କୁଟିଆ ଗ୍ରାମପୁଞ୍ଜି ଉପରେ ଆନ୍ଧ୍ର ପ୍ରଦେଶର ଲୋଲୁପ ନଜର ଆଗରେ ଓଡ଼ିଶା ସରକାରଙ୍କ ସକ୍ରିୟତା ଦେଖିବାକୁ ମିଳୁନି। ବାସ୍ତବ ବିକାଶ ସେସବୁ ଅଞ୍ଚଳରେ ଅପହଞ୍ଚ ବୋଲି କୁହାଯାଉଥିବା ବେଳେ ସରକାର ଏସବୁ ହୃଦୟଙ୍ଗମ କରି ସମସ୍ୟାର ସମାଧାନ କଲେ, ତାହା ଓଡ଼ିଶାର ସ୍ୱାର୍ଥ ପ୍ରତି ଅନୁକୂଳ ସାବ୍ୟସ୍ତ ହେବ ନିଶ୍ଚୟ। ଓଡ଼ିଶାରେ ସଫ୍ଟୱେର କ୍ଷେତ୍ରର ବିକାଶ ପ୍ରତି ସରକାର ସ୍ୱତନ୍ତ୍ର ଧ୍ୟାନ ଦେବା ଉଚିତ୍। ଓଡ଼ିଶାରେ ବୈଷୟିକ ଶିକ୍ଷା ଓ ବୈଷୟିକ କ୍ଷେତ୍ରର ଉନ୍ନତି ହୋଇଛି। ମାତ୍ର ଓଡ଼ିଶାର ଆଇଟି ପ୍ରଶିକ୍ଷିତ ଯୁବଗୋଷ୍ଠୀ ଅନ୍ୟ ରାଜ୍ୟକୁ ଯାଉଛନ୍ତି। ତେଣୁ ଆମ ରାଜ୍ୟରେ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ନିମନ୍ତେ ସରକାର ଉଦ୍ୟମ କରିବା ଦରକାର। ପୁରୀ, କୋଣାର୍କ, ଚିଲିକା, ଦାରିଙ୍ଗବାଡ଼ି, ନୃସିଂହନାଥ, ହରିଶଙ୍କର, ଫୁର୍ଲିଝରନ, ଖଣ୍ଡାଧାର, ଦେଓମାଳି ପରି ସ୍ଥାନର ପ୍ରାକୃତିକ ସୁଷମା ପର୍ଯ୍ୟଟକଙ୍କୁ ମୁଗ୍ଧ କରିବାର ସାମର୍ଥ୍ୟ ରଖେ। ସମ୍ବଲପୁରୀ ନୃତ୍ୟ ଓ ସଙ୍ଗୀତ, ବସ୍ତ୍ର ଆଦି ଓଡ଼ିଶାର ଗର୍ବ ଓ ଗୌରବ। ଓଡିଶାର ଜନଜାତି ସଂସ୍କୃତି ଓ ଲୋକକଳା ମଧ୍ୟ ବେଶ ଆକର୍ଷଣୀୟ। ଏସ୍ଥିତିରେ ଓଡିଶାର ସଂସ୍କୃତି ଓ ଲୋକକଳା, ପରମ୍ପରାର ପ୍ରଚାର ପ୍ରସାର ସହ ଓଡିଶାର ପର୍ଯ୍ୟଟନ ସ୍ଥଳୀର ବିକାଶ ଓଡ଼ିଶାକୁ ଅର୍ଥନୈତିକ ଫାଇଦା ଦେବା ସହ ତୃଣମୂଳ ସ୍ତରରେ ନିଯୁକ୍ତି ଓ ଆତ୍ମନିଯୁକ୍ତି ସୁଯୋଗ ସୃଷ୍ଟି କରିବ। କିନ୍ତୁ ଦୁର୍ନୀତି, ରାଜନୈତିକ ଇଚ୍ଛା ଶକ୍ତି ଓ ପ୍ରଶାସନିକ ଅବହେଳା କାରଣରୁ ଆମେ ଯଦି ଆଜିର ଓଡ଼ିଶାର ସ୍ଥିତି ଦେଖିବା ଆମକୁ ନିରାଶ ହେବାକୁ ପଡୁଛି ଓ ମନରେ ସ୍ୱତଃ ପ୍ରଶ୍ନ ଉଠୁଛି ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଗଠନର ୯ ଦଶନ୍ଧିରେ ଏ ରାଜ୍ୟର ଅଧିବାସୀ ଭାବେ ଆଜି ଆମେ କେଉଁଠି ପହଞ୍ଚିଛେ?

## ଏକବିଂଶ ଶତାବ୍ଦୀର ଓଡ଼ିଆ ଭାଷା ଆନ୍ଦୋଳନ!

ଶୀର୍ଷକଟିକୁ ଅନୁଧ୍ୟାନ କଲେ ମନରେ ସ୍ୱତଃ ପ୍ରଶ୍ନ ଆସେ, 'ଏକବିଂଶ ଶତାବ୍ଦୀରେ ଓଡ଼ିଆ ଭାଷା ଆନ୍ଦୋଳନର ପ୍ରୟୋଜନୀୟତା କାହିଁକି?' ଏ ପ୍ରଶ୍ନର ଉତ୍ତର ପାଇବାକୁ ହେଲେ ଆମକୁ ଇତିହାସର ପୁରୁଣା ଫର୍ଦ୍ଦ ଲେଉଟାଇ ପୂର୍ବର ସମ୍ପର୍କଗୁଡ଼ିକୁ ପୁଙ୍ଖାନୁପୁଙ୍ଖ ଭାବେ ଅନୁଧ୍ୟାନ କରିବାକୁ ପଡ଼ିବ। ପ୍ରଥମତଃ, ଏହି ଓଡ଼ିଆ ଭାଷା ଆନ୍ଦୋଳନର ଅୟମାରମ୍ଭ କିପରି ହୋଇଥିଲା ଏବଂ ଭାଷା ଆନ୍ଦୋଳନର ପୁରୋଧା ଏଥିନିମନ୍ତେ କ'ଣ କ'ଣ ପଦକ୍ଷେପ ନେଇଥିଲେ।

ଊନବିଂଶ ଶତାବ୍ଦୀର ମଧ୍ୟ ଭାଗରେ (୧୮୭୦ ବଙ୍ଗଳା ତଥା ମାନ୍ଦ୍ରାଜ ପ୍ରଦେଶରେ ଅଧିବାସୀମାନଙ୍କ ଓଡ଼ିଆ ବିରୋଧୀ ମନୋଭାବ ଓଡ଼ିଆ ଭାଷା ପ୍ରତି ଘୋର ବିପଦ ସୃଷ୍ଟି କରିଥିଲା। ସେତେବେଳେ ସ୍ୱତନ୍ତ୍ର ପ୍ରଦେଶ ଭାବରେ ଓଡ଼ିଶାର ଅଭ୍ୟୁଦୟ ଘଟିନଥିଲା। ଏହାର କିଛି କିଛି ଅଂଶ ବଙ୍ଗ, ବିହାର ତଥା ମାନ୍ଦ୍ରାଜ ସହ ମିଶିକରି ରହିଥିଲା। କଟକ, ପୁରୀ ଓ ବାଲେଶ୍ୱର ଏହି ତିନୋଟି ଜିଲ୍ଲାର ସମ୍ମିଳିତ ରୂପ ଓଡ଼ିଶା ବଙ୍ଗ ପ୍ରଦେଶର ଏକ ସବ୍‌ଡିଭିଜନ୍ ଭାବରେ ରହିଥିଲା। ତେଣୁ ବଙ୍ଗଳାଭାଷୀମାନଙ୍କ ଦ୍ୱାରା ଓଡ଼ିଆମାନେ ସେମାନଙ୍କ ଆକ୍ରୋଶର ଶିକାର ହେବା ସ୍ୱାଭାବିକ୍। ବଙ୍ଗ ପ୍ରଦେଶର ଅଧିକାଂଶ ବଙ୍ଗାଳୀମାନେ ଓଡ଼ିଶା ସବ୍‌ଡିଭିଜନ୍‌ର କୋର୍ଟ କଚେରୀ ତଥା ସରକାରୀ କାର୍ଯ୍ୟାଳୟମାନଙ୍କରେ ଚାକିରି କରୁଥିଲେ। ତେଣୁ ସରକାରୀ ଦପ୍ତରଗୁଡ଼ିକର ଦଲିଲ ବଙ୍ଗଳା ଭାଷାରେ ଲେଖାଯାଉଥିଲା। କିନ୍ତୁ ଏଭଳି ଘଟଣା ଘଟିବା ପଛର କାରଣ ହେଉଛି, ଓଡ଼ିଆ ଭାଷାରେ ଲିଖିତ ପାଠ୍ୟପୁସ୍ତକର ଘୋର ଅଭାବ। ଓଡ଼ିଶା ଇଷ୍ଟଇଣ୍ଡିଆ କମ୍ପାନୀ ଦ୍ୱାରା ଅଧିକୃତ ହେବା ପରେ ୧୮୦୫ ମସିହାରୁ ଓଡ଼ିଆ ଓ ପ୍ରସିୟାନ୍ ଭାଷା) ଇଂରେଜମାନଙ୍କ ପୂର୍ବରୁ ଓଡ଼ିଶା ମରହଟ୍ଟାମାନଙ୍କର ଶାସନାଧୀନ ଥିଲା ଏବଂ ସେମାନେ ପାର୍ସିକୁ ରାଜଭାଷା ରୂପେ ପ୍ରଚଳନ କରିଥିଲେ। ସରକାରୀ ଭାଷା ମାନ୍ୟତା ପାଇବାରୁ, ଓଡ଼ିଶା ସବ୍‌ଡିଭିଜନ୍‌ର ତତ୍କାଳୀନ କମିଶନର ହେନେରୀ ରିକେଟ୍ସ କଟକ, ପୁରୀ ଓ ବାଲେଶ୍ୱର ଆଦି ଜିଲ୍ଲାର ଜିଲ୍ଲାପାଳଙ୍କ ଜରିଆରେ ସରକାରୀ ପଦାଧିକାରୀ ତଥା କର୍ମଚାରୀମାନଙ୍କୁ ଓଡ଼ିଆ ପରୀକ୍ଷାରେ କୃତକାର୍ଯ୍ୟ ହେବାକୁ ପରାମର୍ଶ ଦେଇଥିଲେ। ସରକାରୀ ଭାଷାର ମାନ୍ୟତା ପାଇବାରେ ବିଦ୍ୟାଳୟମାନଙ୍କରେ ଓଡ଼ିଆରେ ଶିକ୍ଷାଦାନ କରିବା ନିମନ୍ତେ ଆର୍ଥିକ ପ୍ରୋତ୍ସାହନ ମିଳିଥିଲା। କିନ୍ତୁ ଏହି ଘୋଷଣାନାମାର ମୁଖ୍ୟ ପ୍ରତିବନ୍ଧକ ଥିଲା ଓଡ଼ିଆ ଲିଖିତ ପାଠ୍ୟପୁସ୍ତକର ଅଭାବ। ତେଣୁ 'କଟକ ଜିଲ୍ଲା ଶିକ୍ଷା କମିଟି' ବଜାରରେ ବହୁ ସଂଖ୍ୟାରେ ବଙ୍ଗଳା ପାଠ୍ୟପୁସ୍ତକ ମିଳୁଥିବାରୁ, ଓଡ଼ିଆ ପାଠ୍ୟପୁସ୍ତକ ବଦଳରେ ବଙ୍ଗଳା ପାଠ୍ୟପୁସ୍ତକ ପ୍ରଚଳନ ପାଇଁ ନିଷ୍ପତ୍ତି ନେଲେ; ଯାହାକି ଓଡ଼ିଆ ଭାଷାର ପ୍ରଗତି ସନନ୍ଦକୁ ଆଗକୁ ବଢ଼ିବାକୁ ଦେଇନଥିଲା। ମାତ୍ର ଓଡ଼ିଆ ଭାଷା ଆନ୍ଦୋଳନର ସେନାପତି ତଥା କଥାସମ୍ରାଟ ଫକୀର ମୋହନ ସେନାପତିଙ୍କର ପ୍ରାଣମୂର୍ଚ୍ଛା ଉଦ୍ୟମ ଫଳରେ ବାଲେଶ୍ୱରରେ ମୁଦ୍ରଣ ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଓଡ଼ିଆ ପାଠ୍ୟପୁସ୍ତକର ଅଭାବ ଦୂରୀଭୂତ ହୋଇଥିଲା। ସେ ସମୟର ଓଡ଼ିଆ ବିରୋଧୀ ବଙ୍ଗାଳୀମାନଙ୍କ ଓଡ଼ିଆ ପ୍ରତି ଥିବା ବିଦ୍ୱେଷ ଭାବକୁ ପ୍ରକାଶ କରିବାକୁ ଯାଇ, କଥାସମ୍ରାଟ ନିଜ 'ଆତ୍ମଚରିତ'ରେ ଲେଖିଛନ୍ତି- 'ଉତ୍କଳ ଭାଷା ବିଷୟ ଉଲ୍ଲେଖ ସମୟରେ ବଙ୍ଗାଳୀ ଶିକ୍ଷକ ଓ ଅନ୍ୟାନ୍ୟ ବଙ୍ଗାଳୀବାବୁମାନେ ଯେପରି ତୁଚ୍ଛ ତାଚ୍ଛଲ୍ୟ ଭାବରେ ମନ୍ତବ୍ୟ ପ୍ରକାଶ କରିଥାନ୍ତି, ପ୍ରକୃତରେ ଆପଣାର ମାତାକୁ ଅପମାନ କଲାପରି ନିନ୍ଦାକାରୀମାନଙ୍କ ପ୍ରତି ବିଷମ କ୍ରୋଧ ଏବଂ ପ୍ରାଣରେ ବଡ଼ ଆଘାତ ଲାଗେ। ସେ ସମୟରେ ମନ ମଧ୍ୟରେ ଏମନ୍ତ ଧାରଣା ଜାତ ହେଲା ଯେ, ପ୍ରକୃତରେ ଆମ୍ଭମାନଙ୍କର ମାତୃଭାଷାର ଉନ୍ନତି ନହେଲେ ଚିରକାଳ ଭିନ୍ନ ଦେଶୀୟ ଲୋକମାନଙ୍କଠାରେ ଅଧୀନରେ ରହିଥିବୁ ଏବଂ ଆମ୍ଭମାନଙ୍କ ଜାତୀୟ ଅବସ୍ଥା ମଧ୍ୟ ଉନ୍ନତି ଲାଭ କରିପାରିବ ନାହିଁ।'

ଓଡ଼ିଶାରେ ଶିକ୍ଷିତ ଓଡ଼ିଆ ସମାଜର ଆବିର୍ଭାବ ଓଡ଼ିଆ ଜାତି ପାଇଁ ଉଜ୍ଜ୍ୱଳ ପ୍ରଦୀପ ଶିଖା ସ୍ୱରୂପ ଥିଲା। ସେଥିରେ ପଥପ୍ରଦର୍ଶକ ଥିଲେ- ରାଧାନାଥ, ଫକୀରମୋହନ, ଗଙ୍ଗାଧର, ମଧୁସୂଦନ ରାଓ, ମଧୁସୂଦନ ଦାସ, ପ୍ୟାରୀମୋହନ ତଥା ଗୌରୀଶଙ୍କର ପ୍ରଭୃତି ପ୍ରତିଭାସମ୍ପନ୍ନ ସ୍ରଷ୍ଟାମାନେ। ଓଡ଼ିଆ ବିରୋଧୀ ଗୋଷ୍ଠୀର ଚକ୍ରାନ୍ତକୁ ପଣ୍ଡ କରିବା ପାଇଁ ସେତେବେଳେ ଓଡ଼ିଆ ସମ୍ବାଦପତ୍ର ତଥା 'ଉତ୍କଳ ଉଲ୍ଲାସିନୀ ସଭା', 'ଉତ୍କଳ ଭାଷା ଉଦ୍ଦୀପନା ସଭା', 'କଟକ ସୋସାଇଟ୍' ଏବଂ 'କଟକ ଡିବେଟିଂ କ୍ଲବ୍' ପ୍ରଭୃତି ଅନୁଷ୍ଠାନ ଓଡ଼ିଆମାନେ ସ୍ଥାପନ କରିଥିଲେ। ତରୁଣ ଛାତ୍ରଛାତ୍ରୀମାନଙ୍କ ମନରେ ଓଡ଼ିଆ ପ୍ରୀତି ଓ ଓଡ଼ିଆ ଜାତୀୟତାବୋଧ ଜାଗ୍ରତ କରିବା ଉଦ୍ଦେଶ୍ୟରେ, ଓଡ଼ିଆରେ ପ୍ରକାଶିତ ବିଭିନ୍ନ ଖବରକାଗଜ ତଥା ପତ୍ରପତ୍ରିକାରେ ବିଭିନ୍ନ ସ୍ତମ୍ଭମାନ ପ୍ରକାଶ ପାଉଥିଲା। ପରିଶେଷରେ ଏହି ଆନ୍ଦୋଳନର ମୁଖ୍ୟ ପୁରୋଧା ତଥା ସାହିତ୍ୟ ସ୍ରଷ୍ଟାମାନଙ୍କ ପ୍ରଚେଷ୍ଟା ଫଳରେ ଏବଂ ଉତ୍କଳ ହିତୈଷୀ ରେଭେନ୍ସା ସାହେବ ଓ ଜନ୍ ବୀମସ୍‌ଙ୍କର ଓଡ଼ିଆ ଭାଷା ସୁରକ୍ଷା ଦିଗରେ ବିହୀତ ପଦକ୍ଷେପ ଫଳରେ ଭାଷା ସଙ୍କଟର ବିଲୟ ଘଟିଲା।

ଓଡ଼ିଶାର ସ୍ୱତନ୍ତ୍ର ପ୍ରଦେଶ ଭାବରେ ଅଭ୍ୟୁଦୟ ତତ୍ ସହିତ ଭାରତର ସ୍ୱାଧୀନତା ପରେ ଏହି ଭାଷା ସମ୍ପର୍କିତ ବିବାଦ ଥମିବା ପରିବର୍ତ୍ତେ ବଢ଼ିବାରେ ଲାଗିଛି। ଅତ୍ୟନ୍ତ ପରିତାପର ବିଷୟ ହେଉଛି, ୨୦୧୪ ମସିହାରେ ଭାରତ ସରକାରଙ୍କ ଦ୍ୱାରା ଓଡ଼ିଆ ଭାଷାକୁ 'ଶାସ୍ତ୍ରୀୟ ଭାଷା' ମାନ୍ୟତା ମିଳିବା ସତ୍ତ୍ୱେ; ଆଜିର ଯୁବସମାଜ ତଥା ଛାତ୍ର ସମାଜ ଓଡ଼ିଆ ଭାଷାରେ କଥୋପକଥନ କରିବା ପାଇଁ ଲଜ୍ୟାବୋଧ କରୁଛନ୍ତି। ଏପରିକି କିଛି ଲୋକମାନଙ୍କର ମତ ହେଉଛି, ଓଡ଼ିଆରେ ପାଠପଢ଼ି ସେମାନେ ଆଜିର ଆଧୁନିକ ସମାଜରେ ତିଷ୍ଠିପାରିବେ ନାହିଁ ଏବଂ ଇଂରାଜୀ ଶିକ୍ଷା ବିନା ସରକାରୀ ଚାକିରି ମଧ୍ୟ ମିଳିବା କଷ୍ଟକର। ଯେଉଁ ଓଡ଼ିଆ ଜାତି ଦିନେ ବନ ଗହଳ ମଧ୍ୟରେ ନିଜ ଜାତି, ଭାଷା ସଂସ୍କୃତି ଓ ପରମ୍ପରାର ଅସ୍ତିତ୍ୱରକ୍ଷା ନିମନ୍ତେ ଚେଷ୍ଟାରତ ଥିଲା; ଆଜି କ'ଣ ସେହି ଜାତି ସମ୍ପୂର୍ଣ୍ଣ ରୂପେ ଉଦର ସର୍ବସ୍ୱ। ପ୍ରଣିଧାନର ବିଷୟ ହେଉଛି, ଆମେ ପାଶ୍ଚାତ୍ୟ ଭାଷାର ଏତେ ମାତ୍ରାରେ ବଶବର୍ତ୍ତୀ ହୋଇଯାଇଛୁ ଯେ, ନିଜ ମାତୃଭାଷା ତଥା ମାଟି ମାଆର ମୂଲ୍ୟବୋଧକୁ ବୁଝିପାରିନାହୁଁ। ଯେଉଁ ମାଟିରେ ଆମ୍ଭେମାନେ ଜନ୍ମ ହୋଇ ତା'ରି ପାଣି ପବନରେ ନିଜର ପ୍ରାଣ ଧାରଣ କଲୁ ଏବଂ ଯେଉଁ ମାଟି ମାଆ ଆମ୍ଭମାନଙ୍କୁ ଧାରଣ କରିବାକୁ କୁଣ୍ଠାବୋଧ କଲାନାହିଁ, ସେହି ଭାଷାକୁ ନିଜ ତୁଣ୍ଡରେ ଧରିବା ପାଇଁ ଏତେ ଲଜ୍ୟାବୋଧ କାହିଁକି? ଇଂରାଜୀ ଭାଷା ଶିକ୍ଷାରେ ଆପତ୍ତି ନାହିଁ, ମାତ୍ର କୌଣସି ପାଶ୍ଚାତ୍ୟ ଭାଷାର ଆଦର କରି ନିଜ ମାତୃଭାଷାକୁ ଅନାଦର କରିବା କେତେଦୂର ସମିଚୀନ? ଏହାକୁ ବିଚାର କରିବା ଦାୟିତ୍ୱ ପାଠକମାନଙ୍କର। ଯେଉଁ ଇଂରାଜୀ ପଢୁଆ ଶିକ୍ଷିତ ଯୁବଗୋଷ୍ଠୀଙ୍କ ମତ ଯେ, ଦେଶ ଜ୍ଞାନବିଜ୍ଞାନ ତଥା ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି କରିବା ନିମନ୍ତେ ଇଂରାଜୀ ଶିକ୍ଷା ନିହାତି ଅପରିହାର୍ଯ୍ୟ; ସେମାନେ ମନେରଖିବା ଉଚିତ୍ ଋଷିଆ, ଜାପାନ, ଫ୍ରାନ୍ସ ଭଳି ବିକଶିତ ଦେଶ ନିଜ ମାତୃଭାଷା ବଳରେ ସମସ୍ତ କ୍ଷେତ୍ରରେ ଅଗ୍ରଗତି କରି ଇଂରାଜୀ ଭାଷା ବିକଶିତ ଦେଶମାନଙ୍କ ସହ ସମକକ୍ଷ ହେଲେ କିପରି? ଏଥିପାଇଁ ଗାନ୍ଧିଜୀ କହିଥିଲେ- 'Russia has achieved all her scientific profress without English. It is our mental slavery that make us feel that we can't do anything without English. I can never subscribe to that defeatist creed.'

ଓଡ଼ିଆ ଭାଷା ବିଲୋପୀ ରଥକୁ ଯଦି ଅଟକା ନଯାଏ, ତେବେ ଭବିଷ୍ୟତରେ ପରିସ୍ଥିତି ଆହୁରି ଜଟିଳତର ହେବ ଏବଂ ଓଡ଼ିଆ ଭାଷା ଅସ୍ତିତ୍ୱ ରକ୍ଷାକାରୀଙ୍କ ପ୍ରତି ଅବମାନନା ହେବ। ଓଡ଼ିଆ ଭାଷା ତଥା ମାଟିର ମର୍ଯ୍ୟାଦାକୁ ଦର୍ଶାଇ ବ୍ୟାସକବି ଫକୀରମୋହନ ସେନାପତି କହିଥିଲେ-

'ପଢ଼ିଲି ନାନା ଦେଶ ଭାଷା, କାହିଁ ତ ନ ପୂରିଲା ଆଶା
ହେଉ ପଛକେ ସେ ନିକୃଷ୍ଟ, ମୋ ମାତୃଭାଷା ମୋତେ ଶ୍ରେଷ୍ଠ
ଦେଖି ବୁଲି ବହୁଦୂର, କାଞ୍ଚି, କାମାକ୍ଷା, କାନପୁର
ପାଇଲି ନାହିଁ ଘୂରିଘୂରି, ମୋ ମାତୃଭୂଷିର ମାଧୁରୀ।'



**ହେମେନ୍ଦ୍ର ନାରାୟଣ ସେନାପତି**
ରେଭେନ୍ସା ବିଶ୍ୱବିଦ୍ୟାଳୟ, ଓଡ଼ିଆ ବିଭାଗ
ମୋ: ୯୪୩୯୦୪୪୧୦୮




କେନ୍ଦୁଝର(ଭାସ୍କର ନ୍ୟୁଜ): ରାଷ୍ଟ୍ରୀୟ ନବବର୍ଷ ଉପଲକ୍ଷେ କେନ୍ଦୁଝର ସହରର ଅଡିଟୋରିଅମଠାରେ ରାଷ୍ଟ୍ରୀୟ ସେବା ନ୍ୟାସ ପକ୍ଷରୁ ଏକ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଷ୍ଟ୍ରୀୟ ସେବା ନ୍ୟାସର ସଭାପତି କୈଳାଶଚନ୍ଦ୍ର ମହାପାତ୍ରଙ୍କ ମାର୍ଗଦର୍ଶନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ଧରଣୀଧର ବିଶ୍ୱବିଦ୍ୟାଳୟର ପଦାର୍ଥ ବିଜ୍ଞାନ ବିଭାଗର ପ୍ରାଧ୍ୟାପକ ଦୋଳଗୋବିନ୍ଦ ରାଉତ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓଡିଶା ପୂର୍ବ ସହ ପ୍ରାନ୍ତ କାର୍ଯ୍ୟବାହ ରବିନାରାୟଣ ପଣ୍ଡା ଉପସ୍ଥିତ ରହି ରାଷ୍ଟ୍ରୀୟ ନବବର୍ଷର ବିଶେଷତ୍ୱ ଉପରେ ବୌଦ୍ଧିକ ରଖିବା ସହିତ ଉପସ୍ଥିତ ସହସହ ସଂସ୍କୃତି ପ୍ରେମୀଙ୍କ ସହିତ ସଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥିଲେ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର କେନ୍ଦୁଝର ନଗର କାର୍ଯ୍ୟବାହ ଦୁଃଶାସନ ମହାନ୍ତ ମଞ୍ଚ ପରିଚାଳନା କରିଥିଲେ । କୁନିକୁନି କଳାକାର ମାନଙ୍କ ବିଭିନ୍ନ ସଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ବିମୋହିତ କରିଥିଲା ।

# ସ୍ୱର୍ଗତ ଡା.ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଲେ ଶିକ୍ଷମନ୍ତ୍ରୀ



ପାରାଦୀପ(ଭାସ୍କର ନ୍ୟୁଜ): ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ସ୍ୱର୍ଗତ ଡା.ଦେବେନ୍ଦ୍ର ପ୍ରଧାନଙ୍କ ଶ୍ରଦ୍ଧାଞ୍ଜଳି ସଭା ଅଟଳ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ପାରାଦୀପ ସ୍ଥିତ ଜୟଦେବ ସଦନ ପରିସରରେ ସୋମବାର ଦିନ ଅନୁଷ୍ଠିତ ହୋଇଯାଇଛି । ଟ୍ରଷ୍ଟର ସମ୍ପାଦକ ସର୍ବେଶ୍ୱର ବଳିୟାରସିଂହଙ୍କ ସଂଯୋଜନାରେ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ଓ ସ୍ମୃତି ସଭାରେ ପାରାଦୀପ ବିଧାୟକ ତଥା ରାଜ୍ୟ ସରକାରଙ୍କ ଶିକ୍ଷ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ପ୍ରଧାନଙ୍କ ଫୋଟଚିତ୍ରରେ ପୁଷ୍ପ ପ୍ରଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ନିଜ ଡାକ୍ତରୀ ପେଶା ତ୍ୟାଗ କରି ଶ୍ରୀ ପ୍ରଧାନ ବିଜେପି ଦଳରେ ଯୋଗଦେଇ ଦଳର ସ୍ଥିତିକୁ ମଜଭୁତ କରିବା ସହ ଦୁଇ ଦୁଇଥର ସାଂସଦ ଓ କେନ୍ଦ୍ର ମନ୍ତ୍ରୀ ଭାବେ ଓଡିଶା ରାଜ୍ୟ ପାଇଁ ବହୁ କିଛି କାର୍ଯ୍ୟ କରିଥିବା ନେଇ ମନ୍ତ୍ରୀ ଶ୍ରୀ ସ୍ୱାଇଁ ସୂଚନା ଦେଇଥିଲେ । ବର୍ତ୍ତମାନର ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପିତା ସ୍ୱର୍ଗତ ଦେବେନ୍ଦ୍ର ପ୍ରଧାନ ଜଣେ ଆଦର୍ଶ ବ୍ୟକ୍ତି ଓ ରାଜନେତା ଥିଲେ ଏବଂ ତାଙ୍କ ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହେବାକୁ ମନ୍ତ୍ରୀ ସମ୍ପଦ ସ୍ୱାଇଁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଜଗତସିଂହପୁର ଜିଲ୍ଲା ବିଜେପି ସଭାପତି ତଥା ପୂର୍ବତନ ପାରାଦୀପ ବନ୍ଦର ଟ୍ରଷ୍ଟି ପ୍ରତାପ ମିଶ୍ର, ବରିଷ୍ଠ ବିଜେପି କାର୍ଯ୍ୟକର୍ତ୍ତା ତଥା ପାରାଦୀପ ବନ୍ଦରର ପୂର୍ବତନ ଟ୍ରଷ୍ଟି ଅଜୟ ଦାଶ, ପୂର୍ବତନ ଜିଲ୍ଲା ସଭାପତି ଉପେନ୍ଦ୍ର ବିଶ୍ୱାଳ, ତିର୍ତ୍ତୋଲ ବିଜେପି ନେତା ରାଜ କିଶୋର ବେହେରା, ପାରାଦୀପ ବିଜେପି ସଭାପତି ତଥା ପାରିଷଦ ସୁବ୍ରତ ପ୍ରଧାନ, ଶିଶୁ ବିଦ୍ୟା ମନ୍ଦିର ପୂର୍ବତନ ପରିଚାଳକ ରବି ଦାସ ପ୍ରମୁଖ ସ୍ୱର୍ଗତ ପ୍ରଧାନଙ୍କ ସ୍ମୃତିଚାରଣ କରିବା ସହ ତାଙ୍କ ସହିତ ଅତିବାହିତ କରିଥିବା ବିଶେଷ ମୁହୂର୍ତ୍ତ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଭକ୍ତି ସଙ୍ଗୀତ ପରିବେଷଣ ସହ ଉପସ୍ଥିତ ସମସ୍ତ ବ୍ୟକ୍ତିବିଶେଷ ସ୍ୱର୍ଗତ ପ୍ରଧାନଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ । ଶେଷରେ ତାଙ୍କର ଆତ୍ମାର ସଦଗତି ନିମନ୍ତେ ସାମୂହିକ ନିରବ ପ୍ରାର୍ଥନା କରାଯାଇଥିଲା । ଏଥିରେ ବିଭିନ୍ନ ସଂଗଠନ ଓ ଅନୁଷ୍ଠାନର ସଂଖ୍ୟାଧିକ ପୁରୁଷ ଓ ମହିଳା ଯୋଗଦେଇ ତାଙ୍କ ପ୍ରିୟନେତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିବା ଦେଖିବାକୁ ମିଳିଥିଲା ।

# ନିମାପଡ଼ା ଏନ୍ଏସି କାର୍ଯ୍ୟାଳୟରେ ରହୁନାହାନ୍ତି ଅଧ୍ୟକ୍ଷା, କାର୍ଯ୍ୟ ବାଧାପ୍ରାପ୍ତ

ନିମାପଡ଼ା, ୩୧।୩ (ଭାସ୍କର ନ୍ୟୁଜ): ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦରେ ସରକାରଙ୍କ ଯୋଜନା ବାଟବଣା ହେଉଥିବା ବେଳେ ଏହାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଜବର ଦଖଲ ବଢୁଥିବା ବେଳେ ବାରମ୍ବାର ଉଚ୍ଛେଦ ସତ୍ୱେ ବ୍ୟବସାୟୀମାନେ ନିମାପଡ଼ା ମୁଖ୍ୟ ରାସ୍ତାର ଦୁଇ କଡ଼ରେ ପୁଣି ଗୃହ ନିର୍ମାଣ କରି ବ୍ୟବସାୟ ଆରମ୍ଭ କରି ପ୍ରଶାସନକୁ ଖୋଲାଖୋଲି ଭାବେ ଚ୍ୟାଲେ କରୁଛନ୍ତି । କେତେଜଣ କର୍ମଚାରୀ କେତେଜଣ ବ୍ୟବସାୟୀଙ୍କୁ ଜବର ଦଖଲ ପାଇଁ ପ୍ରୋତ୍ସାହନ ଦେଉଥିବା ଘଟଣା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ନିମାପଡ଼ା ବିଜ୍ଞାପିତ ଅଂଚଳ ପରିଷଦ ଅଧ୍ୟକ୍ଷାଙ୍କ କାର୍ଯ୍ୟାଳୟରେ ଅନେକ ସମୟରେ ତାଲା ଝୁଲୁ ଥିବାରୁ ଲୋକମାନେ ଅଧ୍ୟକ୍ଷାଙ୍କୁ ଖୋଜି ପାଉ ନାହାନ୍ତି । ଯାହାକୁ ନେଇ ତୀବ୍ର ଅସନ୍ତୋଷ ବଢ଼ି ଚାଲିଛି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଏକ ପ୍ରମୁଖ ଅଞ୍ଚଳ ହୋଇଥିବା ବେଳେ ଏହି ପରିଷଦରେ ଅନେକ ସମସ୍ୟା ଲାଗି ରହିଛି । ମୁଖ୍ୟ ରାସ୍ତାରେ ଆଲୋକ ଜଳୁନଥିବା ବେଳେ ଆବଶ୍ୟକ ନଥିବା ସ୍ଥାନମାନଙ୍କରେ ମାଳ ମାଳ ଆଲୋକୀକରଣ କରାଯାଇଛି । ଅନେକ କାର୍ଯ୍ୟରେ ଅଧ୍ୟକ୍ଷାଙ୍କୁ ଅଂଚଳବାସୀ ଦେଖା କରିବାକୁ ଆସି ଫେରୁଛନ୍ତି । ଅଧ୍ୟକ୍ଷା କାର୍ଯ୍ୟାଳୟକୁ ନ ଆସି ରାଜଧାନୀରେ ରହୁଥିବା ଶୁଣିବାକୁ ମିଳିଛି । ଯାହାପାଇଁ ବିକାଶ ଅଟକି ରହୁଛି । ଏହି ଅଂଚଳ ଖୋଦ୍ ଉପ-ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ହୋଇଥିବା ବେଳେ କ'ଣ ପାଇଁ ଏପରି ବୋଲି ଜନସାଧାରଣ ପ୍ରଶାସନକୁ ପ୍ରଶ୍ନ କରିଛନ୍ତି । ବେଳକୁ ବେଳ ସହରର ସୌନ୍ଦର୍ଯ୍ୟକରଣ ନଷ୍ଟ ହେବାକୁ ଲାଗିଛି । ବିକାଶ ମୂଳକ କାର୍ଯ୍ୟ ହୋଇପାରୁ ନାହିଁ । ବର୍ତ୍ତମାନ କେତେକ କାର୍ଯ୍ୟ ଟେଣ୍ଡର ମାଧ୍ୟମରେ କରାଯାଉଥିବା ବେଳେ ଏବେ ଠାରୁ ବାରି ହୋଇପଡୁଛି ଏହି କାର୍ଯ୍ୟ ନିମ୍ନମାନର ହେବ ବୋଲି । ନିମାପଡ଼ା ପରିବା ମାର୍କେଟ୍ ଠାରୁ ତଳଅଁଶିଆ ପର୍ଯ୍ୟନ୍ତ ନିମାପଡ଼ା-ପିପିଲି ରାସ୍ତାର ଦୁଇପାର୍ଶ୍ୱ ଦୁଇଥର ଦଖଲ ଉଚ୍ଛେଦ ହୋଇଥିଲେ ମଧ୍ୟ ବର୍ତ୍ତମାନ ଜବର ଦଖଲକାରୀମାନେ ରାସ୍ତା କଡ଼ରେ ଗୃହ ନିର୍ମାଣ କରି ବ୍ୟବସାୟ ଆରମ୍ଭ କରି ଦେଇଛନ୍ତି । ଯାହାଦ୍ୱାରା ଘଣ୍ଟା ଘଣ୍ଟା ଧରି ଟ୍ରାଫିକ୍ ବ୍ୟବସ୍ଥା ସଂଗୀନ୍ ହୋଇପଡୁଛି । ଅମାନିଆମାନେ ରାସ୍ତା ଉପରେ ବାଇକ୍ ରଖିବାର ମୁଖ୍ୟ କାରଣ ହେଉଛି ରାସ୍ତା କଡ଼ରେ ଥିବା ଦୋକାନ ଆଗରେ ଗାଡ଼ି ରଖିବା ପାଇଁ ଜାଗା ନାହିଁ । ଏପରି ଘଟଣା କ'ଣ ପାଇଁ ଘଟୁଛି ଏଥିପାଇଁ କିଏ ଦାୟୀ, ଅଧ୍ୟକ୍ଷା କାହିଁକି ତାଙ୍କ କାର୍ଯ୍ୟାଳୟରେ ନ ବସି ସଭା, ସମିତି ହେଲେ କାଁ ଭାଁ ଆସୁଛନ୍ତି । ଏହି ଘଟଣା ପ୍ରତି ଦୃଷ୍ଟି ଦେବା ପାଇଁ ଦାବୀ ହୋଇଛି ।

# ପ୍ରଧାନଶିକ୍ଷକ ନାରାୟଣ ରଣାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା



ଭୁବନ(ଭାସ୍କର ନ୍ୟୁଜ): ଭୁବନ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ରଣାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଶିକ୍ଷୟିତ୍ରୀ ନମିତା ମହାନ୍ତିଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ପରିଚାଳନା କମିଟି ସଭାପତି ମନୋଜ କୁମାର ପୋଥାଳ ଯୋଗଦେଇ ପ୍ରଧାନ ଶିକ୍ଷକ ଶ୍ରୀ ରଣାଙ୍କ କର୍ମମୟ ଜୀବନ, କର୍ତ୍ତବ୍ୟ ପରାୟଣତା, ସମୟାନୁବର୍ତ୍ତିତା ସମ୍ପର୍କରେ ଆଲୋକପାତ କରିଥିଲେ । ମୁଖ୍ୟ ବକ୍ତା ଭାବେ ନୂଆ ଭୁବନ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜ୍ଞାନେଶ୍ୱର ବେହେରା, ସମ୍ମାନିତ ଅତିଥି ଭାବେ ବାଲିବୋ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ କାର୍ତ୍ତିକ ଦେଶମୁଖ, ବିଭାଗ କାର୍ଯ୍ୟାଳୟର ଅବସର ପ୍ରାପ୍ତ ମୁଖ୍ୟ କିରାଣୀ ଗଣେଶ୍ୱର ପୃଷ୍ଟି, ସିଆରସିସି ଆନନ୍ଦ ଚନ୍ଦ୍ର ମେହେଣା, ଦିପାଞ୍ଜଳି ରାଉତ ଯୋଗ ଦେଇଥିଲେ । ନିଜର ବିଦାୟ କାଳୀନ ଅଭିଭାଷଣରେ ଶ୍ରୀ ରଣା ଭୁବନ ରେ ଯେଉଁ ସ୍ନେହ, ଶ୍ରଦ୍ଧା ଓ ଆତ୍ମୀୟତା ମିଳିଛି, ସେଥିପାଇଁ ଭୁବନ ତଥା ଆପଣମାନଙ୍କୁ ଆଦୌ ଭୁଲି ହେବନି ବୋଲି କୋହଭରା କଣ୍ଠରେ ପ୍ରକାଶ କରିଥିଲେ । ସହକାରୀ ଶିକ୍ଷୟିତ୍ରୀ ରଞ୍ଜେଶ୍ୱରୀ ଗୁରୁଙ୍କ ସଭା ପରିଚାଳନା କରିଥିବା ବେଳେ ମନିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟ ତରଫରୁ ଶ୍ରୀ ରଣାଙ୍କୁ ଉପହାର ପ୍ରଦାନ କରାଯିବା ସହିତ ଦୀର୍ଘ ନିରାମୟ ଜୀବନ କାମନା କରାଯାଇଥିଲା । ଶିକ୍ଷକ ଦୀପକ ବେହେରା, ମାୟାଧର ସାହୁ, ଉଦୟ ନାଥ ବାରିକ, ଶିକ୍ଷୟିତ୍ରୀ ମାନସୀ ନାୟକ, ସ୍ୱପ୍ନା ବେହେରା, ପାର୍ବତୀ ବାସ୍କେ, ଜୟଶ୍ରୀ ମହାରଣା, ଅନିତା କୁମାରୀ ଦାସ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ । କାର୍ଯ୍ୟକ୍ରମରେ ଷଷ୍ଠରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଶତାଧିକ ଛାତ୍ରୀ ଉପସ୍ଥିତ ଥିଲେ ।

# ବିପକ୍ଷ ଭୂମିକାରେ ଦେଖିବାକୁ ମିଳୁନାହାନ୍ତି ପରାଜିତ ପ୍ରାର୍ଥୀ, ସମସ୍ୟା ସମାଧାନ ଦାବି

ସୋରଡ଼ା(ଭାସ୍କର ନ୍ୟୁଜ): ସୋରଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ କହିଲେ ସୋରଡ଼ା ଏନଏସିଓ ବ୍ଲକ ଏବଂ ବେଲଗୁଣ୍ଠା ଏନଏସିଓ ବ୍ଲକ ଅନ୍ତର୍ଭୁକ୍ତ ଅଟେ ।ଏହି ବିଧାନସଭା ନିର୍ବାଚନ ସରିବାର ପ୍ରାୟ ୯ ମାସ ବିତିଛି, କିନ୍ତୁ ଏବେ ସାଧାରଣରେ ପରାଜିତ ପାର୍ଥୀ କଂଗ୍ରେସ, ବିଜେଡିର ଦେଖା ମିଳୁନାହିଁ । ସେମାନେ ଏକ ପ୍ରକାର ଉଭାନ ହୋଇଯାଇଛନ୍ତି । ନା ଦଳୀୟ କାର୍ଯ୍ୟ କ୍ରମରେ ଯୋଗ ଦେଉନାହାନ୍ତି ନା ଅନ୍ୟ ସାମାଜିକ କାର୍ଯ୍ୟରେ ଯୋଗ ଦେଉଛନ୍ତି । ବିଶେଷ କରି ସୋରଡ଼ା ନିର୍ବାଚନ ମଣ୍ଡଳରେ ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି । ସୋରଡ଼ା ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ୧୫ ବର୍ଷ ଧରି ଶାସନ ଓ କ୍ଷମତାରେ ଥିବା ବିଜେଡିର ପୂର୍ବତନ ବିଧାୟକ ସ୍ୱାଇଁଙ୍କ ସ୍ତ୍ରୀଙ୍କୁ ହରାଇ ନୀଳମଣି ବିଷୋୟୀ ବିଜେପିରୁ ବିଜୟ ହୋଇଥିଲେ । କିନ୍ତୁ ରାଜନୈତିକ ପରିସ୍ଥିତିରେ ବିଜୟଲାଭ କରିଥିବା ନୀଳମଣି ବିଷୋୟୀ କୌଣସି ସୁଯୋଗ ହାତଛଡ଼ା ନା କରିବାକୁ ଏବେଠୁ ସୁଜାଗ ଅଛନ୍ତି ଏବଂ ସରକାରୀ ଦଳରେ ଓ କ୍ଷମତାରେ ଥିବା ବିଜେଡି ବିଧାୟକ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାବେ ୨ ଜଣ ଦୃଢ ସହଯୋଗୀ ମାନେ ପ୍ରାୟତଃ ସୋରଡ଼ା ଅଞ୍ଚଳରେ ଦେଖା ବାକୁ ମିଳୁଛି । ସେମାନେ ଓ ବିଧାୟକ ଦଳର ନେତୃତ୍ୱ ନେବା ସହିତ ସଂଗଠନକୁ ମଜଭୁତ କରିବାରେ ଲାଗିପଡ଼ିଛନ୍ତି । କେବଳ ଦଳୀୟ କାର୍ଯ୍ୟକ୍ରମ ନୁହେଁ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ, ଉତ୍ସବ କ୍ରୀଡା ଆଦି ସବୁଥିରେ ସେମାନଙ୍କ ଉପସ୍ଥିତି ଦେଖିବାକୁ ମିଳୁଛି । ଅପର ପକ୍ଷରେ ପରାଜିତ ବିଜେଡି ଓ କଂଗ୍ରେସ ଓ ଉଭୟ ଦଳର ପାର୍ଥୀମାନେ ପ୍ରାୟ ଦେଖାଯାଉ ନାହିଁ କିନ୍ତୁ ବିଜେଡିର କିଛି କାର୍ଯ୍ୟକ୍ରମ ବେଳେ ପୂର୍ବତନ ବିଧାୟକ ସମେତ କେତେକ ହାତଗଣତି ଦଳୀୟ କର୍ମୀମାନଙ୍କ ଦେଖା ମିଳିଥାଏ । ବିଜେଡିର ପୂର୍ବତନ ବିଧାୟକ ଓ ତାଙ୍କ ପତ୍ନୀଙ୍କ ବିକଳ୍ପ ବିଜେପି ଦଳ ଭାବେ ଉଭା ହୋଇଥିବାରୁ ଜନସାଧାରଣରେ ସନ୍ତୋଷ ପ୍ରକାଶ ପାଇଛି । ସୋରଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ପରାଜିତ ପାର୍ଥୀମାନେ କଂଗ୍ରେସ, ବିଜେଡି ଯେଉଁ ଭଳି ବିପକ୍ଷ ଭୂମିକା ନିର୍ବାହ କରିବା କଥା ତାହା କରୁନଥିବାରୁ ଅଞ୍ଚଳରେ ବୁଦ୍ଧିଜିବି ମାନେ ମତ ପ୍ରକାଶ କରିଛନ୍ତି । ସୋରଡ଼ାରେ ସ୍ଥାୟୀ ସବରେଜିଷ୍ଟ୍ରି ପଦବୀ ଖାଲି ଏଟିଓ କାମ ଚଳାଉଛନ୍ତି, ସିଏଚସି ସୋରଡ଼ାରେ ସ୍ଥାୟୀ ଇନଚାର୍ଜ ମେଡିକାଲ ଅଫିସର ପଦବୀ ଖାଲି ବଡ଼ଗଡ ସିଏଚସିର ମେଡିକାଲ ଇନଚାର୍ଜ ଅଫିସର କାମ ଚଳୁଛନ୍ତି, କୃଷି ବିଭାଗରେ ଏଏଓ ସୋରଡ଼ା ତାଙ୍କ ଦାୟିତ୍ୱ ସହିତ ଏଏଓ ବଡ଼ଗଡ଼ ପଦବୀ ଖାଲି ଥିବାରୁ ଉକ୍ତ ଅଫିସ ଦାୟିତ୍ୱ ସହିତ ବ୍ଲକ କୃଷି ଅଧିକାରୀ ପଦବୀ ଖାଲି ଥିବାରୁ ଉକ୍ତ ଅଫିସ ଦାୟିତ୍ୱ ସହିତ ଆସ୍କାର ଅଧକ୍ଷ ପଦରେ ମଧ୍ୟ କାମଚଳା ଭାବେ ଦାୟିତ୍ୱ ତୁଲାଉଛନ୍ତି । ଅବକାରୀ ବିଭାଗର ସୋରଡ଼ା ଅବକାରୀ ଥାନା ଚାର୍ଜ ଅଫିସର ପଦବୀ ଖାଲି, ଦାୟିତ୍ୱ ତୁଲାଉଛନ୍ତି ଖଲିକୋଟ ଅବକାରୀ ବିଭାଗ ଥାନା ଅଧିକାରୀ । ସୋରଡ଼ା, ବଡ଼ଗଡ଼ ବନ ବିଭାଗ ରେଞ୍ଜର ପଦବୀ ଖାଲି ଉକ୍ତ ପଦବୀ ଦ୍ୱୟରେ ଡେପୁଟି ରେଞ୍ଜରଙ୍କୁ ଦାୟିତ୍ୱ ଚଳାଇବା ପାଇଁ ପଦବୀରେ ନିଯୁକ୍ତି ପାଉଛନ୍ତି । ପ୍ରାୟତଃ ବ୍ଲକ, ତହସିଲ ଅଫିସ ମାନଙ୍କ ସହିତ ଅନ୍ୟାନ୍ୟ ଅଫିସରେ କର୍ମଚାରୀ ମଡ଼ୁରି କହିଲେ ଚଳେ । ଜଣେ ଜଣେ କର୍ମଚାରୀ ମାନେ ୨ରୁ ୩ଦାୟିତ୍ୱରେ, ଜଣେ ଜଣେ ପୁଣ । ୨ଗୋଟି ଗ୍ରା:ପ ପଦବୀରେ କାର୍ଯ୍ୟ କରୁଛନ୍ତି । ସେପରି କୃଷି ବିଭାଗର ଜଣେ ଜଣେ ଗ୍ରାମ ସେବକ ମାନେ ୨ଟି ଗ୍ରାପ ଦାୟିତ୍ୱରେ ରହୁଥିବାରୁ ସେମାନଙ୍କ ପ୍ରାୟ ଗ୍ରାପମାନଙ୍କରେ ଦେଖା ମିଳୁନଥିବା ଏବଂ ହେଡ଼ କ୍ୱାର୍ଟରରେ ରହୁନଥିବାରୁ ଲୋକଙ୍କ କାମ ହେଉନଥିବାରୁ ଗ୍ରାପବାସୀଙ୍କ ମଧ୍ୟ ରେ ଅସନ୍ତୋଷ ଦେଖାଦେଉଛି । ପଞ୍ଚାୟତ ମାନଙ୍କରେ ଡିଏଓ ମାନଙ୍କ ଅନୁପସ୍ଥିତି ଆଉ ଗୋଟିଏ ମୁଣ୍ଡ ବ୍ୟଥାରେ କାରଣ ଭରା ହୋଇଛି । ବ୍ଲକରେ ସ୍ଥାୟୀ ବିଡିଓ ପଦବୀ ଖାଲିଥିବାରୁ ବଡ଼ଗଡ଼ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଭାରପ୍ରାପ୍ତ ଦାୟିତ୍ୱରେ ରହି କାମ ଚଳାଉଛନ୍ତି । ଏପରି ଅବ୍ୟବସ୍ଥା ମଧ୍ୟରେ ସୋରଡ଼ା ସହରର ଅଫିସ ମାନ ଚାଲିଥିବାରୁ ତୁରନ୍ତ ଏଗୁଡିକର ସମସ୍ୟାର ସମାଧାନ ପାଇଁ ଦୃଷ୍ଟି ଦେବାକୁ ଦାବି ହେଉଛି, କାରଣ ଅଞ୍ଚଳବାସୀଙ୍କ କାମ ସୁବିଧାରେ ହୋଇପାରୁନଥିବାରୁ ଜନଅସନ୍ତୋଷ ବୃଦ୍ଧି ପାଉଛି ।

# ମଙ୍ଗୁଳି ରେଳ ଦୁର୍ଘଟଣା: ସରିଲା ଟ୍ରାକ୍ ମରାମତି, ଗଡ଼ିଲା ଟ୍ରେନ୍



ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାର ନିକଟ ମଙ୍ଗୁଳି-ଚୌଦ୍ୱାର ପାସେଞ୍ଜର ହଲ୍ଟ ନିକଟରେ ରବିବାର ଦିନ କାମାକ୍ଷା ଏକ୍ସପ୍ରେସ ଲାଇନଚ୍ୟୁତ ହେବା ଫଳରେ ଉକ୍ତ ଟ୍ରାକ୍‌ରେ ଦୀର୍ଘ ୨୦ ଘଣ୍ଟାଧରି ରେଳ ଚଳାଚଳ ବନ୍ଦ ହୋଇଯାଇଥିଲା । ରେଳ ବିଭାଗ କର୍ମଚାରୀମାନେ ଦୀର୍ଘ ଘଣ୍ଟା ଧରି କାର୍ଯ୍ୟକରି ସୋମବାର ସକାଳସୁଦ୍ଧା ରେଳ ଧାରଣା ମରାମତି କାର୍ଯ୍ୟ ଶେଷ କରିବା ପରେ ସକାଳରୁ ଉକ୍ତ ଲାଇନ୍‌ରେ ରେଳ ଚଳାଚଳ ସ୍ୱାଭାବିକ ହୋଇଛି । ସକାଳ ୯.୩୦ରେ ପ୍ରଥମେ ଏକ ମାଲବାହୀ ଟ୍ରେନ୍ ଯିବା ସହିତ ପରପର ଆଉ ୩ଟି ମାଲବାହୀ ଟ୍ରେନ୍ ଚାଲିଥିଲା । ପରେ ନୂଆଦିଲ୍ଲୀ ତେଜସ୍ ରାଜଧାନୀ ସୁପରଫାଷ୍ଟ ଏକ୍ସପ୍ରେସ୍ ଉକ୍ତ ଟ୍ରକ୍‌ରେ ଯାଇଥିଲା । ରବିବାର ରାତିରେ ରେଳ ସୁରକ୍ଷା ଆୟୁକ୍ତ(ସିଆରଏସ୍) ବ୍ରିଜେଶ ମିଶ୍ର ଘଟଣାସ୍ଥଳ ପରିଦର୍ଶନ କରି ଟ୍ରାକ୍ ମରାମତି କାର୍ଯ୍ୟ ତଦାରଖ କରିବା ସହିତ ଦୁର୍ଘଟଣାର କାରଣ ସମ୍ପର୍କରେ ତଦନ୍ତ କରିଛନ୍ତି । ରେଳ ବିଭାଗ ତରଫରୁ ମଧ୍ୟ ଏକ ଟେକନିକାଲ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ଦୁର୍ଘଟଣାର କାରଣ ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି । ତଦନ୍ତ ପରେ ରେଳ ବିଭାଗ ପକ୍ଷରୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ପୂର୍ବତଟ ରେଳପଥର ଜେନେରାଲ ମ୍ୟାନେଜର ପରମେଶ୍ୱର ଫୁଙ୍କୱାଲ ସୂଚନା ଦେଇଛନ୍ତି ।

# ରାଷ୍ଟ୍ରୀୟ ନବବର୍ଷରେ କବିତା ପାଠୋତ୍ସବ



ଭୁବନ(ଭାସ୍କର ନ୍ୟୁଜ): ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଭୁବନ ଶାଖା ତରଫରୁ ରାଷ୍ଟ୍ରୀୟ ନବବର୍ଷ ପାଳନ ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି । ତୁଳସୀ ଭବନରେ ଭୁବନ ଶାଖା ସଭାପତି ସୁରେନ୍ଦ୍ର କୁମାର ପୃଷ୍ଟିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅର୍ଯ୍ୟକବି ପଣ୍ଡିତ ପ୍ରମୋଦ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରି ହିନ୍ଦୁ ନବବର୍ଷ ପାଳନ ଓ ବିକ୍ରମ ସମ୍ୱତ ସମ୍ପର୍କରେ ଆଲୋକପାତ କରିଥିଲେ । ଭୁବନ ଶାଖା ସମ୍ପାଦକ ରୂପକ କୁମାର ମିଶ୍ରଙ୍କ ସମେତ ଉପ ସଭାପତି ଅଧାପକ ବାସୁଦେବ ସାହୁ, ସହ ସମ୍ପାଦକ ଚିତ୍ତ ରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ବିଳାସିନୀ ପୃଷ୍ଟି, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଶ୍ରୀଧର ବେହେରା, ବାଣୀ ସାହିତ୍ୟ ସଂସଦ ସଭାପତି ବାଣୀଶ୍ରୀ ରବୀନ୍ଦ୍ର କୁମାର ହୋତା, ଇଂ ଈଶ୍ୱର ଚନ୍ଦ୍ର ବେହେରା, କବି ଲଳିତ ବେହେରା, ହୃଷୀକେଶ ସାହୁ, କବୟିତ୍ରୀ ସୁଲୋଚନା ସାହୁ, ନିରୁପମା ଲେଙ୍କାଙ୍କ ସମେତ ବହୁ କବି ଉପସ୍ଥିତ ରହି କବିତା ପାଠୋତ୍ସବ କରି ହିନ୍ଦୁ ନବବର୍ଷକୁ ସ୍ୱାଗତ କରିବା ସହ ପରସ୍ପରକୁ ଶୁଭେଚ୍ଛା ଜଣାଇଥିଲେ ।

# ନିମାପଡ଼ାରେ ନବ ନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତା ଚୟନ

ନିମାପଡ଼ା(ଭାସ୍କର ନ୍ୟୁଜ): ନିମାପଡ଼ା ନବ ନିର୍ମାଣ କୃଷକ ସଂଗଠନ ବଡ଼ଶିରିବିଲା ଗ୍ରାମ ପଂଚାୟତର କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି । କର୍ମକର୍ତ୍ତା ଚୟନ ସରିବା ପରେ ପଂଚାୟତର କୃଷକମାନଙ୍କ ସମସ୍ୟା ଉପରେ ଦୃଷ୍ଟି ଦେବା ସହ କୃଷକମାନଙ୍କର ଅଧିକାରକୁ ନେଇ କୃଷି ବିଭାଗ ଓ ଉଦ୍ୟାନ ବିଭାଗକୁ ତଥ୍ୟ ମଗାଯିବ ବୋଲି କହିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ୍ ନବ ନିର୍ମାଣ କୃଷକ ସଂଗଠନ ବଡ଼ଶିରିବିଲା ଗ୍ରାମ ପଂଚାୟତ ଚୟନ ପ୍ରକ୍ରିୟା ସରି ଯାଇଛି । ସଭାପତି ଭାବେ ପ୍ୟାରିସ୍ କୁମାର ପାତ୍ର, ସଂପାଦକ ଜୟନ୍ତ କୁମାର ଜେନା, ଉପଦେଷ୍ଟା ଅଜୟ କୁମାର ନାୟକଙ୍କୁ ସଂଗଠନ ତରଫରୁ ଦାୟିତ୍ୱ ଦିଆଯାଇଛି । ଦାୟିତ୍ୱ ନେବା ପରେ କୃଷକମାନଙ୍କ ସମସ୍ୟା ଉପରେ ତୁରନ୍ତ ଦୃଷ୍ଟି ଦିଆଯିବ ବୋଲି ସଭାପତି, ସଂପାଦକ ଓ ଉପଦେଷ୍ଟା କହିଥିବା ବେଳେ ଅଣଚାଷୀମାନେ କୃଷି ବିଭାଗରୁ କୃଷକମାନଙ୍କ ସାମଗ୍ରୀ ନେବା ସହ କୃଷକମାନେ ଉପକୃତ ହେଇପାରୁ ନାହାନ୍ତି । ଉଦ୍ୟାନ ବିଭାଗରେ ଅନେକ ଅଣଚାଷୀ ସରକାରଙ୍କର ଯୋଜନାକୁ ହାତେଇ ନେଉଛନ୍ତି । ଯାହାଦ୍ୱାରା ପ୍ରତ୍ୟେକ କୃଷକ ଯୋଜନାରୁ ବଂଚିତ ହେଉଛନ୍ତି । କେତେଜଣ ବ୍ୟକ୍ତି ଉଦ୍ୟାନ ବିଭାଗ କାର୍ଯ୍ୟାଳୟରେ ଦଣ୍ଡିଆ ସାଜି ସକାଳ ୧୦ରୁ ଦିନ ୪ଟା ପର୍ଯ୍ୟନ୍ତ ରହୁଥିବା ବେଳେ ଦଣ୍ଡିଆମାନେ ବିଭିନ୍ନ ଅଣ-କୃଷକମାନଙ୍କର ଆଧାର କାର୍ଡ଼ ଆଣି ଆଧାର କାର୍ଡ଼ ମାଧ୍ୟମରେ ସରକାରଙ୍କ ପକ୍ଷରୁ ଆସୁଥିବା ବିଭିନ୍ନ ଚାରା, ମି, ମେସିନ, ଜରି ପଲିଥିନ୍, ପାଇପ୍ ଆଦି ହାତେଇ ନେଉଥିବା ଘଟଣାକୁ ନେଇ କୃଷକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି । କୃଷି ବିଭାଗ କାର୍ଯ୍ୟାଳୟରେ ମଧ କୃଷକମାନେ କୌଣସି ସାମଗ୍ରୀ ପାଇପାରୁ ନାହାନ୍ତି । ସବ୍‌ସିଡ଼ି ଠାରୁ ଆରମ୍ଭ କରି କୃଷି ଜାତୀୟ ଦ୍ରବ୍ୟ ନ ପାଇବାରୁ କୃଷକମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି । ଚାଷୀମାନଙ୍କ ବୃହତ୍ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନବ ନିର୍ମାଣ ସଂଗଠନ ରାଜ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି ।

# କେନ୍ଦୁଝରରେ ସହିଦ ରାଜକିଶୋର ମୁଣ୍ଡାଙ୍କ ଶେଷକୃତ୍ୟ ସମ୍ପନ୍ନ: ଜିଲ୍ଲା ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଞ୍ଜଳି




କେନ୍ଦୁଝର(ଭାସ୍କର ନ୍ୟୁଜ): ଅରୁଣାଞ୍ଚଳ ପ୍ରଦେଶ ତାୱାଙ୍ଗ ଠାରେ ବିହାର ରେଜିମେଣ୍ଟର ଷଷ୍ଠ ବାଟାଲିୟନର ହାବିଲଦାର କେନ୍ଦୁଝର ସଦର ବ୍ଲକ ନୂଆଗାଁର ବୀର ପୁଅ ରାଜକିଶୋର ମୁଣ୍ଡା କର୍ତ୍ତବ୍ୟ ସମ୍ପାଦନ କରୁଥିବା ବେଳେ ଗତ ୨୯ ମାର୍ଚ୍ଚ ଦିନ ବୀରଗତି ପ୍ରାପ୍ତ ହୋଇଛନ୍ତି । ସୋମବାର ସହିଦଙ୍କ ମରଶରୀର ଭୁବନେଶ୍ୱରସ୍ଥିତ ବିଜୁପଟ୍ଟନାୟକ ଆନ୍ତର୍ଜାତିକ ବିମାନବନ୍ଦରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସହିଦଙ୍କ ଶେଷ ଦର୍ଶନ କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅପରାହ୍ଣରେ ସହିଦ ରାଜକିଶୋର ମୁଣ୍ଡାଙ୍କ ମରଶରୀର କେନ୍ଦୁଝର ଆସି ପହଞ୍ଚିବା ପରେ ପ୍ରଥମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାର ଅବସରପ୍ରାପ୍ତ ସେନା କର୍ମଚାରୀ, ଜିଲ୍ଲା ପ୍ରଶାସନିକ ଅଧିକାରୀ ଓ ଜନସାଧାରଣ ବହୁ ସଂଖ୍ୟାରେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ । ପରେ ସହିଦଙ୍କ ମରଶରୀରକୁ ପୈତୃକ ଗ୍ରାମ ନୂଆଗାଁକୁ ଶେଷକୃତ୍ୟ ନିମନ୍ତେ ନିଆଯାଇଥିଲା । ସହିଦ ରାଜକିଶୋର ମୁଣ୍ଡା ଅମର ରହେ ଧ୍ୱନିରେ ଚତୁଃର୍ଦିଗ ପ୍ରକମ୍ପିତ ହୋଇଉଠିଥିଲା । ଜିଲ୍ଲାପାଳ ବିଶାଲ ସିଂହ, ଆରକ୍ଷୀ ଅଧିକ୍ଷକ ନୀତିନ କୁଶଲକର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, କେନ୍ଦୁଝର ସଦର ବିଡ଼ିଓ ବିନୋଦ କୁମାର ପଣ୍ଡା, ତହସିଲଦାର ଶୁଭେନ୍ଦୁ କୁମାର ସାହୁ ଓ ଅନ୍ୟ ପ୍ରଶାସନିକ ଅଧିକାରୀ ତଥା ପୋଲିସ ଅଧିକାରୀଙ୍କ ସମେତ ଶହ ଶହ ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ରହିଥିଲେ । ପୋଲିସ ପକ୍ଷରୁ ବିଧି ଅନୁଯାୟୀ ତୋପ ସଲାମୀ ପ୍ରଦାନ କରାଯାଇଥିଲା ।

# ଗୋପରେ ଇଦ୍ ପର୍ବ ପାଳିତ



ଗୋପ(ଭାସ୍କର ନ୍ୟୁଜ): ସୋମବାର ଇଦଉଲ ଫିତର ଅବସରରେ ମୁସଲମାନ ସାମ୍ପ୍ରଦାୟର ଭାଇମାନେ ଧୁମଧାମରେ ପାଳନ କରିଛନ୍ତି । ହିନ୍ଦୁ ଏବଂ ମୁସଲମାନ ଉଭୟ ଉଭୟଙ୍କୁ ଆଲିଙ୍ଗନ କରି ଇଦ୍ ମୁବାରକ୍ ଶୁଭେଚ୍ଛା ଦେଇଛନ୍ତି । ରମଜାନ ମାସ ସାରା ଉପବାସ ରଖି ନମାଜପଢି ପର୍ବଟିକୁ ନିଷ୍ଠାରେ ପାଳିଥାନ୍ତି ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତି । ମାସର ଶେଷ ଦିନ ଚନ୍ଦ୍ରକୁ ଦେଖିଲା ପରେ ଇଦକୁ ରମଜାନର ଶେଷ ବୋଲି ବିବେଚିତ କରଯାଇଥାଏ । ଆଜି ସକାଳେ ମୁସଲମାନ ସମ୍ପ୍ରଦାୟ ଲୋକମାନେ ଗାଧୋଇବା ପରେ ନୂଆ ପୋଷାକ ପିନ୍ଧି ମସଜିଦରେ ନମାଜ ପାଠ କରିଥିଲେ । ପରେ ଘରକୁ ଘର ମିଠା ବଣ୍ଟନ କରିବା ସହିତ , ପରସ୍ପରକୁ ଆଲିଙ୍ଗନ କରି ଇଦର ଶୁଭେଚ୍ଛା ଜଣାଇଥିଲେ । ଅବସରରେ ଗୋପ ବସ୍ତି ମସଜିଦ୍ ଉମର ଫାରୁକ୍ ପକ୍ଷରୁ ଗୋପ ପିପିଲି ରାସ୍ତାରେ ଯାଉଥିବା ଯାତ୍ରୀ ଏବଂ ପର୍ଯ୍ୟଟକମାନଙ୍କୁ ସର୍ବତ ମହବତ ବଣ୍ଟନ କରି ଭାଇଚାରାର ବାର୍ତ୍ତା ଦେଇଥିଲେ । ଉଭୟ ହିନ୍ଦୁ ମୁସଲମାନ ଏହି ମହା ପର୍ବରେ ସାମିଲହୋଇ ଉଭୟଙ୍କୁ ଇଦ୍ ମୁବାରକ ଦେବା ସହିତ ଏହି ପର୍ବ ଭାଇଚାରା ଓ ପ୍ରେମର ସମ୍ପର୍କ ବୋଲି କହିଥିଲେ । ଏହି ଅବସରରେ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରୀ, ଯୁବନେତା ମନ୍ଦୀପ ପାଇକରାଏ ଏବଂ ବିଜେଡି ନେତା ଦିଲ୍ଲୀପ ନାୟକ ଅତିଥି ଭାବେ ଯୋଗଦେଇ ସର୍ବତେ ଇ ମହବତେ ଷ୍ଟଲ ଫିତା କାଟି ଉଦ୍ଘାଟନ କରିଥିଲେ । ଏହି ପର୍ବରେ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ନିରଞ୍ଜନ ମହାପାତ୍ର, ଗୋପ ପଞ୍ଚାୟତ ସମିତି ସଭ୍ୟ କୁନା ଦାସ, ସାମ୍ବାଦିକ ଶତ୍ରୁଘ୍ନ ସେନାପତି, ପ୍ରଶାନ୍ତ କୁମାର ରାୟ, ମିଳନ କୁମାର ମହାନ୍ତିଙ୍କୁ ଫୁଲତୋଡା, ଉତ୍ତରୀ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଗୋପ ବସ୍ତିର ସରଫରଜ ଖାନ, ଏସକେ ନୁରୁଲ ଇସଲାମ, ଶେଖ୍ ରକିବ୍, ସେକ୍ ଆଫ୍ରିଜ୍, ସରଫରାଜ ସାହା ପ୍ରମୁଖ ପରିଚାଳନା କରିଥିଲେ ।

# ନିଆଳିରେ ପବିତ୍ର ଇଦ୍ ପର୍ବ ପାଳିତ



ନିଆଳି(ଭାସ୍କର ନ୍ୟୁଜ): ନିଆଳି ଓ ଆଖ ପାଖ ଅଞ୍ଚଳରେ ପବିତ୍ର ଇଦ୍ ପାଳିତ ହୋଇଯାଇଛି । ନମାଜ ପଢିବା ସହ ଧର୍ମର ଆଲୋଚନା କରିଛନ୍ତି ମୁସଲିମ ଭାଇଭଉଣୀମାନେ । ନିଆଳି ବ୍ଲକ ଇଦିଗା ପଡିଆଠାରେ ସମୂହ ନମାଜ ପାଠର ଆୟୋଜିତ ହୋଇଯାଇଛି । ସାରା ଭାରତରେ ସଂଖ୍ୟାଲଘୁ ପକ୍ଷରୁ ପବିତ୍ର ଇଦ୍ ଉଲ୍ ଫିତର ପାଳନ ହେଉଥିବା ବେଳେ ନିଆଳୀରେ ମଧ୍ୟ ଧୁମଧାମରେ ପାଳନ କରାଯାଇଛି । ପର୍ବରେ ବିଭିନ୍ନ ବର୍ଗର ଲୋକମାନେ ସାମିଲି ହୋଇଥିବା ବେଳେ ନିଆଳି ଇଦିଗା ପଡିଆକୁ ବିଭିନ୍ନ ରାଜନୀତିକ ଦଳର ନେତାଙ୍କ ସୁଅ ଛୁଟି ଥିଲା । ହିନ୍ଦୁ ଲୋକମାନେ ବି ଏଥିରେ ସାମିଲି ହୋଇଥିଲେ । ପରସ୍ପରଙ୍କୁ ମିଠା ବଣ୍ଟନ କରିବା ଶହ ଖୁଆ ଖୁଇ ଓ ପରସ୍ପରଙ୍କୁ ଆଲିଙ୍ଗନ କରି ପବିତ୍ର ଇଦ୍ ଉତ୍ସବକୁ ପାଳନ କରିଥିଲେ । ଇଦ୍ ଅବସରରେ ନିଆଳି ବିଧାୟକ ଛବି ମଲିକ୍, ପୂର୍ବତନ ବିଧାୟକ ପ୍ରମୋଦ ମଲିକ୍, ନିଆଳି ବ୍ଲକ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦ ଦେବାଶିଷ ଷଡଙ୍ଗୀ, ନିଆଳି ସରପଞ୍ଚଙ୍କ ପ୍ରତିନିଧି ପ୍ରମୋଦ କୁମାର ବେହେରା, ଆମ୍ବା ଅଧ୍ୟକ୍ଷ ବିଷ୍ଣୁ ଚରଣ ସ୍ୱାଇଁ, ସରପଞ୍ଚ ସୁରେଶ ପଟନାୟକ, ନିଆଳି ବ୍ଲକ କଂଗ୍ରେସ ସଭାପତି ଶୋଭାଗ୍ୟ ରଂଜନ ବସ୍ତିଆ, କଣ୍ଟାପଡା ପ୍ରେସ କ୍ଲବ ସଭାପତି ଶରତ କୁମାର ସାହୁ, ବିଜେପି ନେତା ତ୍ରିଲୋଚନ ବେହେରା, ସାହୁ ପ୍ୟାଲେସର ପ୍ରୋପାଇଟର ରାଜ କିଶୋର ସାହୁ ଉପସ୍ଥିତ ରହି ମୁସଲିମି ଭାଇ ଓ ଭଉଣୀଙ୍କୁ ଶୁଭେଚ୍ଛା ଜଣାଇଥିଲେ । ମାଧବ ଅର୍ଥଗା ଏହି ଅବସରରେ ମୁସଲମାନ ଭାଇମାନେ ନିଆଳି ସାହିଲ ହୁମାୟୁନ, ଏସ କେ ଗୟାସ ଉଦିନ ଶେଖ, ଏସକେ ରୋଜି ମୋହିରୁଧୀନ, ଏସକେ ୟାକୁବ, ଜଲାଲ ଖାଁ, ମଲିକ ବେଲାଲ, ମଲିକ ସେ ୟାକୁବ, ସେକ ଦୟାନ, ସେକ ଇଉ ଶୁଫ, ଶେଖ ଖାଲିଦ, ମଲିକ ସୋଫିଆନ, ମିର ଇତଫୁର, ସେକ ଦିନ, ମିର ଟୁକୁନ, ମିର୍ଜା ସୋହେଲ, ସେକ ଶିରାଜ, ମିର ଆଜିଜୁର, ନିର୍ମଳ ସିଂ, ବାଇସିଆର ବେହେରା, ଏସକେ ବାବୁ । ପୋଲିସ ପକ୍ଷରୁ କଡା ସୁରକ୍ଷା କରାଯାଇଥିବା ବେଳେ ଡିଏସପି ଅଜୟ କୁମାର ଦାଶ, ଆଇଆଇସି ବିଜୟ କୁମାର ମଲିକ, ଏସଆଇ ଜଗନ୍ନାଥ ପାଣିଗ୍ରାହୀ, ପ୍ରଶାନ୍ତ ବେହେରାଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲା ।

## ଚୌଦ୍ୱାରରେ ଇଦ୍ ପାଳିତ

ଟାଙ୍ଗୀ-ଚୌଦ୍ୱାର(ଭାସ୍କର ନ୍ୟୁଜ): ଚୌଦ୍ୱାରରେ ଇଦ୍-ଉଲ୍-ଫିତର ପର୍ବ ଜାକ ଜମକରେ ପାଳିତ ହୋଇ ଯାଇଛି । ଚୌଦ୍ୱାର ମୁସଲିମ୍ ପଞ୍ଚାୟତ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚୌଦ୍ୱାର ଅଞ୍ଚଳର ମୁସଲିମ୍ ସମ୍ପ୍ରଦାୟର ଲୋକମାନେ ଦିନ ୯ଟାରେ ଚାଟେଶ୍ୱରସ୍ଥିତ ଇଦଘା ପଡ଼ିଆରେ ଏକତ୍ରିତ ହୋଇ ସମୂହ କଲମା ପଢ଼ିଥିଲେ । ଚୌଦ୍ୱାର ମସଜିଦ୍‌ର ମୌଲବୀ ଅବଦୁଲ ରହୀମ ଉସମାନୀ ନମାଜ ପାଠ ସହିତ ପବିତ୍ର କୋରାନ୍ ପାଠ କରିଥିଲେ । ଏହି ସମୂହ ନମାଜରେ ଚୌଦ୍ୱାର ମୁସଲିମ୍ ସମ୍ପ୍ରଦାୟ ସମେତ ଆଖପାଖ ଅଞ୍ଚଳର ମୁସଲମାନ ଭାଇମାନେ ଅଂଶଗ୍ରହଣ କରିଥିଲେ । ମହିଳାମାନେ ନିଜ ନିଜ ଘରେ କଲମା ପଢ଼ିଥିଲେ । ପରେ ପରେ ଆୟୋଜିତ ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକେ ପରସ୍ପରକୁ କୋଳାଗ୍ରତ କରି ଇଦ ଶୁଭେଚ୍ଛା ଜଣାଇଥିଲେ । ଏହି ଅବସରରେ ପରସ୍ପର ମଧ୍ୟରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା । ଚୌଦ୍ୱାର ଆଇଆଇସି ବିଶ୍ୱରଞ୍ଜନ ସାହୁ କାର୍ଯ୍ୟକ୍ରମରେ ଯୋଗଦେଇ ସମସ୍ତଙ୍କୁ ଇଦ୍ ଅଭିନନ୍ଦନ ଜଣାଇଥିଲେ । ମୁସଲିମ ପଞ୍ଚାୟତ ସଭାପତି ସେକ୍ ସାଜିଦ୍ ଚାନ୍ଦଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ନସିମ୍ ଖାନଙ୍କ ସମେତ ସ୍ଥାନୀୟ ଯୁବଗୋଷ୍ଠୀ ପରିଚାଳନା କରିଥିଲେ । ସଂଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା ।

## ପିଲାଙ୍କ ଶିକ୍ଷାରେ ବାପା ମା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

# 'ଶୃଙ୍ଖଳା ଓ ସାଧନା ଛାତ୍ର ଜୀବନର ମୂଳମନ୍ତ୍ର'



ଅସ୍ତରଙ୍ଗ(ଭାସ୍କର ନ୍ୟୁଜ): ଶୃଙ୍ଖଳା ଓ ସାଧନା ଛାତ୍ର ଜୀବନର ମୂଳମନ୍ତ୍ର । ଯେଉଁ ଛାତ୍ରଛାତ୍ରୀ ଏହାକୁ ମାନି ଚଳନ୍ତି ସେମାନେ ଜୀବନରେ ସଫଳତା ହାସଲ କରନ୍ତି । ଏଣୁ ଛାତ୍ରଛାତ୍ରୀମାନେ ଏଥିପ୍ରତି ଧ୍ୟାନ ଦେବାକୁ ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ଆନୁକୂଲ୍ୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ଅବସରରେ ମୁଖ୍ୟ ଅତିଥି ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଆରତୀ ନାଏକ ମତବ୍ୟକ୍ତ କରିଛନ୍ତି । ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ନିରଞ୍ଜନ ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମକୁ ଉପସ୍ଥିତ ବରେଣ୍ୟ ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିବା ସହିତ ଶିକ୍ଷାଦାନ କ୍ଷେତ୍ରରେ ଛାତ୍ର, ଛାତ୍ରୀଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ସ୍ଥିତି ସୁଦୃଢ଼ କରାଯିବା ଉଚିତ ବୋଲି କହିଥିଲେ । ସୋମବାର ଅପରାହ୍ଣରେ ଅସ୍ତରଙ୍ଗ ବ୍ଲକର ଅସ୍ତରଙ୍ଗ ନୋଡାଲ ଉପ୍ରା ବିଦ୍ୟାଳୟ ବାର୍ଷିକ ଉତ୍ସବରେ ମୁଖ୍ୟବକ୍ତା ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ର ପିଲା ମାନେ କେବଳ ବିଦ୍ୟାଳୟରେ ଯେତିକି ପାଠ ପଢୁଛନ୍ତି ସେତିକି ଯଥେଷ୍ଟ ନୁହେଁ, ସେମାନଙ୍କୁ ଶିକ୍ଷା ଦେବାରେ ବାପା, ମା'ଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଥିସହିତ ଗୁଣାତ୍ମକ ଶିକ୍ଷା ଏବଂ ଆଦର୍ଶ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ବିଦ୍ୟାର୍ଥୀ, ଶିକ୍ଷକ ଏବଂ ସୁସ୍ଥ ପରିବେଶ ପରି ଏକ ତ୍ରିଭୁଜ ଆବଶ୍ୟକତା ରହିଛି । ସମ୍ମାନିତ ଅତିଥି ସମାଜସେବୀ ଦୁଷ୍ମନ୍ତ କୁମାର ପରିଡା ନିଜ ବକ୍ତବ୍ୟରେ ଛାତ୍ରଛାତ୍ରୀଙ୍କ ଉଜ୍ଜଳ ଭବିଷ୍ୟତ ଗଠନ ନେଇ ମାର୍ଗଦର୍ଶନ କରାଇଥିଲେ । ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହ ନୈତିକ ମୂଲ୍ୟବୋଧ ନେଇ ଜୀବନକୁ ଗଢିବାକୁ ଆହ୍ୱାନ ଦେଇଥିଲେ । ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ ବକ୍ତବ୍ୟରେ କହିଥିଲେ ବାର୍ଷିକ ଉତ୍ସବ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ସୁସମ୍ପର୍କ ସୃଷ୍ଟି କରି ଅନୁଷ୍ଠାନକୁ ଆଗକୁ ନେବାରେ ସହାୟକ କରିଥାଏ । ଉପଦେଷ୍ଟା ତଥା ବିଦ୍ୟାଳୟ ଆଲୁମିନା ଶିକ୍ଷା ପରାମର୍ଶ କମିଟି ସଂଯୋଜକ ଦିବାକର ଛାଟୋଇ ନିଜ ବକ୍ତବ୍ୟରେ କହିଥିଲେ ଶିଶୁ ମାନେ ଦେଶର ଭବିଷ୍ୟତ । ବଳିଷ୍ଠ ବ୍ୟକ୍ତିତ୍ୱ ଆଧାରରେ ରାଷ୍ଟ୍ର ନିର୍ମାଣରେ ସ୍ୱପ୍ନ ସାକାର ହେବ । ମୂଲ୍ୟବୋଧ ଭିତ୍ତିକ ନୈତିକ ଶିକ୍ଷା ଦେଇ ଗଢି ତୋଳିବା ସମାଜର ନୈତିକ କର୍ତ୍ତବ୍ୟ ବୋଲି ମତବ୍ୟକ୍ତ କରିଥିଲେ । ସରପଞ୍ଚ ରାମଚନ୍ଦ୍ର କାଣ୍ଡି ବକ୍ତବ୍ୟରେ ଏକାଗ୍ରତା ଓ କଠିନ ଅଧ୍ୟବସାୟ ଓ ଦୃଢ଼ ସଂକଳ୍ପ ହିଁ ଲକ୍ଷ୍ୟ ସାଧନ କରେ । ଅନ୍ୟତମ ଅତିଥି ଶିକ୍ଷାପରାମର୍ଶ କମିଟି ସଭାପତି ରବୀନ୍ଦ୍ର ମହାନ୍ତି, ଶିକ୍ଷାବିତ୍ତି କାଳନ୍ଦୀ ଚରଣ ଛାଟୋଇ, ସାଧନସଂଯୋଜକ ସନ୍ତୋଷ କୁମାର ସ୍ୱାଇଁ ଓ ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ରମାକାନ୍ତ ବସ୍ତିଆ ନିଜ ବକ୍ତବ୍ୟ ରେ କହିଥିଲେ ଉତ୍ତମ ମଣିଷ ହେବାକୁ ପରାମର୍ଶ ଦେଇଥିଲେ ।ଶିକ୍ଷକ ରବୀନ୍ଦ୍ର କୁମାର ବିଶ୍ୱାଳ ମଞ୍ଚ ପରିଚାଳନା କରିବା ସହ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିବା ସହିତ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିରଞ୍ଜନ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । ଚଳିତ ବର୍ଷ ବିଦ୍ୟାଳୟ ଛାତ୍ରୀ ଆଦ୍ୟାଶା ବେହେରା ଏନଏନଏମଏସରେ କୃତିତ୍ୱ ପାଇଥିବା ବେଳେ ପ୍ରତ୍ୟୁଷ ସ୍ୱୟଂ ପ୍ରକାଶ ଓଏଭିରେ ସ୍ଥାନ ପାଇଛନ୍ତି । ୨ ଗୌରବାନୀତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସେହିପରି ପ୍ରାକ୍ତନ ଛାତ୍ର ରାକେଶ ପରିଡା ଓ ଚିରଞ୍ଜିବି ସାହୁ ଓଡିଶା ପ୍ରଶାସନିକ ଅଧିକାରୀ ଭାବେ ସ୍ଥାନ ପାଇଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଦ୍ୟାଳୟ ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଅତିଥି ଗଣ ପୁରସ୍କୃତ ପ୍ରଦାନ କରିଥିଲେ । ବାର୍ଷିକ ଉତ୍ସବରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ସହ ବିଭିନ୍ନ ଚିତାକର୍ଷକ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ରମାକାନ୍ତ ବସ୍ତିଆ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ, ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଓ ପରିଚାଳନା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ ।



ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍ ) : ବାରିକପୁର ଡିଗ୍ରୀ ମହାବିଦ୍ୟାଳୟରେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜିକା ଅଧ୍ୟାପିକା ରିତାଞ୍ଜଳୀ ପାରମାଣିକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରକୁ ଅଧ୍ୟକ୍ଷ ରମେଶ ଚନ୍ଦ୍ର ବେଉରିଆ ଉଦଘାଟନ କରିଥିଲେ। ୮ ଦିନ ବ୍ୟାପି ଏହି ଶିବିରରେ ଅଂଶଗ୍ରହଣ କରିଥିବା ୧୮୦ ଜଣ ବାଳିକାଙ୍କୁ ପ୍ରଶିକ୍ଷିକା ବବିତାରାଣୀ ବେହେରା ଆତ୍ମରକ୍ଷାର ବିଭିନ୍ନ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ଶ୍ରୀ ବେଉରିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ସଂଯୋଜିକା ଶ୍ରୀମତୀ ପାରିମାଣିକ, କ୍ରୀଡା ଶିକ୍ଷକ ବିଶ୍ୱରଞ୍ଜନ ମହାପାତ୍ର ଓ ଡେମୋନୋଷ୍ଟ୍ରେଟର ବିଜୟ କୁମାର ମଲ୍ଲିକ ଅତିଥି ଭାବେ ଯୋଗଦେଇ କୌଶଳପୂର୍ଣ୍ଣ ଆତ୍ମରକ୍ଷା ନିଜ ସୁରକ୍ଷା କବଚ ବୋଲି ମତପ୍ରକାଶ କରି ଶିକ୍ଷା ଦିଆଯାଇଥିବା କୌଶଳ ବାଳିକାମାନଙ୍କ ଅବପଦବିପଦରେ ବେଶ ଉପଯୋଗୀ ହୋଇ ପାରିବ ବୋଲି ଆଶା ପ୍ରକାଶ କରିଥିଲେ ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟାଳୟ ସହାୟକ ହିମାଂଶୁ ଶେଖର ସାମଲ, ମମତା ନାୟକ, ଅଭିମନ୍ୟୁ ଘଡେଇ, ତପନ କୁମାର ଦାସ ଶିବିର ପରିଚାଳନା କରିଥିଲେ।



# ଦୁର୍ଦ୍ଦିନରେ ବିତୁଛି ୫ ଜୀବନ:ସରକାରୀ ସହାୟତା ସାତସପନ



◆ ପିଲାଟି ଦିନରୁ ମାଡ଼ିନାହାନ୍ତି ବିଦ୍ୟାଳୟ ପିଣ୍ଡା
◆ ପେନସନ ନାହିଁ କି ରାସନ ନାହିଁ
◆ ପ୍ରଧାନମନ୍ତ୍ରୀ ଆବାସ ବାବଦକୁ ମିଳିଥିବା ଟଙ୍କା ହୋଇଛି ବାଟମାରଣା
◆ ଟିଣ ଘରେ ବିତୁଛି ଜୀବନ

ଝରୀଗାଁ, (ଭାସ୍କର ନ୍ୟୁଜ୍ ) : ପିଲାଟି ଦିନରୁ ବାପାକୁ ହରେଇଲେ ତିନି ଛୁଆ। ଅନ୍ୟପଟେ ମା ବଞ୍ଚିବାର ରାହା ନ ପାଇ ବାପା ଘରକୁ ଚାଲି ଆସିଥିଲେ। ସୁଦୂର କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକର କୁଟୁରୁ ଗ୍ରାମରୁ ନିଜ ବାପା ଘର ଝରୀଗାଁ ବ୍ଲକ ଚକଲାପଦର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଯୋଡ଼ାଆମ୍ବ ଗ୍ରାମକୁ। ନିଜେ କୋଡ଼ି କୋଦାଳ ଧରି କୁଲି ମଜୁରୀ କରି ତିନି ଛୁଆଙ୍କ ସହିତ ବୃଦ୍ଧ ବାପା ମାର ଭରଣ ପୋଷଣ କରୁଥିଲେ। ସବୁ ସରକାରୀ ସୁବିଧା ସୁଯୋଗରୁ ବଞ୍ଚିତ ଥାଇ ମଧ୍ୟ ଦୁଃଖେ ସୁଖେ ଜୀବନ ବିତୁଥିଲା। କିନ୍ତୁ ଦଇବ ଏମାନଙ୍କୁ ଦେଇଦେଲେ ଦାରୁଣ ଦୁଃଖ। ଘରର ରୋଜଗାର କ୍ଷମ ତିନି ଛୁଆର ମା ବନିତାଙ୍କ ମୃତ୍ୟୁ ଘଟିଲା। ୧୧ ବର୍ଷର ବଡ଼ ଝିଅ କୌଶଲ୍ୟା ମାଝୀ, ୯ ବର୍ଷର ମଝିଆ ଝିଅ ମଙ୍ଗଳମାଝି ସହିତ ୭ ବର୍ଷର ପୁଅ ସୁଦର ମାଝୀ ମା ବାପା ଛେଉଣ୍ଡ ହୋଇଗଲେ। ବର୍ତ୍ତମାନ ଘରେ ୬୦ରୁ ଉର୍ଦ୍ଧ୍ୱ ବୟସର ବୃଦ୍ଧା ଦମ୍ପତି ତଥା ପିଲାଙ୍କ ଅଜା ନରେନ୍ଦ୍ର ଏବଂ ଆଈ ବୁଢ଼ି କନାଇ ଏବେ ଚିନ୍ତାରେ। ସେବା ପାଇବା ବୟସରେ ବୃଦ୍ଧବୃଦ୍ଧାଙ୍କ ମୁଣ୍ଡ ଉପରେ ୩ନାତିନାତୁଣୀଙ୍କ ଦାୟିତ୍ୱ। ଏପଟେ ନାଁ ମିଳୁଛି ପେନସନ ନାଁ ମିଳୁଛି ରାସନ। ଏମିତିକି ମିଳିଥିବା ପ୍ରଧାନମନ୍ତ୍ରୀ ଆବାସ ଖଣ୍ଡିକୁ ମଧ୍ୟ କେହି ଜଣେ ଆତ୍ମସାତ କରିଛି। ଗରିବର ଫାଇଦା ଉଠେଇ ସବୁତକ ଟଙ୍କା ଉଠେଇ ନେଇଯିବା ପରେ ଶେଷରେ ନିଜର ଥିବା ଜାଗା ଟିକକ ବିକି ପ୍ରଧାନମନ୍ତ୍ରୀ ଆବାସ ଗୃହରେ ଟିଣ ପକେଇ ରହୁଛନ୍ତି। ଏଭଳି ସବୁ ସରକାରୀ ସୁବିଧା ସୁଯୋଗ ଏମାନଙ୍କ ପାଇଁ ସାତସପନ। କହିବାକୁ ଗଲେ ପରିବାରରେ ପାଞ୍ଚ ପ୍ରାଣୀ କୁଟୁମ୍ବ। କିନ୍ତୁ କେବଳ ନରେନ୍ଦ୍ରଙ୍କୁ ମିଳୁଛି ପାଞ୍ଚକେଜି ଚାଉଳ। ଏହି ପାଞ୍ଚ କେଜି ଚାଉଳ ପାଇଁ ପଚାଶ ଟଙ୍କା ଖର୍ଚ୍ଚ କରି ଏମାନଙ୍କୁ ଯିବାକୁ ପଡୁଛି ପାଞ୍ଚ କିଲୋମିଟର ଦୂର। ଅର୍ଥାଭାବ ଓ ଶାରିରୀକ ସ୍ତରରେ ଦୁର୍ବଳ ଥିବା ନରେନ୍ଦ୍ର ଆଉ ଚାଉଳ ପାଇଁ ଯାଉନାହାଁନ୍ତି ବୋଲି କହିଛନ୍ତି ବୃଦ୍ଧା ଦମ୍ପତି। ପେନସନ କଥା ତ ଛାଡ଼ ବୃଦ୍ଧ ନରେନ୍ଦ୍ରକୁ ବୟସ ଷାଠିଏରୁ ଉର୍ଦ୍ଧ୍ୱ ହୋଇଥିଲେ ବି ମିଳୁନି ଭତ୍ତା। ସ୍ତ୍ରୀଙ୍କ ବୟସ ମଧ୍ୟ ଆନୁମାନିକ ଷାଠିଏରୁ ଉର୍ଦ୍ଧ୍ୱ ହୋଇଥିଲେ ବି ଆଧାର ସଂଶୋଧନ ନ ହୋଇପାରିବା କାରଣରୁ ସିଏବି ବଞ୍ଚିତ ହୋଇଛନ୍ତି ବାର୍ଦ୍ଧକ୍ୟ ଭତ୍ତା ଯୋଜନାରୁ। ଏବେ ଘରେ ରହୁଥିବା ଏହି ପାଞ୍ଚ ପ୍ରାଣୀ ମଧ୍ୟରେ କଅଁଳା ତିନି ଛୁଆର କଅଁଳା ବୟସରୁ ଏମାନଙ୍କ ଭବିଷ୍ୟତ ଏବେ ଅନ୍ଧାରରେ, କେବେ ବି ଏମାନେ ବିଦ୍ୟାଳୟର ପିଣ୍ଡା ମାଡ଼ିନାହାନ୍ତି। ପାଠ ପଢିବା ପାଇଁ ମନରେ ଅସୁମାରୀ ଆଶା ଥିଲେ ମଧ୍ୟ ଏମାନଙ୍କ ଦୁଃଖ ଦୁର୍ଦ୍ଦଶା ଏମାନଙ୍କୁ ଯିବାକୁ ଦେଇନି ବିଦ୍ୟାଳୟ। ସକାଳ ପାହିଲେ କେବେ ମହୁଲ ଗୋଟେଇ ଯାଆନ୍ତି ତ କେବେ ମକା ଲଗେଇବାକୁ। ଏମିତିକି ଲୋକଙ୍କ ଘରେ କାମ କରି ଦୁଇ ପଇସା ରୋଜଗାର କରିବାକୁ ବାଧ୍ୟ ହେଉଛନ୍ତି। ମନଟା ଖାଲି ମାଆକୁ ଖୋଜୁଛି ହେଲେ ଦୁଃଖ ସହିତ ପେଟର ଭୋକ ପାଇଁ ଏବେ ତିନି ଭାଇ ଭଉଣୀ ମହୁଲ ଗୋଟେଇବାକୁ ପହଞ୍ଚି ଯାଉଛନ୍ତି ଜଙ୍ଗଲର ମହୁଲ ବୁଦା ମୂଳରେ। ଅ ଅକ୍ଷର ଜାଣିନଥିବା ୩ପିଲାଙ୍କର ଭବିଷ୍ୟତ କ'ଣ ହେବ, କିଏ ତାଙ୍କୁ ସାହା ହେବ ଯାହାକୁ ନେଇ ଆଶା ଆସଙ୍କାରେ ଗ୍ରାମବାସୀ। ଏଭଳି ଦୁଃଖ ଆଉ ଦୁର୍ଦ୍ଦଶାରେ ଜୀବନ ବିତାଉଥିବା ପରିବାରକୁ ସରକାର ସହାୟତା ଯୋଗେଇଦେବା ସହ ଏହି ଅନାଥ ଶିଶୁଙ୍କୁ ହଷ୍ଟେଲରେ ରଖି ଶିକ୍ଷାଦାନର ବ୍ୟବସ୍ଥା କରାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଇଦ୍-ଉଲ-ଫିତର୍ ପାଳିତ



ଚନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ) : ଚନ୍ଦାହାଣ୍ଡି ବ୍ଲକ ଅଧିନସ୍ଥ ସୁନ୍ନୀ ରଜଓି ଜାମା ମସଜିଦ ମୋହରା ଏବଂ ବେହେରାମୁଣ୍ଡା ଜାମା ମସଜିଦ୍ ଆନୁକୂଲ୍ୟରେ ପବିତ୍ର ଇଦ୍ -ଉଲ-ଫିତର୍ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଯିତ ଏକ ଶୋଭାଯାତ୍ରାରେ ସୁନ୍ନୀ ମୁସଲମାନ ଭାଇ ମାନେ ଯୋଗଦେଇ ମୋହରା ମସଜିଦ୍ ପରିସରରେ ଏକତ୍ରିତ ହୋଇ ନାରେ ତକବିର-ଆଲ୍ଲାହୁ-ଅକବର ଶ୍ଳୋଗାନ ଦେଇ ଇଦଗାହା ପହଞ୍ଚିଥିଲେ। ଏହାପରେ ମୌଲାନା ସୋହେବ ରଜାଙ୍କ ପୌରୋହିତ୍ୟରେ ଇଦ୍‌ର ନମାଜ ପାଠ କରିବା ପରେ ସମସ୍ତେ ପରସ୍ପରକୁ ଇଦ୍ ମୁବାରକ ଅଭିନନ୍ଦନ ଜଣାଇଥିଲେ। ନମାଜ ପାଠ ପରେ ସମସ୍ତେ ସୁଖ ସମୃଦ୍ଧି ନିମନ୍ତେ ଆଲ୍ଲାଙ୍କ ଠାରେ ଦୁଆ ମାଗିବା ସହ କବ୍ରିସ୍ତାନ (ଶ୍ମଶାନ)କୁ ଯାଇ ନିଜ ପରିବାରର ଇହଧାମ ତ୍ୟାଗ କରିଥିବା ବ୍ୟକ୍ତିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ଏହି ଅବସରରେ ପବିତ୍ର ରମଜାନ ମାସରେ ଏକ ମାସ ତରାବି ନମାଜ ପାଠରେ କୋରାନ ପାଠ ଶୁଣାଇଥିବା ହାଫିଜ୍ ସୋହେବ ରଜାଙ୍କୁ ମୋହରା ମସଜିଦ୍ କମିଟି ତରଫରୁ ୩୧ ହଜାର ଟଙ୍କା ନଜରାନା ପ୍ରଦାନ କରାଯାଇଥିଲା। ସେହିଭଳି ଅନାଥ ପିଲାମାନେ ପଢୁଥିବା ଆଶ୍ରମକୁ ପଠେଇବା ନିମନ୍ତେ ୮ ହଜାର ଟଙ୍କା ଆଦାୟ କରାଯାଇଥିଲା। ଏହାପରେ ସମସ୍ତେ ନିଜ ନିଜ ଘରକୁ ଯାଇ ବୟୋଜ୍ୟେଷ୍ଠଙ୍କ ଆଶୀର୍ବାଦ ନେବା ସହ ପୁରୀ, ସିମିଆ ଆଦି ବାଣ୍ଟିଥିଲେ। ଏଥିରେ ସଭାପତି ସୁଲତାନ ଅଲ୍ଲି, ଉପ-ସଭାପତି ମୁରାଦ ଅଲ୍ଲି, ସମ୍ପାଦକ ମହମ୍ମଦ ସକିଲ, ମହମ୍ମଦ ଇଲିୟାସ, ମୋହମ୍ମଦ ୟୁନୁଷ ମାଲକାନୀ, ମହମ୍ମଦ ରଫିକ , ମହମ୍ମଦ ହନିଫ, ମହମ୍ମଦ ୟୁନୁସ, ମହମ୍ମଦ ସଫିକ, ମହମ୍ମଦ ହୁସେନ, ମୁରାଦୁ ଅଲ୍ଲୀ, ଅକବର ଅଲ୍ଲୀ, ସହିଦ ଅଲ୍ଲୀ, ମହମ୍ମଦ ରିଜଓାନ, ମହମ୍ମଦ ଇକବାଲ, ଅବଦୁଲ କୟୁମ, ସାହାଦତ ଅଲ୍ଲି, ହାଜି ମହମ୍ମଦ ଇଶା, ଖଲିଲ ଅଲ୍ଲୀ, ମହମ୍ମଦ ଅସପାକ ପ୍ରମୁଖ ଉପସ୍ଥିତ ଥିଲେ।

## ୩ ନୂତନ ସିଆରସିସି ନିଯୁକ୍ତ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍ ) : ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରିଣୀଙ୍କ ଅଧିନରେ ୩ଜଣ ନୂତନ ସିଆରସିସିଙ୍କୁ କଟକ ଜିଲ୍ଲା ସମଗ୍ର ଜିଲ୍ଲା ଶିକ୍ଷା ଯୋଜନାର ପ୍ରକଳ୍ପ ନିର୍ଦ୍ଦେଶକ ନିଯୁକ୍ତି ପ୍ରଦାନ କରିଥିବାର ଜଣାଯାଇଛି। ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର କ୍ଲଷ୍ଟର ସିଆରସିସି ଅଲେଖ ଚନ୍ଦ୍ର ବାରିକଙ୍କ ସ୍ଥାନରେ ବାଲିଆପଦା ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ କିଶୋର ଚନ୍ଦ୍ର ନାଥ, ସାଧୁଚରଣ ସରକାରୀ ଉଚ୍ଚ ପ୍ରାଥମିକ କ୍ଲଷ୍ଟର ସିଆରସିସି ଧନେଶ୍ୱର ସାହୁଙ୍କ ସ୍ଥାନରେ ମଣିଜଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହିମାଂଶୁ ଶେଖର ସିଂଙ୍କୁ ଓ ଶିର୍ଲୋ ପ୍ରାଥମିକ କ୍ଲଷ୍ଟର ସିଆରସିସି ସୁବାଷ ଚନ୍ଦ୍ର ରାଉତଙ୍କ ସ୍ଥାନରେ ବାବୁଜଙ୍ଗ ଉର୍ଦ୍ଧ୍ୱ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ମୁଦାସର ନଜରଙ୍କୁ ନୂତନ ସିଆରସିସି ରୂପେ ନିଯୁକ୍ତି ପ୍ରଦାନ କରାଯାଇଥିବାର ଏକ ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ଅପରପକ୍ଷରେ ବେଣୀରାମପୁର କ୍ଲଷ୍ଟର ସିଆରସିସି ଓ ମୁଗୁରିଆ କ୍ଲଷ୍ଟର ସିଆରସିସି ପଦବୀ ଦୀର୍ଘ ଦିନ ହେଲା ଖାଲି ପଡିଛି। ଏହି ସିଆରସିସି ପଦବୀ ଗୁଡିକୁ ପୂରଣ କରାଯିବା ନିମନ୍ତେ ଭିଜନିଂ ୬ମାସ ହେଲା ଶେଷ ହେଲାଣି। କିନ୍ତୁ ରହସ୍ୟ ଜନକ ଭାବେ ସେମାନଙ୍କୁ ଏପର୍ଯ୍ୟନ୍ତ ନିଯୁକ୍ତି ପ୍ରଦାନ କରାଯାଉ ନଥିବାର ଜଣାଯାଇଛି। ତେବେ ନୂତନ ସିଆରସିସି ନିଯୁକ୍ତିରେ କାହିଁକି ବିଳମ୍ବ କରାଯାଉଛି ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଆନ୍ତର୍ଜାତିକ କିନ୍ନର ଦିବସ ପାଳିତ




ବରଗଡ଼, (ଭାସ୍କର ନ୍ୟୁଜ୍ ) : ସୋମବାର ଦିନ ପୂର୍ବାହ୍ନ ୧୦.୩୦. ମି. ସମୟରେ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ପରିସର ମଧ୍ୟରେ ଆନ୍ତର୍ଜାତୀକ କିନ୍ନର ଦିବସ ମହା ସମାରୋହରେ ପାଳିତ ହୋଇ ଯାଇଛି। ବଲାଙ୍ଗୀର ସେବା ଅନୁଷ୍ଠାନ ପକ୍ଷରୁ ହୋଇଥିବା କାର୍ଯ୍ୟକ୍ରମରେ, ସଂଗଠନର ସମ୍ପାଦକ ଡିଙ୍ଗର ତାଣ୍ଡି ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ଦୃଷ୍ଟିହୀନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଭୟ କୁମାର ପଧାନ, ବରଗଡ କିନ୍ନର ସଂଘର ସଭାପତି ମେହେନ୍ଦି ଦିଦି, ସମ୍ପାଦକ ଚୁମକି ଦିଦି, ସମ୍ମାନିତ ଅତିଥି ଭାବରେ ବରଗଡ ବି. ଏସ. ଏସ. ଓ. ଆମ୍ବୁଜାକ୍ଷର ପଧାନ, ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟ ମାନସିକ ଦିବ୍ୟାଙ୍ଗ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମେଘନାଦ ସାହୁ, ବଧିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ କିଶୋର ଚନ୍ଦ୍ର ସାହୁ ମଂଚାସୀନ ଥିଲେ। ଉକ୍ତ ସଭାରେ ଜିଲ୍ଲାର ବହୁତ କିନ୍ନର ଦିଦି ଭାଗ ନେଇ ଥିଲେ। ସମସ୍ତ କିନ୍ନର ଦିଦି ମାନଙ୍କୁ ମୋମେଣ୍ଟୋ ଦେଇ ସମ୍ମାନିତ କରାଯାଇ ଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ସମସ୍ୟା ଉପରେ ଅତିଥିମାନେ ଆଲୋଚନା କରିଥିଲେ। ପରିଶେଷରେ ଶ୍ରୀ ତାଣ୍ଡି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କୃଷକ ଅଧିକାର ସୁରକ୍ଷା ଆଇନ ସମ୍ବନ୍ଧୀୟ ତାଲିମ୍ ସଚେତନତା ଶିବିର ଓ ପ୍ରଦର୍ଶନୀ



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ) : ଜୁଡିଆ ଫାର୍ମ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର କେନ୍ଦୁଝର ପରିସରରେ ଉଦ୍ଭିଦ କିସମ ଏବଂ କୃଷକ ଅଧିକାର ସୁରକ୍ଷା ଆଇନ ସମ୍ବନ୍ଧୀୟ ତାଲିମ୍ ସଚେତନତା ଶିବିର ଓ ପ୍ରଦର୍ଶନୀ ମୟୁରଭଂଜ ଓ କେନ୍ଦୁଝର କେଭିକେର ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ କିସମ ଗୁଡ଼ିକର ସଂରକ୍ଷଣ ଏବଂ ରକ୍ଷଣାବେକ୍ଷଣ ଆଜି ଦିନରେ ନିହାତି ଜରୁରୀ ନୂତନ କିସମ ସୃଷ୍ଟି କରିବା ପାଇଁ ବୋଲି ଆଞ୍ଚଳିକ ଗବେଷଣା କେନ୍ଦ୍ରର ବୈଜ୍ଞାନିକ ମାନେ ମତ ପ୍ରଦାନ କରିଥିଲେ। ଗ୍ରାମାଞ୍ଚଳରେ ଚାଷ ହେଉଥିବା ଦେଶୀ କିସମ ଗୁଡ଼ିକର ପଞ୍ଜିକରଣ କରାଇ ସତ୍ୱାଧିକାର ପ୍ରାପ୍ତ କରିବା ପାଇଁ ପ୍ରୋତ୍ସାହିତ କରାଯାଇଥିଲା। ଏହି ତାଲିମ୍ ଓ ସଚେତନତା ଶିବିରରେ ଶତାଧିକ ଦେଶୀ କିସମ ଗୁଡ଼ିକର ପ୍ରଦର୍ଶନ କରାଯାଇଥିଲା। ଏଥି ସମ୍ବନ୍ଧିତ ଆଇନ୍ ବିଷୟରେ ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୟୁରଭଂଜ ଓ କେନ୍ଦୁଝରର ୧୦୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ର କେନ୍ଦୁଝରର ମୁଖ୍ୟ ବୈଜ୍ଞାନିକ ଡଃ ସୁକାନ୍ତ କୁମାର ସାହୁ, ଆଞ୍ଚଳିକ ଗବେଷଣା କେନ୍ଦ୍ରର ମୁଖ୍ୟ ଡ଼ କିଶୋର ଚନ୍ଦ୍ର ସାହୁ ଏବଂ ମୟୁରଭଂଜ କୃଷି ବିଜ୍ଞାନ କେନ୍ଦ୍ର, ବାରିପଦାର ମୁଖ୍ୟ ଡ଼ ସଂଘମିତ୍ରା ପଟ୍ଟନାୟକ, ଯଶୀପୁର କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡଃ ଦୀପକ କୁମାର ମହାନ୍ତି ଓ କୃଷି ତଥା ଆନୁସାଙ୍ଗିକ ବିଭାଗର ଅଧିକାରୀ ମାନେ ଯୋଗଦେଇ ଚାଷୀ ମାନଙ୍କର ଉତ୍ସାହ ବର୍ଦ୍ଧନ କରୁଥିଲେ।

## ଅବିଭାବକ ଆମର ଅଂଶୀଦାର ସମ୍ମିଳନୀ

କୋଷାଗୁମୁଡା, (ଭାସ୍କର ନ୍ୟୁଜ୍ ) : ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ବଡ଼ଆମ୍ବଡା ପଞ୍ଚାୟତ ସଦର ମହକୁମା ସ୍ଥିତ ସରକାରୀ ଆଶ୍ରମ ବିଦ୍ୟାଳୟରେ ଅବିଭାବକ ଆମର ଅଂଶୀଦାର ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କମଳ ନାୟକଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବଡ଼ ଆମ୍ବଡା ସରପଞ୍ଚ ଶିଶୁପାଳ ରନ୍ଧାରୀ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ କାମଦେବ ବକ୍ରିୟା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ଧନେଇ ଭତରା, ସମିତି ସଭ୍ୟା ଶାନ୍ତି ବିଶୋଇ, ୱାର୍ଡ ସଭ୍ୟା ପାନବତୀ ବକ୍ରିୟା ପ୍ରମୁଖ ମଂଚାସୀନ ରହିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଡମ୍ବରୁ ମଲ୍ଲିକ ମଞ୍ଚ ପରିଚାଳନା କରି କାର୍ଯ୍ୟକ୍ରମକୁ ଆଗେଇ ନେଇଥିବା ବେଳେ ବିଦ୍ୟାଳୟର ସହକାରୀ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କ ମଧ୍ୟରେ ବିଷ୍ଣୁ କୁମାର ଭୂୟାଁ ଓ ମିଳନ ମିତ୍ର ନାୟକ, ଗୀତାରାଣୀ ପ୍ରଧାନ, ମେଟ୍ରନ ନିଲମ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ପୂର୍ଣ୍ଣ ସହଯୋଗ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଅବିଭାବକମାନେ ମଧ୍ୟ ବହୁ ସଂଖ୍ୟାରେ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବିଦ୍ୟାଳୟର ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟକ୍ରମ, ଛାତ୍ରଛାତ୍ରୀ ମାନଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ସଫଳତା, ଛାତ୍ରଛାତ୍ରୀ ମାନଙ୍କ ସୁରକ୍ଷା ଓ ନିରାପତ୍ତା, ଜୀବନ କୌଶଳ ଶିକ୍ଷା, ଅପର ଆଇଡି, ମାଧୋସିଂ ହାତ ଖର୍ଚ୍ଚ ଆଦି ବିଷୟରେ ପ୍ରାଞ୍ଜଳ ଭାବେ ଆଲୋଚନା ହୋଇଥିଲା।

## ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ

ଚନ୍ଦାହାଣ୍ଡି, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବିଡିଓ ସୁକାନ୍ତ କୁମାର ପଟ୍ଟନାୟକଙ୍କ ତତ୍ୱାବଧାନରେ ଚନ୍ଦାହାଣ୍ଡି ମଣ୍ଡେଇ ପଡିଆରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ହୋଇ ଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଚନ୍ଦାହାଣ୍ଡି ବ୍ଲକ ଅଧ୍ୟକ୍ଷା ସୁମିତ୍ରା ପୂଜାରୀ ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଚନ୍ଦାହାଣ୍ଡି ତହସିଲଦାର ସହଦେବ କୃତ୍ତିକା, ଡାକ୍ତର ରୁଦ୍ରପ୍ରସାଦ ଗୌଡ଼, ଜିଲ୍ଲା ପରିଷଦ ଜୋନ ୧ ସଭ୍ୟା ବର୍ଷାରାଣୀ ପଟେଲ, ଜୋନ ୨ ବର୍ଷାରାଣୀ ପଟେଲ, ସମାଜସେବୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ କି ବାତରେ କେନ୍ଦ୍ରର ବିଭିନ୍ନ ଯୋଜନା, ଏବଂ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ କଳାହାଣ୍ଡି ଗସ୍ତ ଏବଂ ତାଙ୍କ ଅଭିଭାଷଣ ଲୋକେ ଶୁଣିଥିଲେ। ଏହା ପରେ ଚନ୍ଦାହାଣ୍ଡି ବ୍ଲକରେ ୮୯ଟି ଅନ୍ତ୍ୟୋଦୟ ହିତାଧିକାରୀ ମାନଙ୍କୁ କାର୍ଯ୍ୟଦେଶ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପାନାବେଡା ଯୁକ୍ତ ୨ ଅଧ୍ୟକ୍ଷ ନଳିନୀ କୁମାର ଦାସ ପରିଚାଳନା କରିଥିବା ବେଳେ ବିପିସି ଦୁର୍ଯ୍ୟଧନ ନାୟକ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିପିଡିଓ ବାନାମ୍ବର



ବସନ୍ତ ମାଝି, ଜିଲ୍ଲା ବିଜେପି ଉପସଭାପତି ଦିଲୀପ ଦାସ, ଅକାଲୁ ଜାଳି, ଭରତ ବାଘ, ମଣ୍ଡଳ ସଭାପତି ଭୋଦେବ ବାଘ ମୋହନ ନାୟକ ମଧୁସୂଦନ ନାଗେଶ ପ୍ରଭାତ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ଲୋକଙ୍କ ମନୋରଞ୍ଜନ ସକାଶେ ଜୁନାପାଣି ଆଶ୍ରମ ବିଦ୍ୟାଳୟର ଶିକ୍ଷୟତ୍ରୀ ଭାନୁମତୀ ମହାରଣାଙ୍କ ଦ୍ୱାରା ନିର୍ଦ୍ଦେଶିତ ଛାତ୍ରୀଙ୍କ ଦ୍ୱାରା ଘୁମୁରା ନୃତ୍ୟ ପରିବେଷଣ କରଯାଇଥିଲା। ଭିଡିଓ ସୋ ମାଧ୍ୟମରେ ଦାଶ, ଡବ୍ଲ୍ୟୁଇଓ ସୁବ୍ରତ କୁମାର ପରିଡା, ଏଫଇଓ ଭାବଗ୍ରାହୀ ନାୟକ, ବିଏସଏସଓ ଏଲିଜାବେଥ ଗରୋଡା, ବିପିସି (ମିଶନ ଶକ୍ତି) ବନମାଳୀ ଖୋସଲା, କନିଷ୍ଠ ଯନ୍ତ୍ରୀ ରାଜୀବ ଲୋଚନ ଧଳ, ସହକାରୀ ଯନ୍ତ୍ରୀ ଭଗବାନ ବେହେରା, ସମସ୍ତ ପିଇଓ ସମିତି ସଭ୍ୟ ସଭ୍ୟା ସରପଞ୍ଚ, ଏବଂ ଅଙ୍ଗନୱାଡି କର୍ମୀ ବିଏଲଏଫ, ଜିପିଏଲଏଫ ସହ ସ୍ୱୟଂ ସହାୟିକା ଗୋଷ୍ଠୀ ଆଶାକର୍ମୀମାନେ ଉପସ୍ଥିତ ଥିଲେ।

## ଗୌରୀ ଦାସ ସଭାପତି ଭାବେ ନିର୍ବାଚିତ

ଗୁଣପୁର, (ଭାସ୍କର ନ୍ୟୁଜ୍ ) : ଗୁଣପୁର ଓକିଲ ସଂଘ ନିର୍ବାଚନ ଫଳାଫଳ ଘୋଷଣା ହୋଇଯାଇଛି। ଏଥିରେ ସଭାପତି ଭାବେ ବରିଷ୍ଠ ଆଇନଜୀବୀ ଗୌରୀ ଶଂକର ଦାସ ନିର୍ବାଚିତ ହୋଇଛନ୍ତି। ସଭାପତି ପଦବୀ ପାଇଁ ଗୌରୀ ଦାସ ଓ ଦେବୀ ଆଚାର୍ଯ୍ୟ ମଧ୍ୟରେ ଲଢେଇ ହୋଇଥିଲା। ଏଥିରେ ଗୌରୀ ଶଙ୍କର ଦାଶ ସମୁଦାୟ ୪୩ ଗୋଟି ଭୋଟ ପାଇଥିବା ବେଳେ ତାଙ୍କ ପ୍ରତିଦ୍ୱନ୍ଦି ଦେବୀ ଆଚାର୍ଯ୍ୟ ୩୮ ଗୋଟି ଭୋଟ ପାଇଥିଲେ। ପରିଶେଷରେ ନିଜ ପ୍ରତିଦ୍ୱନ୍ଦୀଙ୍କୁ ୫ଗୋଟି ଭୋଟରେ ପରାସ୍ତ କରି ଗୌରୀ ଶଙ୍କର ଦାଶ ବିଜୟ ହାସଲ କରିଛନ୍ତି। ସେହିପରି ଉପସଭାପତି ଭାବେ ରମେଶ ଲିମା ନିର୍ବାଚିତ ହୋଇଛନ୍ତି। ରମେଶ ଲିମା ୪୭ଖଣ୍ଡ ଭୋଟ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦୀ ହିମକାନ୍ତ ମହାପାତ୍ର ୩୪ଖଣ୍ଡ ଭୋଟ ପାଇଥିଲେ। ପୂର୍ବରୁ ସମ୍ପାଦକ ଭାବେ ପ୍ରବୀଣ ପଟ୍ଟନାୟକ (ଅପ୍ରତିଦ୍ୱନ୍ଦୀ), ଯୁଗ୍ମ ସମ୍ପାଦକ ଭାବେ ସୁରଜ ପାତ୍ର (ଅପ୍ରତିଦ୍ୱନ୍ଦୀ), କୋଷାଧକ୍ଷ ଭାବେ କୈଳାଶ ଶବର ( ଅପ୍ରତିଦ୍ୱନ୍ଦୀ ) ନିର୍ବାଚିତ ଘୋଷିତ ହୋଇଛନ୍ତି। ଏହି ନିର୍ବାଚନକୁ ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ମନଜ ରନ୍ହାଲୁ ଓ ସହ ନିର୍ବାଚନ ଅଧିକାରୀ ଭାବେ ଲକ୍ଷ୍ମୀ ମହାକୁଡ ପରିଚାଳନା କରିଥିଲେ।

## ଅବସରପ୍ରାପ୍ତ ଅଧିକାରୀଙ୍କ ପୁନଃ ଥଇଥାନ ମସୁଧାକୁ ନେଇ ଅସନ୍ତୋଷ



ଭଞ୍ଜନଗର, (ଭାସ୍କର ନ୍ୟୁଜ୍ ) : ଓଡିଶା ବନ ଉନ୍ନୟନ ନିଗମ ପକ୍ଷରୁ କ୍ୟାଡର ପୁନର୍ଗଠନ ପ୍ରକ୍ରିୟାକୁ ଅନୁମୋଦନ ମିଳିଛି। ଏ ଦିଗରେ ନିଗମ କର୍ତ୍ତୃପକ୍ଷ ବିଧିବଦ୍ଧ ନିଷ୍ପତ୍ତି ନେଇଥିବା ବେଳେ ଏହାକୁ ବନ ଉନ୍ନୟନ ନିଗମ କର୍ମଚାରୀ ମହାସଂଘ ପକ୍ଷରୁ ବିରୋଧ କରାଯାଇଛି। ନିଗମ କର୍ତ୍ତୃପକ୍ଷ ତୁରନ୍ତ ଏହା ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀଙ୍କୁ କ୍ୟାଡ଼ର ମୁକ୍ତ କରିବାକୁ ରାଜ୍ୟ ସଂଘ ପକ୍ଷରୁ ଦାବି କରାଯାଇଛି। ତା ନହେଲେ ରାଜ୍ୟ ବ୍ୟାପି ଆନ୍ଦୋଳନ କରାଯିବ ବୋଲି ମହାସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ସଂଗ୍ରାମ କେଶରୀ ପଟ୍ଟନାୟକ ଚେତାବନୀ ଦେଇଛନ୍ତି। ନିକଟରେ ନିଗମ ପକ୍ଷରୁ କ୍ୟାଡର ପୁନର୍ଗଠନ ପ୍ରକ୍ରିୟାକୁ ଅନୁମୋଦନ ଦିଆଯାଇ ନିଗମର ମୁଖ୍ୟ ପରିଚାଳକ (ଖାଦ୍ୟ ପ୍ରକ୍ରିୟାକରଣ) ଓ ପ୍ରକଳ୍ପ ପରିଚାଳକ (ପରିବହନ) ଭଳି ଦୁଇଟି ଉଚ୍ଚ ପଦବୀରେ ଓଏଫଡିସିର ବର୍ତ୍ତମାନର କର୍ମଚାରୀଙ୍କ ମଧ୍ୟରୁ ଗ୍ରହଣ କରାଯିବ ବୋଲି କୁହାଯାଇଛି। ଅପରପକ୍ଷରେ ଅଧିକାଂଶ କିରାଣୀ ଓ କ୍ଷେତ୍ର କର୍ମଚାରୀଙ୍କୁ ପଦୋନ୍ନତିରୁ ବାଦ ଦେଇ ନିଗମ କର୍ତ୍ତୃପକ୍ଷ ଅବସର ଗ୍ରହଣ କରି ସାରିଥିବା ବହୁ ଧଳା ହାତୀଙ୍କୁ ଅନେକ ଅବାଞ୍ଛିତ ପଦବୀ ସୃଷ୍ଟି କରି ଏଥିରେ ଥାଇଥାନ କରିବାକୁ ମସୁଧା କରୁଥିବାରୁ କର୍ମଚାରୀ ମହାସଂଘ ଏହାକୁ ବିରୋଧ କରୁଛି ବୋଲି କାର୍ଯ୍ୟକାରୀ ସଭାପତି ପଟ୍ଟନାୟକ ନିଜ ପ୍ରତିକ୍ରିୟାରେ ଉଲ୍ଲେଖ କରିଛନ୍ତି। ଓଏଫଡିସିର ନିୟମ ପ୍ରକାରେ ରାଜ୍ୟର ମୋଟ କର୍ମଚାରୀ ମଧ୍ୟରୁ ମାତ୍ର ଏକ ପ୍ରତିଶତ ଅବସରପ୍ରାପ୍ତ ଅଧିକାରୀଙ୍କୁ ପୁନଃ ଥାଇଥାନ କରାଯାଇପାରିବ ବୋଲି ଉଲ୍ଲେଖ ରହିଥିବା ବେଳେ ଆବଶ୍ୟକ ସଂଖ୍ୟାରେ ଖାଲି ପଡ଼ିଥିବା କ୍ଷେତ୍ର କର୍ମଚାରୀ ପଦବୀ ପୂରଣ ନକରି କେବଳ ଧଳା ହାତୀ ଥାଇଥାନ କରିବାକୁ କର୍ତ୍ତୃପକ୍ଷ ଉଦ୍ୟମ ଆରମ୍ଭ କରିଥିବାରୁ ସଂଘ ଏହାର ଘୋର ବିରୋଧ କରୁଛି। ବନ ନିଗମ ରେ ଦୀର୍ଘ ବର୍ଷ ଧରି କ୍ଷେତ୍ର କର୍ମଚାରୀ ଓ କିରାଣୀ ମାନଙ୍କ ପଦୋନ୍ନତି ହୋଇନଥିବା ବେଳେ ନିଗମର ସିଂହଭାଗ ଅର୍ଥ କୁ ଅଯଥାରେ ବଡ ବଡ ପଦବୀରେ ଥାଇଥାନ କରାଯାଇ ସେମାନଙ୍କ ପାଇଁ ଖର୍ଚ୍ଚ କରିବାର କଣ ଅଭିପ୍ରାୟ ରହିଛି ବୋଲି ମହାସଂଘ ଏବେ ସ୍ୱର ଉତ୍ତୋଳନ କରିଛି। ନିଗମ ଅଧିନରେ ଥିବା ଶହ ଶହ କାଜୁ ଜଙ୍ଗଲ ବୁଝିବାକୁ କର୍ମଚାରୀ ନାହାନ୍ତି। ଏଣୁ ନିଗମର ଆର୍ଥିକ ଅଭିବୃଦ୍ଧି ଦିଗରେ କାର୍ଯ୍ୟ କରିବା ବଦଳରେ ନିଗମକୁ ଧଳା ହାତୀ ଥାଇଥାନ କେନ୍ଦ୍ର ନକରିବାକୁ ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ ଯେ ଓଡିଶା ବନ ଉନ୍ନୟନ ନିଗମ ଅଧିନରେ ଏବେ ୧୨୫୩ ଜଣ କର୍ମଚାରୀ ରହିଥିବା ବେଳେ ଏହି କର୍ମଚାରୀଙ୍କୁ ନେଇ ନୂତନ କ୍ୟାଡର ବ୍ୟବସ୍ଥା ଗଠନ କରାଯାଇଛି। ତେବେ କର୍ମଚାରୀଙ୍କୁ ଲଲିପପ୍ ଦେଖାଇ ଲାଭରେ ଚାଲୁଥିବା ବନ ନିଗମକୁ ପୁନଶ୍ଚ ଋଗଣ କରିଦେବାକୁ ମସୁଧା କରାଯିବା ମୋଟାମୋଟି ଭାବେ ଶୁଭଙ୍କର ନୁହଁ। ଏପରି ହେଲେ ଏହାକୁ ମହାସଂଘ ପକ୍ଷରୁ ଜୋରଦାର ବିରୋଧ କରାଯିବ ଓ ବନ ନିଗମର ପ୍ରତି ଶାଖାକୁ ଅଚଳ କରି ଦିଆଯିବ ବୋଲି ଓଏଫଡିସି ରାଜ୍ୟ କର୍ମଚାରୀ ମହାସଂଘର କାର୍ଯ୍ୟକାରୀ ସଭାପତି ସଂଗ୍ରାମ କେଶରୀ ପଟ୍ଟନାୟକ ଚେତାବନୀ ଦେଇଛନ୍ତି।

## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ସାଂସ୍କୃତିକ ମହୋତ୍ସବ



ପୁରୁଷୋତ୍ତମପୁର, (ଭାସ୍କର ନ୍ୟୁଜ୍ ) : ଗଞ୍ଜାମ ଜିଲ୍ଲା ପୁରୁଷୋତ୍ତମପୁର କନକା ସ୍ଥିତ କୋଠାରି ନଗର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ୧୯ ତମ ବାର୍ଷିକ ସାଂସ୍କୃତିକ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନେ ସର୍ବମୋଟ ୧୬ ଟି ନୃତ୍ୟାଭିନୟ ପରିବେଷଣ କରିଥିଲେ। ଏଥିରେ ଓଡିଶୀ, ସମ୍ବଲପୁରୀ, ଦେଶାତ୍ମବୋଧକ, ପରିବେଶ ସୁରକ୍ଷା ସହ ସାମାଜିକ ସଚେତନତା ଉପରେ ଆଧାରିତ ଶିକ୍ଷଣୀୟ ଶିଶୁ ସୃଜନୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେଷରେ ସଭାପତି ଏ ରାଜ ଗୋପାଲ୍ ରାଓ ଏବଂ ଅଧ୍ୟକ୍ଷ ମନୋଜ କୁମାର ସ୍ୱାଇଁ ଶିକ୍ଷାକେନ୍ଦ୍ରର ଅଷ୍ଟମ ଶ୍ରେଣୀର ଛାତ୍ର ଛାତ୍ରୀମାନଙ୍କୁ ଭବିଷ୍ୟତରେ ଆଦର୍ଶ ନାଗରିକ ହୋଇ ଗଢି ଉଠିବା ପାଇଁ ଆଶୀର୍ବାଦ ପ୍ରଦାନ କରିଥିଲେ ଓ ସେମାନଙ୍କ ଅଭିଭାବକମାନଙ୍କୁ ଆରମ୍ଭରୁ ଅନୁଷ୍ଠାନ ସହ ଜଡିତ ହୋଇଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷାକେନ୍ଦ୍ରର ଶିକ୍ଷକ ଅପା ଭାଇମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ ହେବାପାଇଁ ସହଯୋଗ କରିଥିଲେ। ଏଥିରେ ଶିକ୍ଷାକେନ୍ଦ୍ରର ସମସ୍ତ ଅଭିଭାବକ ଓ ପୁରାତନ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

## ୨୭୨ ହିତାଧିକାରୀଙ୍କୁ ମିଳିଲା କାର୍ଯ୍ୟାଦେଶ



ଉମରକୋଟ, (ଭାସ୍କର ନ୍ୟୁଜ୍ ): ରାଜ୍ୟରେ କାର୍ଯ୍ୟକାରୀ ହେଲା ଅନ୍ତ୍ୟୋଦୟ ଗୃହ ଯୋଜନା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଳାହାଣ୍ଡି ଜିଲ୍ଲାରୁ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ଶୁଭାରମ୍ଭ ଭିଡିଓ କନଫରେନ୍ସ ମାଧ୍ୟମରେ ସିଧାପ୍ରସାରଣ ଅନୁଷ୍ଠିତ ହୋଇଥିଲା। ସାମାଜିକ ଅନଗ୍ରସର, ଶାରୀରିକ ଭିନ୍ନକ୍ଷମ, ପ୍ରାକୃତିକ କିମ୍ବା ମନୁଷ୍ୟକୃତ ବିପର୍ଯ୍ୟୟ, ହାତୀ ଉପଦ୍ରବ, ଘର ପୋଡ଼ି, ସରକାରୀ ପ୍ରକଳ୍ପ ପାଇଁ ସ୍ଥାନାନ୍ତରିତ, ସଂରକ୍ଷିତ ଅଞ୍ଚଳରେ ବସବାସ କରୁଥିବା ଗୃହଶୂନ୍ୟ ବ୍ୟକ୍ତିଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ କରାଯାଇ ଘର ପାଇଁ ୧ ଲକ୍ଷ ୨୦ ହଜାର ଟଙ୍କା ଯୋଗାଇଦେବେ ସରକାର। ଏହି ଅବସରରେ ଦଣ୍ଡକାରଣ୍ୟ ଖେଳ ପଡିଆ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଜନାରେ ନବରଙ୍ଗପୁର ଜିଲ୍ଲାର ଉମରକୋଟ ବ୍ଲକରେ ପ୍ରଥମ ପର୍ଯ୍ୟାୟରେ ମୋଟ ୨୭୨ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ବ୍ଲକର ୨୬ ଟି ଗ୍ରାମ ପଞ୍ଚାୟତର ହିତାଧିକାରୀ ଏହି ଯୋଜନାରେ ପକ୍କାଘର ପାଇବେ। ଏଥିରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ହିତାଧିକାରୀ ମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନୋଜ କୁମାର ମେହେର, ସହକାରୀ ନିର୍ବାହୀ ଯନ୍ତ୍ରୀ ସଙ୍କେତ ନାୟକ, ଉପାଧ୍ୟକ୍ଷ ଶ୍ୟାମଳ ସରକାର ସହ ସମସ୍ତ ସରପଞ୍ଚ ସମିତି ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ।



ମୁରିବାହାଲ (ଭାସ୍କର ନ୍ୟୁଜ୍): ଜୀବନ ବଞ୍ଚାଇଲେ ସାମ୍ବାଦିକ। ଦୁର୍ଘଟଣାରେ ଗୁରୁତରଙ୍କୁ ଉଦ୍ଧାର କରି ଡ଼ାକ୍ତରଖାନାକୁ ନେଇଥିଲେ। ବଲାଙ୍ଗୀର ଜିଲ୍ଲା ମୁରିବାହାଲ-ହଳଦୀ ରାସ୍ତାର ଯମୁନା ଗାଁ ବୁଲାଣି ଠାରେ ବାଇକ ଦୁର୍ଘଟଣା ଗ୍ରସ୍ତ ହେବା ଫଳରେ ଚାଳକ ଗୁରୁତର ହୋଇ ପଡ଼ିଥିଲେ। ଗୁରୁତର ବ୍ୟକ୍ତିକୁ ଉଦ୍ଧାର କରି ଡାକ୍ତରଖାନାକୁ ପଠେଇଥିଲେ ସାମ୍ବାଦିକମାନେ। ମୁରିବାହାଲ ବ୍ଲକ ତେନ୍ତୁଲିଖୁଣ୍ଟି ଗାଁର ଶତ୍ରୁଘନ ବେହେରା କୌଣସି କାମରେ ମୁରିବାହାଲ ଯାଇ ଘରକୁ ଫେରୁଥିବା ବେଳେ ଯମୁନା ଗାଁ ବୁଲାଣି ଠାରେ ଭାରସାମ୍ୟ ହରାଇ ବାଇକ ଦୁର୍ଘଟଣା ଗ୍ରସ୍ତ ହୋଇ ରାସ୍ତା ପାର୍ଶ୍ୱରେ ପଡିଯାଇଥିଲେ। ଏତିକି ସମୟରେ ହଳଦୀ ଅଞ୍ଚଳରୁ ଖବର ସଂଗ୍ରହ କରି ଫେରୁଥିବାବେଳେ କଣ୍ଟାବାଞ୍ଜିର ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧି ତଥା କଳିଙ୍ଗ ଟିଭି ପ୍ରତିନିଧି ଦୀପକ ଯାଦବ, ନନ୍ଦିଘୋଷ ଟିଭି ପ୍ରତିନିଧି ରଶ୍ମିରଞ୍ଜନ ପୁଟେଲ, ଅର୍ଗସ ନ୍ୟୁଜ ପ୍ରତିନିଧି ହୁଲେଶ୍ୱର ହଂସ, କନକ ନ୍ୟୁଜ ପ୍ରତିନିଧି ପୁଷ୍ପକେତୁ ବେହେରା ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ମୁରିବାହାଲ ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ବେଳେ ରକ୍ତସ୍ରାବ ମଧ୍ୟ ହେଉଥିଲା। ଉହ ଉହ ଖରା ଯୋଗୁଁ ରାସ୍ତାଘାଟ ଶୁନ୍‌ଶାନ ଥିବାବେଳେ ଦେବଦୂତ ଭଳି ଠିକ୍ ସମୟରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପଠାଇଥିଲେ। ସାମ୍ବାଦିକଙ୍କ ଏଭଳି କାର୍ଯ୍ୟକୁ ଅଞ୍ଚଳରେ ପ୍ରଶଂସା କରାଯାଇଛି।

## କଣିହାଁ ପୋଲିସ ସମିତି ବୈଠକ

କଣିହାଁ (ଭାସ୍କର ନ୍ୟୁଜ୍): କଣିହାଁ ଥାନା ତରଫରୁ ପୋଲିସ ପ୍ରତୀକ୍ଷା ଗୃହରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କଣିହାଁ ଥାନାରେ ଅନ୍ତର୍ଭୁକ୍ତ ବିଭିନ୍ନ ଗ୍ରାମର କମିଟିର ପ୍ରମୁଖ ସଦସ୍ୟଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କଣିହାଁ ଆଇଆଇସି ରମଣୀ ରଞ୍ଜନ ଦଳେଇ ଅଧ୍ୟକ୍ଷତା କରିବା ପରୀପ୍ରେକ୍ଷୀରେ ଗ୍ରାମର ସଦସ୍ୟ ପୋଲିସ ସମିତିର ନିର୍ଦ୍ଦେଶବଳି ତଥା ବ୍ରିଟିଶ ସରକାରଙ୍କ ପୁରାତନ ଆଇନକୁ ରଦ୍ଦ କରି ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ନୂତନ ପୋଲିସ ଆଇନ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟତଃ ନାରୀ ନିର୍ଯାତନା, ପୋସ୍କ ଆଇନ, ଡ୍ରକେନ ଡ୍ରାଇଭିଂ, ମିଥ୍ୟା ମାମଲା, ଟ୍ରାଫିକ ସମସ୍ୟା, ଗ୍ରାମାଞ୍ଚଳର ରାସ୍ତା ଉପରେ ବେଆଇନ ଗାଡି ମଟର, ଗାଈଗୋରୁ ବାନ୍ଧିବା, ସ୍ୱଚ୍ଛତା ଉପରେ ବିସ୍ତୃତ ଭାବେ ଆଲୋଚନା ଓ ସଚେତନତା କରାଯାଇଥିଲା। ଗ୍ରାମାଞ୍ଚଳରେ ପୋଲିସ ଉପରେ ଜନସାଧାରଣଙ୍କ ଆସ୍ଥା ବଢିଲେ ଆଇନ ଶୃଙ୍ଖଳା ସଠିକ ହେବ ବୋଲି ବୁଦ୍ଧିଜୀବୀ ମାନେ ମତପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ କଣିହାଁ ଗ୍ରାମ ସଭାପତି କଳାକାର ସାହୁ, ସମ୍ପାଦକ ସୂର୍ଯ୍ୟକାନ୍ତ ନାଏକ, ସାମାଜିକ କର୍ମୀ ସୁଧାକର ପ୍ରଧାନ, ଆଞ୍ଚଳିକ ଟ୍ରକ ମାଲିକ ସଙ୍ଘ ସମ୍ପାଦକ ଆଲୋକ କୁମାର ସାହୁ, ସାମ୍ବାଦିକ ମହେଶ୍ୱର ନାୟକ, ଅବନୀ କୁମାର ସାହୁ, ବିଷ୍ଣୁ ସାହୁ, ହୃଦା ନନ୍ଦ ସାହୁ, ଦୁଃଶାସନ ସାହୁ, ଦୋଳ ସାହୁ, ଅନିରୁଦ୍ଧ ନାଏକ, ଫକୀର ନାଏକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କଣିହାଁ ଥାନା ପକ୍ଷରୁ ଏସ୍‌ଆଇ ବିଷ୍ଣୁ ଚରଣ ସାହୁ, ଶଶୀକାନ୍ତ ତୁଙ୍ଗ, ଏଏସ୍‌ଆଇ ପ୍ରଶାନ୍ତ କୁମାର ପାଳ ସମେତ ପୋଲିସ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଛତ୍ରପୁର ସହରରେ ଧୁମ୍‌ଧାମ୍‌ରେ ଇଦ୍ ପାଳିତ



ଛତ୍ରପୁର (ଭାସ୍କର ନ୍ୟୁଜ୍) : ଛତ୍ରପୁର ସହରରେ ମୁସଲମାନ ଭାଇମାନଙ୍କ ପକ୍ଷରୁ ଧୁମ୍‌ଧାମ୍‌ରେ ପବିତ୍ର ଇଦ୍ ପାଳନ କରାଯାଇଛି। ଆଜି ଛତ୍ରପୁର ପୁତିଗୋପାଳପୁରସ୍ଥିତ ମସଜିଦରେ ଧର୍ମଗରୁ ହାଫିସ୍ ମହମ୍ମଦ ଜମିରଉଦ୍ଦିନଙ୍କ ତତ୍ତ୍ୱାବଧାନରେ ସକାଳେ ସମୂହ ନମାଜପାଠ କରି ଇଦ୍ ପାଳନ କରିଛନ୍ତି। ଏହି ଅବସରରେ ମୁସଲିମ ଭାଇମାନେ ପରସ୍ପରକୁ ଆଲିଙ୍ଗନ ପୂର୍ବକ ଇଦ୍ ମୁବାରକର ଅଭିବାଦନ ମଧ୍ୟ ଜଣାଇଛନ୍ତି। ମୁସଲମାନ ସଂପ୍ରଦାୟର ବିଶ୍ୱାସ ଅନୁଯାୟୀ ଏହି ପବିତ୍ର ରାମଜାନ ମାସରେ ଦୀର୍ଘ ଏକ ମାସ ଧରି ରୋଜା ବା ଉପବାସ ପାଳନ କରିଥାନ୍ତି। ଏହାସହ ଗରିବ ଲୋକଙ୍କୁ ବସ୍ତ୍ର ଖାଦ୍ୟ ଓ ବିଭିନ୍ନ ଆର୍ଥିକ ସହାୟତା ମଧ୍ୟ କରିଥାନ୍ତି। ଏହାଦ୍ୱାରା ପୁଣ୍ୟ ଅର୍ଜନ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ପର୍ବ ମୁସଲମାନ ଭାଇମାନଙ୍କ ସବୁଠାରୁ ବଡ଼ ପର୍ବ ଅଟେ। ଏହି ଇଦ୍ ପର୍ବକୁ ବଡ ଧୁମ୍‌ଧାମ୍ ସହକାରେ ପାଳନ କରାଯାଇଥାଏ। ଏହି ଅବସରରେ ଆଫ୍ରୋଜ ଖାନ୍, ଆଫତାବ୍ ଖାନ, ନାଜର ଖାନ୍, ଇଜୁ ଅମିନ ଖାନ, ଜାକିର ଖାନ୍, ଇସୁବ୍ ଖାନ, ଫାତୋ ଖାନ, ଆୟୁବ୍ ଖାନ, ଜଲାଲ ଖାନ୍, ଆର୍ଶଲାନ ଖାନ୍, ସଲମାନ ଖାନ ପ୍ରମୁଖ ସମସ୍ତଙ୍କୁ ଇଦ୍‌ର ଶୁଭେଚ୍ଛା ଜଣାଇଥିଲେ।

## ଜିଲ୍ଲାସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟାଦେଶ ବଣ୍ଟନ ମେଳା



ଜଗତସିଂହପୁର (ଭାସ୍କର ନ୍ୟୁଜ୍) : ଜଗତସିଂହପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମ ଜିଲ୍ଲାପାଳ ଜେ ସୋନାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ମାନ୍ୟବର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରଦୀପ ପ୍ରଜ୍ୱଳନ କରି ସଭାକୁ ଉଦ୍‌ଘାଟନ କରିଥିଲେ। ଗ୍ରାମାଞ୍ଚଳରେ ରହିଯାଇଥିବା ବହୁ ଯୋଗ୍ୟ ହିତାଧିକାରୀମାନଙ୍କୁ ଏହି ଯୋଜନା ରହିବା ପାଇଁ ପକ୍କା ବାସଗୃହ ଯୋଗାଇ ଦେଇପାରିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସ, ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ମୁଖ୍ୟ ବିକାଶ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା କନକପ୍ରଭା ଲେଙ୍କା, ଉପାଧ୍ୟକ୍ଷ ରତିରଞ୍ଜନ ବେହେରା ଯୋଗଦେଇ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ସଭାରେ ୩୬୨ଜଣ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ମଣ୍ଡଳ ଉନ୍ନୟନ ଅଧିକାରୀ ଆଶୁତୋଷ ମିଶ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଅଜୟ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚ ସଂଯୋଜନା କରଥିଲେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ରୂପରେଖା ସାହୁ। ଏଥିରେ ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ଅଭିମନ୍ୟୁ ପଣ୍ଡା, ଚିତ୍ତରଞ୍ଜନ ମହାନ୍ତି, ସୁନନ୍ଦା ରାଉତ, ରାଜେଶ ରଞ୍ଜନ ସାହୁ, ମଧୁସ୍ମିତା ବିଶ୍ୱାଳ, ପ୍ରିୟଙ୍କା ସାହୁ ଉପସ୍ଥିତ ଥିବାବେଳେ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ରାଉତ, ସହକାରୀ ଯନ୍ତ୍ରୀ ସୁବାସ ଚନ୍ଦ୍ର ଦାସ, କବି ରଞ୍ଜନ ମହାପାତ୍ର, ରାମଚନ୍ଦ୍ର ଷଡ଼ଙ୍ଗୀ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସୁନୀଲ କୁମାର ରାଉତରାୟ, କମ୍ପୁଟର ପ୍ରୋଗ୍ରାମର ବିବେକାନନ୍ଦ କାନୁନଗୋ, ନିଗମାନନ୍ଦ ଜେନା, ଦିଲ୍ଲୀପ କୁମାର ମହାରଣା, ସରିତା ବେହେରା, ପ୍ରିୟଙ୍କା ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।

## କୃଷ୍ଣପ୍ରସାଦ ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ

କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ପରିସରରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଅନ୍ତ୍ୟୋଦୟ ଗୃହ ଯୋଜନା ଶୁଭାରମ୍ଭ ହୋଇଯାଇଛି। ଏହି ଯୋଜନା ଗରିବଙ୍କ ମୁହଁରେ ଫୁଟାଇବ ହସ। ବର୍ଷ ବର୍ଷ ଧରି ଭଙ୍ଗା ଦଦରା ଘରେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ପରିବାର ପାଇଁ ବରଦାନ ସଦୃଶ୍ୟ। ମାର୍ଚ୍ଚ ୩୦ରେ କଳାହାଣ୍ଡି ଜିଲ୍ଲାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭ ଉଦ୍‌ଘାଟନ କରିଥିବା ବେଳେ କୃଷ୍ଣପ୍ରସାଦ ବ୍ଲକରେ ଆଭାସୀ ମାଧ୍ୟମରେ ବ୍ଲକ ଅଧ୍ୟକ୍ଷା ସରୋଜିନୀ ତରେଇ ଉଦ୍‌ଘାଟନ କରିଥିବା ବେଳେ ବିଡ଼ିଓ ଅମୀୟ କୁମାର ପଣ୍ଡା ସାଂସଦ ପ୍ରତିନିଧି ହରିହର ଦାସ ବିଧାୟିକା ପ୍ରତିନିଧି ଉତ୍ତମ ତରେଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକର ଶତାଧିକ ମହିଳା ଯୋଗ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ବ୍ଲକରୁ ୯୧ଜଣ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ଗୃହ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି ବୋଲି ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ କହିଛନ୍ତି। ସଭାକାର୍ଯ୍ୟକୁ ମନୋଜ କୁମାର ସାହୁ ପରିଚାଳନା କରିଥିବା ବେଳେ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

### ୧୦୮ ଆମ୍ବୁଲାନ୍ସର ଭିତ୍ତିଭୂମି ବିଗୁଡୁଛି

## ଅଧାରୁ ଅଧିକ ଗାଡ଼ିରେ କାମ କରୁନି ଏସି




ଅସ୍ତରଙ୍ଗ (ଭାସ୍କର ନ୍ୟୁଜ୍) : ଜରୁରି ସେବା ୧୦୮ ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ। ଏହି ସେବା କାର୍ଯ୍ୟକାରୀ ହେବା ପରଠାରୁ ସବୁବର୍ଗର ଲୋକଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ମିଳିପାରୁଛି। ସରକାର ମାଗଣାରେ ଏହି ସେବା ଯୋଗାଉଥିବାରୁ ରୋଗୀମାନେ ଉପକୃତ ହେଉଛନ୍ତି। ତତ୍‌କ୍ଷଣତା ଏହି ସେବା ମିଳୁଥିବାରୁ ରୋଗୀମାନେ ଡାକ୍ତରଖାନା ପହଞ୍ଚିବାକୁ ସୁବିଧା ହୋଇଛି। ମାତ୍ର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଞ୍ଚଳରେ ଏହି ସେବା ବିପର୍ଯ୍ୟସ୍ତ ହୋଇପଡିଛି। ପ୍ରଥମ ପର୍ଯ୍ୟାୟରେ ମିଳିଥିବା ଗାଡିଗୁଡିକ ଅତ୍ୟଧିକ କିଲୋମିଟର ଚାଲିବା ପରେ ପୂର୍ବଭଳି ସେବା ଯୋଗାଇବାରେ ଅସମର୍ଥ। ନିୟମ ଅନୁଯାୟୀ ୫ବର୍ଷ ପରେ ଗାଡି ବଦଳ ହେବା ସ୍ଥାନରେ ୬ବର୍ଷ ପରେ ଆମ୍ବୁଲାନ୍ସ ଗୁଡିକ ସେବା ଯୋଗାଇବାକୁ ବାଧ ହେଉଛି। କିନ୍ତୁ ଆମ୍ବୁଲାନ୍ସ ସମସ୍ୟା ଯୋଗୁଁ ଶନିବାର ପୋଡି ଯାଇଥିବା ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ଖବର ମୁତାବକ ଅସ୍ତରଙ୍ଗ ବ୍ଲକ ଆଳସାହି ପଞ୍ଚାୟତ ବେଘାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ପ୍ରଧାନଶିକ୍ଷୟତ୍ରୀ ପ୍ରେମଲତା ବେହେରା (୫୪) ନିଜ ବାସଭବନରେ ଶନିବାର ଅପରାହ୍ନ ୨ଘଟିକା ସମୟରେ କିରୋସିନ ଢାଳି ହୋଇ ପୋଡି ଯାଇଥିଲେ। ଖବର ପାଇ ଆମ୍ବୁଲାନ୍ସ ପହଞ୍ଚିଥିଲା ସତ କିନ୍ତୁ ଆମ୍ବୁଲାନ୍ସରେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର କାମ କରୁନଥିବାରୁ ପ୍ରବଳ ଯନ୍ତ୍ରଣା ସହ ଗ୍ରୀଷ୍ମର ଉତ୍ତାପରେ କଷ୍ଟ ଅନୁଭବ କରି ପ୍ରଥମେ ଚାରିଛକ ମେଡିକାଲ ପରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲ ପ୍ରଧାନଶିକ୍ଷୟିତ୍ରୀ ପ୍ରେମଲତା ବେହେରାଙ୍କ ଅବସ୍ଥା ଗୁରୁତରଥିବାରୁ ମୃତ୍ୟୁ ହୋଇଛି। କିନ୍ତୁ ଯାହା ସ୍ଥାନୀୟ ଅଞ୍ଚଳ ବ୍ୟକ୍ତି ବିଶେଷ କହିବା ଅନୁଯାୟୀ ଦୀର୍ଘମାସ ହେବ ପ୍ରଧାନଶିକ୍ଷୟିତ୍ରୀ ଜଣକ ସାମାନ୍ୟ ମାନସିକ ସ୍ଥିତି ସଠିକ ନଥିଲା। ଆମ୍ବୁଲାନ୍ସ ଗାଡିଗୁଡିକ ସେବା ବ୍ୟବହାର ଅନୁପୋଯୁକ୍ତ ହୋଇ ପଡ଼ିଥିବା ବେଳେ ଭଙ୍ଗା ଦଦରା ଆମ୍ବୁଲାନ୍ସ ଗୁଡିକରେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଅଚଳ ହୋଇ ପଡିଥିବାରୁ ରୋଗୀ ମାନେ ହନ୍ତସନ୍ତ ହେଉଛନ୍ତି। ଦୁର୍ଘଟଣା ଶିକାର ହୋଇଥିବା ରୋଗୀ, ପୋଡା ରୋଗୀଙ୍କ ପାଇଁ ୧୦୮ଗାଡି କଷ୍ଟ ଦାୟକ ହୋଇପଡିଛି। ଅସ୍ତରଙ୍ଗରୁ ବିନା ଏସିରେ ଯାଉଥିବା ରୋଗୀମାନେ ଡହଳବିକଳ ହେଉଛନ୍ତି। କେତେକ ଗାଡ଼ିରେ ଟାୟାର, ବ୍ୟାଟେରୀ ଏବଂ ରୋଗୀଙ୍କ ସର୍ବନିମ୍ନ ସୁବିଧା ନଥିବାରୁ ୧୦୮ସେବା ପ୍ରତି ଲୋକଙ୍କ ଭରସା ତୁଟିବାରେ ଲାଗିଛି। ଏ ସମ୍ପର୍କରେ ଆମ୍ବୁଲାନ୍ସ ପୁରୀ ଏଏନଏମଓ ଚିତ୍ତ ଦାଶ କହିଛନ୍ତି ଦୀର୍ଘଦିନ ହେବ ଆମ୍ବୁଲାନ୍ସ ଚାଲିବାରୁ କିଛି ସମସ୍ୟା ହୋଇଛି ଖୁବଶୀଘ୍ର ନୂତନ ଆମ୍ବୁଲାନ୍ସ ଯାତାୟାତ କରିବା ପାଇଁ ଯୋଜନା ଚାଲିଛି।

## ଭିନ୍ନ ଭିନ୍ନ ପଞ୍ଚାୟତରେ ବ୍ଲକ ଡ୍ରାଇଭର ସଙ୍ଘର ବୈଠକ

ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ବଡଝରା ଓ ପିତିରି ପଞ୍ଚାୟତରେ ବ୍ଲକ ଡ୍ରାଇଭର ମହାସଂଘର ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଡ୍ରାଇଭର ମହାସଙ୍ଘର କାର୍ଯ୍ୟକର୍ତ୍ତାମାନେ କିଛିଦିନ ଧରି ନିଜର ହକ ଦାବିରେ ସରକାରଙ୍କ ଦୃଷ୍ଟି ଆକର୍ଷଣ ଆଣିବା ପାଇଁ ଭୁବନେଶ୍ୱର ଲୋୟର ପିଏମଜି ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ ଜାରି ରଖିଥିବା ବେଳେ, ସମସ୍ତ ଡ୍ରାଇଭର ଓ ସେମାନଙ୍କ ପରିବାର ସରକାରଙ୍କ ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା, ବାରମ୍ବାର ଓଡ଼ିଶା ଡ୍ରାଇଭର ସଙ୍ଘ ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲେ ମଧ୍ୟ ଏଥିରେ ବିଫଳ ହେଉଛି। ଯାହାଫଳରେ ପରଜଙ୍ଗ ବ୍ଲକ ଡ୍ରାଇଭର ସଙ୍ଘ ନିଜ ପରିବାର ବର୍ଗଙ୍କୁ ନେଇ ବୈଠକ ଆରମ୍ଭ କରିଦେଇଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଡ୍ରାଇଭର ସଙ୍ଘର ହାତ ମୁଠାକୁ ଟାଣ କରିବା ସହ ସଂଘକୁ ସବୁ ଦିଗରେ ସହଯୋଗ କରିବା ପାଇଁ ବ୍ଲକର ପଞ୍ଚାୟତରେ ଡ୍ରାଇଭର ଓ ସେମାନଙ୍କ ପରିବାରକୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା। ବଡଝରା ଠାରେ ପଞ୍ଚାୟତ ଡ୍ରାଇଭର ସଂଘର ସଭାପତି ପ୍ରବୀଣ, ଉପସଭାପତି ବ୍ରହ୍ମା, ଉପଦେଷ୍ଟା ଦୁଷ୍ମନ୍ତ, ସଭ୍ୟ ସନ୍ୟାସୀ, ସତ୍ୟାନନ୍ଦ, ମାନସ ଓ ଅନ୍ୟ ସଦସ୍ୟମାନଙ୍କ ସହଯୋଗରେ ବୈଠକ ଅନୁଷ୍ଠିତ ହୋଇଥିବାବେଳେ ବ୍ଲକ ଡ୍ରାଇଭର ସଂଘର କର୍ମକର୍ତ୍ତାମାନଙ୍କ ମଧ୍ୟରେ କନ୍ତୋର ପଞ୍ଚାୟତର କମଳ, ମୁକ୍ତାପଶିର ବାବୁ ନାୟକ, ବଟକୃଷ୍ଣ, ବସୋଇର ଦିପୁ ଓ ପଥରଖୁମ୍ବ ପଞ୍ଚାୟତର ଚିତ୍ତ ପ୍ରମୁଖ ଅତିଥି ଭାବେ ବୈଠକରେ ଉପସ୍ଥିତ ଥିଲେ। ସେହିପରି ପିତିରି ପଞ୍ଚାୟତ ଡ୍ରାଇଭର ସଂଘର କୋଷାଧ୍ୟକ୍ଷ ରଞ୍ଜନ, ସହସମ୍ପାଦକ ଅଜୟ, ଉପଦେଷ୍ଟା ପ୍ରାଣବନ୍ଧୁ ଓ ସଂଘର ଅନ୍ୟ ସମସ୍ତ ସଦସ୍ୟ ମାନଙ୍କ ସହଯୋଗରେ ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକସ୍ତରର ସନ୍ତୋଷ ବର୍ମା ଓ ରଞ୍ଜନ ଉପସ୍ଥିତ ରହି ସଂଘର ନିୟମାବଳୀ ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ଡ୍ରାଇଭର ଓ ସେମାନଙ୍କ ପରିବାର ଲୋକଙ୍କ ଉଦ୍ଦେଶ୍ୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସେମାନଙ୍କ ଦାବି ଯଦି ସରକାର ପୂରଣ ନକରନ୍ତି ତେବେ ଆଗାମୀ ଦିନରେ ଓଡ଼ିଶା ଡ୍ରାଇଭର ସଂଘ ନିର୍ଦ୍ଦେଶ କ୍ରମେ ବ୍ଲକସ୍ତରରେ ଡ୍ରାଇଭର ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ବୈଠକରେ ଦୃଢ଼ ସଂକଳ୍ପ ନେଇଥିଲେ।



## ବେଗୁନିଆ ୨୦୫ ଓ ବୋଲଗଡରେ ୧୯୦ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ବଣ୍ଟନ

ବୋଲଗଡ (ଭାସ୍କର ନ୍ୟୁଜ୍): ବେଗୁନିଆ ସଦର ମହକୁମାସ୍ଥିତ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅନ୍ତ୍ୟୋଦୟ ଗୃହ ଯୋଜନାର ବଣ୍ଟନ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି, ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟବକ୍ତା, ବିଡ଼ିଓ ଲକ୍ଷ୍ମୀଧର ସାହୁ, ସାଂସଦ ପ୍ରତିନିଧି ପ୍ରକାଶ ବିଜୁଳି, ଉପାଧ୍ୟକ୍ଷ ସାବିତ୍ରୀ ମହାପାତ୍ର ଓ ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଅନ୍ତ୍ୟୋଦୟ ଯୋଜନାରେ ସାମିଲ ହୋଇଥିବା ୨୦୫ ଜଣଙ୍କ ମଧ୍ୟରୁ ୧୭୦ ଜଣଙ୍କୁ ବଣ୍ଟନ କରିଥିଲେ। ଶେଷରେ ଆକାଉଣ୍ଟ ଅଫିସର ସୂର୍ଯ୍ୟ ନାରାୟଣ ଗୌଡ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବୋଲଗଡ ଠାରେ ବିଡ଼ିଓ ଶରତ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ସାହୁ ଓ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଯୋଗଦେଇ ୧୯୦ଜଣ ହିତାଧିକାରୀଙ୍କୁ ବଣ୍ଟନ କରିଥିଲେ। ଏବିଡ଼ିଓ ରତିକାନ୍ତ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ବୋଲଗଡ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ବୈତରଣୀ ନଦୀର ଆଡ଼ିବନ୍ଧ ନିର୍ମାଣକୁ ନେଇ ଅସନ୍ତୋଷ

- ଦୁଇ ଜିଲ୍ଲା ମଧ୍ୟରେ ବିବାଦ
- ବନ୍ୟାରେ ଭାସିବ ୨୦ ପଞ୍ଚାୟତ



ଧାମନଗର (ଭାସ୍କର ନ୍ୟୁଜ୍) : ବୈତରଣୀ ନଦୀର ପଧାନୀ ଓ ଶୋହଡା ପଞ୍ଚାୟତର ଅପରପାର୍ଶ୍ୱରେ ଜୟନ୍ତରା ଠାରେ ଆଡିବନ୍ଧ ନିର୍ମାଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖା ଦେଇଛି। ଯାହାକୁ ନେଇ ଉଭୟ ଯାଜପୁର ଓ ଭଦ୍ରକ ଜିଲ୍ଲା ମଧ୍ୟରେ ବିବାଦ ଦେଖାଦେଇଛି। ପ୍ରକାଶ ଥାଉକି ଯାଜପୁର ଜଳସେଚନ ବିଭାଗ ଅଧିନସ୍ଥ ଦଶରଥପୁର ବ୍ଲକର ଜୟନ୍ତରା ନିକଟସ୍ଥ ମହାପାତ୍ର ସାହି ପୋଲ ଠାରୁ କୋଚିଲା ନଦୀ ବ୍ୟାରେଜ ପର୍ଯ୍ୟନ୍ତ ବୈତରଣୀ ନଦୀ କୂଳରେ ବେଆଇନ ଭାବେ ଆଡିବନ୍ଧ ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି। ସୂଚନା ଥାଉ କି ଜୟନ୍ତରା ମହାପାତ୍ର ସାହୀ ପୋଲ ଠାରୁ କୋଚିଲା ନଦୀ ବ୍ୟାରେଜ ପର୍ଯ୍ୟନ୍ତ ବୈତରଣୀ ନଦୀ ଡାହାଣ ପାର୍ଶ୍ୱରେ ଏକ ଆଡ଼ିବନ୍ଧ ବେଆଇନ ଭାବେ ହେଲେ ଭଦ୍ରକ ଜିଲ୍ଲା ଧାମନଗର ବ୍ଲକର ନଦୀ କୂଳସ୍ଥ ୧୫ରୁ ୨୦ଟି ପଞ୍ଚାୟତରେ ୭୫ରୁ ୮୦ଟି ରାଜସ୍ୱ ଗ୍ରାମ ବନ୍ୟା ସମୟରେ ବିଭିନ୍ନ କ୍ଷୟକ୍ଷତି ସୃଷ୍ଟି ହେବାର ସମ୍ଭାବନା ରହିଛି। ବିଶେଷ କରି ପଧାନୀ, ସୋହଡ଼ା, କରଦା, ଦଳାଙ୍ଗ, ଅର୍ଜୁନପୁର, ନଦୀଗାଁ, ହସନାବାଦ, ଭଙ୍ଗସାହୀ, କୋଠାର, ପାଳସାହୀ, ବମକୁରା, ରଇପୁର, ଧୁଷୁରୀ, କାସିମପୁର, ଅଶୁରାଳୀ, ବୟାଙ୍ଗଡିହି ଓ ତିହିଡ଼ି ବ୍ଲକର କାଁପଡ଼ା, ବିଲଣା, ବାରୋ, ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ବନ୍ୟା ସମୟରେ ବିଭିନ୍ନ କ୍ଷୟକ୍ଷତି ହେବାର ସମ୍ଭାବନା ଅଛି। ଅପରପକ୍ଷରେ ଶୋହଡା ପଞ୍ଚାୟତରେ ନିର୍ମାଣ କରାଯାଉଥିବା ଆଡ଼ିବନ୍ଧ ନିକଟରେ ଚାଷୀଙ୍କ ବ୍ୟକ୍ତିଗତ ଚାଷ ଜମି ରହିଛି। ହେଲେ ସେଠାରେ ବେଆଇନ ଭାବେ ଆଡିବନ୍ଧ ନିର୍ମାଣ କରାଯାଉଥିବାରୁ ଧାମନଗର ବ୍ଲକର ବିଭିନ୍ନ ପଞ୍ଚାୟତର ଚାଷୀ ଓ ଅଧିବାସୀମାନେ ଧାମନଗର ପଞ୍ଚାୟତର ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିନୋଦ ନାୟକ, ପଧାନି ପଞ୍ଚାୟତର ସରପଞ୍ଚ ଅଶୋକ ପୁହାଣଙ୍କ ନେତୃତ୍ୱରେ ଉକ୍ତ ଆଡିବନ୍ଧ ନିର୍ମାଣ କ୍ଷେତ୍ରକୁ ଯାଇ ଉକ୍ତ କାର୍ଯ୍ୟକୁ ବିରୋଧ କରିଥିଲେ। ଏହି ସମୟରେ ଜୟନ୍ତରା ଅଞ୍ଚଳର ଲୋକଙ୍କ ସହ ମଧ୍ୟ ଯୁକ୍ତିତର୍କ ହୋଇ ଉତ୍ତେଜନା ହୋଇଥିଲା। ପରେ ସେଠାରେ କାମବନ୍ଦ ରହିଥିଲା। ଏ ଦିଗରେ ବିଭାଗୀୟ ଯନ୍ତ୍ରୀ ଅରୁଣ ପ୍ରଧାନଙ୍କ ସହ ଯୋଗାଯୋଗ କରାଯାଇଥିଲା ସେ କହିଥିଲେ ଯେ ଏ ଦିଗରେ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ କରିବା ପରେ ଯାହା ନିଷ୍ପତ୍ତି ନିଆଯିବ ବୋଲି ସେ କହିଥିଲେ। ପ୍ରକାଶ ଥାଉକି ଯାଜପୁର ଜିଲ୍ଲାର ବୈତରଣୀ ନଦୀବନ୍ଧ କ୍ୟାପିଟାଲ ଏମ୍ବାଙ୍ଗମେଣ୍ଟ ନଦୀବନ୍ଧ ୨୪ଫୁଟ ଥିବାବେଳେ ଏପଟେ ଭଦ୍ରକ ଜିଲ୍ଲାର ଆଖୁଆପଦା ଠାରୁ ଅସ୍ତକ ପର୍ଯ୍ୟନ୍ତ ନଦୀବନ୍ଧର ଦସନ୍ଧିକୂଳରେ ବିପଦପୂର୍ଣ୍ଣ ରହିଛି। ଯାହାକି ଏପଟ ବନ୍ଧ ୧୭ଫୁଟ ରହିଛି ଏବଂ ତିନିମିଟର ଉଚ୍ଚତା କମ୍ ରହିଛି। ବଡ଼କଥା ହେଲା ନଦୀକୂଳର ଆଡିବନ୍ଧ ନିର୍ମାଣ ସ୍ଥାନରୁ ମୁଖ୍ୟବନ୍ଧ ପ୍ରାୟ ଏକ କିଲୋମିଟର ହେବ ଯାହାକି ଚାଷଜମି, ବନ୍ୟାହେଲା ବନ୍ୟା ଜଳ ନିଷ୍କାସନ ହୋଇପାରିବ। ମାତ୍ର ଉକ୍ତ ଆଡିବନ୍ଧ ବିନା କାରଣରେ କରାଯାଉଥିବାରୁ ଭଦ୍ରକ ଜିଲ୍ଲାକୁ ବିପଦ ବୋଲି ସ୍ଥାନୀୟ ଅଞ୍ଚଳର ଲୋକମାନେ ଅଭିଯୋଗ କରିଛନ୍ତି। ଯଦି ଆଡ଼ିବନ୍ଧକୁ ବନ୍ଦ କରାନଯାଏ ଭବିଷ୍ୟତରେ ଏକ ଜନଆନ୍ଦୋଳନ ସୃଷ୍ଟି ହେବ ବୋଲି ବିଜୟ ଦାସ, ପ୍ରଶାନ୍ତ ରାଉତ, ଧୀରେନ୍ଦ୍ର ରାଉତ, ସତ୍ୟପ୍ରକାଶ ନାୟକ, ବିରଞ୍ଚି ମହାଳିକ, ମୁରଲୀଧର ପୁହାଣ, ପିତାମ୍ବର ରାଉତଙ୍କ ସମେତ ଶତାଧିକ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏନେଇ, ମୁଖ୍ୟମନ୍ତ୍ରୀ, ବିଭାଗୀୟ ଯନ୍ତ୍ରୀ ଓ ଉଚ୍ଚପଦସ୍ତ ଅଧିକାରୀଙ୍କୁ କର୍ଯ୍ୟାନୁଷ୍ଠାନ ନିମନ୍ତେ ଲିଖିତ ଅଭିଯୋଗ କରାଯାଇଛି।


## ଓଡ଼ିଶା ପୋଲିସ୍ ପକ୍ଷରୁ ବିଶାଳ ରକ୍ତଦାନ ଶିବିର



ବ୍ରଜରାଜନଗର (ଭାସ୍କର ନ୍ୟୁଜ୍): ବ୍ରଜରାଜନଗର ଥାନାରେ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ସକାଳ ୮ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲିଥିଲା। ଏହି ଶିବିରରେ ମୋଟ ୧୧୦୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଭିମ୍‌ସାର ଓ ଝାରସୁଗୁଡ଼ା ରକ୍ତ ଭଣ୍ଡାର ଟିମ୍ ମିଳିତ ଭାବେ ଏହି ରକ୍ତ ସଂଗ୍ରହ କରିଥିଲେ। ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିବିରର ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ କହିଥିଲେ ଯେ, ସାଧାରଣତଃ ପୁଲିସ୍ ଆନ୍ଦୋଳନକୁ ଦମନ କରିବାର ଚେହେରା ଦେଖିବାକୁ ମିଳେ। କିନ୍ତୁ ରାଜ୍ୟରେ ସରକାର ବଦଳିବା ସହ ପୋଲିସ୍‌ର ପ୍ରକୃତ ଚେହେରା ଲୋକଙ୍କ ଆଗକୁ ଆସିପାରିଛି ଓ ଓଡ଼ିଶା ପୋଲିସ୍ ପକ୍ଷରୁ ଏଭଳି ମେଗା ରକ୍ତଦାନ ଶିବିର ଆୟୋଜନ କରାଯିବା ଘଟଣା ପୋଲିସ୍‌କୁ ଲୋକଙ୍କ ଅତି ନିକଟତର କରାଇବ ବୋଲି ଆଶା ରହିଥିବା ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ଗ୍ରୀଷ୍ମ ଋତୁ ଯୋଗୁ ରକ୍ତ ଭଣ୍ଡାରରେ ରକ୍ତ ସଂଖ୍ୟା କମ୍ ରହୁଥିବାବେଳେ ସମସ୍ତଙ୍କ ସହଯୋଗରେ ଏହି ସଙ୍କଟ ଦୂର କରିବା ପାଇଁ ଏକ ଉଦ୍ୟମ ଆରମ୍ଭ କରାଯାଇଥିବା ଏସ୍‌ପି ସ୍ମିତ୍ ପି ପରମାର୍ କହିଛନ୍ତି ଓ ତେବେ ଆଗକୁ ଆହୁରି ରକ୍ତଦାନ ଶିବିର ଆୟୋଜନ କରାଯିବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଥିବା ଏସ୍‌ପି ଶ୍ରୀ ପରମାର କହିଛନ୍ତି। ଏହି ରକ୍ତଦାନ ଶିବିରକୁ ବ୍ରଜରାଜନଗର ଏସ୍‌ଡିପିଓ ଚିନ୍ତାମଣି ପ୍ରଧାନ, ବ୍ରଜରାଜନଗର ଥାନାଧିକାରୀ ଧବଳେଶ୍ୱର ସାହୁ, ଲଖନପୁର ଥାନାଧିକାରୀ ବି.କେ. ରାଓ, ବେଲପାହାଡ଼ ଥାନାଧିକାରୀ କୃଷ୍ଣଚନ୍ଦ୍ର ମେହେର, ଓରିଏଣ୍ଟ ଥାନାଧିକାରୀ ରୋଜାଲିନ୍ ପଟେଲ, ବନହରପାଲି ଥାନାଧିକାରୀ ରଞ୍ଜିତ ନାଏକ ଓ ରେଙ୍ଗାଲି ଥାନାଧିକାରୀ ସମରେନ୍ଦ୍ର ନାୟକ ଶିବିରର ନେତୃତ୍ୱ ନେଇଥିଲେ।

## ରାଶିଫଳ

ମଙ୍ଗଳବାର, ୧ ଏପ୍ରିଲ ୨୦୨୫




**ମେଷ:** ଶାନ୍ତ ଓ ସୁଶିଳତାର ଝଲକରେ ଆତ୍ମୀୟସ୍ୱଜନଙ୍କ ମନ କିଣି ନେଇପାରନ୍ତି। କିନ୍ତୁ ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ। ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି।




**ବୃଷ:** ଆଜି ଆର୍ଥିକ ସହାୟତା ପ୍ରଦାନ କରିବାର ମାର୍ଗ ଉନ୍ମୁକ୍ତ ହୋଇଯିବ। ଆକସ୍ମିକ ଭାବରେ ନିମନ୍ତ୍ରିତ ହୋଇ ଆଲୋଚନାରେ ନିଜକୁ ସାମିଲ କରିବାକୁ ପଡିପାରେ। ଦୀର୍ଘଦିନର ସୁଚିନ୍ତିତ ନୂତନ ଗୃହ ବା ବାଣିଜ୍ୟାରମ୍ଭ କରିପାରନ୍ତି।



**ମିଥୁନ:** ଆଜି କୌଣସି ବିବାଦୀୟ ଘଟଣାରେ ହସ୍ତକ୍ଷେପ ଆପଣଙ୍କୁ ମହଙ୍ଗା ପଡିପାରେ। ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଅସ୍ଥିରତା ସକାଶେ ମନ ଭଲ ରହିବ ନାହିଁ। ପରିସ୍ଥିତିବଶତଃ ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କଳା, ସାହିତ୍ୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ହେବନାହିଁ।



**କର୍କଟ:** ସାମାଜିକ ସ୍ତରରେ ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ। ଯାତ୍ରା ସମୟରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।



**ସିଂହ:** କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟରେ ସମାଧାନର ଚିନ୍ତା ମନକୁ ସାମୟିକ ବିବ୍ରତ କରିପାରେ।ବନ୍ଧୁଙ୍କ ମାଧ୍ୟମରେ ଅଭିଳଷିତ ଜିନିଷ ପାଇପାରିବେ। ତରବରିଆ ଯାତ୍ରାକରନ୍ତୁ ନାହିଁ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ। ରଚନାତ୍ମକ କାମ, ପରିବହନ, ବ୍ୟବସାୟ ସକାଶେ ଦିନଟି ବହୁତ ଭଲ।




**କନ୍ୟା:** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରି ପାରିବେ ନାହିଁ। ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଅଭାବ ଅସୁବିଧା ଜଣାନ୍ତୁ, ଅବଶ୍ୟ ଆଶା ପୂରଣ ହୋଇଯିବ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡ଼ିକର ସମୀକ୍ଷା କରି ବ୍ୟସ୍ତତା ଅନୁଭବ କରିବେ।



**ତୁଳା:** ଆଜି କର୍ମକ୍ଷେତ୍ରରେ ଅବ୍ୟବସ୍ଥା, ପାରିବାରିକ ଜୀବନକୁ ପ୍ରଭାବିତ କରିବ। ଅବଶ୍ୟ ବହୁଳାଂଶରେ ସୁଫଳ ପାଇପାରିବେ। ମିତ୍ରତା ବନ୍ଧନରେ ଆବଦ୍ଧ ହେବା ସହ ସାମ୍ବାଦିକତା, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହୋଇପାରେ। ପାରିବାରିକ କଳହ ଦୂରିଭୂତ ହେବ।




**ବିଛା:** ଆଜି ପୂର୍ବସ୍ଥିରୀକୃତ ସ୍ଥାନକୁ ଯାତ୍ରା କରିପାରନ୍ତି। ବନ୍ଧୁମିଳନ ସହ ସାମୂହିକ ଆଲୋଚନା ମଧ୍ୟ ଫଳପ୍ରଦ ହୋଇପାରିବ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ପ୍ରତ୍ୟେକଙ୍କର ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବାର ଆଶଙ୍କା ରହିଛି।



**ଧନୁ:** ଆଜି ସମସ୍ତ ସମସ୍ୟା ଓ ଶତ୍ରୁତାର ପରିସମାପ୍ତି ଘଟାଇପାରନ୍ତି। କିନ୍ତୁ ବାରମ୍ବାର ସ୍ଥାନ ଓ କାମର ପରିବର୍ତ୍ତନ ଚିନ୍ତା ମନରେ ଆଲୋଡନ ସୃଷ୍ଟି କରିବ। କିନ୍ତୁ ମନ ବୁଝିଲା ଭଳି କଥା କିମ୍ବା ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପଣେଇ ନେଇ ପାରନ୍ତି। ସ୍ୱାସ୍ଥ୍ୟରେ ଉର୍ଣ୍ଣତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ।



**ମକର:** ଆଜି ମନ ଚାହୁଁଥିବା କାମ କରିବାରେ ପ୍ରତିବନ୍ଧକ ସୃଷ୍ଟିହେବ। ଅବଶ୍ୟ ନିକଟ ସମ୍ପର୍କୀୟପ୍ରିୟଜନଙ୍କ ଆଶ୍ୱାସନା ମନକୁ ଲାଘବ କରିଦେଇପାରେ। ବ୍ୟବସାୟ, ପରିବହନରେ ଉନ୍ନତି ଘଟିବ। ଶ୍ରବଣା ନକ୍ଷତ୍ର ଅନ୍ୟର ବିନା ସାହାଯ୍ୟରେ ବ୍ୟକ୍ତିଗତ ବ୍ୟବସ୍ଥା ଦ୍ୱାରା କେତେକାଂଶରେ ଉପକୃତ ହୋଇପାରନ୍ତି।



**କୁମ୍ଭ:** ଆଜି ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିବ କିନ୍ତୁ ଆପଣ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ।ମନର ସରସତା ଉଭେଇ ଯାଇପାରେ। ଗୃହ ସମସ୍ୟା, ସମ୍ପର୍କୀୟ ପ୍ରତିବନ୍ଧକ ଲାଗି ରହିବ। ବନ୍ଧୁବାନ୍ଧବ, ଧାରକରଜ ପ୍ରଭୃତିକୁ କେନ୍ଦ୍ରକରି କଳହର ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ।



**ମୀନ:** ଆଜି କର୍ଯ୍ୟ ସାମାନ୍ୟ ବିଳମ୍ବିତ ସମୟରେ ସମ୍ପନ୍ନ ହେବ। ପ୍ରତ୍ୟେକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ ଏବଂ ଆଶାଜନକ ସୁଫଳ ନିଶ୍ଚିତ ପାଇବେ। ଶିଳ୍ପ, ବ୍ୟବସାୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ଅତି ଭଲ ସମ୍ପର୍କ ରହିଥିବା ନିଜ ଲୋକଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ହେବେ।



ଜ୍ୟୋତିଷ
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳ ଅନ୍ତର୍ଗତ ଦୁର୍ଗମ ଧୁଲିପୁଟ ପଞ୍ଚାୟତ ଗସ୍ତ କରିଛନ୍ତି ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ । ନିର୍ବାଚନ ଜିତିବା ପରେ ଧୁଲିପୁଟ ପଞ୍ଚାୟତକୁ ବିଧାୟକ ପ୍ରଥମ କରି ଗସ୍ତ କରିଥିଲେ । ଏହି ଅବସରରେ ବିଧାୟକ ଶ୍ରୀ ଖିଲଙ୍କୁ ପଞ୍ଚାୟତବାସୀ ବାଦ୍ୟବାଜଣା ବଜାଇ ଫୁଲମାଳ ପିନ୍ଧାଇ ସ୍ୱାଗତ କରିଥିଲେ । ଦିନେ ଯେଉଁଠି ନକ୍ସଲଙ୍କ ପ୍ରଜାକୋର୍ଟ ଚାଲୁଥିଲା ଆଜି ସେହି ଧୁଲିପୁଟ ପଞ୍ଚାୟତରେ ବିଧାୟକ ପହଞ୍ଚି ଲୋକଙ୍କ ସହ ମିଶି ଅଞ୍ଚଳ ର ସମସ୍ୟା ସଂପର୍କରେ ପଚାରି ବୁଝିଥିଲେ । ଲୋକମାନଙ୍କର ଯେଉଁ ସବୁ ସମସ୍ୟା ଅଛି ତାକୁ ଶୁଣି ସେଠାରେ ଏକ ସ୍କୁଲ ଗୃହ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ପରେ ଧୁଲିପୁଟ ପଞ୍ଚାୟତ ବୁଲି ଗ୍ରାମ ଗୁଡ଼ିକରେ ଥିବା ବିଭିନ୍ନ ଅସୁବିଧାକୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ସହ ଆଲୋଚନା କରିଥିଲେ । ବିଧାୟକଙ୍କ ସହ ଚିତ୍ରକୋଣ୍ଡା ଜିଲ୍ଲା ପରିଷଦ ଜୋନ୍-୧ ସଦସ୍ୟା ବିନତୀ ଖିଲ, ମାଲକାନଗିରି ଜିଲ୍ଲା କଂଗ୍ରେସ ସଭାପତି ଗୋବିନ୍ଦ ପାତ୍ର, ଚିତ୍ରକୋଣ୍ଡା ବ୍ଲକ କଂଗ୍ରେସ କମିଟିର ସଦସ୍ୟ ବିଦେଶୀ ଗୌଡ଼ଙ୍କ ସହିତ ଅନ୍ୟମାନେ ଉପସ୍ଥିତ ଥିଲେ ।

# ସ୍ୱାଭିମାନ ଅଞ୍ଚଳରେ ପିଆଜ ଚାଷ ପ୍ରତି ବଢୁଛି ଚାଷୀଙ୍କ ଆଗ୍ରହ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳର ଚାଷୀମାନେ ଏବେ ଗଞ୍ଜେଇ ଚାଷ ଛାଡି ଅନ୍ୟ ଚାଷ ଆଡେ ମନ ବଳେଇଲେଣି । ବହୁ ଚାଷୀ ଚଳିତବର୍ଷ ପିଆଜ ଚାଷ କରିଛନ୍ତି । ଏହି ଚାଷ କରି ସେମାନେ ଅଧିକ ଲାଭବାନ ହେବାକୁ ଆଶା ରଖିଛନ୍ତି । ଓଡ଼ିଶା ଜୀବିକା ମିଶନ ଓ ମାଲକାନଗିରି ଆଇଟିଡିଏ ତରଫରୁ ଚାଷୀଙ୍କୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଉଛି ଓ ସ୍ୱାଭିମାନ ଅଞ୍ଚଳ ବଡପଦ଼ା ପଞ୍ଚାୟତ ସ୍ଥିତ ମୁଦାଆମ୍ବ ଗ୍ରାମର ଚାଷୀମାନେ ଏହି ପିଆଜ ଚାଷକୁ ଆପଣେଇଛନ୍ତି । ପୂର୍ବରୁ ଏହି ଅଞ୍ଚଳରେ ଧାନ, ମାଣ୍ଡିଆ, ହଳଦୀ ଆଦି ଚାଷ କରୁଥିଲେ ଚାଷୀ । ସେଇ ଏବେ ବଡପଦ଼ା ପଞ୍ଚାୟତର ମୁଦାଆମ୍ବ, ଅର୍ଣ୍ଣାଭାଟା, ବଡପଦ଼ା, କର୍ଲାମାଳ ଆଦି ଗ୍ରାମରେ ୭ ଏକର ଜମିରେ ପିଆଜ ଚାଷ କରାଯାଇଛି । ଚାଷୀମାନଙ୍କୁ ଜମିରେ ମାଲକାନଗିରି ଆଇଟିଡିଏ ତରଫରୁ ବୋରୱେଲ ଖୋଳାଯିବା ସହ ପାଇପ ଓ ଜମିରେ ପାଣି ସିଞ୍ଚନ ପାଇଁ ଯନ୍ତ୍ର ଯୋଗାଇ ଦିଆ ଯାଇଛି । ସେଭଳି ଉଦ୍ୟାନ ବିଭାଗ ତରଫରୁ ପିଆଜ ଚାରା ଯୋଗାଇ ଦିଆ ଯାଇଥିବା ବେଳେ ଓଡ଼ିଶା ଜୀବିକା ମିଶନ ତରଫରୁ ସାର ସହ କିଭଳି ଜମିରେ ପିଆଜ ଚାଷ କରାଯିବ ଏବଂ ଅମଳ କରାଯିବ ପ୍ରଶିକ୍ଷଣ ଦିଆଯିବ ସହ ସଚେତନ କରାଯାଉଛି । ଏହାକୁ ନେଇ ଚାଷୀ ମାନେ ଖୁସି ହୋଇଥିବା ବେଳେ ଏଭଳି ଯଦି ସରକାର ସହାୟତା କଲେ ଆଗାମୀ ଦିନରେ ଆହୁରି ଅଧିକ ପନିପରିବା ଚାଷ କରିବାକୁ ଇଚ୍ଛା ରଖୁଛନ୍ତି । ଚିତ୍ରକୋଣ୍ଡା ବ୍ଲକ ୧୮ ଗୋଟି ପଞ୍ଚାୟତରେ ୧୫୦ରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ପିଆଜ ଚାରା ଯୋଗାଇ ଦିଆଯାଇଛି । ଏହାସହ ୨୫ ଏକରରୁ ଊର୍ଦ୍ଧ୍ୱ ଜମିରେ ପିଆଜ ଚାଷ କରାଯାଉଥିବାବେଳେ ସେମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦିଆଯାଉଛି ବୋଲି କହିଛନ୍ତି ଓଡ଼ିଶା ଜୀବିକା ମିଶନର ବ୍ଲକ ସଂଯୋଜକ । ଯଦି ପ୍ରଶାସନ ତରଫରୁ ଅଞ୍ଚଳରେ ଥିବା ଜମି ଗୁଡ଼ିକରେ ଜଳସେଚନର ବ୍ୟବସ୍ଥା କରାଯାଏ ତେବେ ଆଗାମୀ ଦିନରେ ଚାଷୀ ଅନେକ ଉପକୃତ ହେବେ ବୋଲି ଆଶା ରଖିଛନ୍ତି ।

## ଜଳ ଛତ୍ର ନାହିଁ ପଥିକ ହନ୍ତସନ୍ତ

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ପାରଳାଖେମୁଣ୍ଡିରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ତାପମାତ୍ରା ୪୦ ଡିଗ୍ରୀ ଉଚ୍ଚରେ । ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ଏଠାରେ ଜିଲ୍ଲାପାଳ ଠାରୁ ସମସ୍ତ ଅଧିକାରୀମାନଙ୍କ କାର୍ଯ୍ୟାଳୟ ସହ ବସସ୍ଥାନ ଓ ପୌରପରିଷଦ ମଧ୍ୟ ଅଛି । ସହର ରେ ୧ ଠାରୁ ୧୫ ନଂ ଓର୍ଡ୍ ସହ ୫୦ ହଜାରୁ ଉର୍ଦ୍ଧ୍ୱ ଜନବସତି ଅଛି । ଜିଲ୍ଲା ସଦର ମହକୁମାକୁ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଲୋକେ କାର୍ଯ୍ୟାଳୟକୁ ଆସିଥାନ୍ତି । ସହରରେ ନୂତନ ବସ୍ ଷ୍ଟାଣ୍ଡ ,ବଜାର ଛକ , କଲେଜ୍ ଛକ, ପୁରୁଣା ବସ୍ ଷ୍ଟାଣ୍ଡ ,ରଜାନହର ଛକ, ମେଡ଼ିକାଲ ପାଖରେ ଆଦି ଅନେକ ସ୍ଥାନରେ ଜଳଛତ୍ର ଖୋଲା ଯାଇନାହିଁ । ପଥିକମାନେ ହସ୍ତସନ୍ତ ହେଉଥିବା ପରିଲକ୍ଷିତ ହୋଇଛି ।

# ଜୀବିତଙ୍କୁ ମୃତ ଦର୍ଶାଇ ମୃତ୍ୟୁକାଳୀନ ସହାୟତା ହଡ଼ପ !

ନୂଆପଡା, (ଭାସ୍କର ନ୍ୟୁଜ୍): ଜୀବିତ ଶ୍ରମିକଙ୍କୁ ମୃତ ଦର୍ଶାଇ ମୃତ୍ୟୁକାଳୀନ ସହାୟତା ହଡ଼ପ । ଖଡ଼ିଆଳ ବ୍ଲକ ନରସିଂହପୁର ଗାଁରୁ ଆସିଛି ସାଂଘାତିକ ଅଭିଯୋଗ । ବିଭିନ୍ନ ନାମରେ ଶ୍ରମିକ ଭାବେ ନିୟୋଜିତ ହୋଇ ଜୀବିକା ନିର୍ବାହ କରନ୍ତି ବିଷ୍ଣୁ ପ୍ରସାଦ ବାଗ । ୨୦୧୬ରେ ସେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଶ୍ରମିକ କାର୍ଡ ପଞ୍ଜୀକରଣ କରିଥିଲେ । ୨୦୧୯ରେ ପଞ୍ଜୀକରଣର ନବୀକରଣ ପାଇଁ ଜିଲ୍ଲା ଶ୍ରମ ବିଭାଗ କାର୍ଯ୍ୟାଳୟକୁ ଯାଇଥିଲେ । ସେଠାରେ ତାଙ୍କ ମୃତ୍ୟୁ ହୋଇସାରିଛି ଓ ତାଙ୍କ ନାମରେ ମୃତ୍ୟୁକାଳୀନ ସହାୟତା ଯାଇ ସାରିଥିବା ଜାଣିବାକୁ ପାଇଥିଲେ ବିଷ୍ଣୁ । କିଛି ଭୁଲ ହୋଇଥାଇପାରେ ବୋଲି କହି ପଞ୍ଜୀକରଣର ନବୀକରଣ କରିବାକୁ ସେ ଅନୁରୋଧ କରିଥିଲେ ବି ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ କାର୍ଡ ନବୀକରଣ ପାଇଁ ମନା କରିଦେଇଥିବା ଅଭିଯୋଗ ହୋଇଛି । ସରକାରୀ ଫାଇଲରେ ନିଜ ମୃତ୍ୟୁ ଘଟଣାକୁ ନେଇ ବିଷ୍ଣୁ ଦୀର୍ଘ ୬ବର୍ଷ ହେବ ଶ୍ରମ ବିଭାଗ କାର୍ଯ୍ୟାଳୟ ଓ ରାଜ୍ୟ ଶ୍ରମ କମିଶନରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ ଫଳ ଶୂନ । ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ଶ୍ରମିକ । ଶ୍ରମିକ ବଞ୍ଚି ଥାଉ ଥାଉ ତାଙ୍କୁ କିଭଳି ସରକାରୀ ଫାଇଲରେ ମୃତ ଘୋଷଣା କରାଗଲା ? ଏହି ଚଞ୍ଚକତା ପଛରେ କାହାର ହାତ ? ମୃତ୍ୟୁକାଳୀନ ସହାୟତା କିଏ ହଡ଼ପ କରିଛି ? ଏଭଳି ଅନେକ ପ୍ରଶ୍ନ ଏବେ ଶ୍ରମିକଙ୍କ ମନରେ ଛିଡା ହୋଇଛି । ଏପଟେ ଜିଲ୍ଲା ଶ୍ରମ ଅଧିକାରୀ କମ୍ପ୍ୟୁଟର ରେ କିଛି ତ୍ରୁଟି ଥିବା ଅନୁମାନ କରିଥିବା ବେଳେ ଘଟଣାର ତଦନ୍ତ ଚାଲିଥିବା ପ୍ରକାଶ କରିଛନ୍ତି । ଅନ୍ୟପଟେ ବିଷ୍ଣୁ ଆରଟିଆଇରେ ତଥ୍ୟ ମାଗିଥିବା ବେଳେ ଶ୍ରମ ବିଭାଗ ତଥ୍ୟ ଦେଉନଥିବା ଅଭିଯୋଗ କରିଛନ୍ତି । ଶ୍ରମ ବିଭାଗ ଜାଣିଶୁଣି ନୀରବତା ଅବଲମ୍ବନ କରି ଦୋଷ ଲୁଚାଇବାକୁ ପ୍ରୟାସ କରୁଥିବା ଅଭିଯୋଗ ହୋଇଛି । ଉଚ୍ଚସ୍ତରୀୟ ତଦନ୍ତ ହେଲେ ଏପରି ଅନେକ ଘଟଣା ସାମ୍ନାକୁ ଆସିବ ବୋଲି ବୁଦ୍ଧିଜୀବୀ କହିଛନ୍ତି ।

# ଆରୋଗ୍ୟପ୍ରାପ୍ତ କୁଷ୍ଠରୋଗୀଙ୍କ ପୁନର୍ବାସ ନିମନ୍ତେ ସଚେତନତା କର୍ମଶାଳା

ପାରଳାଖେମୁଣ୍ଡି, (ଭାସ୍କର ନ୍ୟୁଜ୍): ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଗଜପତି ଦ୍ୱାରା ଜିଲ୍ଲାସ୍ତରୀୟ ଆରୋଗ୍ୟପ୍ରାପ୍ତ କୁଷ୍ଠରୋଗୀଙ୍କ ପୁନର୍ବାସ ନିମନ୍ତେ ଥିବା ବିଭିନ୍ନ ଯୋଜନାଗୁଡିକର ଏକ ସଚେତନତା କାର୍ମଶାଳା ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କର୍ମଶାଳାରେ ଜିଲ୍ଲାପାଳ ବିଜୟ କୁମାର ଦାଶ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ଶଙ୍କର କେରକେଟା ,ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ,ଜିଲ୍ଲା ପରିଷଦ,ଗଜପତି, ଡଃ.ମହମ୍ମଦ ମୁବାରକ ଅଲ୍ଲୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ,ଗଜପତି, ଶ୍ରୀ ରବି ନାରାୟଣ ଦାସ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଗଜପତି, ଡଃ.ଇନ୍ଦିରା କୁମାରୀ ମହାପାତ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠରୋଗ),ଗଜପତି, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସନ୍ତୋଷ କୁମାର ନାୟକ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମଞ୍ଚ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କୁଷ୍ଠରୋଗୀଙ୍କ ନିମନ୍ତେ ଏକ ଆଲୋଚନା ଚକ୍ର ହୋଇଥିଲା ଯେଉଁଥିରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ କୁଷ୍ଠରୋଗର ଚିହ୍ନଟ, ଲକ୍ଷଣ, ଚିକିତ୍ସା ଓ ନିରାକରଣ ସମ୍ବନ୍ଧରେ ଓ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ତରଫରୁ ଆରୋଗ୍ୟପ୍ରାପ୍ତ କୁଷ୍ଠରୋଗୀଙ୍କ ନିମନ୍ତେ ଥିବା ପୁନର୍ବାସ ଯୋଜନା ଗୁଡ଼ିକୁ ପିପିଟି ମାଧ୍ୟମରେ ଉପସ୍ଥାପନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବ୍ଲକର ସାମାଜିକ ସୁରକ୍ଷା ଅଧିକାରୀ, ନୋଡାଲ କୁଷ୍ଠରୋଗ କର୍ମଚାରୀ, ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ଆଶା କର୍ମଚାରୀ ଏବଂ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ଅଧିକାରୀ ଯୋଗ ଦେଇଥିଲେ । ପରବର୍ତ୍ତୀ ସମୟରେ ଏହି କାର୍ଯ୍ୟକ୍ରମ ବିଭିନ୍ନ ବ୍ଲକରେ ମଧ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଶେଷରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

## ଇଦ୍ -ଉଲ-ଫିତର ପାଳିତ

ଉମରକୋଟ, (ଭାସ୍କର ନ୍ୟୁଜ୍): ପବିତ୍ର ଇଦ୍-ଉଲ-ଫିତର ମହା ସମାରୋହର ସହିତ ପାଳିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ଏକ ଶୋଭାଯାତ୍ରାରେ ମୁସଲମାନ ଭାଇ ମାନେ ଯୋଗଦେଇ ମସଜିଦ୍ ପରିସରରେ ଏକତ୍ରିତ ହୋଇ ନାରେ ତକବିର- ଆଲ୍ଲାହୁ-ଅକବର ସ୍ଲୋଗାନ ଦେଇ ଇଦଗାହା ପହଂଚିଥିଲେ । ଏହାପରେ ମୌଲାନା ଇଦ୍‌ର ନମାଜ ପାଠ କରିବା ପରେ ସମସ୍ତେ ପରସ୍ପରକୁ ଇଦ୍ ମୁବାରକ ଅଭିନନ୍ଦନ ଜଣାଇଥିଲେ । ନମାଜ ପାଠ ପରେ ସମସ୍ତେ ସୁଖ ସମୃଦ୍ଧି ନିମନ୍ତେ ଆଲ୍ଲାଙ୍କ ଠାରେ ଦୁଆ ମାଗିବା ସହ କବ୍ରିସ୍ତାନ କୁ ଯାଇ ନିଜ ପରିବାରର ଇହଧାମ ତ୍ୟାଗ କରିଥିବା ବ୍ୟକ୍ତିଙ୍କ ଆତ୍ମାର ସଦ୍ ଗତି ନିମନ୍ତେ ପ୍ରାର୍ଥନା କରିଥିଲେ । ଏହା ପରେ ସମସ୍ତେ ନିଜ ନିଜ ଘରକୁ ଯାଇ ବୟୋଜ୍ୟେଷ୍ଠଙ୍କ ଆଶିର୍ବାଦ ନେବା ସହ ପୁରୀ, ସିମିଆ ଆଦି ବାଂଟିଥିଲେ । ଏଥିରେ ସଭାପତି ସଲିମ ରାଠର, ଅଲି ଲାଠିଆ, ସୋନୁ ହିଙ୍ଗରା, ମୋସିନ ଲାଠିଆ, ମୁନିର ଲାଠିଆ, ସୈଫ ହିଙ୍ଗରା,ନାଶିର ଉଲା ସୁଫି ପ୍ରମୂଖ ଉପସ୍ଥିତ ଥିଲେ ।

# ସାହାଜୋଟ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବଙ୍ଗୋମୁଣ୍ଡା/ମୁରିବାହାଲ (ଭାସ୍କର ନ୍ୟୁଜ୍): ବଙ୍ଗୋମୁଣ୍ଡା ବ୍ଲକ ଚୁଲିଫୁଙ୍କା ପଞ୍ଚାୟତର ସାହାଜୋଟ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ଡୋଳା ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଚୁଲିଫୁଙ୍କା ସରପଞ୍ଚ ଯମୁନା ବେହେରା, ସମ୍ମାନିତ ଅତିଥି ପୂର୍ବତନ ବଙ୍ଗୋମୁଣ୍ଡା ବ୍ଲକ ଅଧ୍ୟକ୍ଷ ଗୁରୁ ଚରଣ ବେହେରା,ସାମ୍ବାଦିକ ସୁଶାନ୍ତ କୁମାର ବେହେରା, ମୋ ସ୍କୁଲ ଅଭିଯାନ ସଦସ୍ୟ ଧନସିଂ ନାଗ, ସାହାଜୋଟ ସ୍କୁଲ ସଭାପତି ହିମାଂଶୁ ବାଗ ଏବଂ ମୁଖ୍ୟ ବକ୍ତା ସିଆରସିସି ତୁଳସୀ ପ୍ରସାଦ ସୁନା ଯୋଗଦେଇଥିଲେ ।ପ୍ରଧାନ ଶିକ୍ଷକ ଡୋଳା ଚନ୍ଦ୍ର ବେହେରା ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ ।ବାଗଦେବୀ ସରସ୍ୱତୀଙ୍କ ଫଟୋ ଚିତ୍ରରେ ପୂଜାର୍ଚ୍ଚନା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ! ପ୍ରଥମେ ସ୍କୁଲର ପୂର୍ବ ଶିକ୍ଷକ ସ୍ୱର୍ଗତ ଦୁଲ୍ଲଭ ଚରଣ ବେହେରାଙ୍କ ଅକାଳ ବିୟୋଗ ହୋଇ ଥିବାରୁ ତାଙ୍କ କଥା ମନେପକାଇ ସ୍ମୃତି ଚାରଣ ସହ ନିରବ ପ୍ରାର୍ଥନା କରି ଦିବଂଗତ ଆତ୍ମାର ସଦଗତି କାମନା କରି ଶ୍ରଦ୍ଧାଞ୍ଜଳି ସୁମନ ଅର୍ପଣ କରାଯାଇଥିଲା ।ଅତିଥି ମାନଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।ଶିକ୍ଷା ହିଁ ସମାଜର ମେରୁଦଣ୍ଡ, ସମାଜ ଗଠନରେ ଶିକ୍ଷାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଶିକ୍ଷା ବିନା ମଣିଷ ଜୀବନ ପୂର୍ଣ୍ଣାଙ୍ଗ ହୋଇପାରେ ନାହିଁ ବୋଲି ଅତିଥି ଗଣ ମତବ୍ୟକ୍ତ କରିଥିଲେ ।ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।ଉକ୍ତ ସଭା କାର୍ଯ୍ୟ କୁ ଶିକ୍ଷକ କିଶୋର ବେହେରା ପରିଚାଳନା କରଥିଲେ ଓ ଶିକ୍ଷୟିତ୍ରୀ ଅର୍ଚିତା ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ ।ଶିକ୍ଷୟତ୍ରୀ ରିତା ବାଗ ପ୍ରମୁଖ ସହଯୋଗ କରିଥିଲେ । ଛାତ୍ରଛାତ୍ରୀ ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ହିନ୍ଦୁ ନବବର୍ଷ ପାଳନ ଅବସରରେ ନାମଯଜ୍ଞ

ବରଗଡ଼, (ଭାସ୍କର ନ୍ୟୁଜ୍): ବରଗଡ଼ ନିଗମାନନ୍ଦ ବିହାର ଠାରେ ରବିବାର ଚୈତ୍ର ଶୁକ୍ଳ ପ୍ରତିପଦା ତିଥି ଓ ଭାରତୀୟ ନବ ବର୍ଷ ଉପଲକ୍ଷେ ଅଷ୍ଟ ପ୍ରହରୀ ନାମ ଯଜ୍ଞ ର ଶୁଭାରମ୍ଭ ହୋଇ ଯାଇଛି ।ପଣ୍ଡିତ ଉତ୍ତମ ଆଚାର୍ଯ୍ୟଙ୍କ ପୌରୋହିତ୍ୟ ରେ କୁଞ୍ଜ ବିହାରି ଭୋଇ ସପତ୍ନିକ କର୍ତ୍ତା ଦାୟିତ୍ୱ ବହନ କରି ପୂଜାର୍ଚ୍ଚନା କରିଛନ୍ତି ।ଏହି ଅବସର ରେ ନିଗମାନନ୍ଦ ବିହାର ପଡ଼ା ର ଶତାଧିକ ମହିଳା କଳସ ଯାତ୍ରା ରେ ସାମିଲ ହୋଇ ଜୀରା ନଦୀ ରେ କଳସ ପୂଜନ କରିବା ସହ ଏକ ଶୋଭାଯାତ୍ରା ରେ ବାହାରି ଯଜ୍ଞ ମଣ୍ଡପ ରେ କଳସ ସ୍ଥାପନ କରିଛନ୍ତି ପଡ଼ା ବାସୀ ଙ୍କ ମିଳିତ ଉଦ୍ୟମ ରେ ରବିବାର ପବିତ୍ର ଚୈତ୍ର ଶୁକ୍ଳ ପ୍ରତିପଦା ରେ ଏହି ନାମ ଯଜ୍ଞ ଆରମ୍ଭ ହୋଇ ଆସନ୍ତା କାଲି ୩୧ ତାରିଖ ଏହା ପୂର୍ଣ୍ଣାହୁତି ହେବ ବୋଲି ସ୍ଥାନୀୟ ସଙ୍କୀର୍ତ୍ତନ ପରିଷଦ ର ସଭାପତି ବାଙ୍କା ବିହାରି ସାହୁ ସୂଚନା ପ୍ରଦାନ କରିଛନ୍ତି ।

# ବିଭିନ୍ନ ସ୍ଥାନରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ



କୋରାପୁଟ,(ଭାସ୍କର ନ୍ୟୁଜ): ସ୍ଥାନିୟ ଓଏସ୍ଏପି ପଡିଆରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଜିଲ୍ଲାସ୍ତରୀୟ କାର୍ଯ୍ୟଦେଶ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କୋରାପୁଟ ଜିଲ୍ଲାର ବିଭିନ୍ନ ବ୍ଲକରେ ଏହି ଯୋଜନାରେ ୨୭୭୭ଜଣ ହିତାଧିକାରୀଙ୍କୁ କାର୍ଯ୍ୟଦେଶ ବଣ୍ଟନ କରାଯାଇଥିବା ଜିଲ୍ଲାପାଳ ଭି କୀର୍ତି ଭାସନ କହିଛନ୍ତି । ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଏବଂ ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକା, କୋରାପୁଟ ବ୍ଲକ ଅଧ୍ୟକ୍ଷା ନମିତା ମାଝି, ଉପାଧ୍ୟକ୍ଷ ଶିବ ଗୋଲରୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ସାସଂଦ ପ୍ରତିନିଧି ବାବୁଲା ବେନିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭବାନୀପାଟଣାରେ କାର୍ଯ୍ୟାଦେଶ ବଣ୍ଟନର ଶୁଭାରମ୍ଭ କରିବା ପରେ କୋରାପୁଟ ବ୍ଲକର ୧୬୩ଜଣ ହିତାଧିକାରୀମାନଙ୍କୁ କାର୍ଯ୍ୟଦେଶ ବଣ୍ଟନ କରାଯାଇଥିଲା । ଜିଲ୍ଲାପାଳ , ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ , ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରମୁଖ ହିତାଧିକାରୀଙ୍କୁ କାର୍ଯ୍ୟଦେଶ ବଣ୍ଟନ କରିଥିଲେ । କୋରାପୁଟ ବିଡିଓ ଡ. ଦେବାଶିଷ ଗୌଡ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଜିଲ୍ଲା ପରିଷଦ ପ୍ରକଳ୍ପ ପରିଚାଳକ ଗୌରି ଶଙ୍କର ସାହୁ ଏବଂ କୋରାପୁଟ ବ୍ଲକର କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ । ଅନ୍ତ୍ୟୋଦୟ ଗୃହ ଯୋଜନାରେ ଜିଲ୍ଲାର ବନ୍ଧୁଗାଁ ବ୍ଲକର ୧୮୩ଜଣ ହିତାଧିକାରୀ, ବୈପାରିଗୁଡାର ୨୭୪, ବୋରିଗୁମାର ୪୪୯, ଦଶମନ୍ତପୁରର ୧୬୬, ଜୟପୁରର ୧୯୯, କୋଟପାଡରେ ୨୩୪, କୁନ୍ଦୁରାର ୭୪, ଲମତାପୁଟର ୧୩୩ ଲକ୍ଷ୍ମୀପୁରର ୧୭୧, ନନ୍ଦପୁରର ୩୦୧, ନାରାୟଣପାଟଣା ର ୯୩, ପଟାଙ୍ଗୀର ୧୮୬, କୋରାପୁଟର ୧୬୩ ଏବଂ ସେମିଳିଗୁଡା ବ୍ଲକର ୧୫୨ଜଣ ଏଭଳି ଜିଲ୍ଲାର ୧୪ଟି ବ୍ଲକରେ ୨୭୭୭ ଜଣ ହିତାଧିକାରୀଙ୍କୁ କାର୍ଯ୍ୟଦେଶ ବଣ୍ଟନ କରାଯାଇଥିବା ଜିଲ୍ଲାପାଳ ଓ ଜିଲ୍ଲାପରିଷଦ ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି ।



ମାଲକାନଗିରି, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ବ୍ଲକ ପଡିଆ ଠାରେ ଜିଲ୍ଲା ସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରାଯାଇଛି । ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ମାଲକାନଗିରି ନରସିଂହ ମାଡ଼କାମୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବ୍ଲକ ଅଧ୍ୟକ୍ଷା ଗୌରୀ ପଡିଆମୀ, ବ୍ଲକ ଉପାଧ୍ୟକ୍ଷ ନିରଞ୍ଜନ ହକ୍ଷଲଦର୍ ଓ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର ଉପସ୍ଥିତ ଥିଲେ । ବିଧାୟକ ଶ୍ରୀ ମାଡ଼କାମୀ କହିଛନ୍ତି ଯେ ଏହି ଯୋଜନାଦ୍ୱାରା ଅସହାୟ ବ୍ୟକ୍ତି ବିଶେଷ ଗୃହ ସୁବିଧା ପାଇପାରିବେ । ଯଦ୍ୱାରା ବିକଶିତ ଓଡ଼ିଶା ଓ ସୁନ୍ଦର ମାଲକାନଗିରି ଜିଲ୍ଲା ସ୍ୱପ୍ନ ସାକାର ହୋଇପାରିବ ବୋଲି କହିଥିଲେ । ଜିଲ୍ଲାରେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ୧୬୨୯ ଜଣ ହିତାଧୀକାରୀଙ୍କୁ ଚିହ୍ନଟ କରାଯାଇଛି । ୪ ମାସ ଭିତରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ୨୦ ହଜାର ଓ ୬ ମାସ ଭିତରେ ଘର ତିଆରି ହେଲେ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ସହାୟତା ଯୋଗାଇ ଦିଆଯିବ । ସେହିପରି ୯୫ ଦିନର ମନରେଗା କାମ ଯୋଗାଇ ଦିଆଯିବ । ବିଦ୍ୟୁତ୍, ପାନୀୟ ଜଳ, ଇନ୍ଧନ ଓ ଟଏଲେଟ ପାଇଁ ମଧ୍ୟ ଅନ୍ୟ ଯୋଜନା ମାଧ୍ୟମରେ ସୁବିଧା କରାଯିବାର ବ୍ୟବସ୍ଥା ରହିଛି । ସମସ୍ତ ଅତିଥି ହିତାଧୀକାରୀ ମାନଙ୍କୁ ୧ ଲକ୍ଷ ୨୦ ହଜାର ଟଙ୍କାର ଚେକ୍ ସହ କାର୍ଯ୍ୟାଦେଶ ପତ୍ର ପ୍ରଦାନ କରିଛନ୍ତି । ସଦର ବିଡିଓ ତପନ କୁମାର ସେନାପତି କାର୍ଯ୍ୟକ୍ରମ ତଦାରଖ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଓ ବ୍ଲକ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଏଥିରେ ବହୁ ସଂଖ୍ୟାରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଓ ହିତାଧୀକାରୀ ଯୋଗ ଦେଇଥିଲେ । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମରେ ଆଭାସୀ ମାଧ୍ୟମରେ ସମସ୍ତ ବ୍ଲକ ଯୋଡି ହୋଇଥିଲେ ।



ନୂଆପଡା, (ଭାସ୍କର ନ୍ୟୁଜ୍): ନୂଆପଡା ଜିଲ୍ଲାରେ ରାଜ୍ୟ ସରକାରଙ୍କ ବହୁ ପ୍ରତିକ୍ଷିତ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ହୋଇଯାଇଛି । ନୂଆପଡା ଜିଲ୍ଲା ସଦର ମହକୁମା ସ୍ଥିତ ପୋଲିସ ପଡିଆରେ ଏକ ସଭାର ଆୟୋଜନ କରାଯାଇ ସଭାରେ ଉପସ୍ଥିତ ଜନସାଧାରଣଙ୍କୁ ଭବାନିପାଟଣା କାର୍ଯ୍ୟକ୍ରମର ସିଧା ପ୍ରସାରଣ ଆଭାସି ମାଧ୍ୟମରେ ଦେଖାଯାଇଥିଲା । ଏହି କାର୍ଯ୍ୟକ୍ରମରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲା ବେଳେ ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଭିମସେନ ଶବର, ଜିଲାମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ବ୍ଲକ ଉପାଧ୍ୟକ୍ଷ ଦିଲ୍ଲୀପ କୁମାର ନିର୍ମଳକର, ଜିଲ୍ଲାପରିଷଦ ସଦସ୍ୟ ଉମାଠାକୁର, ଭାନୁପ୍ରତାପ ସିଂ ମାଝି, ଭରତଲାଲ ରାଉତ, ଅବନୀ ରଞ୍ଜନ ଯୋଷି ପ୍ରମୁଖ ଯୋଗଦେଇଥିଲେ ।ଏହି ଅବସରରେ ସଭାରେ ଦଶଜଣ ହିତାଧିକାରୀଙ୍କୁ ଜିଲ୍ଲାପାଳ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ପ୍ରଦାନ କରିଥିଲେ । ସୂଚନାଥାଉକି ଜିଲାର ବିଭିନ୍ନ ବ୍ଲକ୍ ରେ ଆଜି ୩୪୯ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା ବେଳେ ସଦର ବ୍ଲକରେ ୫୧ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ଆୟୋଜିତ ଏହି ସମାରୋହରେ ସମସ୍ତ ଜିଲ୍ଲା ସ୍ତରିୟ ଅଧିକାରୀଗଣ ଓ ବିଭିନ୍ନ ବିଭାଗ ଅଧିକାରୀ , ଗଣ ମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ । ଜିଲ୍ଲାର ବିଭିନ୍ନ ବ୍ଲକ୍ ରୁ ହଜାର ହଜାର ସଂଖ୍ୟାରେ ମହିଳା, ମିଶନ ଶକ୍ତି କର୍ମକର୍ତ୍ତା ଯୋଗ ଦେଇଥିଲେ ।

ଗୁଣୁପୁର, (ଭାସ୍କର ନ୍ୟୁଜ୍): ଗୁଣପୁର ବ୍ଲକ୍ ପରିସରରେ ଅନ୍ତ୍ୟୋଦୟ ଯଜନାର ଶୁଭାରମ୍ଭ ହଇଯାଇଛି । ମୁଖ୍ୟମନ୍ତ୍ରୀ ମହନ ମାଝୀ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଠାରେ ଆୟଜିତ ସମାରୋହରେ ଅନ୍ତୋଦୟ ଯୋଜନାର ଶୁଭାରମ୍ଭ କରିଥିବା ବେଳେ ଗୁଣପୁର ବ୍ଲକ୍‌ରେ ଆୟଜିତ କାର୍ଯ୍ୟକ୍ରମରେ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା । ଅତିଥି ଭାବେ ଗୁଣପୁର ବ୍ଲକ୍ ଅଧ୍ୟକ୍ଷା ଝିଲି ଶବର, ଉପାଧ୍ୟକ୍ଷ ସୁଦର୍ଶନ ଶବର, ସହକାରୀ ନିର୍ବାହୀ ଯନ୍ତ୍ରୀ ହରେକୃଷ୍ଣ ପଣ୍ଡା ଉପସ୍ଥିତ ରହି ଯୋଗ୍ୟ ବିବେଚିତ ହଇଥିବା ୩୨୬ ଦିବ୍ୟାଙ୍ଗ, ରୋଗାଗ୍ରସ୍ତ, ବିଧବା ମହିଳା ହିତାଧିକାରୀଙ୍କ ମଧ୍ୟରୁ ୨୯୮ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଜିପିଓ ପି ଦିବାକର ପରିଚାଳନା କରିଥିବା ବେଳେ ବିଭିନ୍ନ ପଞ୍ଚାୟତର ନିର୍ବାହୀ ଅଧିକାରୀ, ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।



କୋଷାଗୁମୁଡା, (ଭାସ୍କର ନ୍ୟୁଜ୍): ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଗରିବ ପରିବାର ଲୋକଙ୍କ ପାଇଁ ଭିଡିଓ କନଫରେନ୍ସ ଜରିଆରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ କୋଷାଗୁମୁଡା ବ୍ଲକ କାର୍ଯ୍ୟାଳୟ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।କୋଷାଗୁମୁଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶିଷ ତ୍ରିପାଠୀ ଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ବୈଠକରେ ଅତିଥି ଭାବେ ଡାବୁଗାଁ ବିଧାୟକ ମନହର ରନ୍ଧାରୀ , ବ୍ଲକ ଚେୟାରମ୍ୟାନ ସର୍ବେଶ୍ୱରୀ ମାଝୀ, ଉପଧକ୍ଷା ଯୋଗେନ୍ଦ୍ର ସ୍ୱାଇଁ ,ସାଂସଦ ପ୍ରତିନିଧି ସୁରେଶ କୁମାର ପାତ୍ର,ଜିଲ୍ଲା ବିଜେପି ସଭାପତି କୁଞ୍ଜ ବିହାରୀ ଦାସ, ୩ ଟି ଜନ ଜିଲ୍ଲା ପରିଷଦ ସଭ୍ୟା ପ୍ରମୁଖ ସହ ସମସ୍ତ ସମିତି ସଭ୍ୟ ସଭ୍ୟା ସରପଞ୍ଚ ମଞ୍ଚାସିନ ଥିଲେ । କୋଷାଗୁମୁଡା ବ୍ଲକର କର୍ମଚାରୀ ଏଇ ଅଶ୍ୱିନ ପଟ୍ଟନାୟକ ,ଜିପିଇଓ ତ୍ରିଲୋଚନ ଛାଚନ ,ବିପିସି ଭି ଅନନ୍ତ କୁମାର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ସମସ୍ତ ଅତିଥି ପ୍ରଥମ ପର୍ଯ୍ୟାୟରେ କୋଷାଗୁମୁଡା ବ୍ଲକର ୨୬ ପଞ୍ଚାୟତରୁ ଆସିଥିବା ୩୮୧ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟଦୟ ଗୃହ ଯୋଜନାରେ ପାଇଥିବା କାର୍ଯ୍ୟାଦେଶ ବଣ୍ଟନ କରିଥିଲେ ।ଉକ୍ତ ବୈଠକରେ କୋଷାଗୁମୁଡା ବ୍ଲକର ବହୁ ହିତାଧିକାରୀଙ୍କ ସହ କାର୍ଯ୍ୟରତ ସମସ୍ତ ଏମ୍ବିକେ,ସିଆରପି ସହ ବହୁ ଏସଏଚଜି ମହିଳା ଯୋଗଦେଇଥିଲେ ।





ସଇଁତଲା, (ଭାସ୍କର ନ୍ୟୁଜ୍): ରାଜ୍ୟରେ ନୂତନ ସରକାରଙ୍କ ପକ୍ଷରୁ ଅନ୍ତ୍ୟୋଦୟ ଗୃହ ଯୋଜନା ରବିବାର ଶୁଭାରମ୍ଭ କରାଯାଇଥିବା ବେଳେ ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଯୋଗଦେଇଥିଲେ । ସେହିଭଳି ସଇଁତଲା ବ୍ଲକ୍ ଉପାଧ୍ୟକ୍ଷ ଗୁଣସାଗର ମାଝୀ , ସଇଁତଲା ଗୋଷ୍ଠି ଉନ୍ନୟନ ପୁରୁଷୋତ୍ତମ ମିର୍ଧା, ଜିଲ୍ଲା ପରିଷଦ ହିମାଞ୍ଚଳ ବୁଡ଼େକ, ପ୍ରମୋଦ ଭୋଇ, ସଇଁତଲା ସରପଞ୍ଚ ସୁବ୍ରତ ନାଗ ପ୍ରମୁଖ ଉପସ୍ଥିତ ରହି ୨୨ ପଞ୍ଚାୟତର ୫୧ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ । ମୁଖ୍ୟମନ୍ତ୍ରୀ ମୋହନ ମାଝୀ କଳାହାଣ୍ଡିରେ ଉଦ୍‌ଘାଟନ କରିଥିବା ବେଳେ ଭିଡିଓ କନଫରେନ୍ସ ମାଧ୍ୟମରେ ସଇଁତଲା ରେ ହିତାଧିକାରୀମାନେ ଦେଖିଥିଲେ ।



ଖଇରପୁଟ, (ଭାସ୍କର ନ୍ୟୁଜ୍): ରାଜ୍ୟ ସରକାର ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରିଛନ୍ତି କଳାହାଣ୍ଡି ଜିଲ୍ଲା ଭବାନୀପାଟଣାରୁ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି । ଅସହାୟ, ବିଧବା, ପ୍ରାକୃତିକ ବିପର୍ଯ୍ୟୟ ପୀଡ଼ିତ, ଦୁଃସାଧ୍ୟ ରୋଗାକ୍ରାନ୍ତ, ଦିବ୍ୟାଙ୍ଗ,ଅତି ଆବଶ୍ୟକ କରୁଥିବା ବ୍ୟକ୍ତି ବିଶେଷଙ୍କୁ ଏହି ଯୋଜନାରେ ଚିହ୍ନଟ କରି ଗୃହ ଯୋଗାଇ ଦିଆଯିବା ବ୍ୟବସ୍ଥା କରାଯାଇଛି । ଆଜି ଖଇରପୁଟ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ କରାଯାଇଛି । ଖଇରପୁଟ ଗୋଷ୍ଠି ଉର୍ଣ୍ଣୟନ ଅଧିକାରୀ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଖଇରପୁଟ ବ୍ଲକ ଅଧ୍ୟକ୍ଷ ବିଘ୍ନ କିର୍ଷାନୀ, ବ୍ଲକ ସାଂସଦ ପ୍ରତିନିଧି ସିଦ୍ଧାର୍ଥ ଶଙ୍କର ରଥ, ଜିଲ୍ଲା ପରିଷଦ ସଭ୍ୟ ବଳି ମାଝି, ଏଇ ଦୁଷ୍ମନ୍ତ ବେହେରା, ବିଜେପି ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ବେହେରା, ଖଇରପୁଟ ମଣ୍ଡଳ ସଭାପତି ବିଦ୍ୟାଧର ସାହାଣୀ, କଦମଗୁଡ଼ା ସରପଞ୍ଚ ସୂର୍ଯ୍ୟନାରାୟଣ ଝିଗିଡ଼ି, ଖଇରପୁଟ ସରପଞ୍ଚ ଦୈଇମତି ଗୋଲପେଦା, ରାସବେଡ଼ା ସରପଞ୍ଚ ପ୍ରମିଳା ଗୁଟ୍ଟା, କୁଡୁମୁଲୁଗୁମ୍ମା ସରପଞ୍ଚ ମଙ୍ଗଳା ମାଡ଼ି, ବଡ଼ଡୁରାଲ ସରପଞ୍ଚ ଭିକାରି କିର୍ଷାନୀ, ପଡୋଘାଟ ସରପଞ୍ଚ, ଗୋବିନ୍ଦପାଲି ସରପଞ୍ଚ ଶ୍ରୀନିବାସ ମୁଦୁଲି, ମାଡ଼କାପଦର ସରପଞ୍ଚ ଡମ୍ବୁରୁ ସିସା, ପରକନମାଲା ସରପଞ୍ଚ ମେନକାଶ୍ରୀ ସିସାଙ୍କ ସହିତ ସମସ୍ତ ସମିତି ମେମ୍ବର ଓ ବ୍ଲକ କର୍ମଚାରୀ ମାନେ ଉପସ୍ଥିତ ଥିଲେ । ଏହି ଯୋଜନାଦ୍ୱାରା ଅସହାୟ ବ୍ୟକ୍ତି ବିଶେଷ ଗୃହ ସୁବିଧା ପାଇପାରିବେ । ଏହି ଯୋଜନାରେ ମୋଟ ୧୧୩ ଜଣ ହିତାଧୀକାରୀଙ୍କୁ ଚିହ୍ନଟ କରାଯାଇଛି । ୪ ମାସ ଭିତରେ ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ୨୦ ହଜାର ଓ ୬ ମାସ ଭିତରେ ଘର ତିଆରି ହେଲେ ୧୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଶି ସହାୟତା ଯୋଗାଇ ଦିଆଯିବ । ସେହିପରି ୯୫ ଦିନର ମନରେଗା କାମ ଯୋଗାଇ ଦିଆଯିବ । ବିଦ୍ୟୁତ୍, ପାନୀୟ ଜଳ, ଇନ୍ଧନ ଓ ଟଏଲେଟ ପାଇଁ ମଧ୍ୟ ଅନ୍ୟ ଯୋଜନା ମାଧ୍ୟମରେ ସୁବିଧା କରାଯିବାର ବ୍ୟବସ୍ଥା ରହିଛି । ସମସ୍ତ ଅତିଥି ହିତାଧୀକାରୀ ମାନଙ୍କୁ କାର୍ଯ୍ୟାଦେଶ ପତ୍ର ପ୍ରଦାନ କରିଥିଲେ । ଏଥିରେ ବହୁ ସଂଖ୍ୟାରେ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଓ ହିତାଧୀକାରୀ ଯୋଗ ଦେଇଥିଲେ । ଖଇରପୁଟ ଓଏଲଏମ ଅଧିକାରୀ ଚିନ୍ମୟ କୁମାର ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar
GET IT ON Google Play | Download on the App Store





ବରିଷ୍ଠ ସାମ୍ବାଦିକଙ୍କ ପୂଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି | ୬

ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ନିଯୁକ୍ତ | ୬



RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧ Vol. 22 No-1 1 APRIL 2025 TUESDAY BHUBANESWAR ମଙ୍ଗଳବାର, ୧ ଏପ୍ରିଲ୍ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଜାତୀୟ ଅତୁଲ୍ୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ରଥଯାତ୍ରା, ବାଲିଯାତ୍ରା

ପୁରୀ/ଭୁବନେଶ୍ୱର,୩୧।୩(ଭାସ୍କର ନ୍ୟୁଜ): ଜାତୀୟ ଅତୁଲ୍ୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ସାମିଲ ହୋଇଛି ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଓ କଟକର ବାଲିଯାତ୍ରା। ଏ ନେଇ ସୋମବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ସଂସ୍କୃତି ମନ୍ତ୍ରଣାଳୟ ଅଧୀନରେ ପରିଚାଳିତ ସର୍ବୋଚ୍ଚ ସାଂସ୍କୃତିକ ସଂସ୍ଥା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ଏହାକୁ ସାମିଲ କରାଯାଇଛି। ପୂର୍ବରୁ ସଂସ୍କୃତି ମନ୍ତ୍ରଣାଳୟକୁ ଶ୍ରୀମନ୍ଦିର ମନ୍ଦିର ପ୍ରଶାସନ ପକ୍ଷରୁ ଏ ନେଇ ପ୍ରସ୍ତାବ ପଠାଯାଇଥିଲା। ଡକ୍ଟର ପାଢୀ ଆହୁରି କହିଛନ୍ତି ଯେ ଜାତୀୟ ଅତୁଲ୍ୟ ସାଂସ୍କୃତିକ ଐତିହ୍ୟ ତାଲିକାରେ ରଥଯାତ୍ରା ଓ ବାଲିଯାତ୍ରା ସାମିଲ ହେବାପରେ ଉଭୟଙ୍କର ମହତ୍ତ୍ୱ ବୃଦ୍ଧି ପାଇବ। ଉଭୟ ବାଲିଯାତ୍ରା ଓ ରଥଯାତ୍ରାକୁ କେନ୍ଦ୍ର ସରକାର ପ୍ରୋତ୍ସାହନ ଯୋଗାଇଦେବେ। ସେ କହିଛନ୍ତି, ରଥଯାତ୍ରା ବହୁ ପ୍ରାଚୀନ ବୋଲି ଗବେଷକମାନେ ମତ ପ୍ରଦାନ କରିଛନ୍ତି। ଋଗ୍‌ବେଦ ଓ ଅଥର୍ବ ବେଦ ଆଦିରେ ରଥ ଶବ୍ଦର ପ୍ରୟୋଗ ଦେଖିବାକୁ ମିଳୁଛି। ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରୁ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ ମଧ୍ୟରେ ଖୋଦିତ ହୋଇଥିବା କେତେକ ପ୍ରାଚୀନ ଭାସ୍କର୍ଯ୍ୟକୁ ଅନୁସରଣ କଲେ ସୂର୍ଯ୍ୟଙ୍କ ରଥଯାତ୍ରାର ସମ୍ୟକ ନିଦର୍ଶନ ମିଳିଥାଏ। ତେଣୁ ସୂର୍ଯ୍ୟଙ୍କ ରଥଯାତ୍ରାର ପରବର୍ତ୍ତୀ ପରିକଳ୍ପନା ହେଉଛି ପୁରୁଷୋତ୍ତମ କ୍ଷେତ୍ରସ୍ଥ ମହାପ୍ରଭୁଙ୍କ ରଥଯାତ୍ରା।

### ଆଇଏମ୍‌ଡି ଡିଜିଙ୍କ ସତର୍କ ସୂଚନା

# ଏପ୍ରିଲରୁ ଜୁନ୍ ଅଗ୍ନିବର୍ଷା






- ଜଳବାୟୁ ପରିବର୍ତ୍ତନ ମୁଖ୍ୟ କାରଣ
- ଚଳିତବର୍ଷ ଅଧିକ ରହିବ ଗ୍ରୀଷ୍ମପ୍ରବାହ ଦିନ
- ଅଧିକାଂଶ ସ୍ଥାନରେ ସ୍ୱାଭାବିକଠାରୁ ଅଧିକ ରହିବ ପାରଦ
- ବିଦ୍ୟୁତ ଚାହିଦା ବୃଦ୍ଧି ପାଇଁ ପ୍ରସ୍ତୁତ ହେବା ଜରୁରି

ନୂଆଦିଲ୍ଲୀ,୩୧।୩: ଓଡ଼ିଶା ସମେତ ସାରା ଦେଶରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଲାଗି ରହିଛି। ତାତିକୁ ନେଇ ଦେଶବାସୀ ଅତିଷ୍ଠ ହୋଇ ପଡ଼ିଲେଣି। କେଉଁଠି ପାରଦ ୪୨ ଡିଗ୍ରୀ ଉପରେ ରହୁଛି ତ ଆଉ କେଉଁଠି ୪୫। ଆଗକୁ ତାତିର ପ୍ରଭାବ ଆହୁରି ଅଧିକ ବୃଦ୍ଧି ପାଇବ। ଏ ନେଇ ସୂଚନା ଦେଇଛି ଭାରତୀୟ ପାଣିପାଗ ବିଭାଗ। ବିଭାଗର ନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ଏପ୍ରିଲରୁ ଜୁନ୍ ମାସ ମଧ୍ୟରେ ସାରା ଦେଶରେ ଅଗ୍ନିବର୍ଷା ହେବ। ସ୍ୱାଭାବିକଠାରୁ ତାପମାତ୍ରା ବହୁ ଅଧିକ ରହିବ। ଏପରିକି କେତେକ ରାଜ୍ୟରେ ତାତିର ପ୍ରଭାବ ବୃଦ୍ଧି ନେଇ ମଧ୍ୟ ସତର୍କ କରି ଦିଆଯାଇଛି। ସେ ଆହୁରି କହିଛନ୍ତି, ମୌସୁମୀରେ ଏଲନିନୋର ସମ୍ଭାବନା ନାହିଁ। ତେଣୁ ତାତି ପ୍ରଚଣ୍ଡ ହେବାର ଥିବାରୁ ସମସ୍ତେ ଏଥିନେଇ ସତର୍କତା ଅବଲମ୍ବନ କରିବା ଜରୁରି। ବାହାରକୁ ଗଲାବେଳେ ଛତା, ଯୋତା, ପାଣିବୋତଲ ସହ ଅନ୍ୟାନ୍ୟ ସାମଗ୍ରୀ ନେବା ଜରୁରି ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ସେହିପରି ଅତି ଆବଶ୍ୟକ ନଥିଲେ ଦିନରେ ପଦାକୁ ବାହାରିବା ଉଚିତ ନୁହେଁ। ଶ୍ରୀ ମହାପାତ୍ର କହିଥିଲେ ଯେ କେନ୍ଦ୍ରୀୟ ଏବଂ ପୂର୍ବ ଭାରତ ଓ ଉତ୍ତର-ପଶ୍ଚିମ ସମତଳ ଅଞ୍ଚଳରେ ଅଧିକ ଗ୍ରୀଷ୍ମପ୍ରବାହ ହେବ। ଦେଶର ଅଧିକାଂଶ ଅଞ୍ଚଳରେ ସ୍ୱାଭାବିକଠାରୁ ଅଧିକ ସର୍ବାଧିକ ତାପମାତ୍ରା ରହିବ। ପଶ୍ଚିମ ଏବଂ ପୂର୍ବ ଭାରତର କିଛି ଅଞ୍ଚଳ ବ୍ୟତୀତ ଯେଉଁଠାରେ ତାପମାତ୍ରା ସ୍ୱାଭାବିକ ରହିବ ବୋଲି ଆଶା କରାଯାଉଛି। ଅଧିକାଂଶ ଅଞ୍ଚଳରେ ସର୍ବନିମ୍ନ ତାପମାତ୍ରା ମଧ୍ୟ ସ୍ୱାଭାବିକଠାରୁ ଅଧିକ ରହିବ। ଏପ୍ରିଲରୁ ଜୁନ୍ ଭିତରେ ଉତ୍ତର ଏବଂ ପୂର୍ବ ଭାରତ, ମଧ୍ୟ ଭାରତ ଏବଂ ଉତ୍ତର-ପଶ୍ଚିମ ଭାରତର ସମତଳ ଅଞ୍ଚଳରେ ସାଧାରଣ ଅପେକ୍ଷା ୪ ଦିନ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଅନୁଭୂତ ହେବ। ସାଧାରଣତଃ ଭାରତରେ ଏପ୍ରିଲରୁ ଜୁନ୍ ପର୍ଯ୍ୟନ୍ତ ୪ରୁ ୭ ଦିନ ଭୀଷଣ ଗ୍ରୀଷ୍ମପ୍ରବାହ ରେକର୍ଡ କରାଯାଏ। ସ୍ୱାଭାବିକଠାରୁ ଅଧିକ ଗ୍ରୀଷ୍ମପ୍ରବାହ ଦିନ ଦେଖିବାକୁ ମିଳିବାର ସମ୍ଭାବନା ଥିବା ରାଜ୍ୟଗୁଡ଼ିକ ହେଲା- ରାଜସ୍ଥାନ, ଗୁଜରାଟ, ହରିଆଣା, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା, ଛତିଶଗଡ଼, ତେଲଙ୍ଗାନା, ଆନ୍ଧ୍ର, କର୍ଣ୍ଣାଟକ ଏବଂ ତାମିଲନାଡୁ। ଏହି ସମୟରେ ବିଦ୍ୟୁତ ଚାହିଦା ଅଧିକ ରହିବାର ସମ୍ଭାବନା ଥିବାରୁ ଏଥିନେଇ ପ୍ରସ୍ତୁତ ରହିବାକୁ ଆଇଏମ୍‌ଡି ପରାମର୍ଶ ଦେଇଛି। ଅନ୍ୟପକ୍ଷରେ ଓଡ଼ିଶା ସମେତ ବହୁ ରାଜ୍ୟରେ ଏବେ ବି ତାତିର ପ୍ରଭାବ ଲାଗି ରହିଛି, ଯାହାକୁ ନେଇ ଜନଜୀବନ ଅତିଷ୍ଠ ହୋଇପଡ଼ିଛି। ପଶ୍ଚିମ ଓଡ଼ିଶାରେ ସ୍ଥିତି ଅସମ୍ଭାଳ ରୂପ ଧାରଣ କରିଛି। ଝାରସୁଗୁଡ଼ା, ସମ୍ବଲପୁର ଆଦି ଜିଲ୍ଲାରେ ତାପମାତ୍ରା ୪୨ଡିଗ୍ରୀ ଉପରେ ରହୁଥିବାରୁ ଲୋକଙ୍କ ସ୍ଥିତି ଶୋଚନୀୟ ହେବାରେ ଲାଗିଛି। ତେଣୁ ତାତି ପାଇଁ ସତର୍କତା ଅବଲମ୍ବନ ଜରୁରି ବୋଲି ଆଇଏମ୍‌ଡି କହିଛି। ଅନ୍ୟପକ୍ଷରେ ଓଡ଼ିଶାରେ ମଙ୍ଗଳବାରଠାରୁ ୫ ଦିନ ଧରି କାଳବୈଶାଖୀ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।


ଉତ୍କଳ ଦିବସ ଉପଲକ୍ଷେ
ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା




ବିକଶିତ ଓଡ଼ିଶା, ବିକଶିତ ଭାରତ!

नालको NALCO
National Aluminium Company Limited
ଓଡ଼ିଶାର ପ୍ରଗତିର ସାଥୀ
nalcoindia NALCO_India nalco_india nalco_india nalco_india



ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ ଏବଂ
ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠ ସମନ୍ୱିତ
ବିକାଶ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ
ସ୍ଥାନ-ସତ୍ୟଭାମାପୁର, କଟକ ସମୟ : ପୂର୍ବାହ୍ନ ୯ ଘଟିକା

- ମୁଖ୍ୟ ଅତିଥି -
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
- ଗରିମାମୟ ଉପସ୍ଥିତି -
ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ
ମନ୍ତ୍ରୀ, ଆଇନ, ପୂର୍ତ୍ତ ଏବଂ ଅବକାରୀ, ଓଡ଼ିଶା ସରକାର
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ
ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ସେବା ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶା ସରକାର
ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ
ସାଂସଦ, କଟକ
ଶ୍ରୀଯୁକ୍ତ ବୈଜୟନ୍ତ ପଣ୍ଡା
ସାଂସଦ,କେନ୍ଦ୍ରାପଡ଼ା
ଶ୍ରୀଯୁକ୍ତ ବିଭୁପ୍ରସାଦ ତରାଇ
ସାଂସଦ, ଜଗତସିଂହପୁର
ଶ୍ରୀଯୁକ୍ତ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବିଧାୟକ, ଆଠଗଡ଼
ଶ୍ରୀଯୁକ୍ତ ପ୍ରଶାନ୍ତ ବେହେରା, ବିଧାୟକ, ସାଲେପୁର
ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ, ବିଧାୟକ, ଚୌଦ୍ୱାର-କଟକ
ଶ୍ରୀଯୁକ୍ତ ଦେବୀ ରଞ୍ଜନ ତ୍ରିପାଠୀ, ବିଧାୟକ, ବାଙ୍କୀ
ଇ. ସୋଫିଆ ଫିର୍ଦୋସ, ବିଧାୟିକା, ବାରବାଟୀ-କଟକ
ଇ. ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟକ, କଟକ ସଦର
ଶ୍ରୀଯୁକ୍ତ ଛବି ମଲ୍ଲିକ, ବିଧାୟକ, ନିଆଳି
ଶ୍ରୀଯୁକ୍ତ ସାରଦା ପ୍ରସାଦ ପ୍ରଧାନ, ବିଧାୟକ, ମାହାଙ୍ଗା
ଶ୍ରୀଯୁକ୍ତ ବିଜୟ କୁମାର ଦଳବେହେରା, ବିଧାୟକ, ବଡ଼ମ୍ବା
ଶ୍ରୀଯୁକ୍ତ ବି.ପରମେଶ୍ୱରନ୍, (ଭା.ପ୍ର.ସେ.)କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ
ଫଟୋଚିତ୍ର ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ଓଡ଼ିଶା ଦିବସ ସମାରୋହ-୨୦୨୫
ତା: ୦୧.୦୪.୨୦୨୫ ରିଖ

ନୂଆଦିଲ୍ଲୀ
ସ୍ଥାନ ୱେଟ୍‌ଲିଫ୍ଟିଂ ଅଡ଼ିଟୋରିୟମ୍,
ଜେ.ଏଲ୍.ଏନ୍. ଷ୍ଟାଡିୟମ
ସମୟ : ଅପରାହ୍ନ ୫ ଘଟିକା

- ମୁଖ୍ୟ ଅତିଥି -
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
- ଗରିମାମୟ ଉପସ୍ଥିତି -
ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ
କେନ୍ଦ୍ର ଶିକ୍ଷା ମନ୍ତ୍ରୀ
ଶ୍ରୀଯୁକ୍ତ ଗଜେନ୍ଦ୍ର ସିଂହ ଶେଖାୱତ୍
କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ
ଶ୍ରୀଯୁକ୍ତ ଜୁଏଲ୍ ଓରାମ
କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରୀ
ଶ୍ରୀଯୁକ୍ତ ଅଶ୍ୱିନୀ ବୈଷ୍ଣବ
କେନ୍ଦ୍ର ରେଳବାଇ, ଇଲେକ୍‌ଟ୍ରୋନିକ୍ସ, ଆଇ.ଟି., ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ
ଡା. ପି.କେ. ମିଶ୍ର
ପ୍ରଧାନମନ୍ତ୍ରୀଙ୍କ ପ୍ରଧାନ ସଚିବ
ଶ୍ରୀମତୀ ରେଖା ଗୁପ୍ତା
ମୁଖ୍ୟମନ୍ତ୍ରୀ, ନୂଆଦିଲ୍ଲୀ
ସାଂସ୍କୃତିକ କାର୍ଯ୍ୟକ୍ରମ

ରାଜ୍ୟସ୍ତରୀୟ ଓଡ଼ିଶା ଦିବସ ସମାରୋହ
ସ୍ଥାନ ଜୟଦେବ ଭବନ, ଭୁବନେଶ୍ୱର
ସମୟ : ସନ୍ଧ୍ୟା ୬ ଘଟିକା

- ମୁଖ୍ୟ ଅତିଥି -
ଶ୍ରୀମତୀ ସୁରମା ପାଢ଼ୀ
ବାଚସ୍ପତି, ଓଡ଼ିଶା ବିଧାନସଭା
- ଗରିମାମୟ ଉପସ୍ଥିତି -
ଶ୍ରୀମତୀ ଅପରାଜିତା ଷଡ଼ଙ୍ଗୀ,
ଲୋକସଭା ସାଂସଦ, ଭୁବନେଶ୍ୱର
ଶ୍ରୀଯୁକ୍ତ ସରୋଜ କୁମାର ପ୍ରଧାନ
ସରକାରୀ ମୁଖ୍ୟ ସଚେତକ, ଓଡ଼ିଶା ବିଧାନସଭା
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ, ଏକାମ୍ର, ଭୁବନେଶ୍ୱର
ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା
ବିଧାୟକ, ଭୁବନେଶ୍ୱର (ମଧ୍ୟ)
ଶ୍ରୀଯୁକ୍ତ ସୁଶାନ୍ତ କୁମାର ରାଉ
ବିଧାୟକ, ଭୁବନେଶ୍ୱର (ଉତ୍ତର)
ଶ୍ରୀଯୁକ୍ତ ସଂଜୟ କୁମାର ସିଂହ
ପ୍ରମୁଖ ଶାସନ ସଚିବ, ସୂଚନା ଓ ଲୋକସମ୍ପର୍କ ବିଭାଗ
- ମୁଖ୍ୟବକ୍ତା -
ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହୀ
ପ୍ରାକ୍ତନ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ, ଓଡ଼ିଶା
ଫଟୋଚିତ୍ର ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

ଏହି ସମସ୍ତ କାର୍ଯ୍ୟକ୍ରମରେ ଆପଣଙ୍କ ସଦୟ ଉପସ୍ଥିତି କାମନା କରୁଛୁ।

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

DADLS-08
OIPR 15001/13/0488/2425

# ଜାତୀୟ,ଅନ୍ତର୍ଜାତୀୟ ଓ ବାଣିଜ୍ୟ



ନୂଆଦିଲ୍ଲୀ : କୁମ୍ଭମେଳାରେ ଭାଇରାଲ ଗାର୍ଲ ମୋନାଲିସାକୁ ଫିଲ୍ମ ଅଫର ଦେଇଥିବା ନିର୍ଦ୍ଦେଶକ ସନୋଜ ମିଶ୍ରଙ୍କୁ ଗିରଫ କରାଯାଇଛି। ସେ ଦୁଷ୍କର୍ମ ଅଭିଯୋଗରେ ଗିରଫ ହୋଇଛନ୍ତି। ଦିଲ୍ଲୀ ହାଇକୋର୍ଟରେ ତାଙ୍କ ଜାମିନ ଅଗ୍ରାହ୍ୟ ହେବା ପରେ ଦିଲ୍ଲୀର ନବି କରିମ ଥାନା ପୋଲିସ ତାଙ୍କୁ ଗିରଫ କରିଛି। ସନୋଜ ମିଶ୍ର ଏକ ଛୋଟ ସହରରୁ ହିରୋଇନ ହେବା ପାଇଁ ଇଚ୍ଛା ରଖିଥିବା ଜଣେ ଯୁବତୀଙ୍କ ପ୍ରତି ଅନେକବାର ଦୁଷ୍କର୍ମ କରିଥିବାର ଅଭିଯୋଗ ହୋଇଛି। ପୀଡ଼ିତାଙ୍କ ଅନୁସାରେ ୨୦୨୦ ମସିହାରେ ଟିକଟକ୍ ମାଧ୍ୟମରେ ସନୋଜ ମିଶ୍ରଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ସେ ସମୟରେ ଯୁବତୀ ଝାନ୍ସୀରେ ରହୁଥିଲେ। ଏଫଆଇଆରରେ ପୀଡ଼ିତା ଅଭିଯୋଗ କରିଛନ୍ତି ଯେ ଅଭିଯୁକ୍ତ ତାଙ୍କର ଆପତ୍ତିଜନକ ଫଟୋ ଓ ଭିଡିଓ କରି ନେଇଛି। ଯଦି ସେ ବିରୋଧ କରନ୍ତି ତେବେ ଭିଡିଓ ଏବଂ ଫଟୋକୁ ସାର୍ବଜନିକ କରିବାକୁ ଧମକ ଦେଇଥିଲା। ଏହା ପରେ ତାଙ୍କୁ ବିବାହ ପ୍ରଲୋଭନ ସହ ଫିଲ୍ମରେ ରୋଲ ଦେବାର ଲୋଭ ଦେଖାଇ ସନୋଜ ମିଶ୍ର ତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖୁଥିଲା।

## ଆଇସିୟୁର ଉଦ୍‌ଘାଟନ ଏବଂ ପିଜି ଛାତ୍ରାବାସ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କଲେ ଶାହ



ନୂଆଦିଲ୍ଲୀ : କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ସୋମବାର ହରିୟାଣାର ହିସାରଠାରେ ମହାରାଜା ଅଗ୍ରସେନଙ୍କ ଭବ୍ୟ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଛନ୍ତି। ଏଥିସହିତ ନବନିର୍ମିତ ଆଇ.ସି.ୟୁ.କୁ ଉଦଘାଟନ ଏବଂ ପି. ଜି. ଛାତ୍ରାବାସ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ହରିୟାଣାର ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନିଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ହରିୟାଣା ଭୂମି ପ୍ରାଚୀନ କାଳରୁ ଭାରତର ସଂସ୍କୃତି, ମୂଲ୍ୟବୋଧ ଏବଂ ପରମ୍ପରାକୁ ସମୃଦ୍ଧ ଏବଂ ସଂରକ୍ଷିତ କରିବା ପାଇଁ କାର୍ଯ୍ୟ କରିଆସିଛି। ସେ କହିଥିଲେ, ମହାରାଜା ସମୟଠାରୁ ଆରମ୍ଭ କରି ସ୍ୱାଧୀନତା ସଂଗ୍ରାମ ପର୍ଯ୍ୟନ୍ତ ଏବଂ ସ୍ୱାଧୀନତା ପରେ ମଧ୍ୟ ଦେଶର ବିକାଶରେ ହରିୟାଣାର ଯୋଗଦାନ ସର୍ବଦା ବୃହତ ରାଜ୍ୟଗୁଡ଼ିକ ତୁଳନାରେ ବହୁତ ଅଧିକ ରହିଛି। ଅମିତ ଶାହ କହିଥିଲେ ଯେ ଏହି ବିଶାଳ ଡାକ୍ତରଖାନାରେ, ଯେଉଁଠି ପାଖାପାଖି ୫ ଲକ୍ଷ ଲୋକ ଓପିଡି ସେବା ପାଉଛନ୍ତି, ପ୍ରତିବର୍ଷ ୧୮୦ ଜଣ ପିଲା ଡାକ୍ତରୀ ଶିକ୍ଷାରେ ସ୍ନାତକ ହାସଲ କରୁଛନ୍ତି ଏବଂ ରୋଗୀମାନେ ବିଭିନ୍ନ ପ୍ରକାରର ଆଧୁନିକ ଚିକିତ୍ସା ସୁବିଧା ପାଉଛନ୍ତି, ଏସବୁ ଓପି ଜିନ୍ଦଲଙ୍କ ଭିତ୍ତିପ୍ରସ୍ତର ସ୍ଥାପନ କାରଣରୁ ସମ୍ଭବ ହୋଇପାରିଛି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ ମହାରାଜା ଅଗ୍ରସେନ ଏକ ଭିନ୍ନ ପ୍ରକାରର ଶାସକ ଥିଲେ ଏହି ରାଜଧାନୀର ଜନସଂଖ୍ୟା ୧ଲକ୍ଷ ଥିଲା। ଶ୍ରୀ ଶାହ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ମହାରାଜା ଅଗ୍ରସେନଙ୍କ ଦ୍ୱାରା ପ୍ରଦର୍ଶିତ ମାର୍ଗ ଅନୁସରଣ କରୁଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀଙ୍କ କାର୍ଯ୍ୟକାଳରେ ଦେଶ ଗତ ୧୦ ବର୍ଷ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନଶୀଳ ପରିବର୍ତ୍ତନ ଦେଖିଛି। ସେ କହିଥିଲେ ଯେ ମୋଦୀ ସରକାର ଚିକିତ୍ସା ଭିତ୍ତିଭୂମି କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି କରିଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ ୨୦୧୪ରେ ଦେଶରେ ୭ଟି ଏମ୍ସ ଥିବାବେଳେ ୨୦୨୪ରେ ୨୩ଟି ଏମ୍ସ ରହିଛି। ନୀତି ଆଧାରିତ ରାଜନୀତିର ସର୍ବୋତ୍ତମ ଉଦାହରଣ ହେଉଛି ହରିୟାଣା, ଯେଉଁଠି ଡବଲ ଇଞ୍ଜିନ୍ ସରକାରରେ ସମାନ ଚିନ୍ତାଧାରାର ଲୋକମାନେ ଅଛନ୍ତି। ସେ ଉଲ୍ଲେଖ କରିଥିଲେ ଯେ ପୂର୍ବ ସରକାରଗୁଡ଼ିକରେ ଜାତିବାଦ କାରଣରୁ ଚାକିରିରେ ଦୁର୍ନୀତି ହେଉଥିଲା ଏବଂ ଲାଞ୍ଚ ଓ ସୁପାରିଶ ଜରିଆରେ ଚାକିରି ମିଳୁଥିଲା। ଶ୍ରୀ ଶାହ କହିଥିଲେ ଯେ ହରିୟାଣାର ସାଇନି ସରକାର ଲାଞ୍ଚ କିମ୍ବା ସୁପାରିଶ ବିନା ସ୍ୱଚ୍ଛ ଢଙ୍ଗରେ ଯୁବକମାନଙ୍କୁ ୮୦,୦୦୦ ଚାକିରି ପ୍ରଦାନ କରିଛନ୍ତି। କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ କହିଛନ୍ତି ଯେ ହରିୟାଣାର ବଜେଟ୍, ଯାହା ପୂର୍ବରୁ ୩୭,୦୦୦ କୋଟି ଟଙ୍କା ଥିଲା, ଏବେ ନାଏବ ସାଇନି ସରକାରଙ୍କ ଅଧୀନରେ ୨ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି। ସେ ଉଲ୍ଲେଖ କରିଛନ୍ତି ଯେ ୨୦୦୪ ରୁ ୨୦୧୪ ମଧ୍ୟରେ ହରିୟାଣା କେନ୍ଦ୍ର ସରକାରଙ୍କ ଠାରୁ ୪୧,୦୦୦ କୋଟି ଟଙ୍କା ପାଉଥିବାବେଳେ ମୋଦୀ ସରକାର ୨୦୧୪ ରୁ ୨୦୨୪ ମଧ୍ୟରେ ହରିୟାଣାକୁ ୧ ଲକ୍ଷ ୪୩ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହା ବ୍ୟତୀତ ହରିୟାଣାରେ ୧ ଲକ୍ଷ ୨୬ ହଜାର କୋଟି ଟଙ୍କାର ଭିତ୍ତିଭୂମି କାର୍ଯ୍ୟ, ୭୨ ହଜାର କୋଟି ଟଙ୍କାର ସଡ଼କ ନିର୍ମାଣ ଏବଂ ୫୪ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ ମଧ୍ୟ କାର୍ଯ୍ୟକାରୀ ହୋଇଛି।

## କେନ୍ଦ୍ର ମନ୍ତ୍ରୀଙ୍କୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶକ୍ତି କ୍ଷେତ୍ରରେ ସ୍ଥାୟୀତ୍ୱ ଏବଂ ଆତ୍ମନିର୍ଭରଶୀଳତା ଦିଗରେ ଭାରତର ଯାତ୍ରାରେ ପରମାଣୁ ଶକ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ମନ୍ତବ୍ୟ ପାଇଁ କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହଙ୍କୁ ପ୍ରଶଂସା କରିଛନ୍ତି । କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହଙ୍କ ଦ୍ୱାରା ଏକ୍ସରେ କରାଯାଇଥିବା ଏକ ପୋଷ୍ଟର ଉତ୍ତର ଦେଇ ସେ କହିଛନ୍ତି "କେନ୍ଦ୍ର ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ଭାରତର ସ୍ଥାୟୀ ଏବଂ ଆତ୍ମନିର୍ଭରଶୀଳ ଶକ୍ତି ଭବିଷ୍ୟତ ସନ୍ଧାନରେ ପରମାଣୁ ଶକ୍ତି କିପରି ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଭାବରେ ଉଭା ହୋଇଛି ସେ ବିଷୟରେ ବିସ୍ତୃତ ଭାବରେ ବର୍ଣ୍ଣନା କରିଛନ୍ତି।

## ନିଶା କାରବାର ବିରୋଧରେ ଆମର ଅଭିଯାନ ଜାରି ରହିଛି: ଶାହ

ନୂଆଦିଲ୍ଲୀ: କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ସମବାୟ ମନ୍ତ୍ରୀ ଅମିତ ଶାହ କହିଛନ୍ତି ଯେ ନିଶା କାରବାର ବିରୋଧରେ ଆମର ଅବିରତ ଅଭିଯାନ ଜାରି ରହିଛି। 'ଏକ୍ସ' ପ୍ଲାଟଫର୍ମରେ ଏକ ପୋଷ୍ଟରେ, କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଲେଖିଛନ୍ତି, 'ମୋଦୀ ସରକାରଙ୍କ ଡ୍ରଗ୍ସ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅଧୀନରେ, ଦିଲ୍ଲୀ-ଏନସିଆରରେ ଏକ ପ୍ରମୁଖ ନାର୍କୋ-ନେଟୱାର୍କର ପର୍ଦ୍ଦାଫାଶ ହୋଇଛି। ଏନସିବି ଏବଂ ଦିଲ୍ଲୀ ପୋଲିସ ଏହି ଗ୍ୟାଙ୍ଗର ପର୍ଦ୍ଦାଫାଶ କରି ୨୭.୪ କୋଟି ଟଙ୍କାର ମେଥାମ୍ଫେଟାମାଇନ୍, ଏମଡିଏମଏ ଏବଂ କୋକେନ୍ ଜବତ କରିଛନ୍ତି ଏବଂ ପାଞ୍ଚ ଜଣଙ୍କୁ ଗିରଫ କରିଛନ୍ତି। ଏହି ବଡ଼ ସଫଳତା ପାଇଁ ମୁଁ ଏନସିବି ଏବଂ ଦିଲ୍ଲୀ ପୋଲିସକୁ ପ୍ରଶଂସା କରୁଛି।' ଦିଲ୍ଲୀର ଛତରପୁର ଅଞ୍ଚଳରେ ଉଚ୍ଚମାନର ମେଥାମ୍ଫେଟାମିନର କାରବାର ବିଷୟରେ ସୂଚନା ପାଇବା ପରେ, ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି) ଏବଂ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲର ଏକ ମିଳିତ ଟିମ୍ କେତେକ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଉପରେ ନଜର ରଖିଥିଲେ। ଟିମ୍ ଏକ ସନ୍ଦିଗ୍ଧ ଗାଡ଼ିକୁ ଅଟକାଇଥିଲା ଏବଂ ସେଥିରୁ ୫.୧୦୩ କିଲୋଗ୍ରାମ ଉଚ୍ଚମାନର କ୍ରିଷ୍ଟାଲ ମେଥାମ୍ଫେଟାମାଇନ୍ ଜବତ କରିଥିଲା, ଯାହାର ମୂଲ୍ୟ ୧୦.୨ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିଲା। ଗାଡ଼ିରେ ଯାତ୍ରା କରୁଥିବା ପାଞ୍ଚ ଜଣଙ୍କୁ ଗିରଫ କରାଯାଇଥିଲା, ସେମାନଙ୍କ ମଧ୍ୟରେ ନାଇଜେରିଆର ଏକ ପ୍ରଭାବଶାଳୀ ପରିବାରର ଚାରି ଜଣ ଆଫ୍ରିକୀୟ ନାଗରିକ ମଧ୍ୟ ଥିଲେ। ଘଟଣାସ୍ଥଳରୁ କରାଯାଇଥିବା ଜେରା ଏବଂ ବୈଷୟିକ ତଦନ୍ତରୁ ଜଣାପଡିଛି ଯେ ନିଷିଦ୍ଧ ସାମଗ୍ରୀ ପଶ୍ଚିମ ଦିଲ୍ଲୀର ତିଳକ ନଗରରେ ଅବସ୍ଥିତ ଏକ ଆଫ୍ରିକାନ୍ ରୋଷେଇ ଘରରୁ ଅଣାଯାଇଥିଲା। ରୋଷେଇ ଘର ତଲାସି କରିବା ସମୟରେ ୧.୧୫୬ କିଲୋଗ୍ରାମ କ୍ରିଷ୍ଟାଲ ମେଥାମ୍ଫେଟାମାଇନ୍, ୪,୧୪୨ କିଲୋଗ୍ରାମ ଆଫଗାନ ହେରୋଇନ ଏବଂ ୫.୭୬୬ କିଲୋଗ୍ରାମ ଏମଡିଏମଏ (ଏକ୍ସଟାସି ବଟିକା) ଜବତ କରାଯାଇଥିଲା, ଯାହାର ମୋଟ ମୂଲ୍ୟ ୧୬.୪ କୋଟି ଟଙ୍କା ହେବ। ଏହା ସହିତ, ଗ୍ରେଟର ନୋଏଡାରେ ଏକ ଭଡା ଆପାର୍ଟମେଣ୍ଟରେ ତଲାସୀ ସମୟରେ ୩୮୯ ଗ୍ରାମ ଆଫଗାନ ହେରୋଇନ୍ ଏବଂ ୨୬ ଗ୍ରାମ କୋକେନ୍ ମଧ୍ୟ ଜବତ କରାଯାଇଥିଲା। ତଦନ୍ତରୁ ଜଣାପଡିଛି ଯେ ଏହି ଗ୍ୟାଙ୍ଗ ଆଫ୍ରିକୀୟ ଯୁବକମାନଙ୍କୁ ନିଶା କାରବାରରେ ସାହାଯ୍ୟ କରୁଥିଲା ଏବଂ ଜାତୀୟ ରାଜଧାନୀ ଅଞ୍ଚଳ ଏବଂ ପଞ୍ଜାବର ପ୍ରମୁଖ ଘରୋଇ ବିଶ୍ୱବିଦ୍ୟାଳୟରେ ପ୍ରବେଶ ପାଇଁ ଛାତ୍ର ଭିସା ହାସଲ କରୁଥିଲା। ଏହି ଜବତ ଘଟଣା ଗ୍ୟାଙ୍ଗକୁ ଭାଙ୍ଗିବା ପାଇଁ ଏନସିବିର ଦୃଢ଼ ପ୍ରତିବଦ୍ଧତାର ଉଦାହରଣ। ନିଶା କାରବାର ବିରୋଧରେ ଲଢ଼େଇରେ ଏନସିବି ନାଗରିକଙ୍କ ସହଯୋଗ ଲୋଡ଼ିଛି। ଯେକୌଣସି ବ୍ୟକ୍ତି ମାନସ - ଜାତୀୟ ନାର୍କୋଟିକ୍ସ ହେଲ୍ପଲାଇନ୍ ଟୋଲ୍-ଫ୍ରି ନମ୍ବର ୧୯୩୩ କୁ କଲ୍ କରି ନିଶାଦ୍ରବ୍ୟ ବିକ୍ରୟ ସମ୍ପର୍କିତ ସୂଚନା ପ୍ରଦାନ କରିପାରିବେ।

## ବରିଷ୍ଠ ସାମ୍ବାଦିକ ମଧୁ କରଙ୍କ ପୁଣ୍ୟ ତିଥିରେ ଶ୍ରଦ୍ଧାଞ୍ଜଳି ଦେଲେ ବିଷ୍ଣୁଦେବ



ରାୟପୁର : ଛତିଶଗଡ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ବରିଷ୍ଠ ସାମ୍ବାଦିକ ସ୍ୱର୍ଗତ ମଧୁକର ଖେରଙ୍କ ପୁଣ୍ୟ ତିଥିରେ ତାଙ୍କୁ ସ୍ମରଣ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ହିନ୍ଦୀ ଓ ଇଂରାଜୀ ଖବର କାଗଜର ପ୍ରତିନିଧି ଭାବେ ଛତିଶଗଡର ବିକାଶ ପାଇଁ ତାଙ୍କର ବହୁ ଯୋଗଦାନ ରହିଥିବା ନେଇ ଶ୍ରୀ ସାଏ କହିଛନ୍ତି। ଶ୍ରୀ ସାଏ ଆହୁରି କହିଥିଲେ ଯେ, ସ୍ୱର୍ଗତ ଖେର ନିରପେକ୍ଷ ଏବଂ ସତ୍ୟ ସମ୍ବାଦ ପରିବେଷଣ କରି ସମାଜକୁ ସଚେତନତାର ବାର୍ତ୍ତା ମଧ୍ୟ ଦେଉଥିଲେ। ତାଙ୍କର ସାମ୍ବାଦିକତା ଲୋକଙ୍କ ମଧ୍ୟରେ ସକରାତ୍ମକ ମନୋଭାବ ସୃଷ୍ଟି କରୁଥିଲା। ଏପରିକି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଏବଂ ସରକାରୀ କାର୍ଯ୍ୟକ୍ରମରେ ସେ ଯୋଡ଼ି ହୋଇ ନିଜର ଦକ୍ଷତା ପ୍ରତିପାଦନ କରୁଥିଲେ। ଜଣେ ସାମ୍ବାଦିକଭାବେ ରାଜ୍ୟ ବ୍ୟାପୀ ତାଙ୍କର ସମର୍ପଣ ଭାବ ଆଜିର ଯୁବପୀଢ଼ିଙ୍କୁ ପ୍ରେରଣା ଯୋଗାଇବ। ତାଙ୍କର ବିଚାର, ସିଦ୍ଧାନ୍ତ ଏବଂ ନିରପେକ୍ଷ ବାର୍ତ୍ତା ସମାଜ ପାଇଁ ସଚେତନ ସୃଷ୍ଟି କରିବ ବୋଲି ଶ୍ରୀ ସାଏ କହିଥିଲେ।

## ୪୭ ଔଷଧର ନମୂନା କ୍ୱାଲିଟି ଟେଷ୍ଟରେ ଫେଲ୍

ନୂଆଦିଲ୍ଲୀ : ଭାରତରେ ଔଷଧ କ୍ୱାଲିଟି ଯାଞ୍ଚରେ ଏକ ବଡ଼ କଥା ସାମ୍ନାକୁ ଆସିଛି। କେନ୍ଦ୍ରୀୟ ଔଷଧି ପରୀକ୍ଷଣ ପ୍ରୟୋଗଶାଳା (ସିଡିଟିଏଲ) ଦ୍ୱାରା କରାଯାଇଥିବା ତାଜା ସର୍ଭେକ୍ଷଣରେ ୪୭ ଟି ଔଷଧର ନମୂନାରେ ମାନକ କ୍ୱାଲିଟି (ଏନଏସକ୍ୟୁ) ମିଳି ନାହିଁ। ଏହି ସବୁ ଔଷଧ ନମୁନାରେ ଭିଟାମିନ ସପ୍ଲିମେଣ୍ଟସ୍, ଆଣ୍ଟିବୋୟାଟିକ୍ସ ଓ ଆଣ୍ଟାସିଡ ଭଳି ସାଧାରଣରେ ବ୍ୟବହାରରେ ଆସୁଥିବା ଔଷଧ ରହିଛି। ସ୍ୱାସ୍ଥ୍ୟମନ୍ତ୍ରାଳୟଙ୍କ ଅନୁସାରେ ଏନଏସକ୍ୟୁ ଭାବେ ଚିହ୍ନଟ କରାଯାଇଥିବା ଔଷଧର ସାମ୍ପୁଲକୁ ଏଗୁଡିକର ନିର୍ଦ୍ଦିଷ୍ଟ କ୍ୱାଲିଟି ମାନକରେ ବିଫଳତା ଆଧାରରେ ଚିହ୍ନଟ କରାଯାଏ। ଏହି ପ୍ରକ୍ରିୟା ସରକାରୀ ଲାବୋରେଟରୀମାନଙ୍କରେ ନିୟମିତ ରୂପେ ସବୁ ମାସରେ କରାଯାଏ। ମନ୍ତ୍ରାଳୟ ସ୍ପଷ୍ଟ କରିଛନ୍ତି ଯେ ଏହି ବିଫଳତା କେବଳ ପରୀକ୍ଷଣ କରାଯାଇଥିବା ବ୍ୟାଚ୍ ନିମନ୍ତେ ଲାଗୁ ହେବ। ତେବେ ବଜାରରେ ଉପଲବ୍ଧ ଅନ୍ୟ ଔଷଧକୁ ନେଇ ଚିନ୍ତିତ ହେବାର କୌଣସି କାରଣ ନାହିଁ। ତେବେ କେବଳ କେନ୍ଦ୍ରୀୟ ପ୍ରୟୋଗଶାଳା ନୁହେଁ ରାଜ୍ୟ ଔଷଧି ପରୀକ୍ଷଣ ପ୍ରୟୋଗଶାଳାମାନଙ୍କରେ ମଧ୍ୟ ୫୬ଟି ଔଷଧ କ୍ୱାଲିଟି ପରୀକ୍ଷଣରେ ବିଫଳ ହୋଇଛି। ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଏବଂ ଔଷଧ ନିୟାମକ ପ୍ରାଧିକରଣ ଲଗାତାର ଏପରି ଔଷଧ ଉପରେ ନଜର ରଖି ରହିଛନ୍ତି। ଅଧିକାରୀମାନେ କହିଛନ୍ତି ଯେ ଏନଏସକ୍ୟୁ, ଭୁଲ ବ୍ରାଣ୍ଡିଂ ଓ ନକଲୀ ଔଷଧକୁ ନିୟମିତ ଚିହ୍ନଟ କରାଯାଉଛି। ରାଜ୍ୟ ନିୟାମକଙ୍କ ସହିତ ସମନ୍ୱୟ କରି ଏପରି ଔଷଧକୁ ବଜାରରୁ ହଟାଇବା ପ୍ରକ୍ରିୟା ଲଗାତାର ଜାରି ରହିଛି। ତେବେ ବିଶେଷଜ୍ଞଙ୍କ କହିବା କଥା ହେଉଛି ଲୋକେ ଔଷଧ କିଣିବା କାଳରେ ଅଧିକ ସତର୍କତା ଅବଲମ୍ବନ କରନ୍ତୁ। ଔଷଧ କିଣିବା ବେଳେ ଏହାର ବ୍ୟାଚ୍ ନମ୍ବର ଓ ଏକ୍ସପାୟରୀ ତାରିଖ ନିଶ୍ଚିତ ଯାଞ୍ଚ କରନ୍ତୁ।

## ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ହେଲେ ନିଧି ତିୱାରୀ



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ୟକ୍ତିଗତ ସଚିବ (ପିଏସ) ପଦବୀରେ ଭାରତୀୟ ବିଦେଶ ସେବା (ଆଇଏଫଏସ) ଅଧିକାରୀ ନିଧି ତିୱାରୀଙ୍କୁ ନିଯୁକ୍ତି ମିଳିଛି। ୨୦୧୪ ବ୍ୟାଚ୍ ଅଧିକାରୀ ନିଧି ତିୱାରୀ ଏ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମଓ)ରେ ଉପ ସଚିବ ରୂପେ କାର୍ଯ୍ୟରତ ଥିଲେ। ତେବେ ତାଙ୍କୁ ପ୍ରଧାନମନ୍ତ୍ରୀଙ୍କ ପିଏସ୍ ଭାବେ ନିଯୁକ୍ତ କରାଯାଇଥିବା ନେଇ କର୍ମଚାରୀ ଓ ତାଲିମ ବିଭାଗ (ଡିଓପିଟି) ସୂଚିତ କରିଛନ୍ତି। ନିଧି ତିୱାରୀ ୨୦୧୪ ମସିହାରେ ଭାରତୀୟ ବିଦେଶ ସେବା (ଆଇଏଫଏସ) ଅଧିକାରୀ ଭାବେ ଯୋଗ ଦେଇଥିଲେ। ସେବେଠାରୁ ସେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ କାର୍ଯ୍ୟ କରିଆସୁଛନ୍ତି। ଆଇଏଫଏସ ନିଧି ତିୱାରୀ ନଭେମ୍ବର ୨୦୨୨ରେ ପିଏମଓରେ ଡେପୁଟି ସେକ୍ରେଟାରୀ ନିଯୁକ୍ତ ହୋଇଥିଲେ। ଏହା ପୂର୍ବରୁ ସେ ବିଦେଶ ମନ୍ତ୍ରାଳୟ (ଏମଇଏ)ରେ ନିରସ୍ତ୍ରୀକରଣ ଓ ଅନ୍ତର୍ଜାତୀୟ ସୁରକ୍ଷା ବ୍ୟାପାର ଉପବିଭାଗରେ ଅନୁସଚିବ ପଦବୀରେ କାର୍ଯ୍ୟରତ ଥିଲେ।

# ବାଣିଜ୍ୟ



ରାଉରକେଲା (ଭାସ୍କର ନ୍ୟୁଜ) : ମାନବ ସମ୍ବଳ ପ୍ରୟାସର ଅଂଶ ସ୍ୱରୂପ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଦ୍ୱାରା କର୍ମଚାରୀମାନଙ୍କ ଜୀବନସାଥିଙ୍କ ପାଇଁ 'ପ୍ରଗତିର ସାଥୀ' କାରଖାନା ପରିଦର୍ଶନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ପ୍ରୟାସ ଅଧୀନରେ ଏସଏମଏସ-୨ ବିଭାଗ ର ବିଭାଗର ୨୦ ଜଣ କର୍ମଚାରୀଙ୍କ ସହଧର୍ମିଣୀଙ୍କୁ ମାର୍ଚ୍ଚ ୨୧ ତାରିଖ ଦିନ, ଷ୍ଟିଲ ମେଲ୍ଟିଂ ସପ -୨, ହଟ ଷ୍ଟ୍ରିପ ମିଲ ୨ ଏବଂ ନୂତନ ପ୍ଲେଟ ମିଲ ବିଭାଗ ପରିଦର୍ଶନରେ ନିଆଯାଇଥିଲା। ଏହାର ସ୍ୱାଗତ, ଓରିଏଣ୍ଟେସନ ଏବଂ ମତବିନିମୟ ଅଧିବେଶନରେ ଏସଏମ୍ଏସ -୨ ବିଭାଗର ସିଜିଏମ ଟି ପି ଶିବଶଙ୍କର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଏଚଆର-ଆର ଏମ ଏଣ୍ଡ ଟି ବିଭାଗର ଏଜିଏମ ଦେବାଶିଷ ପଟ୍ଟନାୟକ ତଥା ଉକ୍ତ ବିଭାଗର ଅନ୍ୟ ବହୁ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହି ପରିଦର୍ଶନ ସମୟରେ ଅତିଥିମାନଙ୍କୁ କଞ୍ଚାମାଲ ଠାରୁ ଆରମ୍ଭ କରି ଚୁଡାନ୍ତ ସାମଗ୍ରୀ ତିଆରି ପର୍ଯ୍ୟନ୍ତ ସଂପୂର୍ଣ୍ଣ ଇସ୍ପାତ ଉତ୍ପାଦନ ପ୍ରକ୍ରିୟା ବିଷୟରେ ସଂକ୍ଷିପ୍ତ ସୂଚନା ଦିଆଯାଇଥିଲା। ମାନବ ସମ୍ବଳ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ସମ୍ପିତ ନନ୍ଦି ଏହି ଗସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମିଶନ ଶକ୍ତି ବିଭାଗ ପକ୍ଷରୁ 'ଗ୍ରୀନ୍ ଶକ୍ତି' ନେତୃତ୍ୱ କାର୍ଯ୍ୟକ୍ରମର ଶୁଭାରମ୍ଭ



ରାଉରକେଲା (ଭାସ୍କର ନ୍ୟୁଜ) : ଓଡିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ଭାରତୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପବ୍ଲିକ ପଲିସି, ଇଣ୍ଡିଆନ ସ୍କୁଲ ଅଫ୍ ବିଜ୍‌ନେସ୍ (ଆଇଏସବି) ସହ ସହଭାଗିତାରେ 'ଗ୍ରୀନ ଶକ୍ତି ପ୍ରଡ୍ୟୁସର କମ୍ପାନୀ ବିଜ୍‌ନେସ୍ ଏଣ୍ଟରପ୍ରାଇଜ ଲିଡରସିପ କୋହର୍ଟ' ଶୁଭାରମ୍ଭ କରାଯାଇଛି। ଏହି ମିଳିତ ପଦକ୍ଷେପ ଓଡିଶାର ମୟୁରଭଞ୍ଜ, କେଉଁଝର, ରାୟଗଡା, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲାରେ ମହିଳାମାନଙ୍କ ନେତୃତ୍ୱରେ ଥିବା ୩୦ଟି ଜଙ୍ଗଲ-ଭିତ୍ତିକ ଉଦ୍ୟୋଗକୁ ସଶକ୍ତ କରିବା ପାଇଁ ଉତ୍ସର୍ଗୀକୃତ ରହିଛି। ଏହି ପଦକ୍ଷେପ ଅଧୀନରେ ୩୦ଟି ଜଙ୍ଗଲ ଉତ୍ପାଦକ କମ୍ପାନୀ ସ୍ଥାପନ କରାଯାଇଛି ଯାହା ୩୦୦ ମହିଳା ଲିଡରଙ୍କ ଏକ ମଜବୁତ ନେଟୱର୍କ ଗଠନ କରିଛି। ଏହି ନେଟୱର୍କ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ଗଠନମୂଳକ କାର୍ଯ୍ୟକ୍ରମ ଅବଧି ମାଧ୍ୟମରେ ବିସ୍ତାର କରିବା ଜାରି ରଖିବ। ଏହି ମିଳିତ ପଦକ୍ଷେପର ଅଂଶ ଭାବେ ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ନିକଟରେ ଏକ ତିନି ଦିନିଆ ଯୋଜନା ଓ ଶିକ୍ଷଣୀୟ କର୍ମଶାଳାର ଆୟୋଜନ କରାଯାଇଥିଲା। ଯେଉଁଠାରେ ଏକ ଦାୟିତ୍ୱପୂର୍ଣ୍ଣ ଜଙ୍ଗଲ ଅର୍ଥନୀତି ବିକଶିତ କରିବା ଉପରେ ରଣନୀତି ପ୍ରସ୍ତୁତ କରିବା ପାଇଁ ୧୭୦ରୁ ଅଧିକ ବୋର୍ଡ ମେମ୍ବର ଏକତ୍ରିତ ହୋଇଥିଲେ। ଏହି ଲିଡରସିପ ପ୍ରୋଗ୍ରାମ ଆର୍ଥିକ ସାକ୍ଷରତା, ନେତୃତ୍ୱ, ବ୍ୟବସାୟ ପରିଚାଳନା ଓ ସ୍ଥାୟୀ ସଂଶାଧନ ଉପଯୋଗ ପ୍ରସଙ୍ଗରେ ବିସ୍ତୃତ ତାଲିମ ପ୍ରଦାନ କରିଛି। ଉଦ୍‌ଘାଟନୀ ଅଧିବେଶନଗୁଡିକରେ ବୋର୍ଡର ନିର୍ଦ୍ଦେଶକ ଓ ପ୍ରମୋଟରଙ୍କ ସହ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ଉତ୍ପାଦକ କମ୍ପାନୀ ୧୦୦୦ରୁ ଅଧିକ ପ୍ରାଥମିକ ଉତ୍ପାଦନକାରୀଙ୍କୁ ନିଯୁକ୍ତ କରିବାକୁ ଲକ୍ଷ୍ୟ ରଖିଛନ୍ତି, ଯାହା ପ୍ରତ୍ୟକ୍ଷ ରୂପେ ଜିଲ୍ଲାଗୁଡିକରେ ୩୦,୦୦୦ରୁ ଅଧିକ ମହିଳାଙ୍କୁ ଲାଭାନ୍ୱିତ କରିବ। ଏହି ପଦକ୍ଷେପର ପରିବର୍ତ୍ତନଶୀଳ ସମ୍ଭାବନାକୁ ଆଲୋକପାତ କରି ମିଶନ ଶକ୍ତି ବିଭାଗର ଆୟୁକ୍ତ ତଥା ସଚିବ, ଆଇଏଏସ୍ ଶାଳିନୀ ପଣ୍ଡିତ କହିଛନ୍ତି, 'ଏହି କର୍ମଶାଳାରେ ଯୋଜନା ଅଧିବେଶନଗୁଡିକୁ ରଣନୈତିକ ବ୍ୟବସାୟିକ ଅଭିବୃଦ୍ଧି ସହ ମହିଳା ଲିଡରଙ୍କୁ ସଶକ୍ତ କରିବା ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିଲା, ଯାହା ଏହି ଜିଲ୍ଲାଗୁଡିକରେ ସାମୂହିକ ବିକାଶ ଓ ସାମାଜିକ ପ୍ରଗତି ପାଇଁ ଏକ ମୂଳଦୁଆ ସ୍ଥାପନ କରିଛି।' ସେହିଭଳି ଆଇଏସବିରେ ଭାରତୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପବ୍ଲିକ ପଲିସିର କାର୍ଯ୍ୟକାରୀ ନିର୍ଦ୍ଦେଶକ ପ୍ରଫେସର ଅଶ୍ୱିନୀ ଛତ୍ରେ କହିଛନ୍ତି, 'ଭାରତର ଜଙ୍ଗଲଗୁଡିକରେ ଅପାର ସମ୍ଭାବନା ରହିଛି।

## ବନ୍ଧନ ମ୍ୟୁଚୁଆଲ ଫଣ୍ଡର ସାଲାରି ୱାଲା ପ୍ଲାନର ଶୁଭାରମ୍ଭ

ନୂଆଦିଲ୍ଲୀ: ବନ୍ଧନ ମ୍ୟୁଚୁଆଲ ଫଣ୍ଡ ଏକ ଆଇଏପି କ୍ୟାମ୍ପେନ, ସାଲାରି ୱାଲା ପ୍ଲାନର ଉନ୍ମୋଚନ କରିଛି ଯାହା 'ସିଷ୍ଟମାଟିକ ୱିଥ୍‌ଡ୍ରୟାଲ ପ୍ଲାନ' (ଏସଡବ୍ଲ୍ୟୁପି)କୁ ଏକ ନୂଆ ରୂପ ଦେଇଛି ।। ଏହାଦ୍ୱାରା ନିବେଶକମାନେ ନିଜସ୍ୱ ମ୍ୟୁଚୁଆଲ ଫଣ୍ଡ ନିବେଶଗୁଡିକରୁ ଏକ ନିୟମିତ ନଗଦ ପ୍ରବାହ ସୃଷ୍ଟି କରିବା କରିବା ସହ ବଳକା ପାଣ୍ଠିର ନିବେଶ ବଜାୟ ରଖିପାରିବେ। ଏହି କ୍ୟାମ୍ପେନ ଏସଡବ୍ଲ୍ୟୁପିକୁ ନେଇ ସଚେତନତା ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛି । ଏ ସମ୍ପର୍କରେ ବନ୍ଧନ ଏଏମ୍‌ସିର ସିଇଓ ବିଶାଲ କପୁର କହିଛନ୍ତି, 'ଏସଆଇପିଗୁଡିକ ନିବେଶ ପାଇଁ ଏକ ଶୃଙ୍ଖଳିତ ମାଧ୍ୟମ ଭାବେ ବ୍ୟାପକ ଲୋକପ୍ରିୟତା ହାସଲ କରିଥିବା ବେଳେ, ସ୍ଥାୟୀ ଆର୍ଥିକ ସ୍ୱାଧୀନତା ପାଇଁ ଏସଡବ୍ଲ୍ୟୁପିଗୁଡିକୁ ଏକ ରଣନୀତି ଭାବେ ଉପଯୋଗ କରାଯାଇନାହିଁ। ହାସଟ୍ୟାଗ ସାଲାରିୱାଲାପ୍ଲାନ କ୍ୟାମ୍ପେନ ମାଧ୍ୟମରେ ଆମେ ଏସଡବ୍ଲ୍ୟୁପିକୁ ନେଇ ସଚେତନତା ବୃଦ୍ଧି କରି ଏହି ବ୍ୟବଧାନକୁ ଦୂର କରିବାକୁ ଲକ୍ଷ୍ୟ ରଖିଛୁ, ଯାହା ପୂର୍ବନିର୍ଦ୍ଧାରିତ ଫ୍ରିକ୍ୱେନ୍ସିରେ ସ୍ଥାୟୀ ନଗଦ ପ୍ରବାହ ଚାହୁଁଥିବା ନିବେଶକଙ୍କ ପାଇଁ ଏହାକୁ ଅଧିକ ପ୍ରାସଙ୍ଗିକ କରିବ। ଏହାକୁ ଏକ ଢାଂଚାଗତ, ବେତନ-ଭଳି ଆୟ ଭାବେ ନୂଆ ରୂପ ପ୍ରଦାନ କରି, ଆମେ ଏହାର ଦ୍ୱୈତ ଲାଭ ସମ୍ପର୍କରେ ସଚେତନତା ବଢାଇବାକୁ ଚାହୁଁଛୁ- ଯାହା ସମ୍ଭାବ୍ୟ ଅଭିବୃଦ୍ଧି ପାଇଁ ବଳକା ପାଣ୍ଠିର ନିବେଶ ବଜାୟ ରଖିବା ସହ ତରଳତା ସୁନିଶ୍ଚିତ କରିବ।' ଏହି କ୍ୟାମ୍ପେନର ଅଂଶ ଭାବେ ବନ୍ଧନ ମ୍ୟୁଚୁଆଲ ଫଣ୍ଡ ଏକ ଫିଲ୍ମ ଉନ୍ମୋଚନ କରିଛି ଯାହା ଏକ ଦମ୍ପତିଙ୍କୁ ଅନୁକରଣ କରୁଛି ଯିଏକି ନିଜର ଅବସର ପରବର୍ତ୍ତୀ ଆର୍ଥିକ ଭବିଷ୍ୟତ ସୁରକ୍ଷିତ ଅଛି ବୋଲି ବିଶ୍ୱାସ କରୁଛନ୍ତି ଏବଂ ସହଯୋଗ ପାଇଁ ନିଜର ସୁସ୍ଥାପିତ ପିଲାମାନଙ୍କ ଉପରେ ନିର୍ଭର କରୁଛନ୍ତି। ଏ ସମ୍ପର୍କରେ ଗ୍ରେ ଇଣ୍ଡିଆର ଅଧ୍ୟକ୍ଷ ଓ ସିଇଓ ଅନୁଶା ସେଙ୍ଗୀ କହିଛନ୍ତି, 'ଯଦି ଜଣେ ବ୍ୟକ୍ତିଙ୍କୁ ନିଜ ପିଲା କିମ୍ବା ଅନ୍ୟମାନଙ୍କ ଉପରେ ନିର୍ଭର କରିବାକୁ ପଡୁଥାଏ ତେବେ ଅବସର ଓ ନିରନ୍ତର ପାଣ୍ଠି ପ୍ରବାହର ଅଭାବ ଏକ ଦୁଃସ୍ୱପ୍ନ ହୋଇପାରେ। ହାସଟ୍ୟାଗ ସାଲାରିୱାଲା ପ୍ଲାନ ଅବସର ସ୍ଥିତିକୁ ଯାଉଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ପାଇଁ ଲାଭଦାୟକ ହୋଇପାରେ।'

## ଏସ୍‌ବିଆଇ ହେଲ୍‌ଥ ଇନ୍‌ସ୍ୟୁରାନ୍ସର ସୁଲଭ ସ୍ୱାସ୍ଥ୍ୟ ବୀମା

SBI general INSURANCE — SURAKSHA AUR BHAROSA DONO

ନୂଆଦିଲ୍ଲୀ : ବର୍ତ୍ତମାନ ସମୟରେ ସ୍ୱାସ୍ଥ୍ୟସେବା ଖର୍ଚ୍ଚ ଅଭୂତପୂର୍ବ ହାରରେ ବୃଦ୍ଧି ପାଉଛି। ସ୍ୱାସ୍ଥ୍ୟ ବୀମା ବର୍ଦ୍ଧିତ ଖର୍ଚ୍ଚରୁ ଏକ ଅତ୍ୟାବଶ୍ୟକ ସୁରକ୍ଷା ପ୍ରଦାନ କରିବ ଏବଂ ଆର୍ଥିକ ଚାପ ବିନା ଗୁଣାତ୍ମକ ଯତ୍ନ ପାଇବା ସୁନିଶ୍ଚିତ କରିପାରିବ। ସ୍ୱାସ୍ଥ୍ୟ କ୍ଷେତ୍ରରେ ନିବେଶ କରି ଆପଣ ନିଜ ଓ ନିଜ ପରିବାରର ଭବିଷ୍ୟତ ଏବଂ ପରବର୍ତ୍ତୀ ପିଢ଼ିର ଭବିଷ୍ୟତରେ ନିବେଶ କରୁଛନ୍ତି। ଆଧୁନିକ ସ୍ୱାସ୍ଥ୍ୟ ବୀମା ଡାକ୍ତରଖାନାରେ ଭର୍ତ୍ତି ହେବା ଠାରୁ ଅଧିକ। ଏଥିରେ ଓପିଡି ପରାମର୍ଶ, ଟେଲିମେଡିସିନ, ପ୍ରତିଷେଧକ ଯାଂଚଆଦିକାର୍ଯ୍ୟକ୍ରମକୁ ଅନ୍ତର୍ଭୁକ୍ତ ରହିଛି। ସାମଗ୍ରିକ ବୀମା ସୁରକ୍ଷା ପାଇଁ ମାତୃତ୍ୱ ଯତ୍ନ, ମାନସିକ ସ୍ୱାସ୍ଥ୍ୟ ସହାୟତା ଏବଂ ରିହାବିଲିଟେସନ୍ ଥେରାପି ଆଦି ସୁବିଧା ବୀମାରେ ସାମିଲ କରାଯାଇଛି। ୬୦ ବର୍ଷରୁ କମ୍ ବୟସର ବ୍ୟକ୍ତିମାନେ ସେମାନଙ୍କ ସ୍ୱାସ୍ଥ୍ୟ ବୀମା ପ୍ରିମିୟମ ଉପରେ ବାର୍ଷିକ ୨୫,୦୦୦ ଟଙ୍କା ପର୍ଯ୍ୟନ୍ତ ଛାଡ଼ ଦାବି କରିପାରିବେ। ବରିଷ୍ଠ ନାଗରିକଙ୍କ ପାଇଁ ଏହି ସୀମା ୫୦,୦୦୦ ଟଙ୍କାକୁ ବୃଦ୍ଧି ପାଇଛି, ଯେଉଁଥିରେ ସେମାନଙ୍କର ଅଧିକ ଚିକିତ୍ସା ଖର୍ଚ୍ଚକୁ ସ୍ୱୀକାର କରାଯାଇଛି। ଏସବିଆଇ ଜେନେରାଲ ଇନସ୍ୟୁରାନ୍ସର ମୁଖ୍ୟ ଉତ୍ପାଦ ଓ ମାର୍କେଟିଂ ଅଫିସର ସୁବ୍ରମଣ୍ୟମ ବ୍ରହ୍ମାସୁଲା କହିଛନ୍ତି ଯେ, 'ନୂଆ ଆର୍ଥିକ ବର୍ଷ ପାଖେଇ ଆସୁଥିବାରୁ ଟିକସଦାତାମାନେ ୨୦୨୫ରେ ଆଇଟିଆର ଫାଇଲିଂ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ନୂତନ ଏବଂ ପୁରୁଣା ଟିକସ ବ୍ୟବସ୍ଥା ମଧ୍ୟରୁ ଗୋଟିଏ ବାଛିବା ପାଇଁ ଆୟ, ଛାଡ଼ ଏବଂ ଆର୍ଥିକ ଲକ୍ଷ୍ୟ ଉପରେ ଯତ୍ନବାନ ଭାବରେ ବିଚାର କରିବା ଆବଶ୍ୟକ। ନୂଆ ଟିକସ ବ୍ୟବସ୍ଥାରେ କମ୍ ଟିକସ ହାର ଥିବା ବେଳେ ପୁରୁଣା ଟିକସ ବ୍ୟବସ୍ଥାରେ ବ୍ୟକ୍ତିବିଶେଷଙ୍କୁ ରିହାତି ଓ ରିହାତି ଦାବି କରିବାକୁ ଅନୁମତି ଦିଆଯାଇଛି ଯାହା କି ଯଥେଷ୍ଟ ଯୋଗ୍ୟ ଖର୍ଚ୍ଚ ଥିବା ବ୍ୟକ୍ତିଙ୍କ ପାଇଁ ଲାଭଦାୟକ ହୋଇଛି। ପୁରୁଣା ଟିକସ ବ୍ୟବସ୍ଥା ଅଧୀନରେ ଉପଲବ୍ଧ ଏକ ପ୍ରମୁଖ ରିହାତି ହେଉଛି ଆୟକର ଆଇନର ଧାରା ୮୦ଡି ଅଧୀନରେ ସ୍ୱାସ୍ଥ୍ୟ ବୀମା।








ମୁମ୍ବାଇ : ଆଇପିଏଲ ୨୦୨୫ ବେଶ୍ ରୋମାଞ୍ଚକର ହେବାରେ ଲାଗିଛି । ସବୁଠୁ ଶକ୍ତିଶାଳୀ ଟିମ୍ ବି ମାଡ୍ ଖାଉଛି । କ୍ଷଣିକରେ ପଲଟିଯାଉଛି ବାଜି । ତେବେ ଏଥର ଆଇପିଏଲରେ ସବୁଠୁ ଅଧିକ ଚର୍ଚ୍ଚା କ୍ୟାପଟେନ୍ କୁଲ୍ ମହେନ୍ଦ୍ର ସିଂହ ଧୋନୀଙ୍କୁ ନେଇ। ଖାସ୍ କରି ତାଙ୍କ ବ୍ୟାଟିଂ ଅର୍ଡରକୁ ନେଇ। ଧୋନୀ କାହିଁକି ୯ ଡାଉନ୍‌ରେ ବ୍ୟାଟିଂ କରିବାକୁ ଆସୁଛନ୍ତି ସେନେଇ ପ୍ରବଳ ଚର୍ଚ୍ଚା ହେଉଛି । ପୂର୍ବତନ କ୍ରିକେଟର ସମାଲୋଚନା କରିବାକୁ ବି ପଛାଉ ନାହାଁନ୍ତି । ଧୋନୀଙ୍କ ବ୍ୟାଟିଂ କ୍ରମ ଏବେ ପ୍ରଶ୍ନ ଘେରରେ। ଲାଗୁଛି ଯେମିତି ସିଏସକେ ଜୋର ଜବରଦସ୍ତ ଧୋନୀଙ୍କୁ ଖେଳାଯାଉଛି, ଆଉ ଦରକାର ସମୟରେ ଧୋନୀ ବ୍ୟାଟିଂ କରିବାକୁ ଆସୁନାହାନ୍ତି। ପୂର୍ବରୁ ରାଜସ୍ଥାନ ବିପକ୍ଷ ମ୍ୟାଚରେ ଧୋନୀ ୭ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିଲେ । ତେବେ ଟିମ ମ୍ୟାନେଜମେଣ୍ଟର ଏହି ନିଷ୍ପତ୍ତିକୁ ପୂର୍ବତନ କ୍ରିକେଟର ସମାଲୋଚନା କରିଛନ୍ତି। ସେପଟେ ଏହି ଘଟଣା ଉପରେ ପ୍ରତିକ୍ରିୟା ରଖିଛନ୍ତି ସିଏସକେ କୋଚ୍ ଷ୍ଟିଫେନ ଫ୍ଲେମିଙ୍ଗ। ସେ କହିଛନ୍ତି ଧୋନୀ ୧୦ଓଭର ବ୍ୟାଟିଂ କରିପାରିବେନି କାରଣ ଧୋନୀଙ୍କ ଆଣ୍ଠୁରେ ସମସ୍ୟା ଅଛି। ଧୋନୀ ମ୍ୟାଚର ପରିସ୍ଥିତି ଅନୁସାରେ ବ୍ୟାଟିଂ କ୍ରମ ନିଜେ ବାଛିଥାନ୍ତି। କୋଚ ପ୍ରେସ୍‌ମିଟରେ କହିଛନ୍ତି ଧୋନୀ ଟିମର ମାର୍ଗଦର୍ଶକ ସହ ଭଲ ୱିକେଟ କିପର ହେଲେ ବ୍ୟାଟିଂ ଡାଉନ ଚେଞ୍ଜ କରିବା ଟିମ ପାଇଁ ଭଲ ନୁହେଁ ।

୧୨ତମ ମ୍ୟାଚ୍ | ମୁମ୍ବାଇ ଇଣ୍ଡିଆନ୍ସ ବନାମ କୋଲକାତା ନାଇଟ୍ ରାଇଡର୍ସ

# ମୁମ୍ବାଇ ଇଣ୍ଡିଆନ୍ସ ୮ ୱିକେଟ୍‌ରେ ବିଜୟୀ



ମୁମ୍ବାଇ: ୱାଙ୍ଖେଡେ ଷ୍ଟାଡିୟମ୍‌ରେ ସୋମବାର ମୁମ୍ବାଇ ଇଣ୍ଡିଆନ୍ସ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ଆଇପିଏଲ୍‌ର ୧୨ତମ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ୮ୱିକେଟରେ ସହଜ ବିଜୟ ହାସଲ କରିଛି। ଏମଆଇ ଟସ୍ ଜିତି ବ୍ୟାଟିଂ ପାଇଁ ପ୍ରଥମେ କେକେଆରକୁ ଆମନ୍ତ୍ରଣ କରିଥିଲା । ପଡିଆକୁ ଓହ୍ଲାଇଥିଲେ ଦୁଇ ଦକ୍ଷ ଓପନର ସୁନିଲ୍ ନାରିନ୍ ଓ କ୍ୱିଣ୍ଟନ ଡି କକ୍। ହେଲେ ପୂର୍ବରୁ ଦୁଇଟି ମ୍ୟାଚ ହାରିଥିବା ମୁମ୍ବାଇ ଆରମ୍ଭରୁ ଆକ୍ରମଣ କରିଥିଲା। ପ୍ରଥମ ଓଭରରେ ପ୍ରାରମ୍ଭିକ ଝଟକା ଦେଇଥିଲେ ଟ୍ୟାଲେଣ୍ଟେଡ୍ ଟେଣ୍ଟ ବୋଲ୍ଟ । ସେ ସୁନିଲ୍ ନାରିନଙ୍କୁ ଶିକାର କରିଥିଲେ । ପରେ ଦୀପକ ଚହର କ୍ୱିଣ୍ଟନ ଡି କକ୍‌ଙ୍କୁ ଆଉଟ୍ କରି କେକେଆରକୁ ବ୍ୟାକ୍ ଫୁଟକୁ ଠେଲି ଦେଇଥିଲେ। ଏହା ପରେ ମୁମ୍ବାଇର ଡେବ୍ୟୁ ବୋଲରଙ୍କ ଯାଦୁ ଆରମ୍ଭ ହୋଇଥିଲା । ଅଧିନାୟକ ଆଜଙ୍କ୍ୟା ରାହାଣେଙ୍କୁ ଆଉଟ୍ କରି କେକେଆର ଶିବିରରେ ଆତଙ୍କ ଖେଳାଇ ଦେଇଥିଲେ ପେସ୍ ବୋଲର ଅଶ୍ୱନୀ କୁମାର। ଗୋଟିଏ ପରେ ଗୋଟିଏ ୪ଟି ୱିକେଟ୍ ସେ ନେଇଥିଲେ। ଫଳରେ କୋଲକାତା କୋଡିଏ ଓଭରରେ ମାତ୍ର ୧୧୬ ରନ କରିବାକୁ ସକ୍ଷମ ହୋଇଥିଲା । କେକେଆର ପକ୍ଷରୁ ରଘୁବଂଶୀ ସର୍ବାଧିକ ୨୬ ରନ୍ କରିଛନ୍ତି। ଏପଟେ ମୁମ୍ବାଇରୁ ଅଶ୍ୱନୀ କୁମାର ସର୍ବାଧିକ ୪ଟି ୱିକେଟ୍ ନେଇଥିବା ବେଳେ ଦୀପକ ଚହର ୨ଟି ୱିକେଟ୍ ନେଇଛନ୍ତି। ୧୧୭ରନ୍‌ର ଟାର୍ଗେଟ ନେଇ ମୈଦାନକୁ ଓହ୍ଲାଇଥିଲା ମୁମ୍ବାଇ ଇଣ୍ଡିଆନ୍ସ। ମୁମ୍ବାଇ ଇଣ୍ଡିଆନ୍ସ ମାତ୍ର ୧୨.୫ ଓଭରରେ ୨ ୱିକେଟ ହରାଇ ୧୨୧ରନ୍ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ପକ୍ଷରୁ ୱିକେଟ କିପର ରିଆନ୍ ରିକ୍‌ଲେଟନ୍ ୪୧ଟି ବଲ୍ ଖେଳି ୫ଛକା ୪ଚୌକା ସହାୟତାରେ ୬୧ରନ୍ କରି ଶେଷ ପର୍ଯ୍ୟନ୍ତ ରହିଥିଲେ। ଅନ୍ୟପକ୍ଷରେ ହିଟ୍‌ମ୍ୟାନ୍ ରୋହିତ ଶର୍ମା ପୁଣି ବଡ ସ୍କୋର କରିବାରେ ବିଫଳ ହୋଇଛନ୍ତି। ସେ ମାତ୍ର ୧୩ରନ୍ କରି ଆଉଟ ହୋଇଥିଲେ। ସେହିପରି ୱିଲ୍ ଜ୍ୟାକ୍ ୧୬ରନ୍ କରିଥିଲେ। ଅନ୍ୟପକ୍ଷରେ ସୂର୍ଯ୍ୟକୁମାର ଯାଦବ ଧୂଆଁଧାର ବ୍ୟାଟିଂ କରିଥିଲେ। ସେ ମାତ୍ର ୯ଟି ବଲ ଖେଳି ୨ଛକା, ୩ ଚୌକା ସହାୟତାରେ ୨୭ ରନ୍ କରି କରି ନଟ୍ ଆଉଟ ଥିଲେ। କୋଲକାତା ରାଇଡ଼ସ ପକ୍ଷରୁ ଏକମାତ୍ର ବୋଲର ଆଣ୍ଡ୍ରୁ ରସେଲଙ୍କୁ ୨ଟି ସଫଳତା ମିଳିଥିଲା।

# ରାଜସ୍ଥାନ ଅଧିନାୟକଙ୍କୁ ଜରିମାନା



ଗୁଆହାଟୀ : ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଶ୍ଲୋ ଓଭର ବୋଲିଂ ପାଇଁ ରାଜସ୍ଥାନ ରୟାଲ୍ସ ଅଧିନାୟକ ରିଆନ୍ ପରାଗଙ୍କୁ ୧୨ଲକ୍ଷ ଟଙ୍କା ଜରିମାନା ହୋଇଛି। ରବିବାର ବର୍ଷାପରା କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ରୟାଲ୍ସ ୧୮୨/୯ କରିଥିଲା। କିନ୍ତୁ ସିଏସ୍‌କେ ୨୦ ଓଭରରେ ୧୭୬/୬ରେ ସୀମିତ ରହିଥିଲା। ଯାହା ଫଳରେ ସିଏସ୍‌କେ ଏହି ମ୍ୟାଚ୍‌କୁ ହାରି ଯାଇଥିଲା। ପରାଗ ଚଳିତ ସିଜନରେ ତାଙ୍କ ଦଳକୁ ପ୍ରଥମ ବିଜୟ ଆଣିଦେଇଥିଲେ। ଆଇପିଏଲ୍ ଆଚରଣ ସଂହିତାର ଧାରା ୨.୨୨ ଅନୁସାରେ ସର୍ବନିମ୍ନ ଓଭର ରେଟ୍ ଅପରାଧ କରିଛି। ଏଥିପାଇଁ ପରାଗକୁ ୧୨ ଲକ୍ଷ ଟଙ୍କା ଜରିମାନା ଲାଗୁ ହୋଇଛି। ରାଜସ୍ଥାନ ରୟାଲ୍ସ ଏହାର ଟୁର୍ଣ୍ଣାମେଣ୍ଟ ଓପନର ସନରାଇଜର୍ସ ହାଇଦ୍ରାବାଦଠାରୁ ହାରିଯାଇଛି। ଦଳ ଏହାର ପରବର୍ତ୍ତୀ ମ୍ୟାଚ ଏପ୍ରିଲ ୫ରେ ମୁଲାନପୁରରେ ପଞ୍ଜାବ କିଙ୍ଗ୍ସକୁ ଭେଟିବ। ସୂଚନାଯୋଗ୍ୟ ଯେ, ଶ୍ଲୋ ଓଭର ରେଟ୍ ପାଇଁ ମୁମ୍ବାଇ ଇଣ୍ଡିଆନ୍ସ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା ହୋଇଛି। ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଶନିବାର ଖେଳାଯାଇଥିବା ମ୍ୟାଚରେ ଗୁଜରାଟ ଟାଇଟନ୍ସଠାରୁ ମୁମ୍ବାଇ ଇଣ୍ଡିଆନ୍ସ ୩୬ରନ୍‌ରେ ହାରିଯାଇଥିଲା। ଆଇପିଏଲ୍ ଆଚରଣ ସଂହିତାର ଧାରା ୨.୨ ଅନୁସାରେ ଦଳର ଏହା ହେଉଛି ପ୍ରଥମ ଅପରାଧ। ତଦନୁସାରେ ସର୍ବନିମ୍ନ ଓଭର-ରେଟ୍ ଅପରାଧ ପାଇଁ ପାଣ୍ଡ୍ୟାଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି।

# ହାରିବା ସତ୍ତ୍ୱେ ହୃଦୟ ଜିତିଲେ ଧୋନୀ



ଚେନ୍ନାଇ: ଆଇପିଏଲରେ ଚେନ୍ନାଇ ସୁପର କିଙ୍ଗସ ଲଗାତାର ଭାବେ ଦ୍ୱିତୀୟ ପରାଜୟ ବରଣ କରିଛି। ରବିବାର ରାଜସ୍ଥାନ ରୟାଲ୍ସ ସିଏସକେକୁ ୬ ରନରେ ପରାସ୍ତ କରିଥିଲା। ଏହି ପରାଜୟ ସତ୍ତ୍ୱେ ଧୋନୀ ପଡିଆରେ ହୃଦୟ ଜିତିଥିଲେ। ସୂଚନାଯୋଗ୍ୟ ଯେ, ରାଜସ୍ଥାନ ରୟାଲ୍ସ ଦଳର ମୁଖ୍ୟ କୋଚ ରାହୁଲ ଦ୍ରାବିଡ ବେଙ୍ଗାଲୁରୁରେ ଏକ କ୍ରିକେଟ ମ୍ୟାଚ ଖେଳୁଥିବା ସମୟରେ ଆହତ ହୋଇଥିଲେ। ଆଇପିଏଲ୍ ୨୦୨୫ ମ୍ୟାଚ ସମୟରେ ତାଙ୍କର ହ୍ୱିଲଚେୟାର କିମ୍ବା ଆଶାବାଡ଼ି ସାହାଯ୍ୟରେ ଚାଲିବାର ଫଟୋ ଲଗାତାର ଭାଇରାଲ ହେଉଛି। ରାଜସ୍ଥାନ ରୟାଲ୍ସର ୬ ରନରେ ବିଜୟ ପରେ, ଏମ୍‌ଏସ୍ ଧୋନୀ ରାହୁଲ ଦ୍ରାବିଡଙ୍କୁ ଭେଟିବାକୁ ଯାଇଥିଲେ। ଦୁହେଁ କିଛି ସମୟ କଥାବାର୍ତ୍ତା ହୋଇଥିଲେ, ଏହା ପରେ ଅନ୍ୟ ଖେଳାଳିମାନେ ମଧ୍ୟ କିମ୍ବଦନ୍ତୀ କ୍ରିକେଟର ଦ୍ରାବିଡଙ୍କୁ ଭେଟି ତାଙ୍କ ସହ ହାତ ମିଳାଇଥିଲେ। ଧୋନୀ ରାହୁଲଙ୍କୁ ସାକ୍ଷାତ କରିବା ସମୟରେ ଭାବପ୍ରବଣ ହୋଇଯାଇଥିଲେ। ଏପରି କି ତାଙ୍କ ଆଖିରୁ ଲୁହ ଆସିଯାଇଥିଲା। ରାହୁଲଙ୍କୁ ଚାଲିବାରେ କଷ୍ଟ ହେଉଥିବାରୁ ସେ ସିଏସ୍‌କେ ଖେଳାଳିଙ୍କୁ ତାଙ୍କ ନିକଟକୁ ଆସି ହାତ ମିଳାଇବାକୁ ଇସାରା ଦେଇଥିଲେ। ଏହି ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଚେନ୍ନାଇ ସୁପର କିଙ୍ଗସକୁ ୧୮୩ ରନର ପିଛ କରିଥିଲେ ମଧ୍ୟ ହାରିଯାଇଥିଲା। ଋତୁରାଜ ଗାୟକ୍ୱାଡ ୬୩ ରନ କରି ଚେନ୍ନାଇକୁ ବିଜୟର ନିକଟତର କରିବାକୁ ଯଥାସମ୍ଭବ ଚେଷ୍ଟା କରିଥିଲେ କିନ୍ତୁ ବିଫଳ ହୋଇଥିଲେ। ଯେତେବେଳେ ଚେନ୍ନାଇକୁ ୫୪ ରନ ଆବଶ୍ୟକ ଥିଲା ଏବଂ ଅଧିକ ବଲ ବାକି ନ ଥିଲା, ସେତେବେଳେ ଏମଏସ ଧୋନୀ ବ୍ୟାଟିଂ କରିବାକୁ ଆସିଥିଲେ। କିନ୍ତୁ ଏଥର ଥାଲା ୧୧ ବଲ୍‌ରେ ୧୬ ରନ କରିବା ପରେ ଆଉଟ ହୋଇଯାଇଥିଲେ।

# ଏସ୍‌ଏଲ୍‌ସିର ସଭାପତି ହେଲେ ଶାମି ସିଲ୍‌ଭା



କଲମ୍ବୋ: ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି)ର ସୋମବାର ଅନୁଷ୍ଠିତ ୬୪ତମ ବାର୍ଷୀକ ସାଧାରଣ ବୈଠକରେ ଶାମି ସିଲଭା ପୁଣି ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ସେ କ୍ରମାଗତ ଚତୁର୍ଥ ଥର ପାଇଁ ବୋର୍ଡର ସଭାପତି ଦାୟିତ୍ୱ ସମ୍ଭାଳିବାକୁ ଯାଉଛନ୍ତି। ସେ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି ଏବଂ ୨୦୨୭ ପର୍ଯ୍ୟନ୍ତ କାର୍ଯ୍ୟଭାର ସମ୍ଭାଳିବେ ବୋଲି ଏସ୍‌ଏଲ୍‌ସି ପକ୍ଷରୁ କୁହାଯାଇଛି। ସିଲଭା ଭାରତର ଜୟ ଶାହାଙ୍କ ସମର୍ଥକ, ଯିଏକି ଏବେ ଆଇସିସି ଚେୟାରମ୍ୟାନ ଅଛନ୍ତି। ସେ ଗତ ବର୍ଷ ଡିସେମ୍ବରରେ ଏସିଆନ କ୍ରିକେଟ କାଉନସିଲ (ଏସିସି) ସଭାପତି ଭାବେ ଶାହାଙ୍କ ସ୍ଥାନ ନେଇଥିଲେ। ସିଲଭାଙ୍କ ଗତ କାର୍ଯ୍ୟକାଳ ବିବାଦରେ ଭରି ରହିଥିଲା। ୨୦୨୩ ଦିନିକିଆ ବିଶ୍ୱକପ୍‌ରେ ଭାରତଠାରୁ ଶ୍ରୀଲଙ୍କା ଦଳର ବଡ଼ ପରାଜୟ ପରେ ସେତବେଳର କ୍ରୀଡ଼ାମନ୍ତ୍ରୀ ରୋଶନ ରାଣାସିଂଘେ ଏକ ଆନ୍ତରୀଣ କମିଟି ନିଯୁକ୍ତ କରିଥିଲେ। ଯାହା ଫଳରେ ଶ୍ରୀଲଙ୍କାକୁ ଆଇସିସି ପକ୍ଷରୁ ସସପେଣ୍ଡ କରାଯାଇଥିଲା। ଏହି କାରଣରୁ ଶ୍ରୀଲଙ୍କାରେ ହେବାକୁ ଥିବା ଅଣ୍ଡର-୧୯ ବିଶ୍ୱକପ୍ ଦକ୍ଷିଣ ଆଫ୍ରିକାକୁ ସ୍ଥାନାନ୍ତର କରାଯାଇଥିଲା। ପରବର୍ତ୍ତୀ ସମୟରେ କ୍ରୀଡ଼ାମନ୍ତ୍ରୀଙ୍କୁ ବରଖାସ୍ତ କରାଯାଇଥିଲା ଏବଂ କୋର୍ଟ ସିଲଭାଙ୍କ ନେତୃତ୍ୱାଧୀନ ଏସ୍‌ଏଲ୍‌ସି ପ୍ରଶାସକଙ୍କୁ ପୁନଃ ସ୍ଥାପିତ କରିଥିଲେ।

# ଜାତୀୟ ଖୋଖୋ ଚାମ୍ପିଅନସିପ୍ ଉଦ୍‌ଘାଟିତ



ପୁରୀ (ଭାସ୍କର ନ୍ୟୁଜ) : ତାଳବଣିଆ ସ୍ପୋର୍ଟ୍ସ ଗ୍ରାଉଣ୍ଡ ପରିସରରେ ୫ ଦିନିଆ ଜାତୀୟ ୫୭ ତମ ପୁରୁଷ ଓ ମହିଳା ଖୋ ଖୋ ଚମ୍ପିୟାନସିପ୍ ଉଦଘାଟିତ ହୋଇଯାଇଛି। ରାଜ୍ୟ ଖୋଖୋ ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି କ୍ରୀଡା କୁ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଏହାକୁ ଉଦଘାଟନ କରିବା ସହ ପ୍ରତ୍ୟେକ କ୍ରିଡା ଶୃଙ୍ଖଳା ଓ ଭାଇଚାରାର ଶିକ୍ଷା ଦେଇଥାଏ ।ବିଭିନ୍ନ ରାଜ୍ୟ ରୁ ଆସିଥିବା ଏହି କ୍ରୀଡାବିତ ମାନେ ସେମାନଙ୍କ ଦକ୍ଷତା ପ୍ରଦର୍ଶନ କରି ଦେଶ ପାଇଁ ସମ୍ବଳ ହୋଇ ପାରିବେ। ପ୍ରତିଭାର ବିକାଶ ଦିଗରେ ଖୋ ଖୋ ଖେଳ ସହାୟକ ହୋଇ ପାରିବ ବୋଲି ସେ କହିଥିଲେ ।ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ସରକାର କ୍ରୀଡାକୁ ଅଗ୍ରାଧିକାର ଦେଇଛନ୍ତି ।କ୍ରୀଡାବିତ ମାନେ ନିଷ୍ଠା ଓ ଏକାଗ୍ରତା ର ସହ ଶ୍ରେଷ୍ଠ ପ୍ରଦର୍ଶନ କରନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ। ଖୋଖୋ ଫେଡେରେସନ ଅଫ ଇଣ୍ଡିଆ ର ସଭାପତି ସୁଧାଂଶୁ ମିତଲ ଏଥିରେ ଅଧକ୍ଷତା କରିବା ସହ ସୁନ୍ଦର ବ୍ୟବସ୍ଥା ପାଇଁ ଆୟୋଜକ ଙ୍କୁ ପ୍ରଶଂସା କରିଥିଲେ ।ଖୋ ଖୋ କୁ କମନଓ୍ୱେଲଥ,ଏସିଆନ ଓ ଅଲମ୍ପିକରେ ସାମିଲ କରିବାର ପ୍ରୟାସ ଜାରି ରହିଛି ବୋଲି କହିଥିଲେ। ସାଧାରଣ ସମ୍ପାଦକ ଏମ ଏସ ତ୍ୟାଗୀ ବହୁତ କମ ସମୟ ମଧ୍ୟରେ ଏହି ଜାତୀୟ କ୍ରୀଡା ର ସଫଳ ଆୟୋଜନ ପାଇଁ ରାଜ୍ୟ ଆୟୋଜକ ଙ୍କୁ କୃତଜ୍ଞତା ଜଣାଇଥିଲେ। ଓଡିଶା ଖୋ ଖୋ ସଂଘର ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ସମସ୍ତଙ୍କୁ ସ୍ୱାଗତ ସହ ସମ୍ବର୍ଦ୍ଧିତ କରିଥିଲେ ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ପୁରୀ ଜିଲ୍ଲା ଆଥଲେଟିକ ଆସୋସିଏସନ ର ପୂର୍ବତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ,ଅନ୍ୟାନ୍ୟ ଅତିଥି ମାନେ ଖୋଖୋ ପ୍ରତିଯୋଗିତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଜିଲ୍ଲା କ୍ରିଡା ଅଧିକାରୀ ଶ୍ରୀ ଚନ୍ଦନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମୁଖ୍ୟ ଅତିଥି କ୍ରୀଡା ପତାକା ଉତ୍ତୋଳନ କରିବା ସହ ପ୍ରତିଯୋଗିତା ଆରମ୍ଭ ର ଘୋଷଣା କରିଥିଲେ ।ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟ ରେଲୱେ, ପୋଷ୍ଟାଲ ଇତ୍ୟାଦି ର ୮୦ ଟିମ ସାମିଲ ହୋଇଛନ୍ତି। ଅପ୍ରେଲ ୪ ତାରିଖରେ ଏହାର ଉଦଯାପନୀ କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜକ ଜଣାଇଛନ୍ତି।

# ଜିତେନ୍ ବରାଳ ସ୍ମାରକୀ ଦିବାରାତ୍ର ଭଲିବଲ୍: ପୁରୀ କ୍ଲବ୍ ଚାମ୍ପିଅନ୍




ନିମାପଡ଼ା (ଭାସ୍କର ନ୍ୟୁଜ): ନିମାପଡ଼ା ପ୍ରଥମ ଜିତେନ୍ ବରାଳ ସ୍ମାରକୀ ଦିବାରାତ୍ର ଭଲିବଲ୍ ପ୍ରତିଯୋଗିତା ରବିବାର ନିମାପଡ଼ା ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ବାରବାଟି ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାରେ ୪ଟି ଦଳ ଅଂଶଗ୍ରହଣ କରିଥିଲେ । ପୁରୀ କ୍ଲବ୍, ପୁରୀ, କ୍ରୀଡ଼ା ଛାତ୍ରାବାସ ଭୁବନେଶ୍ୱର, ରେନ୍‌ବୋ କ୍ଲବ୍ ଭୁବନେଶ୍ୱର, ପୋଲିସ ଟିମ୍ ଭୁବନେଶ୍ୱର। ଫାଇନାଲ ମ୍ୟାଚ୍ ପୁରୀ କ୍ଲବ୍, ପୁରୀ ଏବଂ ରେନ୍‌ବୋ କ୍ଲବ୍ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ପୁରୀ କ୍ଲବ୍ ୨-୦ରେ ରେନ୍‌ବୋକୁ ପରାସ୍ତ କରି ଚାମ୍ପିଅନ୍ ହୋଇଥିଲା । ମ୍ୟାଚ୍‌ଟିକୁ ରେଫରି ବିଦ୍ୟୁତ୍ ଭୂଷଣ ରଥ, ଶ୍ରୀକାନ୍ତ ନାୟକ, ସୁବନ୍ଧ କୁମାର ଜେନା ଏବଂ ଦେବେନ୍ଦ୍ର ସେଠୀ ପରିଚାଳନା କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ୍ ସିଦ୍ଧାନ୍ତ ପ୍ରଧାନ, ପୁରୀ, ବେଷ୍ଟ ସେଟର ରାଜ କିଂଟୋ ପୁରୀ, ବେଷ୍ଟ ଆଟାକର୍ ଶୁକଦେବ ବାରିକ ଭୁବନେଶ୍ୱର, ବେଷ୍ଟ ଲିବେରୋ ରଶ୍ମି ରଂଜନ ପ୍ରଧାନ । ଏହି ଅବସରରେ ପୂର୍ବତନ ହକି ଖେଳାଳୀ ସରାଫତ ଅଲ୍ଲୀ ଖାନ୍, ଭବାନୀ ଶଙ୍କର ଆଚାର୍ଯ୍ୟ, ସରୋଜ କୁମାର ଦାଶ, ବିଦ୍ୟାଧର ମଙ୍ଗରାଜ, ଜୟନ୍ତ କୁମାର ନାୟକ, ସୁବନ୍ଧ ଜେନା, ବିଚିତ୍ରାନନ୍ଦ ପାତ୍ର ଏବଂ ଦେବେନ୍ଦ୍ର କୁମାର ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ନିମାପଡ଼ା ପ୍ରେସ୍ କ୍ଲବ୍ ସଭାପତି ଅକ୍ଷୟ କୁମାର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ଅତିଥି ଭାବେ ସମୀର ରଂଜନ ଦାଶ, ଧିରେନ୍ ବରାଳ, ଅଜୟ ତ୍ରିପାଠୀ, ଜଗତ ପ୍ରସାଦ ସାବୁତ, ସୁଦର୍ଶନ ପଟ୍ଟନାୟକ ଏବଂ ମହେନ୍ଦ୍ର ସିଂ ଭାଟିଆ ପ୍ରମୁଖ ଯୋଗ ଦେଇଥିଲେ । ବେଷ୍ଟ ଭଲେଂଟିୟର ଆଲୋକ ଛୋଟରାୟ, ପ୍ରିୟାଂଶୁ ମହାପାତ୍ର, ଅମରଜିତ୍ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚମ୍ପିଆନ୍ ଦଳ ପୁରୀ କ୍ଲବ୍‌କୁ ୬ ହଜାର ଟଙ୍କା ଏବଂ ରନର୍ସ ଅପ୍ ଦଳକୁ ୪ ହଜାର ଟଙ୍କା ଏବଂ ଟ୍ରଫି ପ୍ରଦାନ କରାଯାଇଥିଲା । ଅନ୍ୟତମ ଅତିଥି ଭାବେ ବ୍ଲକ୍ ଅଧକ୍ଷ ଶଙ୍କର ଭୋଇ ଯୋଗ ଦେଇଥିଲେ।

# ବାବା ଗାଦିବ୍ରହ୍ମ କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଗୋପ କ୍ରିକେଟ କ୍ଲବ୍ ଚାମ୍ପିଅନ୍



କାକଟପୁର (ଭାସ୍କର ନ୍ୟୁଜ୍) : କାକଟପୁର ବ୍ଲକ କଜଳପାତିଆ ଗାଦିବ୍ରହ୍ମ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଦିବସରେ ଡେଞ୍ଜର ଇଲେଭେନ କ୍ରିକେଟ କ୍ଲବ ଅନସରାକୁ ପରାସ୍ତ କରି ଗୋପ ଇଲେଭେନ କ୍ରିକେଟ କ୍ଲବ ଚାମ୍ପିଅନ୍ ଟ୍ରଫି ହାସଲ କରିଛି। ପ୍ରଥମେ ଟସ୍ ଜିତି ଡେଞ୍ଜର ଇଲେଭେନ (୧୪) ଓଭରରେ ୮ ଉଇକେଟ ହରାଇ ୯୪ ରନ ସଂଗ୍ରହ କରିଥିଲା। ୯୫ ରନର ବିଜୟ ଲକ୍ଷ୍ୟ ନେଇ ଗୋପ କ୍ରିକେଟ କ୍ଲବ୍ ପଡିଆକୁ ଓହ୍ଲାଇଥିଲା। ଦଳ ମାତ୍ର ୧୦.୨ ବଲରେ ୪ ଉଇକେଟ ହରାଇ ୯୫ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ବାପି କୁମାର ମ୍ୟାନ ଅଫ ଦ ମ୍ୟାଚ ଓ କାହ୍ନୁ କୁମାର ମ୍ୟାନ ଅଫ ଦ ସିରିଜ ଘୋଷଣା କରାଯାଇଥିଲା। ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ଦିବସରେ ମୁଖ୍ୟ ଅତିଥି ଭାବେ ଯୁବନେତା ତଥା ସମାଜସେବୀ ବିଷ୍ଣୁ ଚରଣ ବେହେରା, ସମ୍ମାନୀତ ଅତିଥି ବଳରାମ ବିଶ୍ୱାଳ, କପିଳ ରାଉତ, ମଣ୍ଟୁ ବେହେରା, ନାରାୟଣ ରାଉତ ଯୋଗଦେଇ ଚାମ୍ପିଅନ୍ ଦଳକୁ ସିଲ ଓ ନଗଦ ଟଙ୍କା ଓ ରନର୍ସ ଦଳକୁ ରନର୍ସ କପ ସହିତ ନଗଦ ଟଙ୍କା ପ୍ରଦାନ କରିଥିଲେ। ଗାଦିବ୍ରହ୍ମ କ୍ରିକେଟ କ୍ଲବ୍‌ରେ ସଭ୍ୟ ମାନେ ସହଯୋଗ କରିଥିଲେ।

# ଓପନ୍ ଅଲ୍ ଓଡ଼ିଶା ବାହୁକୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ




କଟକ (ଭାସ୍କର ନ୍ୟୁଜ୍) : କଟକ ଚୌଧୁରୀ ବଜାର ସ୍ଥିତ କଳିଙ୍ଗ ବ୍ୟାୟାମ ବିଦ୍ୟାଳୟ ଆନୁକୂଲ୍ୟରେ ମଠସାହିର ମା' ମଙ୍ଗଳା ପୂଜାକମିଟି ଓ ବାପୁଜୀ କ୍ଲବ୍‌ର ମିଳିତ ଉଦ୍ୟମରେ ଓପନ୍ ଅଲ୍ ଓଡ଼ିଶା ବାହୁକୁସ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟିକା ସୋଫିଆ ଫିର୍‌ଦୋଷ୍ ଓ ପୁରୀଘାଟ ଥାନା ଭାରପ୍ରାପ୍ତ ଅଧିକାରୀ ସବିତା ନାୟକ ଦୀପ ପ୍ରଜ୍ୱଳନ କରି ପ୍ରତିଯୋଗିତାକୁ ଆରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଇଂ. ମହମ୍ମଦ ମୋକିମ୍, ଅତିଥି ବନଲତା ପ୍ରଧାନ, ଗଗନ ଓଝା, ସଞ୍ଜୟ ଶର୍ମା, ସ୍ମୃତି ପଟ୍ଟନାୟକ, ରାମଚନ୍ଦ୍ର ଗୋଛାୟତ, ସତ୍ୟଦୀପ ସାହୁ, ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ପ୍ରତିଯୋଗିତାରେ ଜୁନିୟର ୫୦ କେ.ଜି. ବଦ୍ରି ରାଜ, ୬୦ କେ.ଜି. ପିୟୁସ ପ୍ରଧାନ, ୭୦ କେ.ଜି. ମଳୟ ରାଉତ, ୮୦ କେ.ଜି. ରାମ ଦାସ, ୯୦ କେ.ଜି. ଆଦିତ୍ୟ ନାୟକ, ସିନିୟର ୫୫ କେ.ଜି. ସଂଜୀତ୍ ନାୟକ, ୬୦ କେ.ଜି. ଆଲୋକ ମହାପାତ୍ର, ୬୫ କେ.ଜି. ରାହୁଲ୍ ମୁଖୀ, ୭୦ କେ.ଜି. ବିକି ନାୟକ, ୭୫ କେ.ଜି. ଚିନ୍ମୟ ରାଉତ, ୮୦ କେ.ଜି. ଆକାଶ ମୁଖୀ, ୮୫ କେ.ଜି. ଦେବାଶୀଷ ଦାସ, ୯୦ କେ.ଜି. ମୁକେଶ ମାହାର୍, ୧୦୦ କେ.ଜି. ଚନ୍ଦନ ମହାପାତ୍ର, ୧୧୦ କେ.ଜି.ରୁ ଉର୍ଦ୍ଧ୍ୱ ବିଜୟ ରାଜ ମୁଖୀ, ମହିଳା ୫୦ କେ.ଜି. ମଧୁସ୍ମିତା ସେନାପତି, ୬୦ କେ.ଜି. ଦିପାଲି ନାୟକ, ୭୦ କେ.ଜି. ଦେବସ୍ମିତା ଗୋସ୍ୱାମୀ ପ୍ରମୁଖ ପ୍ରତିଯୋଗୀମାନେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଉକ୍ତ ପ୍ରତିଯୋଗିତାରେ ଜୁନିୟର ବିଭାଗରେ ଚମ୍ପିୟାନ୍ ଅଫ୍ ଚମ୍ପିୟାନ୍ - ଆଦିତ୍ୟ ନାୟକ, ମହିଳା ବିଭାଗରେ ଚମ୍ପିୟାନ୍ ଅଫ୍ ଚମ୍ପିୟାନ୍ - ମଧୁସ୍ମିତା ସେନାପତି, ସିନିୟର ବିଭାଗରେ ଚମ୍ପିୟାନ୍ ଅଫ୍ ଚମ୍ପିୟାନ୍ - ଚନ୍ଦନ ମହାପାତ୍ର କୃତୀତ୍ୱ ଅର୍ଜନ କରି ସିଲ୍‌ଭର ବେଲ୍ଟ ଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମଟିକୁ ମା'ମଙ୍ଗଳା ପୂଜାକମିଟିର ସଂପାଦକ ଅନୀଲ୍ କୁମାର ନାୟକ, ସଭାପତି ମଧୁସୂଦନ ଘଡ଼େଇ, ରାଜେନ୍ଦ୍ର ଘଡ଼େଇ, ଅଭିମନ୍ୟୁ ନାୟକ ଏବଂ ବାପୁଜୀ କ୍ଲବ୍‌ର ସଭାପତି ସୁବାଷ ନାୟକ, ସଂପାଦକ ସହଦେବ ନାୟକ, ମଣ୍ଟୁ ଘଡ଼େଇ, ରାକେଶ ନାୟକ, ବିକ୍ରମ ନାୟକ ଓ ଗ୍ରାମର ମୁରବୀ ତଥା ରତ୍ନାକର ମୁଖୀ, ମାଧବଚନ୍ଦ୍ର ଘଡ଼େଇ, ବିଜୟାନନ୍ଦ ନାୟକ, ପରମାନନ୍ଦ ନାୟକ, ବିଜୟ ଘଡ଼େଇ, ଶରତ ନାୟକ, ବଂଶୀଧର ନାୟକ, ପ୍ରଶାନ୍ତ ନାୟକ, ମ୍ୟାଚ୍ ପରିଚାଳକ ଭାବେ କୁନୁମୁଖୀ, ଲଗ୍ନଜିତ୍ ନାୟକ, ଗୌରବ ନାୟକ, ଚରଣ ନାୟକ ଏବଂ ସମସ୍ତ ଯୁବକର୍ମୀ କାର୍ଯ୍ୟକ୍ରମଟିକୁ ସୁଚାରୁ ରୂପେ ସଂପାଦନ କରିଥିଲେ ।

# ଖ୍ୱଲାର କିଙ୍ଗ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ପରଜଙ୍ଗ (ଭାସ୍କର ନ୍ୟୁଜ୍) : ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ପଞ୍ଚାୟତ ଅଧିନସ୍ଥ ଖଣ୍ଡୁଆଳମୁଣ୍ଡା ଖ୍ୱଲାର ସାହି ନିକଟସ୍ଥ ଖେଳ ପଡିଆରେ ମା' ମହେଶ୍ୱରୀ କ୍ରିକେଟ କ୍ଲବ୍ ଓ ଖ୍ୱଲାର କିଙ୍ଗ ଆନୁକୁଲ୍ୟରେ ୩ ଦିନ ଧରି ଚାଲିଥିବା ରାତ୍ରୀ କାଳୀନ ତିରିଶ ଆର୍ଡ୍ ସର୍କଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଦିନ ଉଦଯାପିତ ହୋଇଯାଇଛି। ଉଦଯାପନୀ ଦିବସରେ ୨ଟି ସେମିଫାନାଲ ମ୍ୟାଚ୍ ଖେଳାଯାଇ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ସେମିଫାଇନାଲ ମ୍ୟାଚ ତାଳଚେର ଥର୍ମାଲ ପନ୍ଦରଭରଣିଆ ଟିମକୁ ହରାଇ ଅନୁଗୋଳ ବଅଁରପାଳ ଗଡ଼ସନ୍ତ୍ରି କ୍ଲବ୍ ଫାଇନାଲ ମ୍ୟାଚରେ ପ୍ରବେଶ କରିଥିବା ବେଳେ ଦ୍ୱିତୀୟ ସେମିଫାଇନାଲ ପରଜଙ୍ଗ ହନୁମାନ ସାହିକୁ ମୁଣ୍ଡେଇଲୋ ଟିମ୍ ହରାଇ ଫାଇନାଲରେ ପ୍ରବେଶ କରିଥିଲା। ଯାହାଫଳରେ ଗଡ଼ସନ୍ତ୍ରି ଓ ମୁଣ୍ଡେଇଲୋ କ୍ରିକେଟ କ୍ଲବ୍ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ୩ଟି ପର୍ଯ୍ୟାୟ କ୍ରମେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିବା ବେଳେ ଗଡ଼ସନ୍ତ୍ରି ଟିମ୍ ଲଗାତାର ୨ଟି ମ୍ୟାଚ୍ ଜିତି ନେଇ ବିଜୟୀ ହେବା ସହ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲେ। ଉଦଯାପନୀ ସମାରୋହରେ ବ୍ଲକ ଅଧକ୍ଷା ଶର୍ମିଷ୍ଠା ଦଳବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଜେଡ଼ି ଦଳର ବରିଷ୍ଠ ନେତା, ସମାଜ ସେବୀ ତଥା ଜିଲ୍ଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସେହିପରି ମନୋହର ଖ୍ୱଲାର, ରଞ୍ଜନ କୁମାର ଖ୍ୱଲାର, କୃଷ୍ଣ ଚନ୍ଦ୍ର ଖ୍ୱଲାର, ଶେଖର ଖ୍ୱଲାର ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଥମେ ମଞ୍ଚାସୀନ ଅତିଥି ଉଭୟ ଖେଳାଳୀ ମାନଙ୍କ ସହିତ କରମର୍ଦ୍ଦନ କରି ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ପରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ରନର୍ସ ଓ ଚାମ୍ପିଅନ ଦଳକୁ ମୁଖ୍ୟ ଅତିଥି ଶ୍ରୀମତୀ ଦଳବେହେରା ଓ ମୁଖ୍ୟବକ୍ତା ଶ୍ରୀ ପ୍ରଧାନ ଟ୍ରଫି ସହ ଅର୍ଥ ରାଶି ପ୍ରଦାନ କରିଥିଲେ। ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ମ୍ୟାନ ଅଫ ଦି ସିରିଜ ଗଡ଼ସନ୍ତ୍ରି ଟିମ୍ ସମକ୍ଷରେ ଆୟୋଜକ ପକ୍ଷରୁ ଘୋଷଣା କରାଯାଇଥିଲା। ଆଦିତ୍ୟ ମଲ୍ଲିକ, ନିର୍ମଳ ଖ୍ୱଲାର, ଦୀପକ ଅମାନ୍ତ ଖେଳ ପରିଚାଳନା କରିଥିବା ବେଳେ ଲିଟୁ ଧାରାବିବରଣି ଓ ସିନୁ ସ୍କୋରର ଦାୟିତ୍ୱ ନିର୍ବାହ କରିଥିଲେ। ଖ୍ୱଲାର କିଙ୍ଗ କ୍ଲବର୍ ସମସ୍ତ ସଦସ୍ୟ ମାନଙ୍କ ସହଯୋଗରେ ଶୃଙ୍ଖଳିତ ଭାବେ ଟୁର୍ଣ୍ଣାମେଣ୍ଟ ପରିଚାଳିତ ହୋଇଥିଲା।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



# ଓଡ଼ିଆ ପକ୍ଷ ପାଳନ



ଓଡ଼ିଆ ପକ୍ଷ ୨୦୨୫

**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀ

**ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

"୧ ଏପ୍ରିଲ୍ (ଓଡ଼ିଶା ଦିବସ) ଠାରୁ ୧୪ ଏପ୍ରିଲ୍ (ଓଡ଼ିଆ ନବବର୍ଷ) ପର୍ଯ୍ୟନ୍ତ ସମୟ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ସ୍ୱାଭିମାନ, ସଂସ୍କୃତି, ପରମ୍ପରା ଓ ଅସ୍ମିତାକୁ ନେଇ ପ୍ରେରଣାର ପକ୍ଷ ହେଉ । ଓଡ଼ିଆ ପର୍ବ ହେଉ ଆମ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ, ନୃତ୍ୟ, ସଙ୍ଗୀତ ଓ ସଂସ୍କୃତିର ଉତ୍ସବ । ସ୍ମରଣ କରିବା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବିନ୍ଧାଣୀ ମହାପୁରୁଷ ଓ ମହିୟସୀମାନଙ୍କୁ, ଯେଉଁମାନଙ୍କ ତ୍ୟାଗ ଓ ବଳିଦାନ ଯୋଗୁଁ ସମ୍ଭବ ହୋଇଥିଲା ଖଣ୍ଡବିଖଣ୍ଡିତ ଓଡ଼ିଶାର ଏକତ୍ରୀକରଣ ୧୯୩୬ ମସିହାରେ । ଓଡ଼ିଆ ନବବର୍ଷ ଏବଂ ମହାବିଷୁବ ସଂକ୍ରାନ୍ତି ହେଉ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ନୂଆ ଉଦ୍ୟମ, ନୂଆ ସଂକଳ୍ପ ଓ ବିକଶିତ ଓଡ଼ିଶାର ନୂତନ ଅବସର । ଆସନ୍ତୁ ମନ, ପ୍ରାଣ, ହୃଦୟରେ ଓଡ଼ିଆ ହେବା, ଓଡ଼ିଆ ଭାଷା, ସାହିତ୍ୟ, ଖାଦ୍ୟ, ପୋଷାକ ଏବଂ ସଂସ୍କୃତିକୁ ଆମ ଦୈନନ୍ଦିନ ଜୀବନର ଅଂଶ କରିବା ଏବଂ ଏକ ସ୍ୱାଭିମାନୀ ଓଡ଼ିଶା ଗଢ଼ିବା । ଆସନ୍ତୁ ଉତ୍ସାହର ସହିତ ଗାଁ, ସହର ଓ ପ୍ରତ୍ୟେକ ଘରେ ୧ ଏପ୍ରିଲ୍‌ରୁ ୧୪ ଏପ୍ରିଲ୍ ଯାଏଁ "ଓଡ଼ିଆ ପକ୍ଷ" ପାଳନ କରିବା ।"

**- ଶ୍ରୀ ମୋହନ ଚରଣ ମାଝୀ**
ମୁଖ୍ୟମନ୍ତ୍ରୀ, ଓଡ଼ିଶା

| ତାରିଖ | କାର୍ଯ୍ୟକ୍ରମ |
|---|---|
| ୧ ଏପ୍ରିଲ୍ | ଓଡ଼ିଶା ଦିବସ |
| ୨ ଏପ୍ରିଲ୍ | ଖଡ଼ିଛୁଆଁ ଦିବସ |
| ୩ ଏପ୍ରିଲ୍ | ପାରମ୍ପରିକ ପୋଷାକ ପରିଧାନ ଅଭିଯାନ - 'ଆମ ପୋଷାକ ଆମ ପରିଚୟ' |
| ୪ ଏପ୍ରିଲ୍ | ଓଡ଼ିଆରେ ନାମ ଫଳକ ଅଭିଯାନ - ସଚେତନତା ପଦଯାତ୍ରା |
| ୫ ଏପ୍ରିଲ୍ | ଐତିହ୍ୟ ଗଣ ଦୌଡ଼ |
| ୬ ଏପ୍ରିଲ୍ | ଦେବାଳୟ ଓ ଐତିହ୍ୟ ସ୍ଥଳୀ ଗୁଡ଼ିକର ସ୍ୱଚ୍ଛତା ଅଭିଯାନ |
| ୭ ଏପ୍ରିଲ୍ | ବର୍ଣ୍ଣବୋଧ ବଣ୍ଟନ- ବର୍ଣ୍ଣବୋଧ ଉତ୍ସବ |
| ୮ ଏପ୍ରିଲ୍ | ରକ୍ତଦାନ ଅଭିଯାନ |
| ୯ ଏପ୍ରିଲ୍ | ଆସ ବହିଟିଏ କିଣିବା |
| ୧୦ ଏପ୍ରିଲ୍ | ଲୋକକଳା ପାଇଁ ଦିନଟିଏ |
| ୧୧ ଏପ୍ରିଲ୍ | ଯୁବ ଲେଖକ ସମ୍ମିଳନୀ |
| ୧୨ ଏପ୍ରିଲ୍ | ବରପୁତ୍ରମାନଙ୍କ ଉପରେ ଆଲୋଚନା |
| ୧୩ ଏପ୍ରିଲ୍ | ପାରମ୍ପରିକ ଖାଦ୍ୟ ଦିବସ ପାଳନ- ଆମ ରୁଚି ଆମ ଖାଦ୍ୟ |
| ୧୪ ଏପ୍ରିଲ୍ | ଓଡ଼ିଆ ନବବର୍ଷ ପାଳନ |



DSPL - 06

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାର

OIPR 03001/13/0004/2425



କରଞ୍ଜିଆ, (ଭାସ୍କର ନ୍ୟୁଜ୍): କରଞ୍ଜିଆ ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାନେତ୍ରୀ ସବିତା ମହାନ୍ତିଙ୍କ ନେତୃତ୍ୱରେ ଶୁକ୍ରବାର ଦିନ ଏକ ସାତଜଣିଆ ପ୍ରତିନିଧି ଦଳ କରଞ୍ଜିଆ ଉପ ଜିଲ୍ଲାପାଳ ଓ କରଞ୍ଜିଆ ବିଡିଓଙ୍କ ଜରିଆରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ନଅ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ଉପଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଉପ ଜିଲ୍ଲାପାଳ ପ୍ରକାଶ କୁମାର ଦାଶ ଓ ବିଡିଓ ପ୍ରଦ୍ୟୁମ୍ନ ନାୟକ ଉକ୍ତ ଦାବିପତ୍ର ଗ୍ରହଣ କରିଥିଲେ। ସଂଘର ସାଧାରଣ ସମ୍ପାଦକ ଅଭିମନ୍ୟୁ ତ୍ରିପାଠୀ ଉକ୍ତ ଦାବିପତ୍ର ପଢ଼ି ଶୁଣାଇଥିଲେ। ମୁଖ୍ୟତଃ ଦାବିଗୁଡ଼ିକ ମଧ୍ୟରେ ଅନ୍ୟ ରାଜ୍ୟ ଭଳି ଓଡ଼ିଶାର ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଚିକିତ୍ସା ଭତ୍ତା ବା ମାଗଣା ସ୍ୱାସ୍ଥ୍ୟ ସେବା ସୁବିଧା, ଅବସର ପରେ ୬୫, ୭୦ ଓ ୭୫ ବର୍ଷରେ ଅତିରିକ୍ତ ପେନସନ ଲାଗୁ କରିବା, କରୋନା ସମୟର ବାକିଥିବା ମହଙ୍ଗା ଭତ୍ତା ପ୍ରଦାନ କରିବା, ରେଳ, ରାଜ୍ୟ ସରକାରୀ ଓ ବେସରକାରୀ ବସରେ ୫୦% ରିହାତି ପ୍ରଦାନ କରିବା ଓ କମ୍ୟୁଟେସନ ପରିଶୋଧ ଅବଧି ୧୦ ବର୍ଷକୁ ହ୍ରାସ କରିବା। ପ୍ରତିନିଧିମାନଙ୍କ ମଧ୍ୟରେ ଅକ୍ଷୟ ସର୍ବେଶ୍ୱର ମିଶ୍ର, ସଂଗଠନ ସମ୍ପାଦିକା ଅନିତା ବେହେରା, କୋଷାଧ୍ୟକ୍ଷ ବାଉରୀ ବନ୍ଧୁ ମହାନ୍ତ, ଯୁଗ୍ମ ସମ୍ପାଦକ ଅଜିତ ମିଶ୍ର, କାର୍ଯ୍ୟକାରୀ ସଦସ୍ୟ ଅଚ୍ୟୁତାନନ୍ଦ ବେହେରା ଉପସ୍ଥିତ ଥିଲେ।

# ପାରିକୁଦ ମହୋତ୍ସବ ମେଳଣ ଯାତ୍ରା



କୃଷ୍ଣପ୍ରଶାଦ, (ଭାସ୍କର ନ୍ୟୁଜ୍): ପୁରୀ ଜିଲ୍ଲା କୃଷ୍ଣପ୍ରଶାଦ ବ୍ଲକ ସିଆଳ ସିଆଁଣ୍ଡି ଅଲଣ୍ଡା କୃଷ୍ଣପ୍ରଶାଦ ଓ ବଡ ଅଁଳପଞ୍ଚାୟତ ଜନସାଧାରଣଙ୍କ ପ୍ରଚେଷ୍ଟାରେ ପ୍ରତିଷ୍ଠିତ ହୋଇଛି ପାରିକୁଦ ମହୋତ୍ସବ ମେଳଣ ଯାତ୍ରା। ଏହି ମେଳଣ ଯାତ୍ରାରେ ଅଲଣ୍ଡା ଗ୍ରାମର ପୀଠାଧିଶ ଦଧିବାମନ ଦେବ ଥିବାବେଳେ ନିମନ୍ତ୍ରିତ ନବା ଜଗତେଶ୍ୱର ଓ ତିତିପ ପାଣ୍ଡେଶ୍ୱର ଅଛନ୍ତି। ଗୋପାଳପୁର ପାଟପୁର ଓ ରାତାମାଟି ଗ୍ରାମର ଆରାଧଦେବ ଆଖଣ୍ଡାଳଶ୍ୱର ଓରା ଗ୍ରାମର ଚଣ୍ଡୀହର ଦେବ ଓ ରାଧାକୃଷ୍ଣ ଦେବ ସିଆଁଣ୍ଡି ଗ୍ରାମର ବାବା ଜଗତେଶ୍ୱର ଦେବ ଅନୁଆଁ ଗ୍ରାମର ଶ୍ରୀ ଶ୍ରୀ ରଘୁନାଥ ଦେବ ମୋରଡା ଗ୍ରାମର ବଟେଶ୍ୱର ଓ କୁଞ୍ଜବିହାରି ଦେବ ଅଲଣ୍ଡା ଗ୍ରାମର ନୀଳକଣ୍ଠ ଦେବ ତିଛିଣି ଗ୍ରାମର ବାବା ତ୍ରିଲୋଚନ ସ୍ୱର ଦେବ କୃଷ୍ଣପ୍ରଶାଦ ଗ୍ରାମର ନୀଳକଣ୍ଠ ସ୍ୱର ଖଟିଆକୁଦି ଗ୍ରାମର ଆରାଧ୍ୟ ଦେବ ତ୍ରୟ କମ୍ବସ୍ୱର ଓ ବଡ ଅଁଳଗ୍ରାମର ଆରାଧ୍ୟ ଦେବ ଈଶ୍ୱନ ସ୍ୱର ଦେବ ଓ ପାରିକୁଦ ରାଜାଙ୍କ ଇଷ୍ଟଦେବ ଦଧିବାମନ ଦେବଙ୍କ ଆଜ୍ଞା ମାଳ ୧୬ଗୋଟି ଠାକୁର ମାନେ ଅଲଣ୍ଡା ପାଟଣା ବାଲିଗୋଠ ଠାରେ ଗତ କାଲି ମହା ଆଡମ୍ବର ସହକାରେ ବିଭିନ୍ନ ପ୍ରକାର ସଲତଣ ସହକାରେ ଆସି ଆସ୍ଥାନରେ ବିରାଜମାନ କରିଥିଲେ। ପାଞ୍ଚ ପଞ୍ଚାୟତ ପରିଚାଳନା କମିଟି ସୌଜନ୍ୟରେ ପ୍ରଥମ କରି ଏହି ମହୋତ୍ସବ ମେଳଣ ଯାତ୍ରା ଅନୁଷ୍ଠିତ ହେଇଥିବାରୁ ସମସ୍ତ ଭକ୍ତ ଶ୍ରଦ୍ଧାଳୁ ଓ ପାଞ୍ଚ ପଞ୍ଚାୟତ ଅଞ୍ଚଳବାସୀଙ୍କ ଉତ୍ସାହ କହିଲେ ନ ସରେ। ଐତିହ ସମ୍ପୂର୍ଣ୍ଣ ପାରିକୁଦ ପାଞ୍ଚ ପଞ୍ଚାୟତ ଜନସମୂହଙ୍କ ସାମାଜିକ ଚଳଣି ସୁସଂଗଠିତ ନ୍ୟାୟିକବ୍ୟବସ୍ଥା ପ୍ରଣୟନ କରିବାରେ ଏହି ସଂଗଠନ ସହାୟକ ହେବ ବୋଲି ପାଞ୍ଚ ପଞ୍ଚାୟତ ପରିଚଳନା କମିଟି କାର୍ଯ୍ୟକାରୀ ସଭାପତି ଦୀନବନ୍ଧୁ ଜେନା, ସମ୍ପାଦକ ପ୍ରଶାନ୍ତ ପଲେଇ ସମେତ ପରିଚାଳନା କମିଟିର ସମସ୍ତ ସଭ୍ୟ କହିଛନ୍ତି। ସନ୍ଧ୍ୟା ସମୟରେ ପାଇକ ଆଖଡ଼ା କରାଯାଇଥିଲା। ପରେ ମହୋତ୍ସବ ଉଦଘାଟନି ସଭା ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ବ୍ରହ୍ମଗିରିର ପୂର୍ବତନ ବିଧାୟକ ସଞ୍ଜୟ ଦାସ ବର୍ମା, ଚିଲିକା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ରଘୁନାଥ ସାହୁ, ବ୍ଲକ୍ ଅଧ୍ୟକ୍ଷା ସରୋଜିନୀ ତରେଇ, ରାମଲଙ୍କା ସରପଞ୍ଚ ସାବିତା ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ସମାଜସେବୀ ଲକ୍ଷ୍ମୀ ଚରଣ ବିଶ୍ୱାଳ, ପାରିକୁଦ ରାଜା ସନ୍ତୋଷ କୁମାର ଦେଓ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।

## ବିଲ୍ ପ୍ରତ୍ୟାହାର ଦାବିରେ ହାତରେ କଳାପଟି ବାନ୍ଧିଲେ ମୁସ୍ଲିମ ବସ୍ତିବାସିନ୍ଦା

କାକଟପୁର,(ଭାସ୍କର ନ୍ୟୁଜ୍): ଦିଲ୍ଲୀ ପାର୍ଲାମେଣ୍ଟରେ ୱାକ୍ଫ ବିଲ ପ୍ରତ୍ୟାହାର ଦାବିରେ ଆଜି କାକଟପୁର ଅଞ୍ଚଳରେ ବିଭିନ୍ନ ମୁସଲିମ ବସ୍ତିମାନଙ୍କର ମୁସଲିମମାନେ ହାତରେ କଳା ପଟି ବାନ୍ଧି ବିଲକୁ ବିରୁଦ୍ଧ କରିବା ସହିତ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦାବି କରିଛନ୍ତି। ଏହି ଆୟୋଜନ ଲତା ହରଣ ବସ୍ତିର କାର୍ଯ୍ୟକର୍ତ୍ତା ସୋରାବ୍ ଖାଁ (ଟୁନା), ରସୁଲପୁର (୧୧) ଗାଁ ମୁଖ୍ୟ ରିଙ୍କୁ ବାବୁ, ସେହେଯାଦ କୁରେସୀ, ଯୁବ ସମାଜସେବୀ ସର୍ଫରାଜ ଖାନଙ୍କ ପ୍ରମୁଖଙ୍କ ଆୟୋଜନରେ ଶତାଧିକ ମୁସଲିମମାନେ ଏକାଠି ହୋଇ ହାତରେ କଳାପଟି ବାନ୍ଧି ଆନ୍ଦୋଳନରେ ସାମିଲ ହୋଇଥିଲେ। ତେଣୁ ତୁରନ୍ତ ଏହି ବିଲ ପ୍ରତ୍ୟାହାର କରା ନଗଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ସର୍ଫ ରାଜ ଖାଁ ଚେତାବନୀ ଦେଇଛନ୍ତି।

# ଅବ୍ୟବସ୍ଥା ଭିତରେ ଚାଲିଛି ଗୋନାସିକା ବାରୁଣୀ ମେଳା



କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଅନ୍ତର୍ଗତ ଗୋନାସିକାରେ ଅନୁଷ୍ଠିତ ବାରୁଣୀ ମେଳାରେ ଦେଖିବାକୁ ମିଳିଛି ଘୋର ଅବ୍ୟବସ୍ଥା। ଏଠାରୁ ପୁଣ୍ୟତୋୟା ବୈତରଣୀର ଉତ୍ପତ୍ତି ସ୍ଥଳ ଯେଉଁ ଗୋନାସିକା ଦେଶବ୍ୟାପୀ ପ୍ରସିଦ୍ଧ ଏଇଠୁ ବାହାରିଛି ଗୋନାସିକା ରକ୍ଷ ଦେଇ। କେନ୍ଦୁଝର ସହରରେ ଗୋନାସିକା ମହୋତ୍ସବ ନାମରେ ଲୋକ ଦେଖାଣିଆ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ମୂଳ ସଂସ୍କୃତିକୁ ଆଦିମ ଭୂୟାଁ ଜୁଆଙ୍ଗଙ୍କୁ ଅଣଦେଖା କରାଯାଉଛି। ଯେଉଁ ଗୋନାସିକା ପାଇଁ ଆଜି କେନ୍ଦୁଝର ପରିଚିତ, ସେଇଠୁ ଦେବୋତ୍ତର ନାମରେ ପ୍ରଶାସନ ଲକ୍ଷ ଲକ୍ଷ ଟଙ୍କା ଆଦାୟ ହେଉଥିବା ବେଳେ ଗୋନାସିକାର କୌଣସି ପ୍ରକାର ଉନ୍ନତିକରଣ କରାଯାଉ ନାହିଁ। ନା ଅଛି ଶୌଚାଳୟର ବ୍ୟବସ୍ଥା ନା କରାଯାଉଛି ବିଦ୍ୟୁତ୍ ସଂଯୋଗ, ଯେଉଁଥିପାଇଁ ବାହାର ରାଜ୍ୟରୁ ଆସିଥିବା ବେପାରୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହେବା ସହ ଶ୍ରଦ୍ଧାଳୁ ଭକ୍ତମାନେ ମଧ୍ୟ ଅସୁବିଧା ଭୋଗୁଛନ୍ତି। ପୁଣି ଏବେ ବାରୁଣୀ ମେଳା ଲାଗି ଗୋଟେ ବର୍ଗଫୁଟ ଜାଗା ଦୋକାନ ଲାଗି ହଜାରେ ଟଙ୍କା କୁଲୁମ କରି ଦୋକାନୀଙ୍କ ପାଖରୁ ଆଦାୟ କରାଯାଉଛି। ଦୋକାନୀମାନେ ଗାଧୁଆ ଶୌଚ ଲାଗି ପାଣି ପାଇଖାନା ବ୍ୟବସ୍ଥା ଦାବି କରିଛନ୍ତି। ତେଣୁ ସାଧାରଣରେ ଦାବି ହେଉଛି ଗୋନାସିକାକୁ ପ୍ରଶାସନ ଦୃଷ୍ଟି ଦେଇ ପ୍ରକୃତ ଉନ୍ନତିକରଣ କରୁ।

# ଭଦ୍ରକ ସାହିତ୍ୟ ସାଲନ୍ଦୀ ଝରର ସାରସ୍ୱତ ସମାରୋହ

## ମଣିଷକୁ ନିଜର କଳାକୃତି ହିଁ ସବୁଦିନ ପାଇଁ ବଞ୍ଚେଇ ରଖିପାରିବ



ଭଦ୍ରକ, (ଭାସ୍କର ନ୍ୟୁଜ୍): ଦୈନିକ ଖବରକାଗଜ 'ଅପରାହ୍ଣ' ପକ୍ଷରୁ ଭଦ୍ରକ ସାହିତ୍ୟ ସାଲନ୍ଦୀ ଝରର ଜିଲ୍ଲା ସ୍ତରୀୟ ସାରସ୍ୱତ ସମାରୋହ, ବନ୍ଧୁମିଳନ, କବିତାପାଠ ଓ ସମ୍ବର୍ଦ୍ଧନା ପର୍ବ ରବିବାର ଜିଲ୍ଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହିଅବସରରେ ଭଦ୍ରକ ସାହିତ୍ୟ ସାଲନ୍ଦୀ ଝରର ସଂଯୋଜକ କବି ଓ ସାମ୍ବାଦିକ ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ମଣିଷ ନିଜର ବୃତ୍ତିରେ ବଡ଼ ପଦପଦବୀରେ ରହେ, ପରେ ଅବସର ନେବା ପରେ କେହି ତାକୁ ମନେରଖନ୍ତି ନାହିଁ। କିନ୍ତୁ ମଣିଷକୁ ନିଜର କଳାକୃତି ସବୁଦିନ ପାଇଁ ବଞ୍ଚେଇ ରଖିବ। ଓଡ଼ିଆ ଭାଷାକୁ ସମୃଦ୍ଧ କରିବା ଉତ୍ତର ପୀଢ଼ିଙ୍କ ଉତ୍ତରଦାୟିତ୍ୱ ହେବା ଆବଶ୍ୟକ ବୋଲି କହିଥିଲେ। ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ କଥାକାର ପବିତ୍ର ପାଣିଗ୍ରାହୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସାହିତ୍ୟ ପ୍ରତି ସମର୍ପଣ ଭାବ ରହିଲେ ସଫଳ ସୃଷ୍ଟି ହୋଇଥାଏ ବୋଲି କହିଥିଲେ। ବିଶେଷ ଅତିଥି ଭାବେ ଅଧ୍ୟାପକ ଡ଼.ବିଶ୍ୱରଂଜନ ଦାସ ଓ ବିଶିଷ୍ଟ ନାଟ୍ୟକାର ସୁଧାକର ନନ୍ଦ, ବାରେଣ୍ୟ ଅତିଥି ଭାବେ ଅପରାହ୍ଣ ସମ୍ପାଦକ ବଂଶୀଧର ଜେନା, ସମ୍ମାନିତ ଅତିଥି ଭାବେ 'ଅପରାହ୍ଣ' ପ୍ରକାଶିକା ଲାକ୍ଷ୍ମୀପ୍ରିୟା ଦାସ ଯୋଗଦେଇ 'ଅପରାହ୍ଣ' ସାରା ଓଡ଼ିଶାରେ ସାହିତ୍ୟକୁ ଅଗ୍ରଗତି କରିବାରେ ପ୍ରମୁଖ ଭୂମିକା ନେଇଛି ବୋଲି କହିଥିଲେ। ସାମ୍ବାଦିକ ଓ କବି ପ୍ରମୋଦ ରାୟ ସ୍ୱାଗତ ଭାଷଣ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରବଚିକା ଓ କବି ବିଶ୍ୱମୈତ୍ରୀ ନାୟକ ବେଦ ପାଠ କରିଥିବା ବେଳେ କଣ୍ଠଶିଳ୍ପୀ ଶଶିକଳା ମିଶ୍ର ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ କବି ଗୋରାଙ୍ଗ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ କବି ନିର୍ମଳ ବେହୁରିଆ, ପ୍ରମୋଦ ରାୟ, ପତିତପାବନ ପାଣି, ମୌସୁମୀ ଗୋଛାୟତ, ସୁବାଷ ମହାନ୍ତି, ରୁବିଲତା ଦାସ, ଶଶିକଳା ମିଶ୍ର, ଅରବିନ୍ଦ ପରିଡ଼ା, ସରୋଜ ଓଝା, ଲୋପାମୁଦ୍ରା ଲେଙ୍କା, ବିଶ୍ୱନାଥ କିଙ୍କର ରାଉତ, ଦମୟନ୍ତୀ ରାଉତ, ଭଗବାନ ରାଉଳ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ କବିତା ପାଠ କରିଥିବା କବିମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ପ୍ରଥମ ଅଧିବେଶନ କବିତା ପାଠୋତ୍ସବ କବି ବିଶ୍ୱନାଥ କିଙ୍କର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅବସର ପ୍ରାପ୍ତ ପ୍ରାଧ୍ୟାପିକା କବି ସୁଚିତ୍ରା ପାଣିଗ୍ରାହୀ, ମୁଖ୍ୟବକ୍ତା ଭାବେ ସୁଲେଖିକା ଗୀତରାଣୀ ଆଇଚ, ବାରେଣ୍ୟ ଅତିଥି ଭାବେ କବି ଓ ସାମ୍ବାଦିକ ସଞ୍ଜିତ ବଳ ପ୍ରମୁଖ ଯୋଗଦେଇ ପ୍ରାଣ ଛୁଆଁ କବିତା କାଳଜୟୀ ହୋଇଥାଏ ବୋଲି କହିଥିଲେ। ସଭାରେ କଣ୍ଠଶିଳ୍ପୀ ଶଶିକଳା ମିଶ୍ର ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ। ଗାଳ୍ପିକ କୈଳାଶ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କବି ସୁଧାରଂଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କବି କୃପାସିନ୍ଧୁ ମହାନ୍ତି ଓ କବି ଯୋଗ୍ୟଶ୍ରୀ ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠ ଉତ୍ସବରେ କବି ଅବନୀ ପ୍ରଧାନ, ବୈକୁଣ୍ଠନାଥ ଓଝା, ରମେଶ ଦାସ, ବିଚିତ୍ର ଜେନା, ବିଶ୍ୱମୈତ୍ରୀ ନାୟକ, ରୁବିଲତା ଦାସ, ଜଗନ୍ନାଥ ନାୟକ, ନିରଞ୍ଜନ ବାରିକ, ଲୋପମୁଦ୍ରା ଲେଙ୍କା, ସରୋଜ ଓଝା, ପୁରୁଷୋତ୍ତମ ଧଳ, ମୌସୁମୀ ଗୋଛାୟତ, ମହେଶ୍ୱର ସାହୁଙ୍କ ସମେତ ବହୁ କବି କବିତା ପାଠ କରିଥିଲେ। ଅପରାହ୍ଣ ପକ୍ଷରୁ ନିଳାମ୍ବର ସେଠୀ, ବର୍ଷାରାଣୀ ଦାସ, ମଧୁସ୍ମିତା ମହାଳିକ ଓ ଜାମିନୀ ମହାଳିକ ପ୍ରମୁଖ ସମାରୋହ ପରିଚାଳନାରେ ସହଯୋଗ କରିଥିଲେ। ଏହି ସାମାରୋହରେ ବହୁ କବି ଓ ସାହିତ୍ୟିକ ଯୋଗ ଦେଇଥିଲେ।

## ସଟର ତାଡ଼ି ଦୋକାନରୁ ଚୋରି

ଡେରାବିଶ, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଚାନ୍ଦୋଳ ବଜାରର ଜିବି ଟ୍ରେଡର୍ସରୁ ଗତକାଲି ରାତିରେ ସଟର ଭାଙ୍ଗି ଚୋରି ହୋଇଥିବା ନେଇ ଚାନ୍ଦୋଳ ଫାଣ୍ଡିରେ ଅଭିଯୋଗ କରାଯାଇଛି। ଅଭିଯୋଗ ମୁତାବକ ଦୋକାନର ମାଲିକ ଧିରେନ କୁମାର ସାହୁ ସବୁଦିନ ପରି ଗତକାଲି ରାତିରେ ତାଙ୍କ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ସୋମବାର ସକାଳେ ଦୋକାନ ଖୋଲିବାକୁ ଆସି ଦେଖନ୍ତି ତ ତାଙ୍କ ଦୋକାନର ସଟର ତଡ଼ା ଯାଇଛି। ଏ ସମ୍ପର୍କରେ ଫାଣ୍ଡିରେ ଅଭିଯୋଗ କରିବା ପରେ ଘଟଣା ସ୍ଥଳରେ ପୋଲିସ ତଦନ୍ତ କରିବା ସହ ଦୋକାନ ଭିତରକୁ ଯାଇ ଡ୍ରୟର ଭଙ୍ଗାଯାଇ ସେଥିରେ ଥିବା ୩୮ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଚୋରି ହୋଇଯାଇଥିବା ଜଣିବାକୁ ପାଇଥିଲେ। ଏଥିସହିତ ତାଙ୍କ ଦୋକାନ ବାହାରେ ଲାଗିଥିବା ଦୁଇଟି ସିସି କ୍ୟାମେରାକୁ ଚୋରମାନେ ତାଡ଼ି ନେଇଯାଇଥିବା ମଧ୍ୟ ଅଭିଯୋଗ କରାଯାଇଛି।

## ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷରେ ବିଜେପି ପକ୍ଷରୁ ବନ୍ଧୁମିଳନ

କୁକୁଡାଖଣ୍ଡି, (ଭାସ୍କର ନ୍ୟୁଜ୍): ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଉପଲକ୍ଷେ ଦିଗପହଣ୍ଡି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁକୁଡାଖଣ୍ଡି ବ୍ଲକ ଓ ଦିଗପହଣ୍ଡି ବ୍ଲକର ମଣ୍ଡଳ ସଭାପତିମାନଙ୍କ ନେତୃତ୍ୱରେ ବହୁ ଦଳୀୟ କର୍ମକର୍ତ୍ତା ଓ କର୍ମୀଙ୍କୁ ନେଇ ଦିଗପହଣ୍ଡି ନିକଟସ୍ଥ ମାଁ ଖେମୁଣ୍ଡି କାଲୁଆ ମନ୍ଦିର ପରିସରରେ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ମହାଆଡ଼ମ୍ବରରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ଅଙ୍କୁଶପୁର ମଣ୍ଡଳ ସଭାପତି ଏ ବାବୁଲା ପାତ୍ରଙ୍କ ସଭାପତିତ୍ୱରେ ସଭାର ଅୟୋଜନ ହୋଇଥିଲା। ସାଂଗଠନିକ କାର୍ଯ୍ୟକଳାପ ଏବଂ ଆଗାମୀ ୨୦୨୭ ପଞ୍ଚାୟତ ନିର୍ବାଚନରେ ସରପଞ୍ଚ ପଦବୀ ସହ ସମିତି ସଭ୍ୟ ଓ ସଭ୍ୟା ଏବଂ ଜିଲ୍ଲାପରିଷଦ ପ୍ରାର୍ଥୀ କିପରି ବିପୁଳ ମାତ୍ରାରେ ବିଜୟୀ ଲାଭ କରିପାରିବେ ସେ ବିଷୟରେ ଆଲୋଚନାର ମୁଖ୍ୟ ପ୍ରସଙ୍ଗ ଥିଲା ବୋଲି ପାତ୍ର କହିଛନ୍ତି। ସଙ୍ଗଠନକୁ ସୁଦୃଢ କରିବା ଏବଂ ଜନସାଧାରଣଙ୍କ ମୌଳିକ ସମସ୍ୟାର ସମାଧାନ ନିମନ୍ତେ ଏହି ବୈଠକରେ ଆଲୋଚନା ହେଇଥିଲା। ଉକ୍ତ ସଭାରେ କୃଷକ ମୋର୍ଚ୍ଚା ସଭାପତି ଚିନ୍ମୟ ନନ୍ଦ ମହାରାଜ, ପରେଶ ଚନ୍ଦ୍ର ରଥ, ବ୍ରହ୍ମପୁର ସାଂସଦଙ୍କ ଦିଗପହଣ୍ଡି ବ୍ଲକ ପ୍ରତିନିଧି ହରିବନ୍ଧୁ ରେଡ୍ଡୀ, ଦିପକ ମହାପାତ୍ର, ବାଲିପଡା ମଣ୍ଡଳ ସଭାପତି ଲଳିତ ମୋହନ ବିଷୋୟୀ, ମିଟୁ ଦୋରା, ଶଶାଙ୍କ କର, ଅରୁଣ ଗୌଡ଼, କୁଞ୍ଜ ବିହାରୀ ପଣ୍ଡା, ମଦନ ମୋହନ ପତ୍ର, ବଉଳଝୋଳି ସମିତି ସଭ୍ୟା ପ୍ରତିନିଧି ସନାତନ ସଂଗ୍ରାମ ସିଂହ, ଏବଂ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଦଳ କିପରି ସୁଦୃଢ଼ ହୋଇପାରିବ ସେ ଉପରେ ଆଲୋଚନା କରିଥିଲେ। ଆଲୋଚନା ମଧ୍ୟରେ ସବୁ ପଞ୍ଚାୟତରେ ଯେମିତି ଆଗାମୀ ହିନ୍ଦୁ ନବବର୍ଷ ପାଳିତ ହେବ ସେ ବିଷୟରେ ଆଲୋଚନା ହୋଇଥିଲା। ଏହି ସଭାରେ ପ୍ରତ୍ୟେକ ପଞ୍ଚାୟତର ମୁଖ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ଉପରେ ଆଲୋଚନା କରିଆସିଥିଲେ। ଶେଷରେ ଅଙ୍କୁଶପୁର ମଣ୍ଡଳ ସଭାପତି ପାତ୍ର ଆସିଥିବା ଦଳୀୟ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଜଣାଇ ସଭା ଶେଷ କରିଥିଲେ।

# ଅଭିଭାବକ ଶିକ୍ଷକ ସହଭାଗିତା କାର୍ଯ୍ୟକ୍ରମ ଆୟୋଜିତ



ମାଲକାନଗିରି, (ଭାସ୍କର ନ୍ୟୁଜ୍): ମାଲକାନଗିରି ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଅନୁସୂଚୀତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଭଲୁଗୁଡ଼ା ସେବାଶ୍ରମ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭବେନ ଚନ୍ଦ୍ର ବର୍ମନ୍ଙ୍କ ସଭାପତିତ୍ୱରେ ଅଭିଭାବକ ଶିକ୍ଷକ ସହଭାଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଞ୍ଚଳିକ ସାଧନ ସଂଯୋଜକ ନିତ୍ୟାନନ୍ଦ ମହଲଦାର, ମୁଖ୍ୟ ବକ୍ତା ଭାଲୁଗୁଡ଼ା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବାନନ୍ଦ ବେହେରା, ସମ୍ମାନୀତ ଅତିଥି ବିଦ୍ୟାଳୟ ପରିଚନା ସଭାପତି ବୁଦ୍ଧ ଦେବ ପାଙ୍ଗି ଯୋଗଦାନ କରିଛନ୍ତି। ସର୍ବପ୍ରଥମେ ଦେବପୂଜନ ପରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ କରାଯାଇଥିଲା। ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ତଥା ବିଦ୍ୟାଳୟର ବିକାଶ ପାଇଁ ଅଭିଭାବକଙ୍କ ଭୂମିକା ସମ୍ପର୍କରେ ଶିକ୍ଷକ, ଅଭିଭାବକ ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ମୁକ୍ତ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟବକ୍ତା ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଯଥା-ଛାତ୍ରବୃତ୍ତି, ସହିଦ୍ ମୋଧୋରୋ ସିଂ ହାତ ଖର୍ଚ୍ଚା, ମୁଖ୍ୟମନ୍ତ୍ରୀ ଛାତ୍ର ପ୍ରୋତ୍ସାହାନ ଯୋଜନା, ପ୍ରାକ୍ ମେଟ୍ରିକ୍ ଛାତ୍ର ବୃତ୍ତି , ପରବର୍ତ୍ତି ମାଟ୍ରିକ ଛାତ୍ର ବୃତ୍ତି ସମ୍ପର୍କରେ ଅଭିଭାବକମାନଙ୍କୁ ସଚେତନ କରାଇଥିଲେ ଓ ଶେଷରେ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ ବନବାସୀ ଚୌଧୁରୀ ପରିଚାଳନା କରୁଥିବା ବେଳେ ଶିକ୍ଷୟତ୍ରୀ ସଂଘମିତ୍ରା କରସୁନ୍ଧା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିବା ସହ ଶିକ୍ଷୟତ୍ରୀ ନାୟକ ଓ ଅତିଥି ଶିକ୍ଷୟତ୍ରୀ ତନୁଜା ଅନୁଶ୍ରୀ ରାଉତ ଓ ମେଟ୍ରେନ ମମତା ମହାନ୍ତି ସହଯୋଗ ପ୍ରଦାନ କରିଥିଲେ।

## ବିଜେପି ପକ୍ଷରୁ ଅଭିଯୋଗ ଶୁଣାଣୀ ଆରମ୍ଭ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବିଜେପି ଦଳୀୟ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ମଣ୍ଡଳ ସଭାପତି ତରଣୀ ସେନ୍ ଜେନାଙ୍କ ଅଧକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣୀ ରେ ବିଧାନ ସଭା ନେତା ସୁଧାଂଶୁ ଶେଖର ନାୟକ ବିଭିନ୍ନ ଅଭିଯୋଗ ଶୁଣିବା ପରେ ତାହା କିପରି ତ୍ୱରିତ ସମାଧାନ ହୋଇପାରିବ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଅଭିଯୋଗ ଗୁଡ଼ିକ ମଧ୍ୟରେ ସୁଭଦ୍ରା ଓ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ନିଶ୍ଚୟ ଯୋଡାଜିବା ସହ କେହି ବାଦ୍ ପଡ଼ିବେନି ବୋଲି କହିବା ସହ ଏହା ଆରମ୍ଭ ମାତ୍ର ବୋଲି ନାୟକ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ବରିଷ୍ଠ ନେତା ନିର୍ମଳ ଚନ୍ଦ୍ର କର ପୂର୍ବତନ ମଣ୍ଡଳ ସଭାପତି ଗିରିଶ ସାମଲ, ପ୍ରଫୁଲ୍ଲ ସାହୁ, ଭାସ୍କର ନାୟକ, ଧରଣୀ ଜେନା, ରବୀନ୍ଦ୍ର ଜେନା, ଶରତ ପଲେଇ, ଉମାକାନ୍ତ ପ୍ରଧାନ, ଶୁଭେନ୍ଦୁ ମିଶ୍ର, ପର୍ଶୁରାମ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

# ଇଦ୍ ଉଲ୍ ଫିତର ପାଳିତ



ବଡ଼ଚଣା, (ଭାସ୍କର ନ୍ୟୁଜ୍): ମୁସଲମାନ ସମ୍ପ୍ରଦାୟର ପବିତ୍ର ପର୍ବ ଇଦ୍ ଉଲ ଫିତର ଶ୍ରଦ୍ଧା, ଭକ୍ତି ଆନନ୍ଦଉଲ୍ଲାସର ସହିତ ପାଳିତ ହୋଇଯାଇଛି। ରବିବାର ବିଳମ୍ବିତ ରାତିରେ ଚାନ୍ଦ ଦେଖାଦେବା ପରେ ମୁସଲମାନ ଭାଇଭଉଣୀମାନଙ୍କ ମଧ୍ୟରେ ଖୁସୀର ଲହରୀ ଖେଳିଯାଇଥିଲା। ଦୀର୍ଘ ଏକମାସ ଧରି ରଖି ଆସିଥିବା ରୋଜା ଭାଙ୍ଗିଥିଲେ। ସୋମବାର ସକାଳୁ ମୁସଲମାନ ଭାଇଭଉଣୀମାନେ ନୂତନ ବସ୍ତ୍ର ପରିଧାନ କରି, ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରିବା ସହିତ ପରସ୍ପରକୁ ଇଦ୍ ମୁବାରକ୍ ଜଣାଇଥିଲେ। ଏହି ଆବସରରେ ବଡଚଣା ବ୍ଲକ୍ ଅନ୍ତର୍ଗତ ସୁଙ୍ଗୁଡା ଗ୍ରାମ ମୁସଲିମ ପଞ୍ଚାୟତ ପକ୍ଷରୁ ସ୍ଥାନୀୟ ଇଦଗା ପଡିଆରେ ସମୂହ ନମାଜ ପାଠ କରଯାଇ ଥିଲା। ମୌଲାନା କାସିମ ରାଜା ହବିବ ସାମୂହିକ ନମାଜ ପାଠ କରାଇବା ସହିତ ଆଲ୍ଲାଙ୍କ ନିର୍ଦ୍ଦେଶିତ ନିତି ଆଦର୍ଶ ଓ ନିୟମରେ ପ୍ରତ୍ୟେକ ମୁସଲମାନ ଚାଲିବାକୁ କହିବା ସହିତ ବିଶ୍ୱଶାନ୍ତି, ଭାଇଚାରା ସହିତ ମୁସଲମାନ ସମ୍ପ୍ରଦାୟର ସୁଖ ସମୃଦ୍ଧି ପାଇଁ ଆଲ୍ଲାଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ପରେ ମୁସଲମାନ ଭାଇ ମାନେ ନିକଟସ୍ତ କବରସ୍ଥାନକୁ ଯାଇ ମୃତ ନିକଟ ସମ୍ପର୍କୀୟଙ୍କ ଆତ୍ମାର ସଦଗତି ପାଇଁ ଆଲ୍ଲାଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଇଦଗା ପଡିଆ ଠାରେ ଯୁବନେତା ସଞ୍ଜୟ କୁମାର ସ୍ୱାଇଁ, ପ୍ରିୟବ୍ରତ ଖିଲାର, ପ୍ରକାଶ ପ୍ରଧାନ, ସାମ୍ବାଦିକ ପ୍ରସନ୍ନ କୁମାର ବିଶ୍ୱାଳ, ବୈକୁଣ୍ଠ ସାହୁ ପ୍ରମୁଖ ମୁସଲମାନ ଭାଇମାନଙ୍କୁ ଇଦ୍ ମୁବାରକ ଜଣାଇ ଥିଲେ। ହାପିଜ ଓକାରି ନୀୟାମତ ହୁସେନ, ଅମଜାଦ ହୋଷେନ ମହମ୍ମଦ ଅୟାସ, ରିୟାଜୁଦ୍ଦିନ ଖାଁ, ମଶିର ଆଲ୍ଲାମ୍, ସେକ ସବିରୁଦ୍ଦିନ, ମହମ୍ମଦ ମୁନସର, ମହମ୍ମଦ ରିଆଜ୍, ଅବଦୁଲ୍ ହନାନ, ଆୟୁବ ହୋଷେନ୍, ଗାୟାସୁଦ୍ଦିନ ରାଜା ଖାଁ, ସିକନ୍ଦର ଆଲାମ, ପ୍ରମୁଖ ନମାଜ ପାଠ ପରିଚାଳନା କରିଥିଲେ। ସେହିପରି, ଦର୍ପଣି, ବାଓ୍ୱୋ, ଚାରିନଙ୍ଗଳ, ଅରଖପୁର, ନଳୀପୁର ଠାରେ ଆନନ୍ଦ ଉଲ୍ଲାସର ସହିତ ଇଦ୍ ଉଲ ଫିତର ପାଳିତ ହୋଇଯାଇଛି।

# ପିସିସି ସଭାପତିଙ୍କ ମଦ୍ରାସା ପରିଦର୍ଶନ



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ସୋମବାର ଅପରାହ୍ଣରେ ପିସିସି ସଭାପତି ଭକ୍ତଚରଣ ଦାସ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳକୁ ଗ୍ରସ୍ତରେ ଆସି ଜୟରାମପୁର ଗ୍ରାମପଞ୍ଚାୟତ କାଜିହାଟ ଠାରେ ଥିବା ପ୍ରସିଦ୍ଧ ମଦ୍ରାସା ପରିଦର୍ଶନ କରିଛନ୍ତି। ଏ ଅବସରରେ ଦାସ ମଦ୍ରାସାର ମୌଲାନାଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ଓ ପର୍ଯ୍ୟାଲୋଚନା କରିବା ସହ ପବିତ୍ର ଇଦ ପର୍ବ ଅବସରରେ ମୁସଲମାନ ଭାଇଭଉଣୀମାନଙ୍କୁ ଇଦ୍ ଅଭିନନ୍ଦନ ଜଣାଇଥିଲେ। କଂଗ୍ରେସ ଦଳ ପ୍ରତି ଆଗାମୀ ଦିନରେ ସହଯୋଗର ହାତ ବଢାଇବା ନିମନ୍ତେ ଦାସ ସମସ୍ତଙ୍କୁ ନିବେଦନ କରିଥିଲେ। ଦାସଙ୍କ ସହ କେନ୍ଦ୍ରାପଡା ସଂସଦୀୟ କ୍ଷେତ୍ରର କଂଗ୍ରେସ ନେତା ଇଂ ସିଦ୍ଧାର୍ଥ ସ୍ୱରୂପ ଦାଶ, ମାହାଙ୍ଗା ନିର୍ବାଚନ ମଣ୍ଡଳୀ କଂଗ୍ରେସ ଯୁବନେତା ପ୍ରଦିପ୍ତ କୁମାର ଦାସ, ଦେବେନ୍ଦ୍ର କୁମାର ସାହୁ, ଆଇନଜୀବୀ ଭାସ୍କର ଚନ୍ଦ୍ର ବେହେରା, ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସେକ ସଦ୍ଦାମ, ପ୍ରାକ୍ତନ ମାହାଙ୍ଗା ବ୍ଲକ କଂଗ୍ରେସ ସଭାପତି ସେକ ସୌକତ ଅଲ୍ଲୀ, ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ ସଭାପତି ରମାକାନ୍ତ ବେହେରାଙ୍କ ସମେତ ଶତାଧିକ କଂଗ୍ରେସ ନେତା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଈଶ୍ୱର ଚନ୍ଦ୍ର ମନ୍ତ୍ରୀ, ଉପସଭାପତି କୈଳାସ ଚନ୍ଦ୍ର ପଟ୍ଟନାୟକ, ଅନାମ ଚରଣ ସାହୁ, ଦୋଳଗୋବିନ୍ଦ ସାହୁ, କାମପାଳ ଜେନା, ଅକ୍ଷୟ କୁମାର ସ୍ୱାଇଁ, ଦାଶରଥୀ ନାୟକ, ନିରଞ୍ଜନ ପୋଥାଳ, ନିରଞ୍ଜନ ସାମଲ, ସନାତନ ତରାଇ, ନିରଞ୍ଜନ ନାୟକ, କୈଳାସ ଚନ୍ଦ୍ର ସ୍ୱାଇଁ, ସୋମନାଥ ପଡିହାରୀ, ସଞ୍ଜୟ କୁମାର ଆଚାର୍ଯ୍ୟ, ନରୋତ୍ତମ ବେହେରା, ନରହରି ପାତ୍ର, ତ୍ରୈଲୋକ୍ୟ ସ୍ୱାଇଁ, ଅଜୟ ପରିଡା, ମାଗୁଣି ବିଶ୍ୱାଳ, ନନ୍ଦକିଶୋର ସ୍ୱାଇଁ, ପାବନି କୁମାର ରାଉତ, ବାଉରୀବନ୍ଧୁ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମେ ଭାବଗ୍ରାହୀ କଳା ନିକେତନର କଳାକାରମାନେ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପତ୍ରିକା ସମ୍ପାଦକ କାଶୀନାଥ ରାଉତରାୟ, ଦୋଳଗୋବିନ୍ଦ ସାହୁ, ଅନାମ ଚରଣ ସାହୁ ପ୍ରମୁଖ ମଞ୍ଚ ପରିଚାଳନାରେ ସହଯୋଗ କରିଥିଲେ। ବରିଷ୍ଠ ସଭ୍ୟ ବିଜୟ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଗ୍ରୀଷ୍ମଋତୁରେ ହେଉନି ଦଶମୌଜା କେନାଲ ମରାମତି



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକର ଅଧିକାଂଶ ଲୋକ ଖରିଫ୍ ଚାଷ ଉପରେ ନିର୍ଭର କରିଥାନ୍ତି। ବ୍ଲକର ଗୁଆମାଳ, ତାଳପଦା, ମୁକୁନ୍ଦପୁର, ଭାଟପଡ଼ା, ଫତେପୁର, କୋହ୍ଲ, ମଙ୍ଗଳପୁର ଓ ସିନ୍ଦୋଳ ଆଦି ୮ ପଞ୍ଚାୟତର ଚାଷୀ ଦଶମୌଜା କେନାଲକୁ ଭରସା କରି ଚାଷ କରିଥାନ୍ତି। ବହୁ ସମୟରେ ଅନିୟମିତତା ବର୍ଷା ପାଇଁ ଚାଷୀମାନେ ଦଶମୌଜା କେନାଲ ପାଣିରେ ଚାଷ କରିଥାନ୍ତି। କେତେବେଳ ବନ୍ୟା ଆସିଲେ ଅଧିକ ବନ୍ୟା ପାଣି ଦଶମୌଜା କେନାଲ ଦେଇ ତଳମୁଣ୍ଡକୁ ଯାଇଥାଏ। ମୋଟାମୋଟି ଭାବେ ୮ ପଞ୍ଚାୟତର ଚାଷୀଙ୍କ ପାଇଁ ଦଶମୌଜା କେନାଲ ଗୁରୁତ୍ୱ ବହନ କରେ। ଏହି ପରିପ୍ରେକ୍ଷୀରେ ଦୀର୍ଘଦିନ ହେବ ଦଶମୌଜା କେନାଲ ଖନନ କିମ୍ବା ସଂସ୍କାର ହୋଇ ପାରିନାହିଁ। ଯାହାଫଳରେ ଦଶମୌଜା କେନାଲ ଦଳରେ ପରିପୂର୍ଣ୍ଣ ହୋଇ ରହିଥିବା ବେଳେ କେନାଲ ବନ୍ଧରେ ବହୁ ସ୍ଥାନ ଦୁର୍ବଳ ହେବା ସହିତ କେତେକ ସ୍ଥାନରେ ଘାଇ ସୃଷ୍ଟି ହୋଇଛି। ବର୍ଷା ଋତୁରେ ଦଶମୌଜା କେନାଲ ଉପରେ ନିର୍ଭର କରୁଥିବା ଚାଷୀମାନେ ସେମାନଙ୍କର ସମସ୍ୟା ପାଇଁ ଆନ୍ଦୋଳନ କରିଥାନ୍ତି। ସେତେବେଳେ ପ୍ରଶାସନର ନିଦ ଭାଙ୍ଗେ। ପ୍ରଶାସନ ତରବରିଆ ଭାବେ କେଉଁଠି ବାଲିବସ୍ତା ପକାଇ ଘାଇ ମରାମତି କରେ ତ କେତେବେଳେ ଜରୁରୀକାଳୀନ ପରିସ୍ଥିତିରେ ଦଳ ସଫା କରିବାକୁ ବାଧ୍ୟ ହୋଇଥାଏ। ପ୍ରଶାସନ ଗ୍ରୀଷ୍ମ ଋତୁରେ ଦଶମୌଜା କେନାଲର ମରାମତି କିମ୍ବା ସଂସ୍କାର ନକରି ସେହି ବର୍ଷାଦିନକୁ ଅପେକ୍ଷା କରି ରହିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ବର୍ତ୍ତମାନ ଦଶମୌଜା କେନାଲରେ ପାଣି ନାହିଁ। ଏହି ସମୟରେ ମରାମତି ଓ ସଂସ୍କାର କାର୍ଯ୍ୟ ସୁରୁଖୁରୁରେ ହୋଇପାରନ୍ତା। ଏଥିପ୍ରତି ପ୍ରଶାସନ ଦୃଷ୍ଟି ନଦେଇ ସେହି ବର୍ଷା ଋତୁ ପର୍ଯ୍ୟନ୍ତ ଅପେକ୍ଷା କରି ରହିବା ଠିକ୍ ନୁହେଁ। ଗ୍ରୀଷ୍ମଋତୁରେ ଦଶମୌଜା କେନାଲର ଆବଶ୍ୟକୀୟ ମରାମତି ଓ ସଂସ୍କାର କାର୍ଯ୍ୟ କରି ବର୍ଷାଦିନ ପାଇଁ ସଜାଗ ରହିବା ଆବଶ୍ୟକ। ତେବେ ପ୍ରଶାସନ ଗ୍ରୀଷ୍ମଋତୁରେ ଦଶମୌଜାର ମରାମତି ଓ ସଂସ୍କାର କାର୍ଯ୍ୟ କରିବାକୁ ଚାଷୀଙ୍କ ମହଲରେ ଦାବି କରାଯାଇଛି।

## ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ସଂଗଠନର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): ଜିଲ୍ଲା ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ସଂଗଠନର ଊନବିଂଶତମ ବାର୍ଷିକ ବନ୍ଧୁମିଳନ ଓ ପ୍ରତିଭା ସମ୍ମାନ ଉତ୍ସବ ସ୍ଥାନୀୟ ଗୌରୀଶଙ୍କର ହୋଟେଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ସଭାପତି ପୂର୍ଣ୍ଣାନନ୍ଦ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବକୁ ସାଧାରଣ ସମ୍ପାଦକ ନରୋତ୍ତମ ଜେନା ସଂଯୋଜନା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ବରିଷ୍ଠ ସଭ୍ୟ ହେମନ୍ତ କୁମାର ଜେନା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅତିରିକ୍ତ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁସାହିତ୍ୟିକା ଡ. ପ୍ରୀତିପ୍ରତିଭା ଭୋଳ, ବିଶିଷ୍ଟ ଅତିଥି ପ୍ରାକ୍ତନ ପ୍ରାଥମିକ ଶିକ୍ଷା ଯୁଗ୍ମ ନିର୍ଦ୍ଦେଶକ ବ୍ରଜେନ୍ଦ୍ର କୁମାର ପରିଡା, ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡା କଲେଜର ପ୍ରାକ୍ତନ ଇଂରାଜୀ ବିଭାଗ ପ୍ରଫେସର ଦୁର୍ଯ୍ୟୋଧନ ପରିଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ନିଶାକର ମୁଦୁଲି, ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ଜେନା ଓ ସଂଗଠନର ପ୍ରତିଷ୍ଠାତା ଆବାହକ ମନ୍ମଥ କୁମାର ରାୟ ଯୋଗଦେଇ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ସଂଗଠନର ବାର୍ଷିକ ମୁଖପତ୍ର "ସାୟଂପ୍ରଭା"ର ଚତୁର୍ଥ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ପୂଜ୍ୟପୂଜାର ସମ୍ମାନ ସ୍ୱରୂପ ବରିଷ୍ଠ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ପରିଦର୍ଶକ ନିଶାକର ମୁଦୁଲି, ବରିଷ୍ଠ ସଭ୍ୟ ଗୌରାଙ୍ଗ ଚରଣ ଶତପଥୀ, ନରେନ୍ଦ୍ର କୁମାର ନାୟକ, ଗୋପୀନାଥ ଦାଶ, ବୃତ୍ତି ଶିକ୍ଷକ ପର୍ଶୁରାମ ଦୃଷ୍ଟି, ନୀଳମାଧବ ରାଉତ, ସୁବାଷ ଚନ୍ଦ୍ର ରାଉତ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।





କରଞ୍ଜିଆ, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ଠାରେ ଅନ୍ତୋଦୟ ଗୃହ ଯୋଜନା ଶୁଭାରମ୍ଭ କଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ଏହି ଅବସରରେ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ପ୍ରଚଳିତ ହୋଇଥିବା ଅନ୍ତୋଦୟ ଗୃହ ଯୋଜନା କରଞ୍ଜିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ମୁଖ୍ୟମନ୍ତ୍ରୀଙ୍କ ଉଦଘାଟନୀ କାର୍ଯ୍ୟକ୍ରମର ସିଧାପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କରଞ୍ଜିଆ ବିଡ଼ିଓ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କରଞ୍ଜିଆ ବ୍ଲକ ଅଧ୍ୟକ୍ଷା ସୁଭଦ୍ରା ମାରାଣ୍ଡି, ଉପାଧ୍ୟକ୍ଷ ଛତିଶ ଚନ୍ଦ୍ର ମହାନ୍ତ, କେନ୍ଦୁଝର ସାଂସଦଙ୍କ କରଞ୍ଜିଆ ବ୍ଲକ ପ୍ରତିନିଧି ଦେବେନ୍ଦ୍ର ମହାନ୍ତ, ସାଂସଦଙ୍କ ପ୍ରତିନିଧି ଆଶିଷ କୁମାର ମହାନ୍ତ, ବିଧାୟକଙ୍କ ପ୍ରତିନିଧି ମନୋଜ ମହାନ୍ତ, ଆଇଟିଡିଏ ପ୍ରକଳ୍ପ ଅଧିକାରୀ ଚିତ୍ତରଞ୍ଜନ ମହାନ୍ତ, ସହକାରୀ ଯନ୍ତ୍ରୀ ସୟଦ ଅମଜଦ ଅଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ୪୦ ଜଣ ବିଭିନ୍ନବର୍ଗର ହିତାଧିକାରୀଙ୍କୁ ମୁଖ୍ୟଅତିଥି ଓ ଅନ୍ୟ ଅତିଥିଙ୍କ ଦ୍ୱାରା କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କରଞ୍ଜିଆ ବ୍ଲକ ଗ୍ରାମପଞ୍ଚାୟତ ଅଧିକାରୀ ଦେବାଶିଷ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଗ୍ରାଚ୍ୟୁଇଟି ଅର୍ଥ ନ ଦେବାରୁ କମ୍ପାନୀକୁ ନୋଟିସ୍

କେନ୍ଦୁଝର, (ଭାସ୍କର ନ୍ୟୁଜ୍): କେନ୍ଦୁଝର ଜିଲା ସଦର ବ୍ଲକ ପଳାପଙ୍ଗା ସ୍ଥିତ ଓଡ଼ିଶା ସ୍ପଞ୍ଜ ଆଇରନ କାରଖାନାରେ ଅବସର ବା ଭିଆରଏସ ନେଇଥିବା ବହୁ କର୍ମଚାରୀ ଗ୍ରାଚ୍ୟୁଇଟି ପାଇନାହାଁନ୍ତି। ଅବସର ପରେ ଗ୍ରାଚ୍ୟୁଇଟି ଅର୍ଥ ନପାଇ କର୍ମଚାରୀମାନେ ଔଷଧ ଖର୍ଚ୍ଚ, ପୁଅ ଝିଅଙ୍କ ପାଠପଢା ଏବଂ ବାହାଘର, ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ନ କରି ପାରି ନାନାଦି ସମସ୍ୟାରେ ପଡିଛନ୍ତି। ଅବସର ନେଇଥିବା କର୍ମଚାରୀମାନେ ବାରମ୍ବାର କମ୍ପାନୀ ନିକଟକୁ ଯାଇ ନିରାଶ ହେବା ପରେ ୧୩ ଜଣ କର୍ମଚାରୀ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟରେ ପିଜି କେସ ନମ୍ବର ୦୧/ ୨୦୨୧ରେ ଏକ ମାମଲା ରୁଜୁ ହୋଇଥିଲା। ପ୍ରଭାଗୀୟ ଶ୍ରମ ଆୟୁକ୍ତ କୋର୍ଟ ୨୦୨୪ ମସିହା ଜୁନ୍ ମାସ ୨୪ ତାରିଖରେ ତାଙ୍କ ଆଦେଶରେ କର୍ମଚାରୀଙ୍କୁ ୩୦ଦିନ ମଧ୍ୟରେ ବକେୟା ଗ୍ରାଚ୍ୟୁଇଟି ଅର୍ଥ ପ୍ରଦାନ କରିବାକୁ ଆଦେଶ କରିଥିଲେ। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ କମ୍ପାନୀ କର୍ମଚାରୀଙ୍କୁ ଗ୍ରାଚ୍ୟୁଇଟି ଅର୍ଥ ନ ଦେବାରୁ ଖିଲାପକାରୀଙ୍କ ବିରୁଦ୍ଧରେ ଓପିଡିଆର ଆକ୍ଟ ଅନୁଯାୟୀ ପଦକ୍ଷେପ ନେବାକୁ ଜିଲାପାଳ ସଦର ତହସିଲଦାରଙ୍କୁ ଚିଠି କରିଥିଲେ। ସଦର ତହସିଲଦାର ପଳାଶପଙ୍ଗା ରାଜସ୍ୱ ନୀରିକ୍ଷକଙ୍କ ଜରିଆରେ ଓଡିଶା ସ୍ପଞ୍ଜ ଆଇରନ ଏଣ୍ଡ୍ ଷ୍ଟିଲ ଲିଃର ପରିଚାଳନା ନିର୍ଦ୍ଦେଶକଙ୍କୁ ନୋଟିସ କରିଛନ୍ତି। ୩ଟି ନୋଟିସ ପରେ କିମ୍ବା ଧାର୍ଯ୍ୟ ସମୟସୀମା ମଧ୍ୟରେ କର୍ମଚାରୀଙ୍କ ବକେୟା ଗ୍ରାଚ୍ୟୁଇଟି ଅର୍ଥ ଜମା ନ କଲେ ଜିଲାପାଳ ସାର୍ଟିଫିକେଟ କେସ କରି ପରବର୍ତ୍ତୀ ସମୟରେ କମ୍ପାନୀର ସମ୍ପତ୍ତି ବାଜ୍ୟାପ୍ତ କରି କର୍ମଚାରୀଙ୍କ ବକେୟା ଗ୍ରାଚ୍ୟୁଇଟି ଅର୍ଥ ଜମା କରିବେ। ଓଡ଼ିଶା ସ୍ପଞ୍ଜ କାରଖାନାର କର୍ମଚାରୀ ଚନ୍ଦ୍ରଶେଖର ଜେନା ୨୦୧୮ ମସିହା ମାର୍ଚ୍ଚ ୧୮ ତାରିଖରେ ଅବସର ନେଇଥିଲେ। ଅବସର ପରେ ଗ୍ରାଚ୍ୟୁଇଟି ବାବଦ ପ୍ରାପ୍ୟ ୩୦ ଦିନ ମଧ୍ୟରେ କର୍ମଚାରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଜମା କରିବାର ନିୟମ ରହିଛି। ମାତ୍ର କମ୍ପାନୀ ଏହି ଅର୍ଥ ଜମା ନ କରି ସମୟ ଗଡାଇ ଚାଲିଥିଲା। ଚନ୍ଦ୍ରଶେଖର ଜେନା ଗ୍ରାଚ୍ୟୁଇଟି ବାବଦ ୪ଲକ୍ଷ ୪୫ହଜାର ୧୬୮ଟଙ୍କା ନ ପାଇବାରୁ ବାଧ ହୋଇ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। ତେବେ କୋର୍ଟ ତାଙ୍କ ସପକ୍ଷରେ ରାୟ ଦେବା ପରେ ସେ ସୁଧ ସହ ଗ୍ରାଚ୍ୟୁଇଟି ବାବଦ ଅର୍ଥ ଜମା ନ କରିବାରୁ ଓପିଡିଆର୍ ଆକ୍ଟ ଅନୁଯାୟୀ ବକେୟା ଗ୍ରାଚ୍ୟୁଇଟି ଆଦାୟ କରାଯିବ।

# ଛତିଶଗଡ଼ର ଦନ୍ତେୱାଡା ଜିଲ୍ଲାରେ ପୋଲିସର ବଡ଼ ସଫଳତା

ମାଲକାନଗିରି, (ଭାସ୍କର ନ୍ୟୁଜ୍): ଡିଆରଜି ଓ ବସ୍ତର ଫାଇଟର୍ସର ଜବାନମାନେ ଏନକାଷ୍ଟରରେ ସୋମବାର ଜଣେ ଟପ୍ ମାଓନେତ୍ରୀଙ୍କ ମୁଣ୍ଡ ଗଡାଇଛନ୍ତି। ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟିର ସେକ୍ରେଟାରୀ ଗୁମ୍ମାଡିଭେଲି ରେଣୁକା ଓରଫ ଭାନୁ ଓରଫ ଚୈତେ ଓରଫ ସରସ୍ୱତୀ ଓରଫ ଦମୟନ୍ତୀଙ୍କୁ ମାରିବାରେ ସଫଳ ହୋଇଛନ୍ତି ସୁରକ୍ଷା କର୍ମୀ। ତେଲେଙ୍ଗାନା କେଡର ମାଓ ନେତ୍ରୀ ରେଣୁକାଙ୍କ ମୁଣ୍ଡ ଉପରେ ଥିଲା ୪୫ ଲକ୍ଷ ଟଙ୍କାର ପୁରସ୍କାର। ଛତିଶଗଡ ସରକାର ୨୫ ଲକ୍ଷ ଟଙ୍କା ଘୋଷଣା କରିଥିବା ବେଳେ ତେଲେଙ୍ଗାନା ସରକାର ୨୦ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ। ଦନ୍ତେୱାଡା ବିଜାପୁର ସୀମାନ୍ତ ନେଲଗୋଡା ଓ ଇକେଲି ଗ୍ରାମ ମଧ୍ୟରେ ଥିବା ପାହାଡ଼ ଉପରେ ଏନକାଉଣ୍ଟର ହୋଇଥିଲା। ଘଟଣାସ୍ଥଳରୁ ଗୋଟିଏ ଆଇଏନ୍‌ଏସ୍‌ଏଏସ୍ ରାଇଫଲ,



ଅଫୁଟା ଗୁଳି, ବିସ୍ଫୋରକ ସାମଗ୍ରୀ, ଲାପଟପ୍, ନକ୍ସଲ ପ୍ରଚାର ପତ୍ର ଓ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଜବତ ହୋଇଛି। ମୃତ ମହିଳା ମାଓବାଦୀଙ୍କ ନିଜ ଘର ତେଲେଙ୍ଗାନାର ୱାରେଙ୍ଗଲ ଜିଲ୍ଲାରେ ହୋଇଥିବା ବେଳେ ୧୯୯୬ ମସିହାରେ ନକ୍ସଲ ସଂଗଠନରେ ଯୋଗ ଦେଇଥିଲେ। ୨୦୦୩ ମସିହାରେ ଡିଭିସିଏମ୍ ପଦବୀକୁ ପଦୋନ୍ନତି ପାଇଥିଲେ। ୨୦୦୬ ମସିହାରେ ଦକ୍ଷିଣ ବସ୍ତରରେ ସିସିଏମ୍ ଦୁଲ୍ଲା ଦାଦା ଓରଫ ଆନନ୍ଦଙ୍କ ସହିତ କାମ କରୁଥିଲେ। ୨୦୧୩ ମସିହାରେ ଅବୁଜମାଡ ଅଞ୍ଚଳକୁ ଆସି ଏସ୍‌ଜେଡ୍‌ସିଏମ୍ ରାମାନ୍ନାଙ୍କ ସହିତ କାମ କରୁଥିଲେ ହେଲେ ରାମାନ୍ନାଙ୍କ କରୋନାରେ ମୃତ୍ୟୁ ହେବା ପରେ ୨୦୨୦ ମସିହାରେ କେନ୍ଦ୍ରୀୟ ଆଞ୍ଚଳିକ ବ୍ୟୁରୋ ବା ଦଣ୍ଡକାରଣ୍ୟ ସ୍ପେଶାଲ ଜୋନାଲ କମିଟି ସିଆର୍‌ବିର ଇନଚାର୍ଜ କରାଯାଇଥିଲା। ୨୦୦୫ ମସିହାରେ କେନ୍ଦ୍ରୀୟ କମିଟି ସଦସ୍ୟ ଶଙ୍କାମୁରୀ ଆପାରାଓ ଓରଫ ରବିଙ୍କୁ ବିବାହ କରିଥିଲେ ଯିଏ ୨୦୧୦ ନାଲ୍ଲାମାଲା ଏନକାଉଣ୍ଟରରେ ନିହତ ହୋଇଛନ୍ତି। ଦୀର୍ଘବର୍ଷ ଧରି ମାଓ ସଂଗଠନରେ ବଡ ବଡ ପଦବିରେ ରହିବା ପରେ ଆଜି ଏନକାଷ୍ଟରରେ ମୃତ୍ୟୁ ହୋଇଛି। ଯାହା ଲାଲ୍ ବାହିନୀକୁ ଶକ୍ତ ଧକ୍କା ଲାଗିଛି। ସୁରକ୍ଷା କର୍ମୀଙ୍କ ଏତେ ବଡ ସଫଳତା ପରେ ବସ୍ତର ଡିଆଇଜି କୋମଳ ଲୋଚନ କାଶ୍ୟପ ସୂଚନା ଦେଇଛନ୍ତି ନିଜେ ଜଙ୍ଗଲ ଭିତରେ ଯାଇ ଜବାନଙ୍କ ସହ ହାତ ମିଶାଇ ଅଭିନନ୍ଦନ ଜଣାଇଛନ୍ତି।

## ଇନ୍ଦିରିଆ ସଂଖ୍ୟାଲଘୁ ବସ୍ତିରେ ଇଦ୍-ଉଲ-ଫିତର ପାଳିତ



ତିହିଡ଼ି, (ଭାସ୍କର ନ୍ୟୁଜ୍): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ସିନ୍ଦୋଳ ପଞ୍ଚାୟତ ଅଧୀନ ଇନ୍ଦିରିଆ ସଂଖ୍ୟାଲଘୁ ବସ୍ତିରେ ଇଦ୍-ଉଲ-ଫିତର ପର୍ବ ପାଳିତ ହୋଇ ଯାଇଛି। ଏହି ଅବସରରେ ଇନ୍ଦିରିଆ ସ୍ଥିତ ପୀରବାବାଙ୍କ ମସଜିଦ୍‌ରେ ସୋମବାର ସକାଳ ୯ଟାରେ ନମାଜ ପାଠ ଆରମ୍ଭ ହୋଇଥିଲା। ମୌଲବି ଇସାକ ରଜାକ ସମସ୍ତଙ୍କ ନମାଜ ପାଠ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ସରପଞ୍ଚ ସୁପ୍ରଭା ପାଣି, ବିଧାୟକଙ୍କ ପ୍ରତିନିଧି ସରୋଜ ଦାସ ଯୋଗ ଦେଇ ଇଦ୍ ମୁବାରକ ଜଣାଇଥିଲେ। ବସ୍ତିର ସୟଦ ନିଜାମ, ସୟଦ ହୋସେନ ସାହା, ଗୋରାବୁ ସାହା, ଇନ୍‌କାସ ଆଲାମ, ସୟଦ ମନାନ, ସୟଦ ଲିୟାକତ, ଯାକତ ସାହା, ସୟଦ ଇଜ୍ଜତ, ସେକ୍ ସୌକତ, ତବାରକ ସାହା ପ୍ରମୁଖଙ୍କ ସମେତ ବସ୍ତିର ବହୁ ଲୋକ ଏଥିରେ ସାମିଲ ହୋଇଥିଲେ।

# କ୍ରୀଡ଼ା ଶିକ୍ଷକ ସଂଘ ତରଫରୁ ସ୍ୱାଗତ, ବିଦାୟ ଓ ଅବସରକାଳୀନ ସମ୍ବର୍ଦ୍ଧନା

ଡେରାବିଶ, (ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ମଲ୍ଲିକେଶ୍ୱର ହାଇସ୍କୁଲ ସଭାକକ୍ଷରେ ଡେରାବିଶ ବ୍ଲକ କ୍ରୀଡ଼ା ଶିକ୍ଷକ ସଂଘ ତରଫରୁ ନୂତନ କ୍ରୀଡ଼ା ଶିକ୍ଷକଙ୍କୁ ସ୍ୱାଗତ, ବିଦାୟୀ କ୍ରୀଡ଼ା ଶିକ୍ଷକଙ୍କୁ ବିଦାୟ ଓ ସେବା ନିବୃତ୍ତ କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ସଂଘର ଅବସର ପ୍ରାପ୍ତ ବରିଷ୍ଠ ଶିକ୍ଷକ ଅକ୍ଷୟ କୁମାର ଦାଶ ସଭାପତିତ୍ୱ କରିଥିଲା ବେଳେ ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ କୁମାର ବେହେରା ମୁଖ୍ୟ ଅତିଥି ଓ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟାପିକା ଅନିତା ରାଉତ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ବରିଷ୍ଠ ଶିକ୍ଷକ ଗଜେନ୍ଦ୍ରନାଥ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଅରୁଣ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ସଂଘ ତରଫରୁ ପ୍ରଥମେ ମଂଚାସୀନ ଅତିଥିମାନଙ୍କୁ ସସ୍ମିତା ବଳ, ସୀମାରାଣୀ ନାୟକ, ରିତାରାଣୀ ମଲିକ ପୁଷ୍ପଗୁଚ୍ଛ ଓ ଉତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଅତିଥିମାନେ ଅବସର ନେଇଥିବା ଶିକ୍ଷକ



ବାନାମ୍ବର ଜେନା, ଭାଗ୍ୟଧର ମହାରଣା, ରଞ୍ଜନ କୁମାର ଦାଶଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। ପରେ ଡେରାବିଶ ବ୍ଲକ ଅନ୍ତର୍ଗତ ସୁଦର୍ଶନ ହାଇସ୍କୁଲରୁ ଭଦ୍ରକ ଜିଲ୍ଲାକୁ ବଦଳି ହୋଇଥିବା କ୍ରୀଡ଼ା ଶିକ୍ଷକ ଶିବନାରାୟଣ ପତିଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ଏବଂ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ନୂତନ ଭାବେ ଡେରାବିଶ ବ୍ଲକରେ କ୍ରୀଡ଼ା ଶିକ୍ଷୟିତ୍ରୀ ଭାବେ ଯୋଗ ଦେଇଥିବା ଶୁଭ୍ର ବେହେରା ଓ ଦିବ୍ୟା ମାହାଲିକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କୀଡ଼ା ଶିକ୍ଷକ ମଧୁସୂଦନ ଦାସ, ସୁବ୍ରତ ଦାସ, ପ୍ରଶାନ୍ତ ଦାସ, ନିରଞ୍ଜନ ଦାସ ପ୍ରମୁଖ ମାନପତ୍ର ପାଠ କରିଥିଲେ। ଶେଷରେ କ୍ରୀଡ଼ା ଶିକ୍ଷକ ଗିରିଶ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅଭିରାମ ବାରିକ, ରାଜକିଶୋର ବେହେରା, ନାରାୟଣ କାଣ୍ଡି, ତପନ କୁମାର ସ୍ୱାଇଁ, ନିରଞ୍ଜନ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ। ସଂଘର ପୁରାତନ ସଦସ୍ୟ ସରୋଜ କୁମାର ଜେନା, ଚିତରଞ୍ଜନ ମିଶ୍ର, ପଞ୍ଚାନନ ବିଶ୍ୱାଳ, ବିଜୟଲକ୍ଷ୍ମୀ ଦାସ, ପଙ୍କଜିନୀ ଲେଙ୍କା, ସତ୍ୟରଞ୍ଜନ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଚଣ୍ଡିଖୋଲରେ ଇଦ୍ ଉଲ୍ ଫିତର ପାଳିତ

ଚଣ୍ଡିଖୋଲ, (ଓଡ଼ିଶା ଭାସ୍କର): ମୁସଲମାନ ସମ୍ପ୍ରଦାୟର ପବିତ୍ର ପର୍ବ ଇଦ୍ ଉଲ ଫିତର ଶ୍ରଦ୍ଧା, ଭକ୍ତି ଆନନ୍ଦଉଲ୍ଲାସର ସହିତ ପାଳିତ ହୋଇଯାଇଛି। ଗତକାଲି ବିଳମ୍ବିତ ରାତିରେ ଚାନ୍ଦ ଦେଖାଦେବା ପରେ ମୁସଲମାନ ଭାଇ ଭଉଣୀମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଥିଲା। ଦୀର୍ଘ ଏକମାସ ଧରି ରଖି ଆସିଥିବା ରୋଜା ଭାଙ୍ଗିଥିଲେ। ଆଜି ସକାଳୁ ମୁସଲମାନ ଭାଇ ଭଉଣୀ ମାନେ ନୂତନ ବସ୍ତ୍ର ପରିଧାନ କରି, ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରିବା ସହିତ ପରସ୍ପର କୁ ଇଦ୍ ମୁବାରକ୍ ଜଣାଇଥିଲେ। ଏହି ଆବସରରେ ବଡଚଣା ବ୍ଲକ୍ ଅନ୍ତର୍ଗତ ସୁଙ୍ଗୁଡା ଗ୍ରାମ ମୁସଲିମ ପଞ୍ଚାୟତ ପକ୍ଷରୁ ସ୍ଥାନୀୟ ଇଦଗା ପଡିଆରେ ସମୂହ ନମାଜ ପାଠ କରଯାଇଥିଲା। ମୌଲାନା କାସିମ ରାଜା ହବିବ ସାମୂହିକ ନମାଜ ପାଠ କରାଇବା ସହିତ ଆଲ୍ଲାଙ୍କ ନିର୍ଦ୍ଦେଶିତ ନିତି ଆଦର୍ଶ ଓ ନିୟମରେ ପ୍ରତ୍ୟେକ ମୁସଲମାନ ଚାଲିବାକୁ କହିବା ସହିତ ବିଶ୍ୱଶାନ୍ତି ,ଭାଇଚାରା ସହିତ ମୁସଲମାନ ସମ୍ପ୍ରଦାୟର ସୁଖ ସମୃଦ୍ଧି ପାଇଁ ଆଲ୍ଲାଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ପରେ ମୁସଲମାନ ଭାଇମାନେ ନିକଟସ୍ଥ କବର ସ୍ଥାନକୁ ଯାଇ ମୃତ ନିକଟ ସମ୍ପର୍କୀୟଙ୍କ ଆତ୍ମାର ସଦଗତି ପାଇଁ ଆଲ୍ଲାଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଇଦଗା ପଡିଆ ଠାରେ ଯୁବନେତା ସଞ୍ଜୟ କୁମାର ସ୍ୱାଇଁ, ପ୍ରିୟବ୍ରତ ଖିଲାର, ପ୍ରକାଶ ପ୍ରଧାନ,ସାମ୍ବାଦିକ ପ୍ରସନ୍ନ କୁମାର ବିଶ୍ୱାଳ, ବୈକୁଣ୍ଠ ସାହୁ ପ୍ରମୁଖ ମୁସଲମାନ ଭାଇମାନଙ୍କୁ ଇଦ୍ ମୁବାରକ ଜଣାଇ ଥିଲେ। ହାପିଜ ଓକାରି ନୀୟାମତ ହୁସେନ, ଅମଜାଦ ହୋଷେନ ମହମ୍ମଦ ଅୟାସ, ରିୟାଜୁଦ୍ଦିନ୍ ଖାଁ, ମଶିର ଆଲ୍ଲାମ୍, ସେକ ସବିରୁଦ୍ଦିନ, ମହମ୍ମଦ ମୁନସର, ମହମ୍ମଦ ରିଆଜ୍, ଅବ୍ଦୁଲ ହନାନ, ଆୟୁବ ହୋଷେନ୍, ଗାୟାସୁଦ୍ଦିନ ରାଜା ଖାଁ, ସିକନ୍ଦର ଆଲାମ, ପ୍ରମୁଖ ନମାଜ ପାଠ ପରିଚାଳନା କରିଥିଲେ। ସେହିପରି, ଦର୍ପଣି, ବାଡୋ, ଚକ୍ଷରିନଙ୍ଗଳ, ଅରଖପୁର, ନଳୀପୁର ଠାରେ ଆନନ୍ଦ ଉଲ୍ଲାସର ସହିତ ଇଦ୍ ଉଲ ଫିତର ପାଳିତ ହୋଇଯାଇଛି।

# ଆଳିରେ ସାଂସଦଙ୍କ ଚାଏ ପେ ଚର୍ଚ୍ଚା



ଆଳି, (ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଗସ୍ତରେ ସାଂସଦ ବୈଜୟନ୍ତ ପଣ୍ଡା ଆସି ପ୍ରଥମେ ପୂର୍ବତନ ବିଧାୟକ ସ୍ୱର୍ଗତ ଦେବେନ୍ଦ୍ରନାଥ ଶର୍ମାଙ୍କ ବାସଭବନରେ ପହଞ୍ଚି ଶୋକାକୁଳ ପରିବାର ବର୍ଗଙ୍କୁ ସମବେଦନା ଦେବା ସହିତ ଆଳି ବଜାର ସ୍ଥିତ ବାବୁ ଭାଇଙ୍କ ଚାହା ଦୋକାନରେ ପହଞ୍ଚି ସାଂସଦ ବୈଜନ୍ତ ପଣ୍ଡା, ଲୋକଙ୍କ ସହ "ଚାଏ ପେ ଚର୍ଚ୍ଚା' କରିଥିଲେ। ସେଠାରେ ଚିରାଚରିତ ଢଙ୍ଗରେ ପୁରୁଣା ବନ୍ଧୁ, ସ୍ଥାନୀୟ ବୁଦ୍ଧିଜୀବୀଙ୍କ, ଦଳୀୟ କର୍ମୀଙ୍କ ସହ ଆଳିର ବିକାଶ ନେଇ ଆଲୋଚନା କରିଥିଲେ। ଅନ୍ନପୂର୍ଣ୍ଣା ପଡ଼ିଆରେ ବହୁ ଦିନର ପରିଚିତ ଚା' ଦୋକାନୀ ବାବୁ ଭାଇଙ୍କ ଦୋକାନରୁ ଚା' ପିଇବା ସହିତ ବାବୁଭାଇଙ୍କ ଭଲମନ୍ଦ କଥା ପଚାରି ବୁଝିଥିଲେ। ତାଙ୍କ ସହିତ ବିଜେପି ଜିଲ୍ଲା ସଭାପତି ଶଶାଙ୍କ ଶେଖର ସେଠି, ଉପ ସଭାପତି କୃଷ୍ଣ ଚନ୍ଦ୍ର ପଣ୍ଡା, ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ପୂର୍ବତନ ଜିଲ୍ଲା ସଭାପତି କିଶୋର କୁମାର ପଣ୍ଡା, ରାଜନଗର ବିଧାୟକ ପାର୍ଥ ଲଳିତ କୁମାର ବେହେରା, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରିୟଦର୍ଶିନୀ ନନ୍ଦ, ସୁନାକାର ବେହେରା, ଭକ୍ତବନ୍ଧୁ ମିଶ୍ରଙ୍କ ସମେତ ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍): କଂସାର ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ରାଉଳଙ୍କୁ ବିଦ୍ୟାଳୟ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ପ୍ରଧାନଶିକ୍ଷକ ରାଉଳ ଗତ ୨୦୨୧ମସିହାରେ ଏହି ବିଦ୍ୟାଳୟରେ ଯୋଗଦେଇଥିଲେ। ତାଙ୍କର କାର୍ଯ୍ୟଦକ୍ଷତା, ନିଷ୍ଠା ଓ ସମୟାନୁବର୍ତ୍ତିତା ପାଇଁ ସେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ। ରାଉଳଙ୍କୁ ବିଦ୍ୟାଳୟ ପକ୍ଷରୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଶାଲ, କଲମ ପଦାନ ପୂର୍ବକ ସମ୍ବର୍ଦ୍ଧିନା ଜ୍ଞାପନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଦିଲ୍ଲିପ କୁମାର ଦାସ, ରଞ୍ଜନ କୁମାର ଦାସ, ଭକ୍ତିଲତା ମହାରଣା, ପୂର୍ଣ୍ଣମା ପ୍ରିୟଦର୍ଶିନୀ ଚୌଧୁରୀ, ସରିତା ସାହାଣୀ, ମନୋଜ ସାହୁ, ବିଭୁ ପ୍ରସାଦ ଆଚାର୍ଯ୍ୟ, ଜ୍ଞାନରଞ୍ଜନ ରାଉତ, ନିର୍ମଳ ଖଟୁଆ, ଆଶୁତୋଷ ବେହେରା, ରଶ୍ମିତା ଦାସ, କୌଶଲ୍ୟା ନାୟକ, ଅପର୍ଣ୍ଣା ରଥ, ଜୟନ୍ତୀ ବେହେରା, ଜାନକୀ ଜେନା, ରମେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ପ୍ରଧାନ ଶିକ୍ଷକ ରାଉଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ।

# ଗ୍ରାମ୍ୟ ଢଳେଇ ରାସ୍ତାର ଅବସ୍ଥା ଶୋଚନୀୟ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର ଗ୍ରାମପଂଚାୟତ ଦହପଡା ଦଳିତ ସାହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଥିବାର ଅଭିଯୋଗ ହୋଇଛି। ଏହାର ପ୍ରତିକାର ଦିଗରେ ବ୍ଲକ ପ୍ରଶାସନ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ରାସ୍ତା ଠାରୁ ଦହପଡା ଦଳିତ ସାହିକୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ଢଳେଇ ରାସ୍ତାଟି ଦୀର୍ଘ ଦିନ ହେଲା ଭାଙ୍ଗି ଚୁରମାର ହୋଇଯାଇଥିବାର ଅଭିଯୋଗ ହୋଇଛି। ଏହି ରାସ୍ତାଟି ଭାଙ୍ଗିରୁଜି ଯାଇଥିବା କାରଣରୁ ସ୍ଥାନୀୟ ଲୋକେ ଗମନା ଗମନ କ୍ଷେତ୍ରରେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଥିବାର ଅଭିଯୋଗ ହୋଇଛି। ଏପରିକି ଜରୁରୀ କାଳୀନ ପରିସ୍ଥିତିରେ ଏହି ଗ୍ରାମକୁ ଦମକଳ ଗାଡି କିମ୍ବା ଆମ୍ବୁଲାନ୍ସ ଯାଇ ଆସି ପାରୁନଥିବାର ଅଭିଯୋଗ ହୋଇଛି। ଫଳରେ ବହୁ ସମୟରେ ଗର୍ଭବତୀ ପ୍ରସୂତି ମହିଳା ରୋଗାଗ୍ରସ୍ତ ବ୍ୟକ୍ତି ସର୍ବୋପରି କୋମଳମତୀ ଶିଶୁମାନେ ଡାକ୍ତରଖାନାକୁ



ଚିକିତ୍ସା ନିମନ୍ତେ ଯାଇନପାରି ଅକାଳରେ ମୃତ୍ୟୁ ମୁଖରେ ପଡୁଥିବାର ଅଭିଯୋଗ ହୋଇଛି। ଏହି ରାସ୍ତାକୁ ତୁରନ୍ତ ମରାମତି କରାଯିବା ନିମନ୍ତେ ସ୍ଥାନୀୟ ଲୋକେ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନ ତରଫରୁ ଲୋକଙ୍କ ଦାବିକୁ ନାଲି ଫାଇଲ ତଳେ ଚାପି ଦିଆଯାଇଥିବାର ଅଭିଯୋଗ ହୋଇଛି। ଅପରପକ୍ଷରେ ଏହି ପଂଚାୟତରେ ଆବଶ୍ୟକତା ନଥାଇ ବହୁ ଗ୍ରାମକୁ ରାସ୍ତା ତିଆରି କରାଯାଉଥିବାର ନଜିର ଥିଲା ବେଳେ ରହସ୍ୟ ଜନକ ଭାବେ ଏହି ଦଳିତ ସାହିକୁ ରାସ୍ତା ନିର୍ମାଣ ରାଜନୈତିକ ହୀନ ମନ୍ୟତା ଯୋଗୁ କରାଯାଉନଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହି ରାସ୍ତାକୁ ମରାମତି କରାନଗଲେ ଆଗାମୀ ଦିନରେ ସ୍ଥାନୀୟ ଲୋକେ ବାଧହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ପଛାଇବେ ନାହିଁ ବୋଲି ଚରମ ଚେତାବନୀ ଦେଇଛନ୍ତି।

## ଭାଇଚାରାର ପର୍ବ ଇଦ୍ ପାଳିତ

ଜଗତସିଂହପୁର, (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲାରେ ସଂଖ୍ୟା ଲଘୁ ସମ୍ପ୍ରଦାୟର ପର୍ବ ଇଦ୍ ମହା ସମାରୋହରେ ଶାନ୍ତି ପୂର୍ଣ୍ଣ ଭାବରେ ପାଳନ ହୋଇଯାଇଛି। ରମଜାନ ମାସରେ ଏକ ମାସ ଓଷା ରଖିବା ପରେ ଆଜି ବିଭିନ୍ନ ମସଜିଦ ଓ ଇଦ୍ ଗାହା ଠାରେ ସାମୁହିକ ନମାଜ ପାଠ ପରେ ପରସ୍ପରକୁ ଆଲିଙ୍ଗନ କରିବା ସହିତ ଇଦ ମୋବାରକ ବାର୍ତ୍ତା ଜଣାଇଥିଲେ। ଏପରିକି ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତିମାନେ ଇଦ ମୋବାରକ ବାର୍ତ୍ତା ଜଣାଇଥିଲେ। ବିଭିନ୍ନ ବସ୍ତିରେ ସାମୁହିକ ରାଲି, ଧର୍ମ ସଭା ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଯାଇଛି। ଅତ୍ୟନ୍ତ ଆନନ୍ଦର ସହିତ ଶାନ୍ତିପୂର୍ଣ୍ଣ ଭାବରେ ଜିଲ୍ଲାରେ ଇଦ୍ ପର୍ବ ପାଳନ କରାଯାଇଛି। ଜଗତସିଂହପୁର ପୌରପରିଷଦ ୭ ନମ୍ବର ୱାର୍ଡ ପାରିଷଦ ଗୁଲାମ ଅଲ୍ଲୀ ଖାଁ (ଟିକି ଭାଇ) ଏହି ଅବସରରେ ଉଭୟ ହିନ୍ଦୁ ଓ ମୁସଲମାନ ସମ୍ପ୍ରଦାୟର ଜନସାଧାରଣଙ୍କୁ ଇଦ୍ ମୋବାରକ୍ ବାର୍ତ୍ତା ଦେବା ସହ ସମସ୍ତଙ୍କର ସୁଖ ସମୃଦ୍ଧି କାମନା କରିଅଛନ୍ତି।

# ପୁଷ୍ପା ଷ୍ଟାଇଲରେ କାଠ ଚୋରି



ଉମରକୋଟ, (ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲ୍ଲା ଉମରକୋଟ ଓ ଝରୀଗାଁ ବନ ବିଭାଗର ବଡ଼ ସଫଳତା। ଜଙ୍ଗଲ ମାଫିଆମାନେ ବେହେଡା ସଂରକ୍ଷିତ ଜଙ୍ଗଲ ମଧ୍ୟରୁ ବଡ଼ ବଡ଼ ଶାଳଗଛ କାଟି ଏକା ସହ ୧୨ଟି ଟ୍ରାକ୍ଟରରେ ନେଉଥିବା ସମୟରେ କୌଣସି ସୂତ୍ରରୁ ଖବର ପାଇ ଉମରକୋଟ ଓ ଝରୀଗାଁ ବନବିଭାଗ ମିଳିତ ଚଢ଼ାଉ କରିଥିଲେ। ଗତକାଲି ବିଳମ୍ବିତ ରାତିରେ ଚୋରା ଚାଲାଣ ହେଉଥିବା ବାରଗୋଟି ଶାଳ ଗଣ୍ଡି ବୋଝେଇ ଟ୍ରାକ୍ଟରରେ ୨୧ଟି ବଡ଼ ବଡ଼ ଗଣ୍ଡି ଜବତ କରିଛନ୍ତି। ଉମରକୋଟ ରେଞ୍ଜ ଅନ୍ତର୍ଗତ ବେହେଡା ସଂରକ୍ଷିତ ଜଙ୍ଗଲରୁ ବିରାଟ ବିରାଟ ଶାଳ କାଠ ଗଣ୍ଡି କାଟି ନେଉଥିବା ବେଳେ ଝରିଗାଁ ବ୍ଲକ ତେଲନଦୀ ପଞ୍ଚାୟତ ଆକଡସିଲ ଗ୍ରାମ ନିକଟରେ ଉମରକୋଟ ଓ ଝରୀଗାଁ ରେଞ୍ଜ କର୍ମଚାରୀ ମିଳିତ ଭାବେ ଚଢ଼ାଉ କରି ୧୨ଟି ଟ୍ରାକ୍ଟର ସହ ୨୧ଖଣ୍ଡ କାଠଗଣ୍ଡି ଜବତ କରିଛନ୍ତି। ଟ୍ରାକ୍ଟରରେ ଥିବା ଚାଳକମାନେ ଚଢ଼ାଉ ସମୟରେ ଟ୍ରାକ୍ଟର ଛାଡି ଫେରାର ହୋଇଯାଇଥିଲେ। ଏଣୁ କାହାରିକୁ ଗିରଫ କରାଯାଇ ନାହିଁ। ଏହି କାଠ ଗଣ୍ଡି ଗୁଡିକ ଚନ୍ଦାହାଣ୍ଡି ଅଞ୍ଚଳକୁ ଚାଲାଣ ହେଉଥିବା ଜଣା ପଡିଛି। ଜଙ୍ଗଲ ମଧ୍ୟରୁ ଏତେ ବଡ଼ ବଡ଼ ଗଛ ଗୁଡିକ କଟା ହେବା ସମୟରେ ବନ ବିଭାଗ ପାଖରେ କିପରି ଖବର ନଥିଲା ତାହା ଏବେ ବିରାଟ ପ୍ରଶ୍ନବାଚି ସୃଷ୍ଟି କରୁଛି। ଏହି ଚୋରା ଚାଲାଣ ପଛରେ ଜଙ୍ଗଲ ବିଭାଗର ହାତ ରହିଥିବା ଆଲୋଚନା ହେଉଛି। ଏନେଇ ଆମେ ଉମରକୋଟ ରେଞ୍ଜର ଦେବସ୍ମିତା ସାହୁଙ୍କ ସହ ଯୋଗାଯୋଗ କରିଥିଲୁ। କିନ୍ତୁ ସେ ଏ ବିଷୟରେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ।

# ପ୍ରାକ୍ତନ କର୍ମଚାରୀଙ୍କ ଦ୍ୱାଦଶାହରେ ସ୍ମୃତିଚାରଣ ସଭା



ବୋଲଗଡ଼, (ଭାସ୍କର ନ୍ୟୁଜ୍): ସଂପୁର ସ୍ଥିତ ଚତୁର୍ଭୁଜ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ଚତୁର୍ଥ ଶ୍ରେଣୀ କର୍ମଚାରୀ କହ୍ନେଇ ଦଉଙ୍କ ଦ୍ୱାଦଶାହ ଅବସରରେ ରବିବାର ଦିନ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ପୌରୋହିତ୍ୟ ଏବଂ ଶିକ୍ଷକ ବିଶ୍ୱଜିତ ସରୋଜ କୁମାରଙ୍କ ସଂଯୋଜନାରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭାରେ ମୁଖ୍ୟ ଅତିଥି ରୂପେ ପ୍ରାକ୍ତନ ଶିକ୍ଷକ ନେତା ଶ୍ୟାମ ସୁନ୍ଦର ଛୋଟରାୟ, ମୁଖ୍ୟ ବକ୍ତା ରୂପେ ଉପରୋକ୍ତ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ କବିରାଜ ମାର୍ଥା, ସମ୍ମାନିତ ଅତିଥି ରୂପେ ଖଙ୍ଗୁରିଆ ଗ୍ରାମ ପଞ୍ଚାୟତର ସରପଞ୍ଚ ଜଳଧର ମହାନ୍ତି, ସମିତି ସଭ୍ୟା ବିନୋଦିନୀ ଦଉ, ପ୍ରାକ୍ତନ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ତ୍ରିପାଠୀ, ବୋଲଗଡ ଉଏସ୍ ମିଡ଼ିଆର ସଭାପତି ନିରଞ୍ଜନ ନାୟକ, ଅବସରପ୍ରାପ୍ତ ବିଦ୍ୟାଳୟ ଅନୁନିରୀକ୍ଷକ ସାଧୁଚରଣ ମହାପାତ୍ର, ସମାଜସେବୀ ବିଜୟ କୁମାର ମହାନ୍ତି ଯୋଗଦାନ କରିଥିଲେ। ପ୍ରଥମେ ସ୍ୱର୍ଗତ ଆତ୍ମାର ସଦଗତି ନିମିତ୍ତ ୨ ମିନିଟ ନୀରବ ପାର୍ଥନା କରାଯିବା ପରେ ଉପରୋକ୍ତ ବିଦ୍ୟାଳୟର ଛାତ୍ରୀମାନେ ଦୁଃଖଦ ସଙ୍ଗୀତ ଗାନ କରିଥିଲେ। ଅତିଥିମାନେ ସେମାନଙ୍କ ବକ୍ତବ୍ୟରେ ବିଦ୍ୟଳୟ ପ୍ରତି ତାଙ୍କର ଉତ୍ସର୍ଗୀକୃତ ସେବା ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ ସଭାରେ ପୁଲିସ ଅଧିକାରୀ ପ୍ରଫୁଲ କୁମାର ଦେଓ, ଶିକ୍ଷକ ଦୀପକ କୁମାର ବେହେରା, ଶ୍ରୀଧର ଦଉ, ବନମାଳି ଦଉ, ଆନନ୍ଦ ସେନାପତି, ବାବୁଲା ସିଂହ, କୃଷ୍ଣ ଚନ୍ଦ୍ର ଦଉ, ବିଶ୍ୱନାଥ ଦଉ, ଦିଲୀପ କୁମାର ଦଉ, ଅଶାନ୍ତି ଦଉ, କାମିନି ଦଉ, ସନ୍ଧ୍ୟାରଣୀ ଦଉ, ଜ୍ୟୋତି ପ୍ରକାଶ ଲେଙ୍କା, ବିଶ୍ୱଜିତ ଦେଓ ମହାପାତ୍ର ସହଯୋଗ କରିଥିଲେ। ପରିଶେଷରେ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ବିଭୁପ୍ରସାଦ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ଲାଣ୍ଟ ନର୍ସରୀ ରେଜିଂ ସମ୍ପର୍କୀତ କର୍ମଶାଳା

ଡେରାବିଶ,(ଭାସ୍କର ନ୍ୟୁଜ୍): ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁର ସ୍ଥିତ ବାଲୁଙ୍କେଶ୍ୱର ନୋଡାଲ ବିଦ୍ୟାପୀଠ ପରିସରରେ ପରିବେଶ ଅଧ୍ୟୟନ କେନ୍ଦ୍ର, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ଓଡ଼ିଶା ସରକାରଙ୍କ ସହଯୋଗରେ "ପ୍ଲାଣ୍ଟ ନର୍ସରୀ ରେଜିଂ" ଶୀର୍ଷକ ଏକ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଡଃ. କାନନବାଳା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ଲକ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ଏବଂ ମୁଖ୍ୟବକ୍ତା ଭାବରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଦେବଦତ୍ତ ଶତପଥି ଯୋଗ ଦେଇ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ମହାକାଳପଡ଼ାର ଆସିଷ୍ଟାଣ୍ଟ ହର୍ଟିକଲଚର ଅଫିସର ସୌରଭ ମହାପାତ୍ର ଯୋଗଦେଇ କଲମୀ କରଣର ବିଭିନ୍ନ କୌଶଳ ଓ ପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷିତ କରାଇଥିଲେ। କେନ୍ଦ୍ରାପଡ଼ା ଉଦ୍ୟାନ ବିଭାଗର ଫାର୍ମ ଇନ୍‌ଚାର୍ଜ ପ୍ରଭାତ କୁମାର ରାୟ କୋକୋପିଟ୍‌ରେ ଚାରା ଉତ୍ପାଦନର କୌଶଳ ଶିଖାଇଥିଲେ। ସ୍ଥାନୀୟ ୨୦ ଜଣ



ଯୁବକଯୁବତୀ ତଥା ଡେରାବିଶ ବ୍ଲକ ଅନ୍ତର୍ଗତ ବିଦ୍ୟାଳୟର ଇକୋକ୍ଲବର ୩୦ ଜଣ ଇନ୍‌ଚାର୍ଜ ଶିକ୍ଷକ ଶିକ୍ଷୟିତ୍ରୀମାନେ କଲମୀ କରଣ କରିବା ସହିତ କୋକୋପିଟ୍ ପ୍ରସ୍ତୁତ କରି ସେଥିରେ ମଞ୍ଜି ପକାଇ ନୂଆ ଚାରା ସୃଷ୍ଟି କରିବାର କୌଶଳ ଶିଖିପାରିଥିଲେ। କେନ୍ଦ୍ରାପଡ଼ା ଫରେଷ୍ଟର ନରେଶ କୁମାର ଟୁଡୁ ଓ ପ୍ରଶାନ୍ତ କୁମାର ହେମ୍ବ୍ରମ ଚାରା ଲଗାଇ ବଢ଼ାଇବାର ପ୍ରଣାଳୀ, ମଞ୍ଜିରୁ ଚାରା ଉତ୍ପାଦନ କରିବାର କୌଶଳ ଗୁଡ଼ିକୁ ବତାଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାର ଇକୋ କ୍ଲବ ସଂଯୋଜକ ଗୋପିନାଥ ଦାସ ଓ ମାଷ୍ଟର ଟ୍ରେନର ପ୍ରଫୁଲ୍ଲ କୁମାର ମହାପାତ୍ର ଉପସ୍ଥିତ ଶିବିରାର୍ଥୀମାନଙ୍କୁ ପରିବେଶ ପ୍ରେମୀ ହେବା ପାଇଁ ଉତ୍ସାହିତ କରିଥିଲେ। ଶେଷରେ ରାମଚନ୍ଦ୍ର ନୋଡାଲ ହାଇସ୍କୁଲର ଶିକ୍ଷକ ମନୋରଞ୍ଜନ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଭସ୍ମୀଭୂତ, ୪ ଗୋରୁ ଆହତ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ବ୍ଲକ ରହଣିଆ ପଞ୍ଚାୟତ ନୌରଙ୍ଗପୁର ଗ୍ରାମର ଦୁର୍ଯ୍ୟୋଧନ ନାୟକଙ୍କ ଘର ଗତ ରବିବାର ବିଳମ୍ବିତ ରାତ୍ର ଅଗ୍ନିକାଣ୍ଡରେ ଜଳିଯାଇଥିବା ଜଣାଯାଇଛି। ରାତ୍ର ପ୍ରାୟ ୨ଟା ବେଳେ ଘର ଲୋକେ ଶୌଚ ପାଇଁ ଉଠି ଅଗ୍ନିକାଣ୍ଡ ଦେଖିଥିଲେ। ପବନର ବେଗ ତୀବ୍ର ଥିବାରୁ ଆଖି ପିଛୁଳାକେ ସବୁ ଭସ୍ମୀଭୂତ ହୋଇ ଯାଇଥିଲା। ନିଦ୍ରାଗତ ଥିବାରୁ ପରିବାର ଲୋକେ କୌଣସି ସାମଗ୍ରୀ ଉଦ୍ଧାର କରିପାରିନଥିଲେ। ବାସଗୃହ ସଂଲଗ୍ନ ଗୁହାଳରୁ ଅଗ୍ନିକାଣ୍ଡ ଆରମ୍ଭ ହୋଇଥିଲା। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କା ମୂଲ୍ୟର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି। ସେହିପରି ୨ଟି ବାଛୁରୀ ଓ ୨ଟି ଗାଈ ଅଗ୍ନିକାଣ୍ଡରେ ଆହତ ହୋଇଥିବା ଜଣା ଯାଇଛି। ଖବର ପାଇ ଭଣ୍ଡାରିପୋଖାରୀରୁ ଦମକଳବାହିନୀ ଆସି ଅଗ୍ନିକୁ ଆୟ□ କରିଥିଲେ। ସ୍ଥାନୀୟ ସରପଞ୍ଚ ରଞ୍ଜନ କୁମାର ପରିଡା, ରାଜସ୍ୱ ନିରୀକ୍ଷକ କିର୍ତ୍ତିରଞ୍ଜନ ମଲ୍ଲିକ ଓ ସହକାରୀ ରାଜସ୍ୱ ନିରୀକ୍ଷକ କୃତ୍ତିବାସ ମହାଳିକ ସୋମବାର



ଅନୁଧ୍ୟାନ କରି ସହାୟତା ଯୋଗାଇବାକୁ ପଦକ୍ଷେପ ଗ୍ରହଣ କରିଥିବା ଜଣାଯାଇଛି।



ଭଣ୍ଡାରୀପୋଖରୀ, (ଭାସ୍କର ନ୍ୟୁଜ୍ ) : ବାରିକପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୩ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ପର୍ବ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଗୟାଧର ସାମଲଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ମର୍ଯ୍ୟାଦାପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ର ଓ ବାବା ଆଖଣ୍ଡଳମଣିଙ୍କ ନିକଟରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଦିବଂଗତ ସାଥୀ ଓ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ଏହି ଦୀପ ପ୍ରଜ୍ୱଳିତ କରାଯାଇଥିଲା। ଏଥିରେ ସମସ୍ତ ଅବସରପ୍ରାପ୍ତ ଗୁରୁମାନଙ୍କୁ ଆମନ୍ତ୍ରିତ କରାଯାଇ ସମ୍ବର୍ଦ୍ଧନା କାର୍ଯ୍ୟ ସମାପନ କରାଯାଇଥିଲା। ଉକ୍ତ ସଭାରେ ପୁରୁଣା ଦିନର ଗୁରୁମାନଙ୍କ ସହ ବିତାଇଥିବା ଜୟଦେବ ସେନାପତି ଗୁରୁମାନଙ୍କ ସହ ବିତାଇଥିବା ସ୍ମରଣୀୟ ମୁହୂର୍ତ୍ତ ବିଷୟରେ ସ୍ମୃତି ଚାରଣ କରିଥିବାବେଳେ ଆବାହକ ସଂଗ୍ରାମ କେଶରୀ ବିଶ୍ୱାଳ, ସଭାପତି ଶଶିକାନ୍ତ ଦେ, ଉପସଭାପତି ଶଶିକାନ୍ତ ବେହେରାଙ୍କ ନେତୃତ୍ୱରେ ସମସ୍ତ ଛାତ୍ରଛାତ୍ରୀ ଗୁରୁମାନଙ୍କୁ ଉତ୍ତରୀୟ ଏବଂ ଉପଢୌକନ ପ୍ରଦାନ ପୂର୍ବକ ନିଜର କୃତଜ୍ଞତା ଜ୍ଞାପନ କରିଥିଲେ। ହିମାଂଶୁ, ବିରଞ୍ଚି, ଶରତ, ସୁଦୀପ୍ତ, ପ୍ରକାଶ, ପରେଶ, ରଂଜନ, ଗଗନ, ପ୍ରମୋଦ, ସଂଜୟ, ପଦ୍ମଲୋଚନ, ଚନ୍ଦ୍ରଶେଖର, ଚିତ୍ତରଞ୍ଜନ, ଦୀନବନ୍ଧୁ, ସୁମନ୍ତ, ଧନେଶ୍ୱର, ସନ୍ତୋଷ, ପ୍ରଦୀପ, ଶ୍ରୀଧର, ପ୍ରଫୁଲ୍ଲ ,ଭରତ, ପ୍ରସନ୍ନ, ସରୋଜ, ସୁରେଶ, ଅମରେନ୍ଦ୍ର, ରଞ୍ଜିତା, ସ୍ନେହଲତା, ମମତା, ରାଜଶ୍ରୀ, ସବିତା, କୁସୁମାଞ୍ଜଳି, ଗୀତାଞ୍ଜଳି, ଗୀତା ରାଣୀ, ପ୍ରଭାବତୀ, ରୀନାରାଣୀ, ସନ୍ଧ୍ୟାରାଣୀ, ଉମାମଣୀ, ଭାରତୀ ଇତ୍ୟାଦି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ଏବଂ ସମସ୍ତ ଛାତ୍ରଛାତ୍ରୀଙ୍କର ଅକ୍ଲାନ୍ତ ପରିଶ୍ରମରେ ଉକ୍ତ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପାଦିତ ହୋଇଥିଲା।



# ‘ବିକଶିତ ଭାରତ ୨୦୪୭ ପ୍ରତି ପ୍ରଯୁକ୍ତିବିଦ୍ୟା ବିକାଶ’ ଶୀର୍ଷକ ଆଲୋଚନାଚକ୍ର

ବ୍ରହ୍ମପୁର, (ଭାସ୍କର ନ୍ୟୁଜ୍) : ‘ବିକଶିତ ଭାରତ ୨୦୪୭ ପ୍ରତି ପ୍ରଯୁକ୍ତିବିଦ୍ୟା ବିକାଶ’ ବିଷୟ ଉପରେ ଏକ ଚିନ୍ତନାତ୍ମକ ବାହ୍ୟ ଆଲୋଚନା ଓଡ଼ିଶା ଗବେଷଣା କେନ୍ଦ୍ର (ORC), ଭୁବନେଶ୍ୱର ଦ୍ୱାରା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସହଯୋଗରେ ୩୧ ମାର୍ଚ୍ଚ (ସୋମବାର) ରେ ଭଞ୍ଜ ବିହାରର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଥିଲା। ଭାରତର ଭବିଷ୍ୟତ ବିକାଶକୁ ଗଠନ କରିବାରେ ପ୍ରଯୁକ୍ତିର ଭୂମିକା ଅନୁସନ୍ଧାନ କରୁଥିବା ଏହି କାର୍ଯ୍ୟକ୍ରମ ଓଡ଼ିଶା ଗବେଷଣା କେନ୍ଦ୍ରର ସ୍ୱତନ୍ତ୍ର ବକ୍ତୃତା ଧାରାବାହିକ ‘ଓଡିଲୋଗ୍ସ’ର ଏକ ଅଂଶ ଥିଲା। ଓଡ଼ିଶା ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ମୁଖ୍ୟବକ୍ତାଙ୍କ ପରିଚୟ କରାଇଥିଲେ। ତାଙ୍କ ବକ୍ତବ୍ୟରେ, ପ୍ରଫେସର ନନ୍ଦ ଓଡ଼ିଶା ଗବେଷଣା କେନ୍ଦ୍ରର ଦୃଷ୍ଟିକୋଣ ଏବଂ ଶୈକ୍ଷିକ ଆଲୋଚନା ଏବଂ ଜ୍ଞାନ ପ୍ରସାରଣ ପ୍ରତି ଅବଦାନର ଏକ ସଂକ୍ଷିପ୍ତ ଏବଂ ଅନ୍ତର୍ଦୃଷ୍ଟିପୂର୍ଣ୍ଣ ସାରାଂଶ ପ୍ରଦାନ କରିଥିଲେ। ସେ ‘ଓଡିଲୋଗ୍ସ’ ସିରିଜର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଯାହା ସମସାମୟିକ ପ୍ରସଙ୍ଗ ଉପରେ ଆଲୋଚନାକୁ ପ୍ରୋତ୍ସାହିତ କରିବ, ଯାହାର ଲକ୍ଷ୍ୟ ନୀତିଗତ ଦୃଷ୍ଟିକୋଣ ସହିତ ଶୈକ୍ଷିକ ଅନ୍ତର୍ଦୃଷ୍ଟିକୁ ସଂଯୋଗ କରିବା। ଏହି ଅଧିବେଶନରେ IIT ଖଡ଼ଗପୁରର ପୂର୍ବତନ ନିର୍ଦ୍ଦେଶକ ବୀରେନ୍ଦ୍ର କେ. ତିୱାରୀ ସମ୍ମାନିତ ବକ୍ତା ଭାବରେ ଯୋଗ ଦେଇଥିଲେ। ତାଙ୍କ ଭାଷଣରେ, ଶ୍ରୀ ତିୱାରୀ ୨୦୪୭ ସୁଦ୍ଧା ଭାରତକୁ ବିକଶିତ ଭାରତ ମିଶନ ଆଡ଼କୁ ଆଗେଇ ନେବା ପାଇଁ ଆବଶ୍ୟକ ପ୍ରଯୁକ୍ତିବିଦ୍ୟା ନବସୃଜନର ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ସେ ଶିକ୍ଷାଠାରୁ ଆରମ୍ଭ କରି ଭିତ୍ତିଭୂମି ପର୍ଯ୍ୟନ୍ତ, ବିଭିନ୍ନ କ୍ଷେତ୍ରରେ ସ୍ଥାୟୀ ଅଭିବୃଦ୍ଧି ଏବଂ ବିକାଶ ପାଇଁ ପ୍ରଯୁକ୍ତିବିଦ୍ୟାକୁ ଉପଯୋଗ କରିବା ପାଇଁ ସମନ୍ୱିତ ପଦ୍ଧତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମ ଛାତ୍ର, ଅଧ୍ୟାପକ ଏବଂ ଗବେଷକଙ୍କୁ ଆକର୍ଷିତ କରିଥିଲା, ଯେଉଁମାନେ ସ୍ୱାସ୍ଥ୍ୟସେବା, ଶିକ୍ଷା, କୃଷି ଏବଂ ସହରୀକରଣ ସହିତ ଜଡିତ ଚ୍ୟାଲେଞ୍ଜଗୁଡ଼ିକୁ କିପରି ମୁକାବିଲା କରିପାରିବ ସେ ବିଷୟରେ ଏକ ଉତ୍ସାହଜନକ ଆଲୋଚନାରେ ସାମିଲ ହୋଇଥିଲେ। ଶ୍ରୀ ତିୱାରୀ ଏହା ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଯେ ଶିକ୍ଷାନୁଷ୍ଠାନ, ଶିଳ୍ପ ଏବଂ ନୀତି ନିର୍ଦ୍ଧାରକମାନଙ୍କ ମଧ୍ୟରେ ସହଯୋଗମୂଳକ ପ୍ରୟାସ ଏକ ବିକଶିତ ଭାରତର ଦୃଷ୍ଟିକୋଣ ହାସଲ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ହେବ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ ଇତିହାସ ବିଭାଗୀୟ ପ୍ରଫେସର ଏଲ୍. ଏନ୍. ରାଉତ, ଯଶ ଶର୍ମା ଏବଂ ସୋନାଲି ଦଳାଇ, ଓଡ଼ିଶା ଗବେଷଣା କେନ୍ଦ୍ରର ଗବେଷକ ମଧ୍ୟ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ ସଭାପତିତ୍ୱ କରିବା ସହିତ ଅତିଥିମାନଙ୍କୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ବିକାଶ ଉନ୍ମୋଖୀ ସଭାରେ ଇତିହାସ ବିଭାଗୀୟ ମୁଖ୍ୟ ଡ଼. ସଦାନନ୍ଦ ନାୟକ ମଞ୍ଚକୁ ଅତିଥିମାନଙ୍କୁ ସ୍ୱାଗତ କରିବା ସହିତ ଏହି ସ୍ୱତନ୍ତ୍ର ବକ୍ତୃତାର ସଂଚାଳନ କରିଥିଲେ ଏବଂ ପ୍ରଫେସର ଯୋଗେଶ୍ୱର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ଏକ ସକ୍ରିୟ ପ୍ରଶ୍ନୋତ୍ତର ଅଧିବେଶନ ସହିତ ଶେଷ ହୋଇଥିଲା ଯେଉଁଠାରେ ଅଂଶଗ୍ରହଣକାରୀମାନେ ବିକଶିତ ଭାରତ ୨୦୪୭ ପାଇଁ ଆବଶ୍ୟକ ପ୍ରଯୁକ୍ତିବିଦ୍ୟା ରଣନୀତି ବିଷୟରେ ସେମାନଙ୍କର ମତାମତ ଏବଂ ପ୍ରଶ୍ନ ପ୍ରକାଶ କରିଥିଲେ। ଏହି ଅଧିବେଶନ ଆଗାମୀ ଦଶନ୍ଧିଗୁଡ଼ିକରେ ଭାରତର ପ୍ରଯୁକ୍ତିବିଦ୍ୟା ଏବଂ ସାମାଜିକ-ଆର୍ଥିକ ଉନ୍ନତି ପାଇଁ କ’ଣ ପଥ ନେଇପାରିବ ସେ ବିଷୟରେ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲା।

## ଅନ୍ତ୍ୟୋଦୟ ଗୃହ ବଣ୍ଟନ କାର୍ଯ୍ୟକ୍ରମ

# ୨୨ଟି ପଞ୍ଚାୟତର ୨୦୫ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ




ମୁରିବାହାଲ (ଭାସ୍କର ନ୍ୟୁଜ୍): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ପଞ୍ଚାୟତ ସମିତି ତରଫରୁ ବ୍ଲକ କାର୍ଯ୍ୟାଳୟ ପରିସରରେ ରବିବାର ଦିନ ରାଜ୍ୟ ସରକାର ଙ୍କର ନୂତନ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଜାତୀୟ ଉଦେଶ୍ୟରେ ହୋଇଥିବା ୧୨୦ତମ ମନ୍ କି ବାତ କାର୍ଯ୍ୟକ୍ରମ ପ୍ରଦର୍ଶିତ ହୋଇଥିଲା। ଏହି ପରିପେକ୍ଷୀରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପାନୀୟ ଜଳ ଯୋଗାଣ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ କଳାହାଣ୍ଡି ଜିଲ୍ଲାରେ ଶୁଭାରମ୍ଭ ହୋଇଥିବା ଅନ୍ତୋଦୟ ଗୃହ ଯୋଜନାକୁ ସର୍ବ ସମ୍ମୁଖରେ ଏଲଇଡି ମାଧ୍ୟମରେ ସିଧାସଳଖ ପ୍ରସାରଣ କରାଯାଇଥିଲା। ଏହି ଅବସରରେ ପଞ୍ଚାୟତ ସମିତିର ୨୨ ଗୋଟି ଗ୍ରାମପଞ୍ଚାୟତର ୨୦୫ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଓଡିଶା ସରକାରଙ୍କ ନୂତନ ଭାବରେ ଶୁଭାରମ୍ଭ ହୋଇଥିବା ଅନ୍ତୋଦୟ ଗୃହ ଯୋଜନା ରେ ମୁରିବାହାଲ ବ୍ଲକର ୨୨ ଗୋଟି ଗ୍ରାମପଞ୍ଚାୟତର ପୂର୍ବରୁ ଚୟନ କରିଥିବା ଉଚିତ ହିତାଧିକାରୀ ଜଣ ପ୍ରତିନିଧି, ଏବଂ ଜଣ ସାଧାରଣ ମାନଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମୁରିବାହାଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାସନ୍ତୀ ସେଠିଙ୍କ ଅଧ୍ୟକ୍ଷତାରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ମୁଖ୍ୟ ଅତିଥି ରୂପେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିବା ସହିତ ସରକାରଙ୍କ ନୂତନ ଯୋଜନା ସମ୍ବନ୍ଧରେରେ ଜନସାଧାରଣଙ୍କୁ ଅବଗତ କରାଇ ଥିଲେ ଏବଂ କେତେକ ହିତାଧିକାରୀଙ୍କୁ ନିଜେ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବିଜେପି ଜିଲ୍ଲା ସଭାପତି ଓ ବଲାଙ୍ଗୀର ସାଂସଦଙ୍କ ପ୍ରତିନିଧି ଶ୍ରୀବତ୍ସ ବେହେରା ମୁରିବାହାଲ ପଞ୍ଚାୟତ ସମିତି ଅଧ୍ୟକ୍ଷ ହରିବନ୍ଧୁ ମେହେର, ସିଡିପିଓ ପୂର୍ଣ୍ଣମା ବୈଠାରୁ, ବିଧାୟକଙ୍କ ପ୍ରତିନିଧି ଗଙ୍ଗାଧର ହେର୍ଣ୍ଣା ପ୍ରମୁଖ ମଞ୍ଚାସୀନ ରହି ଉକ୍ତ ଯୋଜନାକୁ ନିର୍ଦ୍ଧାରିତ ସମୟରେ ଶେଷ କରିବା ସହ ସରକାରଙ୍କ ପ୍ରୋତ୍ସାହନ ରାଶି ପାଇବା ଏବଂ ସରକାରଙ୍କ ଯୋଜନା ଆନୁଯାୟୀ ଗୃହ ନିର୍ମାଣ କରିବା ଏବଂ ସ୍ଥାୟୀ ସମ୍ପତ୍ତି ନିର୍ମାଣ କରିବା ଦିଗରେ ଆଲୋକ ପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିପିଏମ ଗୋପାଳ କୃଷ୍ଣ ଦୀପ ମଞ୍ଚ ପରିଚାଳନା କରିଥିବା ବେଳେ ବିପିସି ରବୀନ୍ଦ୍ର ବେହେରା ଧନ୍ୟବାଦ ଦେଇ ଥିଲେ। ଆକାଉଣ୍ଟ ଅଫିସର ଘେନୁରାମ ତାଣ୍ଡି, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ରାଜ କିଶୋର ସିଂ ବାବୁ , ଏ. ଇ ଅବିନାଶ ମୋଦି, ଜପିଓ ଗଙ୍ଗାଧର ଛତର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ଏରସମା ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ

ଏରସମା (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ରାଜ୍ୟ ସରକାରଙ୍କ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ଅବସରରେ, ଏରସମା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଏକ ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଆୟୋଜିତ କାର୍ଯ୍ୟକ୍ରମରେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀର ବିଧାୟକ ସାରଦା ପ୍ରସନ୍ନ ଜେନା, ଏରସମା ବିଡ଼ିଓ ଦାସରଥି ଜେନା, ପଞ୍ଚାୟତ ସମିତି ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ମହାପାତ୍ର,ଉପାଧ୍ୟକ୍ଷ ବିକାଶ କୁମାର ପରିଡା, ଏରସମା ବ୍ଲକ ବିଜେଡି ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ପିତବାସ ଗୋଛାୟତ, ପ୍ରଣବ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ସଭ୍ୟା ରାଣୀ ଟୁଡୁଙ୍କ ସମେତ ବିଭିନ୍ନ ପଞ୍ଚାୟତର ପି ଆର୍ ଆଇ ମେମ୍ବର,ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ଓ ଜନସାଧାରଣ ବହୁ ସଂଖ୍ୟାରେ ଯୋଗଦେଇ ଆଭାସି ମାଧ୍ୟମରେ ଶୁଭାରମ୍ଭ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଥିଲେ। ଏହି ଅବସରରେ ବିଭିନ୍ନ ପଞ୍ଚାୟତର ୩୦ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ପ୍ରଧାନ କରାଯାଇଛି। ବିପିସି ଲକ୍ଷ୍ମୀନାରାୟଣ ବାଣୁଆ ଓ ବିପିଏ କାର୍ତ୍ତିକ ଦାସ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ରାଷ୍ଟ୍ରୀୟ ନବବର୍ଷ ପାଳିତ

ବୋଲଗଡ (ଭାସ୍କର ନ୍ୟୁଜ୍) : ବୋଲଗଡ ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ଠାରେ ଆଜି ରବିବାର ଦିବା ୮ଘଟିକା ସମୟରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବୋଲଗଡ ଖଣ୍ଡର କାର୍ଯ୍ୟବାହା ରାମଚନ୍ଦ୍ର ସାହୁ, ପରିଚାଳନା ସମିତିର ସଭାପତି ଗାନ୍ଧୀ କୁମାର ସାହୁ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବଳରାମ ଭାଇ, ଅଶ୍ୱିନୀ ଭାଇ, ବୃନ୍ଦାବନ ଭାଇ, ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ବିରଞ୍ଚି ନାରାୟଣ ସାହୁଙ୍କ ସମେତ ସରସ୍ୱତୀ ଶିଶୁମନ୍ଦିର ସମସ୍ତ ଗୁରୁଜୀ ଗୁରୁମା, ଶିଶୁ ଭାଇ ଭଉଣୀ ଉପସ୍ଥିତ ରହି ରହିଥିଲେ। ଶିଶୁ ଓ ଗୁରୁଜୀ ଗୁରୁମାଙ୍କ ମଧ୍ୟରେ ଝୋଟି ପ୍ରତିଯୋଗୀତା ହୋଇଥିଲା ଓ ପରସ୍ପରକୁ ଅଭିନନ୍ଦନ ପତ୍ର ଦେଇ ନବବର୍ଷର ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଯୋଗ ଦେଇଥିବା ରାଷ୍ଟ୍ରୀୟ ସେବକ ସଂଘର ଭାଇମାନେ ନବବର୍ଷ ମହତ୍ତ୍ୱ ଉପରେ ବୌଦ୍ଧିକ ପ୍ରଦାନ କରିଥିଲେ।

## ୩୨ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ



ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍ ) : ନିଶ୍ଚିନ୍ତକୋଇଲି ବ୍ଲକ ପରିସରରେ ଅନ୍ତୋଦ୍ୱୟ ଗୃହ ଯୋଜନାରେ ୩୨ଜଣ ହିତାଧିକାରୀଙ୍କୁ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି। ଏହି ଅବସରରେ ଆୟୋଜିତ ଉତ୍ସବରେ ବିଡିଓ ଦ୍ୟୁବେନ୍ଦୁ ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିରୂପେ ମାହାଙ୍ଗା ବିଧାୟକ ସାରଦା ପ୍ରଧାନ ଓ ସମ୍ମାନିତ ଅତିଥିରୂପେ ପଞ୍ଚାୟତ ସମିତି ଅଧ୍ୟକ୍ଷା ରୋଜି ସେଠୀ ଯୋଗଦାନ କରିଥିଲେ। ତେବେ ଏହି ଉତ୍ସବରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ରହସ୍ୟ ଜନକ ଭାବେ ଅନୁପସ୍ଥିତ ରହିଥିବାର ଦେଖିବାକୁ ମିଳିଥିଲା। ଶେଷରେ ଅତିରିକ୍ତ ଏବିଡିଓ ଅଶୋକ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।


## ଶ୍ରୀ ଶ୍ରୀ ତ୍ରିନାଥ ଦେବ ସଂକୀର୍ତ୍ତନ ମଣ୍ଡଳୀର ବାଦୀପାଲା

କୃଷ୍ଣପ୍ରସାଦ (ଭାସ୍କର ନ୍ୟୁଜ୍) : ପୁରୀ ଜିଲ୍ଲା ଅନ୍ତର୍ଗତ ଖଳାମୂହ ଗ୍ରାମରେ ଶ୍ରୀ ଶ୍ରୀ ତ୍ରିନାଥ ଦେବ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ୩ଦିନିଆ ବାଦୀପାଲା ଅନୁଷ୍ଠିତ ହୋଇଯାଇଛି। ଓଡିଶାର ଜଣେ ଜଣାଶୁଣା ପ୍ରତିଷ୍ଠିତ ପାଳାଗାୟକ ପଦ୍ମକେଶରୀ ଅଶୋକ କୁମାର ଦଳେଇ ଓ ଗାୟକ ବାଉରୀବନ୍ଧୁ ସାହୁଙ୍କ ମଧ୍ୟରେ ପାଲା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ଅଞ୍ଚଳର ବହୁ ସାହିତ୍ୟାନୁରାଗି ବ୍ୟକ୍ତି ଯୋଗଦେଇ ଗାୟକ ପଦ୍ମ କେଶରୀଙ୍କ ସାହିତ୍ୟ ବ୍ୟାଖ୍ୟା ଏବଂ ଗାୟନଶୈଳକୁ ଭୂୟସୀ ପ୍ରଶଂସା କରିବା ସହ ଆଲୋଚ୍ୟ ପୁରାଣ ଭାଗବତ ସମ୍ପର୍କରେ ପ୍ରଶ୍ନ କରିଥିଲେ। ଗାୟକ ପଦ୍ମ କେଶରୀ ଶ୍ରୀ ଦଳେଇ ତାହାକୁ ପ୍ରାଞ୍ଜଳ ଭାବେ ବୁଝାଇ ଥିଲେ।

## ବେତନଟୀ ଡାକ୍ତରଖାନାରେ ଶଲ୍ୟ ବିଶେଷଜ୍ଞଙ୍କ ଯୋଗଦାନ

ବେତନଟୀ, (ଭାସ୍କର ନ୍ୟୁଜ୍ ) : ବେତନଟୀ ଡାକ୍ତରଖାନାଟି ୧୮ ନମ୍ବର ଜାତୀୟ ରାଜପଥରେ ଅବସ୍ଥିତ ହୋଇଥିବା ବେଳେ ଅଧିକାଂଶ ସମୟରେ ଦୁର୍ଘଟଣାଗ୍ରସ୍ତ ଗୁରୁତରଙ୍କୁ ଭର୍ତ୍ତି କରାଯାଉଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ବିଧାୟକ ସନାତନ ବିଜୁଳି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ସହିତ ଆଲୋଚନା ପରେ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ସ୍ୱରୂପ ଶଲ୍ୟ ବିଶେଷଜ୍ଞ(ସର୍ଜରୀ) ଭାବେ ଯୋଗଦେଲେ ଡ. ସନ୍ଦୀପ କୁମାର ଦାସ। ଏନେଇ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଜାରି ପରେ ବେତନଟୀ ଡାକ୍ତରଖାନାରେ ପହଞ୍ଚି ଶଲ୍ୟ ବିଶେଷଜ୍ଞ ଡ. ସନ୍ଦୀପ କୁମାର ଦାସ ଦାୟୀତ୍ୱଭାର ଗ୍ରହଣ କରିଛନ୍ତି। ମଙ୍ଗଳବାର ସକାଳ ୭ଟାରୁ ସେ କାର୍ଯ୍ୟରେ ଯୋଗ ଦେବା ନେଇ ଡାକ୍ତରଖାନା କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବେତନଟୀ ଡାକ୍ତରଖାନାରେ ଜଣେ ଶଲ୍ୟ ବିଶେଷଜ୍ଞଙ୍କ ଯୋଗଦାନକୁ ନେଇ ଅଞ୍ଚଳବାସୀ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ତେବେ ଅଞ୍ଚଳବାସୀଙ୍କ ଦାବି ଓ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମାନ୍ୟବର ଲୋକପ୍ରିୟ ବିଧାୟକ ସନାତନ ବିଜୁଳିଙ୍କ ପଦକ୍ଷେପକୁ ବିଭିନ୍ନ ସାମାଜିକ ସଂଗଠନ ଏବଂ ଅନୁଷ୍ଠାନ ତଥା ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି ।

## ଶିବାନନ୍ଦ ଆଶ୍ରମରେ ହିନ୍ଦୁ ନବବର୍ଷ ପାଳିତ



କେନ୍ଦ୍ରାପଡ଼ା, (ଭାସ୍କର ନ୍ୟୁଜ୍ ) : ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମରେ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆଶ୍ରମର ଅଧ୍ୟକ୍ଷା ଶ୍ରୀମା ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଆଶ୍ରମର ଭକ୍ତମାନଙ୍କ ଗହଣରେ ହିନ୍ଦୁ ନବବର୍ଷର ପ୍ରାରମ୍ଭ ଦିବସରେ ବିଶ୍ୱସ୍ରଷ୍ଟାଙ୍କୁ ବିଶ୍ୱ ତଥା ସମସ୍ତଙ୍କର ମଙ୍ଗଳ ଓ ଶାନ୍ତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ଏହି ଦିବସର ବୈଶିଷ୍ଟ ସମ୍ପର୍କରେ ଶ୍ରୀମା ଆଲୋକପାତ କରିଥିଲେ। ସେ କହିଥିଲେ ଯେ ବିକ୍ରମାଦିତ୍ୟ ସମ୍ବାତ୍ସର ଆରମ୍ଭ ଏବଂ ଧର୍ମରାଜ ଯୁଧିଷ୍ଠିରଙ୍କର ସିଂହାସନ ଆରୋହଣ, ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏଥିସହିତ ସୃଷ୍ଟିର ଆରମ୍ଭକାଳ ନିର୍ଦ୍ଧାରଣ ହୋଇଥିଲା ବୋଲି ଶ୍ରୀମା ଭକ୍ତମାନଙ୍କୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷକ ମନୋରଞ୍ଜନ ତ୍ରିପାଠୀ, ଶ୍ରୀଧର ମହାନ୍ତି, ଶ୍ରୀଧର ରାଉତ, ବ୍ରହ୍ମଚାରୀ ନୃସିଂହନାଥ, ଗୀତାଞ୍ଜଳି ନାଥ, ସାବିତ୍ରୀ ପରିଡା, ବିନତୀ ଖଟୁଆ, ଆଳିଜଙ୍ଗା ମାତୃଚେତନା ସଙ୍ଘର ସଦସ୍ୟାମାନେ ଉପସ୍ଥିତ ଥିଲେ। ଶେଷରେ ଅଭିମନ୍ୟୁ ଗୋଛାୟତ ଧନ୍ୟବାଦ ଅର୍ପଣ କରିଥିଲେ।

# ସହିଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ



କୋରାପୁଟ, (ଭାସ୍କର ନ୍ୟୁଜ) : କୋରାପୁଟ ସଦର ମହକୁମାରେ ସହିଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଛକରେ ଥିବା ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ସମ୍ମାନିତ ଅତିଥିତ ଭାବେ ଜିଲ୍ଲାପରିଷଦ ସଭାପତି ସସ୍ମିତା ମେଲେକା, ଜିଲ୍ଲାପାଳ ଭି କୀର୍ତ୍ତିଭାସନ, କୋରାପୁଟ ପୌରାଧ୍ୟକ୍ଷ ଲଲାଟ ରନ ସେଠୀ, ଅତିରିକ୍ତ ଜିଲ୍ଲାପାଳ ଦେବୀ ପ୍ରସାଦ ମହାନ୍ତି, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, କୋରାପୁଟ ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, କୋରାପୁଟ ଏସଡିପିଓ ଡ. ଶ୍ରାବଣୀ ନାୟକ, କୋରାପୁଟ ପୌର ନିର୍ବାହୀ ଅଧିକାରୀ ସୟଦ ସବିର ସାହା, ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡ ସୁଶାନ୍ତ କୁମାର ସାହୁ ଏବଂ ଅନ୍ୟତମ ଅତିଥି ଭାବେ ସମାଜସେବୀ ରୂପକ ତୁରୁକ ଓ କାମାକ୍ଷା ପ୍ରସାଦ ମାଝି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସେହିପରି କୋରାପୁଟ ବସ୍ଷ୍ଟାଣ୍ଡରେ ସ୍ଥାପିତ ସହିଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ମାଲ୍ୟାର୍ପଣ କରିଥିଲେ। କୋରାପୁଟ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ସତ୍ୟନାରାୟଣ ପ୍ରଧାନ ଓ ଅଲିଭା କୁମାର ବେହେରା ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ମଣ୍ଡଳ କାରାଗାରରେ ଥିବା ଲକ୍ଷ୍ମଣ ନାୟକଙ୍କ କୋଠରୀ ନିକଟରେ ଅଖଣ୍ଡ ଦୀପ ଲଗାଯାଇଥିଲା। ଏଥିରେ ବରିଷ୍ଠ ସାମ୍ବାଦିକ ସିଏଚ ସାନ୍ତାକାର ଯୋଗଦେଇ ସହିଦ ଲକ୍ଷ୍ମଣ ନାୟକଙ୍କ ଜୀବନୀ ବିଷୟରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ରେଡିଓ ମୁକ୍ତିର କଳାକାର ଅନ୍ତେବାସୀ ମାନେ ଦେଶାତ୍ମବୋଧକ ସଂଗୀତ ଗାନ କରିଥିଲେ।

## ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ସାଇ ସମର୍ପିତା ଜିଲ୍ଲାରେ ଟପ୍ପର



ଭୁବନ, (ଭାସ୍କର ନ୍ୟୁଜ୍ ) : ଢେଙ୍କାନାଳ ଜିଲ୍ଲା ସରାଙ୍ଗ ସ୍ଥିତ ପିଏମ ଶ୍ରୀ ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷାରେ ଭୁବନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପଞ୍ଚମ ଶ୍ରେଣୀ ଛାତ୍ରୀ ସାଇ ସମର୍ପିତା ବେହେରା ଟପ୍ପର ହୋଇଛନ୍ତି। ସୁଶ୍ରୀ ସାଇ ସମର୍ପିତା ଭୁବନ ଏନ୍ଏସି ଅନ୍ତର୍ଗତ ପାଞ୍ଚ ନମ୍ବର ୱାର୍ଡ ସେନ ସାହିର ମାତା ସଜନୀ ବେହେରା ଓ ପିତା ଚନ୍ଦନ ବେହେରାଙ୍କ ଏକମାତ୍ର ଝିଅ। ପ୍ରବେଶିକା ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ମୋଟ ୮୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାଇ ସମର୍ପିତା ଜିଲ୍ଲାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ଝିଅର କୃତିତ୍ୱରେ ଶ୍ରେଣୀ ଶିକ୍ଷୟତ୍ରୀ ପ୍ରଭାତି ମଞ୍ଜୁରୀ ସାହୁ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପିତାମାତା ଓ ପରିବାର ଖୁସି ବ୍ୟକ୍ତ କରିବା ସହିତ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ପ୍ରକାଶ ଥାଉ କି, ଛାତ୍ରୀ ସାଇ ସମର୍ପିତା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଜଣେ ମେଧାବୀ ଛାତ୍ରୀ। ତୃତୀୟ ଶ୍ରେଣୀରୁ ସର୍ବଦା ପ୍ରଥମ ସ୍ଥାନ ଅଧିକାର କରି ଆସିଛନ୍ତି ଓ ତୃତୀୟ ଶ୍ରେଣୀ ବୃତ୍ତି ଲାଭ କରିଛନ୍ତି।

## ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ

ଗରଦପୁର, (ଭାସ୍କର ନ୍ୟୁଜ୍ ) : ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଭବାନୀପାଟଣା ଠାରେ ଅନ୍ତ୍ୟୋଦୟ ଆବାସ ଯୋଜନାର ଶୁଭାରମ୍ଭ କରିଥିବା ବେଳେ ପାଟକୁରା ନିର୍ବାଚନ ମଣ୍ଡଳୀ ଅଧୀନ ଗରଦପୁର ବ୍ଲକ୍‌ରେ ବିଡିଓ ଆଲୋକ କୁମାର ସେଠୀ ଅନ୍ତୋଦୟ ଆବାସ ଯୋଜନାର ଶୁଭାରମ୍ଭ କରିଥିଲେ। ଏଲ୍ଇଡି ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଭବାନୀପାଟଣା ଠାରେ ଅନ୍ତୋଦୟ ଆବାସ ଯୋଜନାର ଶୁଭାରମ୍ଭ କାର୍ଯ୍ୟକ୍ରମର ସିଧା ପ୍ରସରଣ କରାଯାଇଥିବା ବେଳେ ଗରଦପୁର ବ୍ଲକ୍‌ରେ ୨୭୯ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗରଦପୁର ବ୍ଲକ୍ ଅଧ୍ୟକ୍ଷ ଅଭୟ ମହାରାଜ, ଉକ୍ତ କାର୍ଯ୍ୟକ୍ରମର ସାଂସଦଙ୍କ ପ୍ରତିନିଧି ଭାବରେ ପ୍ରଶନ୍ନ ପଣ୍ଡା, ଜିପିଓ ମୃଣ୍ମୟ ରାଉତ, ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ/ସଭ୍ୟାମାନେ ଯୋଗ ଦେଇଥିଲେ।

## ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ

କଣିହାଁ, (ଭାସ୍କର ନ୍ୟୁଜ): କଣିହାଁ ବ୍ଲକ ଅନ୍ତର୍ଗତ ଟୋଲକବେଡା ଖେଳ ପଡିଆ ଠାରେ ରବିବାର ଦିନ ଅନ୍ତ୍ୟୋଦୟ ଗୃହ ଯୋଜନାର ଶୁଭାରମ୍ଭ ଆଭାସୀ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଏହି ଶୁଭାରମ୍ଭରେ କଣିହାଁ ପଞ୍ଚାୟତ ସମିତିର ୨୭ ଗୋଟି ପଞ୍ଚାୟତର ୩୨୩ ଜଣ ଭିନ୍ନକ୍ଷମ, ବିଧବା, ରୋଗାକ୍ରାନ୍ତ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ସାମିଲ କରି କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବଣ୍ଟନ କାର୍ଯ୍ୟକ୍ରମରେ ସାଂସଦଙ୍କ ପ୍ରତିନିଧି ତ୍ରିପୁରାରୀ ପ୍ରଧାନ, ତାଳଚେର ବିଧାୟକଙ୍କ ପ୍ରତିନିଧି ସୁନିଲ ପ୍ରଧାନ, ପାଲଲହଡା ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ସାମଲ, ବିଡିଓ ତ୍ରିବିକ୍ରମ କୁମୁରା, ସହକାରୀ ଯନ୍ତ୍ରୀ ସଲିଳ ସ୍ୱାଇଁ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ବିଜୟ କୁମାର ସାହୁ, ବ୍ଲକ୍‌ର ବିପିସି, ବିପିଏ, ସମସ୍ତ କର୍ମଚାରୀ, ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଭଙ୍ଗାଯିବ ବେଆଇନ ଇଟାଭାଟି



କେନ୍ଦୁଝର, (ଭାସ୍କର ନ୍ୟୁଜ୍ ): କେନ୍ଦୁଝର ସହର ଆଖପାଖ ଅଞ୍ଚଳରେ ମାଳମାଳ ବେଆଇନ ଇଟାଭାଟି ଚାଲିଛି। ବେଆଇନ ଇଟାଭାଟି ବନ୍ଦ କରିବାକୁ ବାରମ୍ବାର ଲଘୁ ଖଣିଜ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇ ଆସୁଥିଲା। କିନ୍ତୁ ଚଳିତବର୍ଷ ବେଆଇନ୍ ଇଟାଭାଟି ଉପରେ ଅଙ୍କୁଶ ଲଗାଯିବ ବୋଲି ଲଘୁ ଖଣିଜ ବିଭାଗ ପକ୍ଷରୁ କୁହାଯାଇଛି। ବେଆଇନ ଇଟାଭାଟି ଯୋଗୁଁ ବାୟୁ ପ୍ରଦୂଷଣ ହେଉଛି। କେନ୍ଦୁଝର ସଦର ତହସିଲ ନରଣପୁର-ହରିଡାଗୋଠ ଯିବା ରାସ୍ତାର ବାମ ପାର୍ଶ୍ୱର୍ରେ ଥିବା ସରକାରୀ ଜମିରେ ବହୁ ସଂଖ୍ୟାରେ ନାଲି ଇଟାଭାଟି ତିଆରି ଚାଲିଛି। ମଣ୍ଡୁଆ ରାଜସ୍ୱ ନୀରିକ୍ଷକ ଅନ୍ତର୍ଗତ ଘୁଟୁକେଶ୍ୱରୀ ଗ୍ରାମର ଖାତା ନମ୍ବର ୯୪ ପ୍ଲଟ ନମ୍ବର ୧୧୪୨ରେ ଥିବା ସରକାରୀ ଜମିରେ ବେଆଇନ ଇଟାଭାଟି ଚାଲିଥିଲେ ହେଁ କାହାର ନଜର ନାହିଁ। ସରକାରୀ ଜମି ମାଟି ଖୋଳି ବଡ ବଡ ଗର୍ତ୍ତ କରୁଥିବାରୁ ଗର୍ତ୍ତଗୁଡିକ ବିପଦସଙ୍କୁଳ ହୋଇପଡିଛି। ଯାହା ପାଇଁ ଦିନକୁ ଦିନ ମାଟି ଓ ବାଲି ଚୋରି ବୃଦ୍ଧି ପାଉଥିବାବେଳେ ସରକାରଙ୍କ ରାଜସ୍ୱ ହାନୀ ହେଉଛି । ବାହାର ରାଜ୍ୟର ଶ୍ରମିକମାନଙ୍କୁ କମ୍ ମଜୁରୀ ଦେଇ ଇଟାଭାଟିରେ ନିୟୋଜିତ କରାଯାଉଛି। ଇଟାଭାଟି ନିଆଁରେ ଆଖପାଖ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଉଛି। ଇଟାଭାଟିରୁ ନିର୍ଗତ ଧୂଆଁରେ ଅଞ୍ଚଳବାସୀମାନେ ଅଣନିଶ୍ୱାସୀ ହୋଇ ପଡିଲେଣି। ରାଜସ୍ୱ ଏବଂ ଖଣି ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ କିମ୍ବା ଜରିମାନା ହେଉନଥିବାରୁ ସଦର ତହସିଲର ବିଭିନ୍ନ ଅଞ୍ଚଳ ଏବେ ନାଲି ଇଟା ମାଫିଆଙ୍କ ପେଣ୍ଠସ୍ଥଳ ପାଲଟିଛି। କେନ୍ଦୁଝର ସଦର ଉପଖଣ୍ଡରେ ବିଭିନ୍ନ ସ୍ଥାନରେ ଅବାଧରେ ଏଭଳି ବେଆଇନ ଇଟାଭାଟି ଗଢି ଉଠୁଛି। ଇଟାଭାଟିରେ ବ୍ୟବହୃତ କାଠ ଓ କୋଇଲାରୁ ନିର୍ଗତ ଧୂଆଁ ପରିବେଶ ପ୍ରଦୂଷଣ କରୁଥିବାରୁ ଜନସାଧାରଣରେ ଅସନ୍ତୋଷ ବଢି ଚାଲିଛି । ଲଘୁ ଖଣିଜ ବିଭାଗ ତୁରନ୍ତ ଏଭଳି ଇଟାଭାଟିଗୁଡିକ ଉପରେ ଚଡାଉ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି । ଏ ନେଇ ସଦର ଲଘୁ ଖଣିଜ ଅଧିକାରୀ ତାରିଣୀ ସିଂହଙ୍କ ସହ ଯୋଗାଯୋଗ କରିବାରୁ ବେଆଇନ ଇଟା ଭାଟି ବନ୍ଦ କରାଯାଇ ଏହି କାରବାର କରୁଥିବା ଲୋକଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ଜୋରିମାନା ଆଦାୟ କରାଯିବ ।

# ଶୋଇପଡ଼ିଛି ଆଳି ତଟବନ୍ଧ ବିଭାଗ :ଚାଲିଛି ଆଖିବୁଜା ଦୁର୍ନୀତି



ଆଳି, (ଭାସ୍କର ନ୍ୟୁଜ୍ ) : ପ୍ରତି ବର୍ଷ ବନ୍ୟାର ପ୍ରକୋପରୁ ଜନସାଧାରଣଙ୍କ ସ୍ୱାର୍ଥ ଏବଂ ସେମାନଙ୍କ ଚାଷ ବାସକୁ ସୁରକ୍ଷା ଦେବା ନିମନ୍ତେ ଓଡିଶା ସରକାର ତଟବନ୍ଧ ବିଭାଗ ମାଧ୍ୟମରେ କୋଟି କୋଟି ଟଙ୍କାର ପ୍ରକଳ୍ପ ଦ୍ୱାରା ନଦୀ ବନ୍ଧ ଗୁଡିକର ମରାମତି ଓ ସୁଦୃଢ଼ୀକରଣ କରିଥାନ୍ତି। କେନ୍ଦ୍ରାପଡା ଜିଲ୍ଲାର ଆଳି ବ୍ଲକରେ ପ୍ରବାହିତ କାଣୀ ଓ ଖରସ୍ରୋତା ନଦୀ ସମୟକ୍ରମେ ଭୁଇଁପୁର ପଞ୍ଚାୟତର ନଦୀକୂଳରେ ଥିବା ଗ୍ରାମ ଯଥା ଭୁଇଁପୁର, ମାନପୁର, ବନ୍ଧସାହି, କଳମଡା ଓ ବାଲିସାହି ଆଡକୁ ମାଡ଼ି ଆସିବାକୁ ନେଇ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଥିବା ବେଳେ ସେମାନଙ୍କର ଶହଶହ ଏକର ଚାଷ ଜମି ନଦୀ ଗର୍ଭକୁ ଚାଲିଗଲାଣି। ବହୁ ଦିନରୁ ଜନବସତିଗୁଡିକୁ ଉକ୍ତ ନଦୀ ଦାଉରୁ ରକ୍ଷା କରିବା ପାଇଁ ସରକାର ଏବଂ ପ୍ରଶାସନ ପାଖରେ ଗ୍ରାମବାସୀ ମାନେ ଦାବି କରି ଆସୁଥିଲେ ହେଁ ବହୁ ଦିନର ଦାବି ପରେ ସରକାରଙ୍କ ପକ୍ଷରୁ ୧୧ କୋଟି ୩୫ଲକ୍ଷ ଟଙ୍କା ଆର୍ଥିକ ସହାୟତାରେ ନଦୀତଟବନ୍ଧ ସୁରକ୍ଷା ବନ୍ଧ କାମ ଭୁଇଁପୁର ଗାଁ ନିକଟସ୍ଥ କାଣୀ-ଖରସ୍ରୋତା ନଦୀର ଡାହାଣ ପାର୍ଶ୍ୱରେ ନିର୍ମାଣକାର୍ଯ୍ୟ ଚାଲିଛି। ମାତ୍ର ଅର୍ଥ ହରିଲୁଟ୍ ଉଦ୍ଦେଶ୍ୟରେ ଅତ୍ୟନ୍ତ ନିମ୍ନମାନର ବିନା ଫଳକରେ କାର୍ଯ୍ୟ ହେଉଥିବା ନେଇ ସ୍ଥାନୀୟ ଗ୍ରାମବାସୀ ମାନେ ଅଭିଯୋଗ ପରେ ଗତ ମାସରେ ଏ ନେଇ ଗତ ଫେବୃଆରୀ ମାସ ତେଇଶି ତାରିଖରେ ଖବର ପ୍ରସାରଣ ହୋଇଥିଲେ ମଧ୍ୟ ପ୍ରଶାସନ କିମ୍ବା ବିଭାଗୀୟ ଅଧିକାରୀ ଏଥି ପ୍ରତି ଧ୍ୟାନ ନ ଦେଇ ତତ୍ପରତା ନ ଦେଖାଇବା ବଡ଼ ବିଡମ୍ବନାର ବିଷୟ ପାଲଟିଛି। ଏହା ସହିତ ଏହି ନିର୍ମାଣ କାମକୁ ଗ୍ରାମବାସୀମାନେ ଲଗାତାର ବିରୋଧ କରିଆସୁଥିଲେ ମଧ୍ୟ ଠିକାଦାର ମନମୁଖୀ କାର୍ଯ୍ୟ କରୁଥିବାର ଅଭିଯୋଗ ହୋଇଛି। ବିନା ଡମ୍ପିଂରେ ଏହି ସୁରକ୍ଷାବନ୍ଧର ନିର୍ମାଣ କାର୍ଯ୍ୟ ଚାଲୁଥିବା ବେଳେ ପୂର୍ବରୁ ଭାଙ୍ଗି ପଡିଥିବା ପୁରୁଣା ସ୍ପର ଉପରେ ପଥର ପକାଯାଇ ନିର୍ମାଣ ନୂଆ ସ୍ପର୍ କାମ କରାଯାଉଛି। ଏଥିଯୋଗୁଁ ନିର୍ମାଣ କାମ ଚାଲୁ ରହିଥିବା ବେଳେ ଗୋଟିଏ ଦୁଇଟି ସ୍ଥାନରେ ପଥର ପ୍ୟାକିଂ ନଦୀଗର୍ଭକୁ ଧସି ଗଲାଣି ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ପଥର ପ୍ୟାକିଙ୍ଗ ନିର୍ମାଣ କାର୍ଯ୍ୟରେ ବଡ଼ ପଥର ବଦଳରେ ଛୋଟ ପଥର ବ୍ୟବହାର କରାଯାଉଥିବାର ଅଭିଯୋଗ କଲେ ମଧ୍ୟ କେହି ଶୁଣିବାକୁ ନାହାନ୍ତି। ନିର୍ମାଣକାରୀ ସଂସ୍ଥା ଓସିସି ଓ ଠିକାଦାରଙ୍କ ସଲାସୁତୁରାରେ ଏଭଳି ନିମ୍ନମାନର କାମ କରାଯାଉଛି ବୋଲି ଭୁଇଁପୁର ବାସିନ୍ଦା, ସତ୍ୟ ରଂଜନ ରାଉତରାୟ, ମନୋରଂଜନ ଦାଶ, ନାରାୟଣ ସାହୁ, ଗଦାଧର ସାହୁଙ୍କ ସମେତ ଆଳି ବ୍ଲକ କଂଗ୍ରେସ ସଭାପତି ରବି ନାରାୟଣ ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି। ତେବେ ଅଭିଯୋଗ ସମ୍ପର୍କରେ ନିର୍ମାଣକାରୀ ସଂସ୍ଥା ଓସିସିର କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ବିଶ୍ୱାଳଙ୍କୁ ପଚାରିବାରୁ କହିଲେ ଯେ, ନୂଆ ସ୍ପର୍ ସହିତ ସ୍ଥିତାବସ୍ଥା ଥିବା କେତୋଟି ପୁରୁଣା ସ୍ପର୍ ଉପରେ ନିର୍ମାଣ କାର୍ଯ୍ୟ କରିବା ପାଇଁ ଯୋଜନା ଅଟକଳରେ ରହିଛି। ନିର୍ଦ୍ଦିଷ୍ଟ ଖଳଗଭୀରତାରୁ ପଥର ପ୍ୟାକିଂ କରାଯାଉନଥିବା ସମ୍ପର୍କରେ ସେ କହିଲେ ଯେ, ନିର୍ମାଣ କାର୍ଯ୍ୟର ତଦାରଖ ସମୟରେ ନଦୀ ଭିତରକୁ ଡଙ୍ଗା ନିଆଯାଇ ବୈଷୟିକ ଉପାୟରେ କେତେ ଗଭୀରରୁ ପଥର ପ୍ୟାକିଂ କରାଯାଇଛି ତା’ର ତଦାରଖ କରାଯିବ। ଅପରପକ୍ଷରେ ନିର୍ମାଣ ସମୟରେ ଆଦୌ ତଦାରଖ କରାଯାଉ ନ ଥିବା ଗ୍ରାମବାସୀ ମାନେ ଅଭିଯୋଗ କରିବା ସହିତ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଦାବି କରିଛନ୍ତି।



ଯେତେବେଳେ ଆପଣଙ୍କ ଶରୀରରେ ଭିଟାମିନ୍ ଇ ଅଧିକ ଥାଏ। ତେଣୁ ଏହା ଲିଭରରେ ଜମା ହୁଏ ଏବଂ ସମୟ ସହିତ ସେଠାରେ ଜମା ହୋଇ ରହିଥାଏ। ଯାହାଦ୍ୱାରା ଲିଭର କ୍ଷତିଗ୍ରସ୍ତ ହୁଏ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇପାରେ। ଶରୀରରେ ଭିଟାମିନ୍ ଅଭାବ ଦେଖାଦେଲେ ଖାଲି ଯେ, ଦୃଷ୍ଟିଶକ୍ତି ଉପରେ କୁପ୍ରଭାବ ପଡ଼ିଥାଏ ତା' ନୁହେଁ। ଆହୁରି ଅନେକ ରୋଗ ଦେଖାଦେଇଥାଏ । ଏହି ରୋଗ ଆସିବା ପୂର୍ବରୁ ଶରୀରରେ କିଛି ଲକ୍ଷଣ ପ୍ରକାଶ ପାଇଥାଏ । ଜାଣି ରଖନ୍ତୁ ଏ ବିଷୟରେ କ'ଣ କୁହନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ... । ଚିଡ଼ିଚିଡ଼ାପଣ, ନିଦ ଲାଗିବା, ପେଟ ଯନ୍ତ୍ରଣା, ମସ୍ତିଷ୍କ ଉପରେ ଚାପ ଅନୁଭବ, ବାନ୍ତି କରିବା, କ୍ରନିକ୍, ହାଇପରଭିଟାମିନୋସିସ୍ ଏ, ପାଟି ଘା, ହାଡ଼ର ପ୍ରଦାହ, ନଖ ଫାଟିବା, ହାଡ଼ ଯନ୍ତ୍ରଣା, ଭୋକ ନ ଲାଗିବା, ପାଟିର, କୋଣ ଫାଟିଯିବା, ଝାପ୍ସା ଦୃଷ୍ଟି କିମ୍ବା ଆପଣଙ୍କ ଆଖିରେ ଅନ୍ୟ କୌଣସି ପରିବର୍ତ୍ତନ, ମୁଣ୍ଡ ଘୁରାଇବା, ବାନ୍ତି, ସୂର୍ଯ୍ୟକିରଣ ପ୍ରତି ସମ୍ବେଦନଶୀଳତା, ଖର୍ବ, ଶୁଷ୍କ, ଛାଲିପଡ଼ିବା କିମ୍ବା କୁଣ୍ଡାଇ ହେଉଥିବା ଚର୍ମ, ଜଣ୍ଡିସ୍, କେଶ ଝଡ଼ିବା, ଶ୍ୱାସକ୍ରିୟା ସଂକ୍ରମଣ, ଓଜନ ବୃଦ୍ଧି ନ ହେବା, ନରମ ଖପୁରୀ, କୋମା, ଆଖି ଫୁଲିବା ପରି ଅନେକ, ମାରାତ୍ମକ ସମସ୍ୟା ଦେଖା ଦେଇଥାଏ । ଏସବୁ ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ କରିବା ଜରୁରୀ ଅଟେ । ଏଥିରୁ ରକ୍ଷା ପାଇବାକୁ ହେଲେ ଭିଟାମିନ୍ ଏ ଯୁକ୍ତ ଖାଦ୍ୟ ଖାଇବା ଉଚିତ । ଯେପରିକି ଫଳ ଏବଂ ପନିପରିବା। ଗାଜର, ମିଠା ଆଳୁ, କଖାରୁ, ଆମ୍ବ , ସବୁଜ ପନିପରିବା । ବିଭିନ୍ନ ଶାଗରେ ପ୍ରଚୁର ପରିମାଣରେ ଭିଟାମିନ୍ ଏ ରହିଥାଏ।

## ଅସ୍ଥି ପାଇଁ ଉପକାରୀ ଖଜୁରି



ଖଜୁରିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଏକ ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ ଖଜୁରି ଖାଆନ୍ତି ତେବେ ତାଙ୍କର ଅସ୍ଥି ପୂର୍ବାପେକ୍ଷା ମଜଭୁତ ରହିବ। ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଖଜୁରି ଖାଇବା ଦ୍ୱାରା ଏହାର କି ପ୍ରକାର ପ୍ରଭାବ ଅସ୍ଥି ଉପରେ ପଡୁଛି ତାହା ଉପରେ ଏକ ସର୍ଭେ କରିଥିଲେ। ବିଶେଷଭାବରେ ଅସ୍ଥିଜନିତ ସମସ୍ୟାର ସମ୍ମୁଖୀନ ହୋଇଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। କେବଳ ସେତିକି ନୁହେଁ, ସେମାନଙ୍କୁ ନିୟମିତ ଖାଦ୍ୟ ସହ ଖଜୁରି ଖାଇବାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ନିୟମିତ ସମୟ ଅନ୍ତରାଳରେ ଏହାର ପ୍ରଭାବ ଅସ୍ଥି ଉପରେ କିପରି ପଡୁଛି ତାହାକୁ ସେମାନେ ତନ୍ନ ତନ୍ନ କରି ତର୍ଜମା କରି ଏକଥା ଜାଣିପାରିଥିଲେ। ଖଜୁରି ଖାଇଲେ ତାହା ଗ୍ୟାଷ୍ଟ୍ରିକଜନିତ ସମସ୍ୟା କେତେକାଂଶରେ ଦୂର କରିଥାଏ। ଏହାବ୍ୟତୀତ କୋଷ୍ଠକାଠିନ୍ୟ ସମସ୍ୟାରୁ ମଧ୍ୟ ଉପଶମ ମିଳିଥାଏ।

# ଏକାଠି ନଜର ଆସିଲେ ଐଶ୍ୱର୍ଯ୍ୟା-ଅଭିଷେକ



ଐଶ୍ୱର୍ଯ୍ୟା ରାୟ ଏବଂ ଅଭିଷେକ ବଚ୍ଚନ ବଲିଉଡର ପାୱାର କପଲଙ୍କ ମଧ୍ୟରୁ ଜଣେ। ଗତ ପ୍ରାୟ ଏକ ବର୍ଷ ଧରି ଏହି ଦମ୍ପତି ସେମାନଙ୍କ ସମ୍ପର୍କକୁ ନେଇ ଖବରର ଶିରୋନାମାରେ ଅଛନ୍ତି। ପ୍ରାୟତଃ, ଗସିପ ଟାଉନ ହେଉ କିମ୍ବା ସୋସିଆଲ ମିଡିଆ, ଆମେ ଶୁଣିବାକୁ ପାଉଛୁ ଯେ ଉଭୟଙ୍କ ମଧ୍ୟରେ ସବୁକିଛି ଠିକ ନାହିଁ। ଯଦିଓ ଏହି ସମୟ ମଧ୍ୟରେ ଏହି ଦମ୍ପତିଙ୍କୁ ଅନେକ ଥର ଏକାଠି ଦେଖାଯାଇଛି, ତଥାପି ଏହି ଆଲୋଚନା ଶେଷ ହେଉନାହିଁ। ଏବେ ନିକଟରେ ଏହି ଦମ୍ପତିଙ୍କୁ ଏକ ପାରିବାରିକ କାର୍ଯ୍ୟକ୍ରମରେ ଏକାଠି ଦେଖିବାକୁ ମିଳିଥିଲା। ଯାହାର ଭିଡିଓ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି। କିନ୍ତୁ ଏହି ସମୟରେ ଏପରି କିଛି ଘଟିଲା ଯେ ୟୁଜର୍ସମାନେ ପୁଣି ଥରେ ସେମାନଙ୍କ ସମ୍ପର୍କ ଉପରେ ପ୍ରଶ୍ନ ଉଠାଇବା ଆରମ୍ଭ କଲେ। ପ୍ରକୃତରେ, ଅଭିଷେକ ଏବଂ ଐଶ୍ୱର୍ଯ୍ୟାଙ୍କ ଅନେକ ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ଦୁହେଁ ଐଶ୍ୱର୍ଯ୍ୟାଙ୍କ ସମ୍ପର୍କୀୟ ଭାଇଙ୍କ ବିବାହରେ ଦେଖାଯାଇଥିଲେ, ଯେଉଁଥିରେ ତାଙ୍କ ଝିଅ ଆରାଧ୍ୟା ବଚ୍ଚନ ମଧ୍ୟ ତାଙ୍କ ସହିତ ଦେଖାଯାଇଥିଲେ। ସୋସିଆଲ ମିଡିଆରେ ଆସିଥିବା ଭିଡିଓରେ, ତିନିଜଣ ଷ୍ଟେଜରେ ସମ୍ପୂର୍ଣ୍ଣ ପରିବାର ସହିତ ପୋଜ ଦେଉଥିବାର ଦେଖାଯାଉଛି। ଯେତେବେଳେ ଐଶ୍ୱର୍ଯ୍ୟା ତାଙ୍କ ଝିଅ ସହିତ ଆଗରେ ଠିଆ ହୋଇଛନ୍ତି, ଅଭିଷେକ ସେମାନଙ୍କ ପଛରେ ଦେଖାଯାଇଛନ୍ତି ଏବଂ ତିନିଜଣ କ୍ୟାମେରା ଆଡ଼କୁ ଚାହିଁ ହସୁଛନ୍ତି।

ଏହି ସମୟରେ ତାଙ୍କ ସହିତ ଆହୁରି ଅନେକ ଲୋକଙ୍କୁ ମଧ୍ୟ ଦେଖାଯାଉଛି। ଭିଡିଓଟି ଦେଖିବା ପରେ ଏବେ ସୋସିଆଲ ମିଡିଆ ୟୁଜର୍ସମାନେ ନିଜର ପ୍ରତିକ୍ରିୟା ଦେଉଛନ୍ତି। ଅଭିଷେକ ଏବଂ ଐଶ୍ୱର୍ଯ୍ୟା (ଐଶ୍ୱର୍ଯ୍ୟା ରାୟ-ଅଭିଷେକ ବଚ୍ଚନ)ଙ୍କୁ ଏକାଠି ଦେଖିବା ପରେ, ଲୋକମାନେ କମେଣ୍ଟରେ ବିଭିନ୍ନ ପ୍ରଶ୍ନ ପଚାରୁଛନ୍ତି। ଜଣେ ୟୁଜର କହିଛନ୍ତି, 'ଏଠାରେ କୌଣସି କେମେଷ୍ଟ୍ରି ଦେଖାଯାଉନାହିଁ, ଏହା ଏକ ନକଲି ହସ।' ଆଉ ଜଣେ ଲେଖିଛନ୍ତି: 'ଝିଅ ଏବଂ ବାପାଙ୍କ ମଧ୍ୟରେ କୌଣସି କଥାବାର୍ତ୍ତା ନାହିଁ।' ତୃତୀୟ ଜଣକ ଆରାଧ୍ୟା ବିଷୟରେ କହିଥିଲେ ଯେ ସେ ତାଙ୍କ ବାପାଙ୍କୁ ଦେଖୁନାହାଁନ୍ତି। ସେହି ସମୟରେ, ଜଣେ ବ୍ୟକ୍ତି କହିଲେ, 'ମୁଁ ଭାବୁନାହିଁ ଯେ ସ୍ୱାମୀ ଏବଂ ସ୍ତ୍ରୀ ପରସ୍ପର ସହିତ କଥା ହେଉଛନ୍ତି।' ସେହି ସମୟରେ, କେତେଜଣ ୟୁଜର୍ସ ଏହି ଦମ୍ପତିଙ୍କୁ ଏକାଠି ଦେଖିବା ପରେ ସେମାନଙ୍କ ଉପରେ ଭଲ ପାଇବା ଅଜାଡି ଦେଇଥିଲେ ଏବଂ କହିଥିଲେ ଯେ ଏହା ଏକ ସୁନ୍ଦର ପରିବାର।

# ବ୍ୟବସାୟୀଙ୍କ ପ୍ରେମରେ ଶନାୟା



ସଞ୍ଜୟ କପୁରଙ୍କ ଝିଅ ଶନାୟା କପୁର। ବର୍ତ୍ତମାନ ସେ ବଲିଉଡରେ ପାଦ ଦେବାକୁ ଯାଉଛନ୍ତି। ଶନାୟା କପୁର ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ସବୁବେଳେ ଚର୍ଚ୍ଚାରେ ରହିଥା'ନ୍ତି। ପ୍ରଶଂସକମାନେ ଉତ୍ସାହର ସହିତ ତାଙ୍କ ଡେବ୍ୟୁକୁ ଅପେକ୍ଷା କରିଛନ୍ତି। ଡେବ୍ୟୁ ପୂର୍ବରୁ ମଧ୍ୟ ଶନାୟାଙ୍କୁ ନେଇ ଖୁବ ଚର୍ଚ୍ଚା। ଶନାୟା ଜଣେ ସୁନା ବ୍ୟବସାୟୀ କରଣ କୋଠାରୀଙ୍କୁ ଡେଟ୍ କରୁଛନ୍ତି। କୁହାଯାଏ ଯେ ଦୁହେଁ କଲେଜ ସମୟରୁ ଲଭବାର୍ଡ ଥିଲେ ଏବଂ ଏବେ ବି ପରସ୍ପରର ବହୁତ ନିକଟତର; ତଥାପି, ସେମାନଙ୍କ ମଧ୍ୟରୁ କେହି ବି ସେମାନଙ୍କ ସମ୍ପର୍କକୁ ନିଶ୍ଚିତ କରିନାହାଁନ୍ତି। ନିକଟରେ ସେ ତାଙ୍କ ଡେବ୍ୟୁ ଫିଲ୍ମ ଘୋଷଣା କରିଥିଲେ । ଯେଉଁ ପୋଷ୍ଟରେ କରଣ ପ୍ରତିକ୍ରିୟା ଦେଇଛନ୍ତି। କରଣ ଲେଖିଛନ୍ତ-ବର୍ଷ ବର୍ଷ ଧରି ଦେଖୁଥିବା ସ୍ୱପ୍ନ ପୁରା କରିବାର ସମୟ ଆସିଛି । ସେ ଏବେ ନିଜ ସ୍ୱପ୍ନକୁ ବାସ୍ତବରେ ପରିଣତ କରୁଛନ୍ତି। କରଣଙ୍କ ଏହି କମେଣ୍ଟ ପରେ, ଦୁହେଁ ସମ୍ପର୍କରେ ଥିବା ନେଇ କଳ୍ପନାଜଳ୍ପନା ଚାଲିଛି। କହିବାକୁ ଗଲେ କରଣ ଓ ଶନାୟ ଏକାଠି ପାଠ ପଢୁଥିଲେ । ତାହା ପୁଣି ଗୋଟିଏ କଲେଜରେ । କରଣ ସୁନା ବ୍ୟବସାୟରେ ତାଙ୍କ ବାପାଙ୍କୁ ମଧ୍ୟ ସହଯୋଗ କରନ୍ତି। କରଣଙ୍କ ସୁନା ବ୍ରାଣ୍ଡ ପାଇଁ ଶନାୟା କପୁର ଏକ ଫଟୋସୁଟ୍ ମଧ୍ୟ କରିଛନ୍ତି । ତାଙ୍କର ଏହି ଫଟୋ ମଧ୍ୟ ଖୁବ୍ ଭାଇରାଲ ହୋଇଥିଲା। ଏହି ବର୍ଷ ଶନୟାଙ୍କ ପାଇଁ ବହୁତ ବ୍ୟସ୍ତବହୁଳ ହେବ । କାରଣ ସେ ତାଙ୍କର ବଲିଉଡ ଡେବ୍ୟୁ ଫିଲ୍ମ 'ଆଙ୍ଖୋଁ କି ଗୁସ୍ତାଖିଆଁ' ପାଇଁ ପ୍ରସ୍ତୁତ ହେଉଛନ୍ତି। ଯେଉଁଥିରେ ସେ ବିକ୍ରାନ୍ତ ମେସିଙ୍କ ସହ ନଜର ଆସିବେ। ଫିଲ୍ମରେ ଶନାୟା ଜଣେ ଥିଏଟର ଅଭିନେତ୍ରୀ ଭୂମିକାରେ ଅଭିନୟ କରୁଥିବା ବେଳେ ବିକ୍ରାନ୍ତ ଜଣେ ଦୃଷ୍ଟିହୀନ ସଂଗୀତଜ୍ଞ ଭୂମିକାରେ ନଜର ଆସିବେ। ଏହି ଫିଲ୍ମଟି ୨୦୨୫ ମଧ୍ୟଭାଗରେ ମୁକ୍ତିଲାଭ କରିବାର ସମ୍ଭାବନା ଅଛି। ପ୍ରଶଂସକମାନେ ଶନାୟଙ୍କ ବଲିଉଡ ଡେବ୍ୟୁ ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି।

# ବିନା ମୁଣ୍ଡରେ ଦେଢ଼ ବର୍ଷ ଯାଏଁ ବଞ୍ଚିଲା କୁକୁଡ଼ା



ବିନା ମୁଣ୍ଡରେ ଦେଢ଼ ବର୍ଷ ଯାଏ ବଞ୍ଚିଲା କୁକୁଡ଼ା। ଏକଥା ଶୁଣି ଆପଣ ଆଶ୍ଚର୍ଯ୍ୟ ହେଉଥିଲେ ବି କଥାଟି ସତ୍ୟ। ଏହି ଚମତ୍କାର ଘଟଣାଟି ପ୍ରାୟ ୮୦ ବର୍ଷ ପୂର୍ବେ ଆମେରିକାରେ ଘଟିଥିଲା। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ୧୯୪୫ ମସିହାରେ ଆମେରିକାର କଲୋରାଡୋରେ ଏକ କୁକୁଡ଼ା ୧୮ ମାସ ପର୍ଯ୍ୟନ୍ତ ମୁଣ୍ଡ ବିନା ବଞ୍ଚିଥିଲା। ଆମେରିକାର ଏହି ଚମତ୍କାର କୁକୁଡ଼ାର ନାମ ଥିଲା 'ମାଇକ୍'। ଆଜି ବି ଲୋକମାନେ ଏହି କୁକୁଡ଼ାକୁ 'ହେଡଲେସ୍ କୁକୁଡ଼ା' ନାମରେ ଜାଣନ୍ତି। ଆମେରିକୀୟ ଲଏଡ୍ ଓଲସନ୍ ଏବଂ ତାଙ୍କ ପତ୍ନୀ କ୍ଲାରା କଲୋରାଡୋର ଏକ ଫାର୍ମରେ କୁକୁଡ଼ା ମାରିବାର କାମ କରୁଥିଲେ। ଏହି ସମୟରେ ସେ ଏକ କୁକୁଡ଼ାର ବେକ କାଟିଦେଇଥିଲେ, ଯିଏ ମୁଣ୍ଡ କଟିବା ପରେ ମଧ୍ୟ ଜୀବିତ ଥିଲା। ସେ ପୂର୍ବରୁ ମୁଣ୍ଡ ବିନା ସେହି ଅଞ୍ଚଳରେ ବୁଲୁଥିଲା। ଏହି ଘଟଣା ବିଷୟରେ ଜାଣି ବୈଜ୍ଞାନିକମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏହା ପରେ, ବୈଜ୍ଞାନିକମାନେ ସେମାନଙ୍କର ଗବେଷଣାରେ ବ୍ୟାଖ୍ୟା କଲେ ଯେ ଏହି କୁକୁଡ଼ା କିପରି ୧୮ ମାସ ପର୍ଯ୍ୟନ୍ତ ମୁଣ୍ଡ ବିନା ଜୀବିତ ରହିଲା। ବୈଜ୍ଞାନିକଙ୍କ ମତରେ ସମସ୍ତ କୁକୁଡ଼ାଙ୍କ ମସ୍ତିଷ୍କ ପଛପଟେ ଅବସ୍ଥିତ। ମାଇକ ନାମକ ଏହି କୁକୁଡ଼ାର ମୁଣ୍ଡ କାଟି ଦିଆଯାଇଥିଲେ ହେଁ ତା'ର ମସ୍ତିଷ୍କର କିଛି ଅଂଶ ଏବଂ ଗଳାର କିଛି ଅଂଶ ସୁରକ୍ଷିତ ରହିଥିଲା। ସେଥିପାଇଁ ସେ ଏତେ ମାସ ପର୍ଯ୍ୟନ୍ତ ବଞ୍ଚିପାରିଥିଲା। ସେହି କୁକୁଡ଼ାଟି ଏତେ ଭାଗ୍ୟବାନ ଥିଲା ଯେ ତା'ର ରକ୍ତ ପ୍ରବାହ ତୁରନ୍ତ ବନ୍ଦ ହୋଇଯାଇଥିଲା ଏବଂ ତେଣୁ ରକ୍ତସ୍ରାବ ହେତୁ ତାହା ମରି ନ ଥିଲା। ଏହା ପରେ ଓଲସନ୍ ତାଙ୍କର ଯତ୍ନ ନେବା ଆରମ୍ଭ କରିଥିଲେ ଏବଂ ଏକ ଟ୍ୟୁବ ମାଧ୍ୟମରେ ତାଙ୍କୁ ଖାଦ୍ୟ ଏବଂ ପାଣି ଦେବା ଆରମ୍ଭ କରିଥିଲେ।



# ଭାଗ୍ୟ ପରୀକ୍ଷା କରିବେ କୀର୍ତ୍ତି



ନିକଟରେ ବରୁଣ ଧୱନ୍‌ଙ୍କ ସହ 'ବେବି ଜନ୍' ମାଧ୍ୟମରେ ବଲିଉଡ୍ ଡେବ୍ୟୁ କରିଥିଲେ ଦକ୍ଷିଣ ଭାରତୀୟ ସିନେମା ଜଗତର ଲୋକପ୍ରିୟ ଅଭିନେତ୍ରୀ କୀର୍ତ୍ତି ସୁରେଶ । ଫିଲ୍ମଟି ବକ୍ସ ଅଫିସ୍‌ରେ ବିଫଳ ହୋଇଥିଲେ ମଧ୍ୟ ସେଥିରେ କୀର୍ତ୍ତିଙ୍କର ଦମ୍‌ଦାର ଅଭିନୟ ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିଲା । ଆଗକୁ କୀର୍ତ୍ତି ରଣବୀର କପୁରଙ୍କ ସହିତ ଏକ ପ୍ରୋଜେକ୍ଟରେ କାମ କରିପାରନ୍ତି ବୋଲି ଖବର ସାମ୍ନାକୁ ଆସିଛି। ତାହା ଏକ ବିଗ୍ ବଜେଟ୍‌ର ଫିଲ୍ମ ହେବ । ଫିଲ୍ମଟି ଏକ ରୋମାଣ୍ଟିକ କମେଡି ହୋଇପାରେ ବୋଲି ମଧ୍ୟ କିଛି ରିପୋର୍ଟରେ କୁହାଯାଉଛି । ତେବେ କୀର୍ତ୍ତି କିମ୍ବା ରଣବୀରଙ୍କ ପକ୍ଷରୁ ଏ ସଂପର୍କରେ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ । ଯଦି ଏହି ଖବର ସତ ହୋଇଥାଏ ତେବେ ଏହି ଫିଲ୍ମ ମାଧ୍ୟମରେ କୀର୍ତ୍ତି ପୁଣି ବଲିଉଡ୍‌ରେ ନିଜର ଭାଗ୍ୟପରୀକ୍ଷା କରିବେ । ୱାର୍କଫ୍ରଣ୍ଟ କଥା କହିବାକୁ ଗଲେ କୀର୍ତ୍ତିଙ୍କୁ ଆଗକୁ 'ଆକ୍କା'ରେ ଦେଖିବାକୁ ମିଳିବ। ସେଥିରେ ତାଙ୍କ ସହିତ ରାଧିକା ଆପ୍ଟେ, ତନଭି ଆଜମିଙ୍କ ଭଳି କଳାକାର ସ୍କ୍ରିନ୍ ସେୟାର କରିବେ। ସେହି ଥ୍ରିଲର ଫିଲ୍ମରେ କୀର୍ତ୍ତି ଗ୍ୟାଙ୍ଗଷ୍ଟର ଭୂମିକାରେ ନଜର ଆସିବେ ।

Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



# ଆମ କଳାହାଣ୍ଡି



ପୃଷ୍ଠା-୧୩
Page-13
ମଙ୍ଗଳବାର, ୧ ଏପ୍ରିଲ ୨୦୨୫
ଓଡ଼ିଶା ଭାସ୍କର, ଭୁବନେଶ୍ୱର


## ‘ପ୍ରତିଭା’ ଅନୁଷ୍ଠାନର ବ୍ଲକସ୍ତରୀୟ ରୌପ୍ୟଜୟନ୍ତୀ ପାଳିତ

ଭବାନୀପାଟଣା, (ଭାସ୍କର ନିଉଜ୍) କଳାହାଣ୍ଡି ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ‘ ପ୍ରତିଭା’ ତାହାର ୨୫ ବର୍ଷ ପୂର୍ତ୍ତି ଅବସରରେ ବ୍ଲକସ୍ତରରୁ ରୌପ୍ୟଜୟନ୍ତୀ ମହୋତ୍ସବ ପାଳନ କରିବା ଆରମ୍ଭ କରିଛି। ଏହି କ୍ରମରେ ପ୍ରଥମ ବ୍ଲକସ୍ତରୀୟ ଉତ୍ସବ ଥୁଆମୂଳ ରାମପୁର ବ୍ଲକସ୍ଥିତ ମା’ ମାଣିକେଶ୍ୱରୀଙ୍କ ପୀଠରୁ ଆରମ୍ଭ ହୋଇଥିଲା। ମା’ଙ୍କର ପୂଜାର୍ଚ୍ଚନା ପରେ ସ୍ଥାନୀୟ ମାଣିକେଶ୍ୱରୀ ପଞ୍ଚାୟତ ସମିତି ମହାବିଦ୍ୟାଳୟ ଠାରେ ବିଧିବଦ୍ଧ ଭାବେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଥୁଆମୂଳ ରାମପୁର ଅଞ୍ଚଳର ବିଶିଷ୍ଟ କଳା ସଂଗଠକ ତଥା ବ୍ଲକ କଳା ସଂସ୍କୃତି ସଂଘ ସଭାପତି ମାଣିକ୍ୟ ନାଏକ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସତ୍ୟନାରାୟଣ ମୁଣ୍ଡଛିନା, ଅଶୋକ ସିଂହ, ଅନୁଷ୍ଠାନ



ସଂପାଦକ ଚିଣ୍ଟୁ ପ୍ରସାଦ ନାଏକ, ବିରଞ୍ଚି ନାଏକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଟିକୁ ମହାବିଦ୍ୟାଳୟର ଅଧ୍ୟାପକ ବକ୍ତୃବାହାନ ବୁଧିଆ ପରିଚାଳନା କରିଥିଲାବେଳେ ପ୍ରତିଭା ଅନୁଷ୍ଠାନର ସଭ୍ୟସଭ୍ୟା ଅନିଲ କୁମାର ରାଉତ, ଆଲୋକ କୁମାର ସାହୁ, ଗୌରୀଶଙ୍କର ଦୁର୍ଗା, ଉପ-ସଭାପତି ଦେବେଶ କୁମାର ସିଂହ, ଲିପ୍ସାରାଣୀ ବାରିକ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ପ୍ରତିଭା ଅନୁଷ୍ଠାନର ସଭାପତି ଧ୍ୟାନାନନ୍ଦ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ ଓ ବରିଷ୍ଠ ସଭ୍ୟା ନମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ନିମନ୍ତ୍ରିତ ଅତିଥି, ସ୍ଥାନୀୟ କଳାପ୍ରେମୀ ଦର୍ଶକ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।

## ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ‘ବିଶ୍ୱ ନୃତତ୍ତ୍ୱ ଦିବସ’ ପାଳିତ

ଭବାନୀପାଟଣା, (ଭାସ୍କର ନ୍ୟୁଜ୍ ) : ସ୍ଥାନୀୟ ମାଆ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଜ୍ଞାନ ବିଭାଗରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥଙ୍କ ସଭାପତିତ୍ୱରେ ’ଆନ୍ଥ୍ରୋପୋଲୋଜି ଅଫ୍ ହେଲଥ୍ ଆଣ୍ଡ ୱେଲ୍ ବିଙ୍ଗ’ ସମ୍ପର୍କିତ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। କଲିକତାର ବାୟୋଲୋଜିକାଲ ନୃତତ୍ତ୍ୱ ବିଜ୍ଞାନ, ଇଣ୍ଡିଆନ ଷ୍ଟାଟିଷ୍ଟିକାଲ ୟୁନିଟ୍, ବିଭାଗର ମୁଖ୍ୟ ପ୍ରଫେସର ସୁଭୋ ରାଓ ଏହି ଆଲୋଚନାଚକ୍ରର ଶୁଭାରମ୍ଭ କରିଥିଲେ। ଏକଦିବସୀୟ ଏହି ଆଲୋଚନାଚକ୍ରରେ ସ୍ୱାସ୍ଥ୍ୟ ଓ ପୋଷଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସୁନ୍ଦରଗଡ ଜିଲ୍ଲାର ଆଦିବାସୀ ସଂପ୍ରଦାୟର ମାରାତ୍ମକ ରୋଗ ବିଷୟରେ, ଜାତୀୟ ସର୍ଭେରେ ନୃତତ୍ତ୍ୱ ବିଭାଗର ଭୂମିକା,



ସ୍ନାତକ ଓ ସ୍ନାତକୋତ୍ତର ବିଭାଗରେ ସ୍ୱାସ୍ଥ୍ୟ ଓ ପୋଷଣ ସମ୍ବନ୍ଧରେ ବିଶେଷ ଅଧ୍ୟୟନ ପ୍ରଭୃତି ଦିଗ ଉପରେ ଆଲୋଚନା ହୋଇଥିଲା। ପ୍ରଫେସର ପ୍ରସନ୍ନ କୁମାର ପାତ୍ର (ଉତ୍କଳ ବିଶ୍ୱବିଦ୍ୟାଳୟ), ପ୍ରଫେସର ଅରୁଣ କୁମାର ଆଚାର୍ଯ୍ୟ (ସମ୍ବଲପୁର ବିଶ୍ୱବିଦ୍ୟାଳୟ), ଡକ୍ଟର ବିଭୁ କଲ୍ୟାଣ ମହାନ୍ତି (ସହଯୋଗୀ ପ୍ରଫେସର, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ) ଡକ୍ଟର ଶିବ କୁମାର (ସହକାରୀ ପ୍ରଫେସର, ଆଦର୍ଶ ସ୍ନାତକ ମହାବିଦ୍ୟାଳୟ, ଖରିଆର) ପ୍ରମୁଖ ଯୋଗ ଦେଇଥିଲେ । ସହଯୋଗୀ ପ୍ରଫେସର ଡକ୍ଟର ରାଜକିଶୋର ମାହାନା ଧନ୍ୟବାଦ ଅର୍ପଣ କରିଥିଲେ । ନୃତତ୍ତ୍ୱ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡକ୍ଟର ମଧୁଲିକା ସାହୁ ଡକ୍ଟର କୁମୁଦ ଚନ୍ଦ୍ର ନାଏକ, ଡକ୍ଟର ଧନଞ୍ଜୟ କୁମାର, ଚିରଞ୍ଜିବୀ ଶବର, ପୂର୍ଣ୍ଣଚନ୍ଦ୍ର ବରାଡି, ରତ୍ନାକର ପଲେଇ ତଥା ସମସ୍ତ ଛାତ୍ରଛାତ୍ରୀ ଓ ଗବେଷକ- ଗବେଷିକାଙ୍କ ସହଯୋଗରେ ଏହି ଆଲୋଚନାଚକ୍ର ସଫଳ ହୋଇଥିଲା ।

## ଯୁବ ସମାଜସେବୀଙ୍କ ପରଲୋକ

ଧର୍ମଗଡ଼ (ଭାସ୍କର ନ୍ୟୁଜ୍ ) : ଆଉ ନାହାନ୍ତି ଯୁବ ସମାଜସେବୀ ପ୍ରକାଶ କବରିଆ। ରବିବାର ଦିନ ତାଙ୍କର ପରଲୋକ ଘଟିଛି। ଧର୍ମଗଡ଼ ବ୍ଲକ ଧଅରପୁର ଗ୍ରାମର ପ୍ରକାଶ କବରିଆ (୫୩)ଙ୍କ ହଠାତ ମୃତ୍ୟୁରେ ଅଞ୍ଚଳ ଏକ ପ୍ରକାର ଗଭୀର ଶୋକାକୁଳ ଭିତରେ ବୁଡି ରହିଛି। ରବିବାର ଦିନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବା ପରେ ଚିକିତ୍ସା ପାଇଁ ବିଶାଖାପାଟଣା ଡାକ୍ତରଖାନା ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ଖବର ପ୍ରଘଟ ହେବା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ରବିବାର ଅପରାହ୍ଣରେ ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି। ବଡ଼ ପୁଅ ମୁଖାଗ୍ନି ଦେଇଥିବା ବେଳେ ବନ୍ଧୁ ପରିଜନ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ରହିଥିଲେ। ତାଙ୍କ ମୃତ୍ୟୁରେ ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଶୀ ଗଭୀର ଶୋକ ବ୍ୟକ୍ତ କରିଥିବା ବେଳେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେଭଳି ସେଡୁଲ କାଷ୍ଟ ଫେଡରେସନ



ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସେ ଜଣେ ପରୋପକାରୀ ମିଷ୍ଟଭାଷୀ ରହିଥିବା ବେଳେ ନିଜ ସମାଜକୁ ଆଗେଇ ନେବାରେ ପ୍ରମୁଖ ଭୂମିକା ତୁଲାଇଛନ୍ତି। ତାଙ୍କ ମୃତ୍ୟୁରେ ଅଞ୍ଚଳ ସମେତ ସମାଜର ବହୁ ବଡ଼ କ୍ଷତି ହୋଇଥିବା ଡମ୍ବ ସମାଜ ସଭାପତି ବିରଞ୍ଚି ଖମାରି ସମ୍ବାଦକ ଯଶୋବନ୍ତ ପାଣିଗ୍ରାହୀ, ଦିଗାମ୍ବର ଦୁରିଆ, ସେଡୁଲ କାଷ୍ଟ ଫେଡରେସନ ସଭାପତି ବିରଞ୍ଚି ନାୟରଣ ଜାଲ ପ୍ରମୁଖ କହିଛନ୍ତି।

## ସୁଧାଂଶୁ କୁମାର ନନ୍ଦ ହେଲେ ବାର ଆସୋସିଏସନ ସଭାପତି

କଳାହାଣ୍ଡି, (ଭାସ୍କର ନ୍ୟୁଜ୍ ) : କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ବାର ଆସୋସିଏସନର ନିର୍ବାଚନ ଶାନ୍ତି ଶୃଙ୍ଖଳା ସହ ସମାପ୍ତ ହୋଇଛି। ଏହି ନିର୍ବାଚନରେ ବାର ଆସୋସିଏସନର ସଭାପତି ତଥା ବରିଷ୍ଠ ଆଇନଜୀବୀ ସୁଧାଂଶୁ କୁମାର ନନ୍ଦ ଦ୍ୱିତୀୟ ଥର ପାଇଁ ପୁନର୍ବାର ସଭାପତି ଭାବେ ନିର୍ବାଚିତ ହୋଇଥିବାବେଳେ ତାଙ୍କ ସମର୍ଥକଙ୍କ ମହଲରେ ବେଶ ଉତ୍ସାହ ଦେଖିବାକୁ ମିଳିଛି। ସମ୍ପାଦକ ଭାବେ ଆଇନଜୀବୀ ଅଶୋକ କୁମାର ପଟ୍ଟନାୟକ ଏବଂ ସହ ସମ୍ପାଦକ ଭାବେ ସରଣୀ ବେମାଲ ନିର୍ବାଚିତ ହୋଇଛନ୍ତି। ସେଭଳି ବରିଷ୍ଠ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଜୟନ୍ତ କୁମାର ମୁଣ୍ଡ, ପ୍ରଶାନ୍ତ କୁମାର ବାରିକ, ଲୋକନାଥ ନାଏକ ଏବଂ ସୌମେନ୍ଦ୍ର ଚାନ୍ଦ ନିର୍ବାଚିତ



ହୋଇଛନ୍ତି । ଅପ୍ରତିଦ୍ୱନ୍ଦି ଉପ ସଭାପତି ଭାବେ ଆଇନଜୀବୀ ଗଣେଶ୍ୱର ପଟ୍ଟନାୟକ କୋଷାଧ୍ୟକ୍ଷ ଭାବେ ମହେଶ ପ୍ରସାଦ ମହାପାତ୍ର ଏବଂ କନିଷ୍ଠ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଇଲା ସେଲମା, ନୀଳାଞ୍ଚଳ ସ୍ୱାଇଁ ଓ ପ୍ରବୀଣ କୁମାର ବିହାରୀ ନିର୍ବାଚିତ ହୋଇଛନ୍ତି । ନିର୍ବାଚନ ଅଧିକାରୀ ଭାବେ ବରିଷ୍ଠ ଆଇନଜୀବୀ ମାନସ ରଞ୍ଜନ ମହାନ୍ତି ଭବାନୀପାଟଣା ବାର ଆସୋସିଏସନର ନିର୍ବାଚନ ପରିଚାଳନା କରିଥିଲେ ।

## ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ

ଗୋଲାମୁଣ୍ଡା, (ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ଗୋଲାମୁଣ୍ଡା ଉପଖଣ୍ଡସ୍ତରୀୟ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଚୈତ୍ର ଶୁକ୍ଳ ପ୍ରତିପଦା ଧୁମଧାମରେ ସ୍ୱାମୀ ରାମ ହିମାଳୟ ଯୋଗ ଆଶ୍ରମ (ଛତ୍ରପୁର) ଦଶପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଉତ୍ସବରେ ଗୋଲାମୁଣ୍ଡା ଖଣ୍ଡ ସଂଘ ଚାଳକ ନବରତ୍ନ ରାଉତ, ସ୍ୱାମୀ ସତ୍ୟ ସୌରୁପାନନ୍ଦ ସରସ୍ୱତୀ (ସୁଧିର ବାବା), ଜିଲ୍ଲା କାର୍ଯ୍ୟ ବାହ ଶିଶିର କୁମାର ସାବତ, କଳାହାଣ୍ଡି ଜିଲ୍ଲା ବୌଦ୍ଧିକ ପ୍ରମୁଖ ଶ୍ୟାମସୁନ୍ଦର ପାଢି ଉପସ୍ଥିତ ରହି ହିନ୍ଦୁ ନବବର୍ଷର ବିଶେଷତ୍ୱ ଓ ସନାତନ ଧର୍ମ ବିଷୟରେ ନିଜ ନିଜ ବକ୍ତବ୍ୟ ପ୍ରଦାନ କରିଥିଲେ। ଗୋଲାମୁଣ୍ଡା ଖଣ୍ଡ କାର୍ଯ୍ୟବାହ ବୈକୁଣ୍ଠ ନାଏକ ଉପସ୍ଥିତ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସର୍ବ ପ୍ରଥମେ ଆଦ୍ୟ ସଂଘ ଚାଳକଙ୍କ ପ୍ରଣାମ ପରେ ଭାରତମାତାଙ୍କ ପାଖରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟ ଆରମ୍ଭ ହୋଇଥିଲା। ସମସ୍ତ ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରୁ ଆସିଥିବା ସ୍ୱୟଂ ସେବକ ଓ ବିବିଧ କ୍ଷେତ୍ରର କାର୍ଯ୍ୟକର୍ତ୍ତା ସଂଘ ପ୍ରାର୍ଥନା ପରେ ସମସ୍ତଙ୍କୁ ନେଇ ସଂଘର ବିସ୍ତାର ବୈଠକ ହୋଇଥିଲା। ପରେ ସହଭୋଜ କାର୍ଯ୍ୟକର୍ମ ରଖାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ଖଣ୍ଡ ଟୋଳିର ସମସ୍ତ କାର୍ଯ୍ୟକର୍ତ୍ତା ସହଯୋଗ କରିଥିଲେ।



## ଜୁନାଗଡ଼ ଓକିଲ ସଂଘର ନିର୍ବାଚନ ଅନୁଷ୍ଠିତ

ଜୁନାଗଡ଼, (ଭାସ୍କର ନ୍ୟୁଜ୍ ) : ଚଳିତ ୨୦୨୫/୨୬ ବର୍ଷ ପାଇଁ ଜୁନାଗଡ଼ ଓକିଲ ସଙ୍ଘର ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବେ ବାଳକୃଷ୍ଣ ଅକ୍ଷଚାରୀ, ଉପସଭାପତି ଦିଗାମ୍ବର ନାଏକ, ସମ୍ପାଦକ ହିମାଂଶୁ ଶେଖର ବରାଡ଼, ସହସମ୍ପାଦକ





ଧନେଶ୍ୱର ନାଏକ ଓ ଜୟଦେବ ସୁନାନୀ, ସହ ସମ୍ପାଦକ (ଲାଇବ୍ରେରୀ) ଜୁଲିରାଣୀ ନାୟକ, କୋଷାଧ୍ୟକ୍ଷ ମିଳାପଚନ୍ଦ ଜୈନ ଓ କାର୍ଯ୍ୟକାରୀ ସଦସ୍ୟ ଭାବେ ସୁରେଶ ଚନ୍ଦ୍ର ପଣ୍ଡା, ମଦନ ମୋହନ ସାହୁ, ଅଶୋକ କୁମାର ପାତ୍ର, ନୀଳକଣ୍ଠ ମିଶ୍ର, କୈଳାସ ଚନ୍ଦ୍ର ଚୌଧୁରୀ, ଦିପେନ କୁମାର ସାହୁ, ବିଶ୍ୱନାଥ କର ନିର୍ବାଚିତ ହୋଇଛନ୍ତି ବୋଲି ନିର୍ବାଚନ ଅଧିକାରୀ ବରିଷ୍ଠ ଆଇନଜୀବୀ ଶିଶିର କୁମାର ପଟ୍ଟନାୟକ ଜଣାଇଛନ୍ତି। ଆଗାମୀ ଦିନରେ ଜୁନାଗଡ଼ କୋର୍ଟ ବିଲଡିଂ ତିଆରି ନୂତନ କମିଟିର ପ୍ରାଥମିକତା ହେବ ଓ ଓକିଲ ମାନଙ୍କ ସମସ୍ୟାର ସମାଧାନ ହେବ ବୋଲି ନୂତନ ସଭାପତି ଓ ସମ୍ପାଦକ ପ୍ରକାଶ କରିଛନ୍ତି।

## ପରବାଙ୍ଗୀ ଆଶ୍ରମରେ ମହିମା ମେଳା



ନର୍ଲା, (ଭାସ୍କର ନ୍ୟୁଜ୍ ): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ପରବାଙ୍ଗି ସ୍ଥିତ ସତ୍ୟ ମହିମା ଆଶ୍ରମରେ ଚାଲିଛି ବିଶ୍ୱଶାନ୍ତି ବ୍ରହ୍ମଯଜ୍ଞ ମହିମା ମେଳା ମହୋତ୍ସବ-୨୦୨୫। ମଠାଧୀଶ ସାଧୁ ପ୍ରଭାକର ଦାସଙ୍କ ପ୍ରତ୍ୟେକ୍ଷ୍ୟ ତତ୍ୱାବଧାନରେ ଏନେଇ ଆୟୋଜିତ ବ୍ରହ୍ମଯଜ୍ଞର ପୌରହିତ୍ୟ କରିଥିଲେ ବ୍ରହ୍ମ ଅବଧୂତ ଭଗବାନ ଦାସ। ବ୍ରହ୍ମ ଅବଧୂତ ମଦନ ବାବା, ବ୍ରହ୍ମ ଅବଧୂତ ସୁରେଶ ବାବାଙ୍କ ସମେତ ସାଧୁ ବିପିନ ଦାସ, ସାଧୁ ଉଦ୍ଧବ ଦାସ, ସାଧୁ ସଦାନନ୍ଦ ଦାସ, ସାଧୁ ଝସକେତନ ଦାସ, ସାଧୁ ଇନ୍ଦ୍ରମଣି ଦାସ, ସାଧୁ ବିଦୁର ଦାସ, ସାଧୁ କୁମୁଦ ଦାସ ପ୍ରମୁଖ ବ୍ରହ୍ମଯଜ୍ଞ ପରିଚାଳନା କରୁଛନ୍ତି। ଏହି ଅବସରରେ ବୈଦ୍ୟରାଜ ଭକ୍ତ ପବିତ୍ର ଶବର ଆଶ୍ରମର ନବ ନିର୍ମିତ ଧୂନି ମଣ୍ଡପର ଶୁଭ ଉଦ୍‌ଘାଟନ କରିଥିଲେ। ଏଥିରେ ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଖଇରା ସ୍ଥିତ ସତ୍ୟ ମହିମା ସଂସ୍କୃତ ବିଦ୍ୟାପିଠର ପ୍ରଧାନ ପଣ୍ଡିତ ଅକ୍ଷୟ କୁମାର ତ୍ୟାଗିଙ୍କ ସମେତ ଅନେକ ସାଧୁସନ୍ଥ ଉପସ୍ଥିତ ଥିଲେ। ରବିବାର ସକାଳ ୮ ଘଣ୍ଟା କଳସ ଯାତ୍ରା, ସନ୍ଧ୍ୟା ୬ ଘଣ୍ଟା ବ୍ରହ୍ମଧୂନି ସ୍ଥାପନ ଓ ଯଜ୍ଞାରମ୍ଭ, ରାତ୍ର ୮.୩୦ ପ୍ରବଚନ, ଅହୋରାତ୍ର ନାମ ଭଜନ ଓ ସଂସ୍କୃତିକ କାର୍ଯ୍ୟକ୍ରମ ଚାଲିଥିଲା। ସୋମବାର ବ୍ରାହ୍ମ ମୂହୁର୍ତ୍ତରେ ମହାପ୍ରସାଦ ଅର୍ପଣ, ଦିବା ୮ଘଣ୍ଟା ଭଜନ ଓ ପ୍ରବଚନ ଅନୁଷ୍ଠିତ ହୋଇଛି। ମଙ୍ଗଳବାର ସକାଳ ୮ ଘଣ୍ଟା ପୂର୍ଣ୍ଣାହୁତି ସହ ୨୦୨୫ ମହିମା ମେଳା କାର୍ଯ୍ୟକ୍ରମର ସମାପନ ହେବ ବୋଲି ସତ୍ୟ ମହିମା ଆଶ୍ରମ ପରବାଙ୍ଗିର ମଠାଧୀଶ ସାଧୁ ପ୍ରଭାକର ଦାସ ସୂଚନା ଦେଇଛନ୍ତି। ଏହି ମେଳାରେ ବ୍ରହ୍ମଯଜ୍ଞ ସହ ଚୂଡ଼ାକରଣ, ମୁଣ୍ଡନ, ସଂସ୍କାର ଆଦି ବିଭିନ୍ନ କାର୍ଯ୍ୟକ୍ରମ ଚାଲିଛି। ଏଥିରେ ମହିମା ଧର୍ମାବଲମ୍ବୀ ସିଦ୍ଧ, ସାଧୁ, ବୈରାଗୀ ଓ ୧୫ ଗୋଟି ଜିଲ୍ଲାରୁ ଭକ୍ତବୃନ୍ଦ ଯୋଗ ଦେଇଛନ୍ତି। ବ୍ରହ୍ମଯଜ୍ଞ ଓ ଭଜନ ଦେଖିବାସହ ପ୍ରବଚନ ଶ୍ରବଣ କରିବାକୁ ପ୍ରବଳ ଜନସମାଗମ ହେଉଥିବା ଦେଖିବାକୁ ମିଳୁଛି।

## ପରମ୍ପରା, ଆସ୍ଥା ଓ ବିଶ୍ୱାସର ପ୍ରତୀକ ଚୈତ୍ର ଯାତ୍ରା...

## ମା’ ଭଣ୍ଡାର ଘରଣୀଙ୍କ ସ୍ୱପ୍ନାଦେଶ ପରେ ଘଟ ଧାରଣ କରନ୍ତି କିଶୋରୀ

ଧର୍ମଗଡ଼, (ଭାସ୍କର ନ୍ୟୁଜ୍ ) : ଧର୍ମଗଡ଼ର ଅଧିଷ୍ଠାତ୍ରୀଦେବୀ ମା ଭଣ୍ଡାର ଘରଣୀଙ୍କ ଚୈତ୍ରଯାତ୍ରା ଆରମ୍ଭ ହୋଇଛି। ଏଥିପାଇଁ ସମଗ୍ର ସହରାଞ୍ଚଳ ଚଳଚଞ୍ଚଳ ହୋଇଉଠିଛି। ସ୍ଥାନୀୟ ଗୋହନ୍ତିଆଙ୍କ ଘରୁ ପୂଜାର୍ଚ୍ଚନା ପରେ ମାଆଙ୍କ କଳସକୁ ତେନ୍ତୁଳିଆ ପଡ଼ାସ୍ଥିତ ମନ୍ଦିର ପୂଜକଙ୍କ ଘରକୁ ନେଇ ସେଠାରେ ପୂଜା ପାଇବା ପରେ ବହୁ ଆଡ଼ମ୍ବରରେ ମାଆଙ୍କ ଘଟ ନଗର ପରିକ୍ରମାରେ ବାହାରିଥାଏ। ମହିଳା ମାନେ ନିଜ ନିଜର ଦାଣ୍ଡ ଦୁଆରକୁ ଲିପା ପୋଛା କରିବା, ଝୋଟି ଦେଇ ମାଆଙ୍କ ସଦୃଶ କଳସକୁ ବନ୍ଦାପନା କରି ସ୍ୱାଗତ କରିଥାନ୍ତି। ତିନି ଦିନ ଧରି ଗ୍ରାମ ପରିକ୍ରମା ପରେ ମଙ୍ଗଳବାର ଦିନ ମାଆଙ୍କ ଏହି ଘଟ ଯାତ୍ରା ଶେଷ ହେବ। ଧର୍ମଗଡ଼ର ଅଧୀଷ୍ଠାତ୍ରୀ ଦେବୀ ହେଉଛନ୍ତି ମା ଭଣ୍ଡାର ଘରଣୀ । ମା ଭଣ୍ଡାର ଘରଣୀଙ୍କ ଉପରେ ଅଂଚଳବାସୀଙ୍କ ରହିଛି ଆସ୍ଥା ଓ ବିଶ୍ୱାସ। ବର୍ଷ ତମାମ ଭକ୍ତ ମାନଙ୍କୁ ମା ନିଜ ମନ୍ଦିରରେ ଦର୍ଶନ ଦେଉଥିବା ବେଳେ ମାଙ୍କ ଚୈତ୍ର ପର୍ବ ସମୟରେ କିନ୍ତୁ ମାଙ୍କ ପ୍ରତିମା ସ୍ୱରୂପ ଘଟ(କଳସୀ)ମନ୍ଦିରରୁ ବାହାରି ନଗର ପରିକ୍ରମା ପୂର୍ବକ ଭକ୍ତଙ୍କ ଦୁଆର ମୁହଁରେ ଦର୍ଶନ ଦେଇଥାନ୍ତି। ଏହି ପର୍ବ ସମୟରେ ଦୁଇ ଜଣ କିଶୋରୀ ମାନଙ୍କ ଦ୍ୱାରା ମା ଭଣ୍ଡାର ଘରଣୀ ଓ ମାଁ ଠାକୁରାଣୀଙ୍କ ଘଟ ବୁହା ହୋଇ ସହରର ସମସ୍ତ ଘରକୁ ଘର



ପରିକ୍ରମା କରାଯାଇଥାଏ। ତେବେ ଆଶ୍ଚର୍ଯ୍ୟର ବିଷୟ ଯେ ମାଙ୍କ ଯାତ୍ରାର ଦିନକ ପୂର୍ବରୁ ମାଙ୍କ ଘଟ(କଳସୀ)କୁ କେଉଁ କୁମାରୀ କନ୍ୟା ଧାରଣ କରିବେ ତାହା ଉପରେ ମୂଖ୍ୟ ପୂଜକଙ୍କୁ ସ୍ୱପ୍ନାଦେଶ କରିଥାନ୍ତି ମା’ ଭଣ୍ଡାରଘରଣୀ। ତାପରେ ପୂଜକ ସେହି ଘରକୁ ଯାଇ କିଶୋରୀ ମାନଙ୍କୁ ମନ୍ଦିରକୁ ନେଇ ଆସନ୍ତି। ଏହାପରେ ମା’ଙ୍କ ମନ୍ଦିରରେ ସ୍ଥାନୀୟ କିଛି ମହିଳା ଏବଂ ପୁରୁଷଙ୍କ ଦେହରେ କାଳିଶି ରୂପରେ ମାଙ୍କ ଆବିର୍ଭାବ ହୋଇଥାଏ। ଏହା ପରେ ମାଙ୍କ ଘଟ ସହର ଅଭିମୁଖେ ବାହାରି ଥାଏ। ଏହି ସମୟରେ ମା’ଙ୍କ ଦର୍ଶନ କଲେ ସମସ୍ତ ମନସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି। ଯେକୌଣସି ଶୁଭ କାମ ଆରମ୍ଭ କରିବା ପୂର୍ବରୁ ପ୍ରଥମେ ମା’ଙ୍କ ମନ୍ଦିରକୁ ଦର୍ଶନ କରି ମାଙ୍କ ଆର୍ଶିବାଦ ଗ୍ରହଣ କରିଥାନ୍ତି ଅଞ୍ଚଳବାସୀ। ଯାହା ଫଳରେ କି ସମସ୍ତ କାମରେ ସୁଖ, ସମୃଦ୍ଧି ଓ ସଫଳତା ମିଳିଥାଏ ବୋଲି ବିଶ୍ୱାସ ରହିଛି । ପ୍ରଶାସନିକ କଟକଣା ସତ୍ତ୍ୱେ ମାଙ୍କ ଏହି ଚୈତ୍ର ଯାତ୍ରା ଦିନରେ ରକ୍ତ ରଂଜିତ ହୋଇଥାଏ ପୀଠ। ବହୁ ସଂଖ୍ୟାରେ ମାନସିକଧାରୀ ମାନେ ଛେଳି, ମେଣ୍ଢା, କୁକୁଡ଼ା ଓ ପାରା ଆଦି ବଳି ଦେଇଥାନ୍ତି। ଏହି ପର୍ବ ଅଞ୍ଚଳବାସୀଙ୍କ ବିଶ୍ୱାସ ଓ ଆସ୍ଥା ସହ ଯୋଡି ହୋଇରହିଛି। ତମାମ ବର୍ଷ ସାରା ଏହି ବେଳାକୁ ଅପେକ୍ଷାରେ ରହିଥାନ୍ତି ଅଞ୍ଚଳବାସୀ।

## ରାଶିଫଳ


ମଙ୍ଗଳବାର, ୧ ଏପ୍ରିଲ ୨୦୨୫



**ମେଷ:** ଶାନ୍ତ ଓ ସୁଶିଳତାର ଝଲକରେ ଆତ୍ମୀୟସ୍ୱଜନଙ୍କ ମନ କିଣି ନେଇପାରନ୍ତି। କିନ୍ତୁ ପାରିବାରିକ ଭୁଲ୍ ବୁଝାମଣା ହେତୁ ଅଭାବ ନ ଥିଲେ ମଧ୍ୟ ମାନସିକ ଅସ୍ଥିରତା ଲାଗି ରହିବ। ଯାନବାହନ କିମ୍ବା ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି।




**ବୃଷ:** ଆଜି ଆର୍ଥିକ ସହାୟତା ପ୍ରଦାନ କରିବାର ମାର୍ଗ ଉନ୍ମୁକ୍ତ ହୋଇଜିବ। ଆକସ୍ମିକ ଭାବରେ ନିମନ୍ତ୍ରିତ ହୋଇ ଆଲୋଚନାରେ ନିଜକୁ ସାମିଲ କରିବାକୁ ପଡିପାରେ। ଦୀର୍ଘ ଦିନର ସୁଚିନ୍ତିତ ନୂତନ ଗୃହ ବା ବାଣିଜ୍ୟାରମ୍ଭ କରିପାରନ୍ତି।



**ମିଥୁନ:** ଆଜି କୌଣସି ବିବାଦୀୟ ଘଟଣାରେ ହସ୍ତକ୍ଷେପ ଆପଣଙ୍କୁ ମହଙ୍ଗା ପଡିପାରେ। ସାଧାରଣ କଥାକୁ କେନ୍ଦ୍ରକରି ପାରିବାରିକ ଅସ୍ଥିରତା ସକାଶେ ମନ ଭଲ ରହିବ ନାହିଁ । ପରିସ୍ଥିତିବଶତଃ ନୂତନ ବନ୍ଧୁ ସମ୍ପର୍କ ଯୋଡିବା ପାଇଁ ଚେଷ୍ଟା କଲେ ଉପକୃତ ହେବେ। କଳା, ସାହିତ୍ୟ କ୍ଷେତ୍ରରେ କୌଣସି ପ୍ରକାରର ଅସୁବିଧା ହେବନାହିଁ।




**କର୍କଟ:** ସାମାଜିକ ସ୍ତରରେ ଯେଉଁ ଆଶା ନେଇ କାହା ପାଇଁ କିଛି କରିବେ, ପ୍ରତିବଦଳରେ କିଛି ପାଇବେ ନାହିଁ । ଯାତ୍ରା ସମୟରେ ଜଣେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହୋଇପାରନ୍ତି। ବାଣିଜ୍ୟ, ବ୍ୟବସାୟ, ପରିବହନ, ଆଇନ ଅଦାଲତ କ୍ଷେତ୍ରରୁ ସୁଫଳ ପାଇବେ।




**ସିଂହ:** କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟରେ ସମାଧାନର ଚିନ୍ତା ମନକୁ ସାମୟିକ ବିବ୍ରତ କରିପାରେ।ବନ୍ଧୁଙ୍କ ମାଧ୍ୟମରେ ଅଭିଳଷିତ ଜିନିଷ ପାଇପାରିବେ। ତରବରିଆ ଯାତ୍ରାକରନ୍ତୁ ନାହିଁ, ସତର୍କ ନ ରହିଲେ ସାଧାରଣ ଆଘାତ ଲାଗିପାରେ । ରଚନାତ୍ମକ କାମ, ପରିବହନ, ବ୍ୟବସାୟ ସକାଶେ ଦିନଟି ବହୁତ ଭଲ ।




**କନ୍ୟା:** କର୍ମକ୍ଷେତ୍ରରେ ଅନ୍ୟମାନଙ୍କ କଥାକୁ ସରଳ ଓ ସହଜରେ ଗ୍ରହଣ କରି ପାରିବେ ନାହିଁ । ସମୟ ସୁବିଧାକୁ ନେଇ ବନ୍ଧୁଙ୍କ ପାଖରେ ଅଭାବ ଅସୁବିଧା ଜଣାନ୍ତୁ, ଅବଶ୍ୟ ଆଶା ପୂରଣ ହୋଇଯିବ। ଅନ୍ୟମାନଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିବା କାମଗୁଡିକର ସମୀକ୍ଷା କରି ବ୍ୟସ୍ତତା ଅନୁଭବ କରିବେ ।




**ତୁଳା:** ଆଜି କର୍ମକ୍ଷେତ୍ରରେ ଅବ୍ୟବସ୍ଥା, ପାରିବାରିକ ଜୀବନକୁ ପ୍ରଭାବିତ କରିବ । ଅବଶ୍ୟ ବହୁଳାଂଶରେ ସୁଫଳ ପାଇପାରିବେ। ମିତ୍ରତା ବନ୍ଧନରେ ଆବଦ୍ଧ ହେବା ସହ ସାମ୍ବାଦିକତା, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହୋଇପାରେ । ପାରିବାରିକ କଳହ ଦୂରିଭୁତ ହେବ।




**ବିଛା:** ଆଜି ପୂର୍ବସ୍ଥିରୀକୃତ ସ୍ଥାନକୁ ଯାତ୍ରା କରିପାରନ୍ତି। ବନ୍ଧୁମିଳନ ସହ ସାମୂହିକ ଆଲୋଚନା ମଧ୍ୟ ଫଳପ୍ରଦ ହୋଇପାରିବ। ବ୍ୟବସାୟ ଓ ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସହଜ ଓ ସୁବିଧାରେ ଲକ୍ଷ୍ୟ ହାସଲ କରିବେ। କର୍ମକ୍ଷେତ୍ରରେ ପ୍ରତ୍ୟେକଙ୍କର ପ୍ରତ୍ୟେକ କଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବାର ଆଶଙ୍କା ରହିଛି ।




**ଧନୁ:** ଆଜି ସମସ୍ତ ସମସ୍ୟା ଓ ଶତ୍ରୁତାର ପରିସମାପ୍ତି ଘଟାଇପାରନ୍ତି। କିନ୍ତୁ ବାରମ୍ବାର ସ୍ଥାନ ଓ କାମର ପରିବର୍ତ୍ତନ ଚିନ୍ତା ମନରେ ଆଲୋଡନ ସୃଷ୍ଟି କରିବ। କିନ୍ତୁ ମନ ବୁଝିଲା ଭଳି କଥା କିମ୍ବା ଲୋଭନୀୟ ପ୍ରତିଶ୍ରୁତି ଦେଇ ବନ୍ଧୁଙ୍କୁ ଆପଣେଇ ନେଇ ପାରନ୍ତି। ସ୍ୱାସ୍ଥ୍ୟରେ ଉର୍ଣ୍ଣତି ପରିଲକ୍ଷିତ ହେବାରୁ ଆଶ୍ୱସ୍ତି ଲାଭ କରିବେ।



**ମକର:** ଆଜି ମନ ଚାହୁଁଥିବା କାମ କରିବାରେ ପ୍ରତିବନ୍ଧକ ସୃଷ୍ଟିହେବ। ଅବଶ୍ୟ ନିକଟ ସମ୍ପର୍କୀୟପ୍ରିୟଜନଙ୍କ ଆଶ୍ୱାସନା ମନକୁ ଲାଘବ କରିଦେଇପାରେ। ବ୍ୟବସାୟ, ପରିବହନରେ ଉନ୍ନତି ଘଟିବ। ଶ୍ରବଣା ନକ୍ଷତ୍ର ଅନ୍ୟର ବିନା ସାହାଯ୍ୟରେ ବ୍ୟକ୍ତିଗତ ବ୍ୟବସ୍ଥା ଦ୍ୱାରା କେତେକାଂଶରେ ଉପକୃତ ହୋଇପାରନ୍ତି।



**କୁମ୍ଭ:** ଆଜି ପ୍ରତ୍ୟେକ କ୍ଷେତ୍ରରେ ପ୍ରତିବନ୍ଧକ ଲାଗି ରହିବ କିନ୍ତୁ ଆପଣ ଖର୍ଚ୍ଚାନ୍ତ ହୋଇ କାମ ହାସଲ କରିବେ ।ମନର ସରସତା ଉଭେଇ ଯାଇପାରେ । ଗୃହ ସମସ୍ୟା, ସମ୍ପର୍କୀୟ ପ୍ରତିବନ୍ଧକ ଲାଗି ରହିବ । ବନ୍ଧୁବାନ୍ଧବ, ଧାରକରଜ ପ୍ରଭୃତିକୁ କେନ୍ଦ୍ରକରି କଳହର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।



**ମୀନ:** ଆଜି କର୍ଯ୍ୟ ସାମାନ୍ୟ ବିଳମ୍ବିତ ସମୟରେ ସମ୍ପନ୍ନ ହେବ। ପ୍ରତ୍ୟେକ ଦୃଷ୍ଟିକୋଣରୁ ଦିନଟି ବହୁତ ଭଲ ଏବଂ ଆଶାଜନକ ସୁଫଳ ନିଶ୍ଚିତ ପାଇବେ। ଶିଳ୍ପ, ବ୍ୟବସାୟ, ନିର୍ମାଣ ଓ ପରିବହନ କ୍ଷେତ୍ରରେ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ। ଅତି ଭଲ ସମ୍ପର୍କ ରହିଥିବା ନିଜ ଲୋକଙ୍କ ଈର୍ଷାପରାୟଣତା ହେତୁ ବ୍ୟସ୍ତ ହେବେ।




ଜ୍ୟୋତିଷ ସେବା

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯